# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୧୭/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 17/2025 Page 14 ₹ 7.00

୫୧ଶ ଭାଗ ୧୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 171 ମୂଲ୍ୟ₹୭/-





# ବଜ୍ରପାତ ନେଲା ୧୨ ଜୀବନ

## ୧୯ ଯାଏ ପ୍ରବଳ ଝଡ଼ବର୍ଷା, ବଜ୍ରପାତ

ତାତି, ଗୁଳୁଗୁଳି ରାଜ୍ୟବାସୀଙ୍କୁ କଲବଲ କରିଦେଉଥିବାବେଳେ ହଠାତ୍ ଘଟୁଥିବା କାଳବୈଶାଖୀ ଓ ବଜ୍ରପାତ ବ୍ୟାପକ ଧନଜୀବନ ହାନି ଘଟାଉଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୧୨ ଜଣଙ୍କ ଜୀବନ ହାନି ହୋଇଛି। ସେଥିମଧ୍ୟରେ କୋରାପୁଟ ଜିଲାରେ ଆଇନାତୁଣୀଙ୍କ ସମେତ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଯାଜପୁର ଜିଲାର ୨ ଛାତ୍ର, ଢେଙ୍କାନାଳର ୨ ଯୁବକ, ମୟୂରଭଞ୍ଜ, ଗଞ୍ଜାମ, ଗଜପତି ଏବଂ ନବରଙ୍ଗପୁର ଜିଲାର ଜଣେ ଲେଖାଏ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅସହ୍ୟ ଖରା ଓ ଏହାପରେ ଦେଖିବାକୁ ମିଳୁଛି କାଳବୈଶାଖୀ ଏବଂ ବଜ୍ରପାତ ତାଣ୍ଡବ। ଗତ ପ୍ରାୟ ୨ ମାସ ହେଲା ଏଭଳିସ୍ଥିତି ରହିଥିବାବେଳେ ଲୋକଙ୍କ ସଚେତନତାର ଅଭାବରୁ ବଜ୍ରପାତ ନେଇଛି ଜୀବନ। ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଉପାୟରେ ସତର୍କ କରାଇଦିଆଯାଉଥିଲେ ମଧ୍ୟ ଏଭଳି ଅସ୍ୱାଭାବିକ ମୃତ୍ୟୁ ରୋକି ହେଉନାହିଁ। ଏଭଳିସ୍ଥଳେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଝଡ଼ବର୍ଷା ଏବଂ ବଜ୍ରପାତ ହେବାନେଇ ପାଣିପାଗ ବିଭାଗ ସତର୍କ କରାଇଛି। ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସଚେତନତାମୂଳକ ପଦକ୍ଷେପ ନେଲେ ବଜ୍ରପାତଜନିତ ମୃତ୍ୟୁ ଅନେକାଂଶରେ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଛି।

**ଭୁବନେଶ୍ୱର, ୧୬।୫ (ଅନୁରାଧା ମହାରଣା)**

ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଶୁକ୍ରବାର ଝଡତୋଫାନ ସହ ପ୍ରବଳ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୧୨ଜଣଙ୍କ ବଜ୍ରପାତରେ ଜୀବନ ଯାଇଛି। ସେମାନେ ହେଲେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଓଡ଼ିଆପେଣ୍ଠ ପଞ୍ଚାୟତ ପରିଡ଼ିଗୁଡ଼ାର ବୃଦ୍ଧି ମାଣ୍ଡିଙ୍ଗା(୬୦), ତାଙ୍କ ନାତୁଣୀ କସା ମାଣ୍ଡିଙ୍ଗା(୧୮), କୁମ୍ଭାରଗୁଡ଼ାର ଅମ୍ବିକା କାଶୀ(୩୫), ସୁନାବେଡ଼ା ଥାନା ଅଧୀନ ସେମିଳିଗୁଡ଼ା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତ ଖାଲପାଡି ଦାଶ ଜାନୀ(୩୨), ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଆଦିବାସୀ ଶଙ୍କରଡ଼ା ଗ୍ରାମର ଲଳିତ ମାଝି, ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି କାବେରା ଗ୍ରାମର ସନାତନ ତିଆଣି (୪୫), ମହାବିରୋଡ଼ ଥାନା ଦଶୀପୁର ପଞ୍ଚାୟତ ଅନ୍ତର୍ଗତ କୁସୁମୁଣ୍ଡିଆ ଗ୍ରାମର ସୁରୁଷି ବିଶ୍ୱାଳ(୪୦), ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ପ୍ରତିରକ୍ଷାର ଅଦୃଶ୍ୟ ରେଖା**

# ତୁର୍କୀ ଏୟାରଲାଇନ୍ସ ସହ ଇଣ୍ଡିଗୋ ଲିଜ୍ ବାତିଲ ପାଇଁ ଏୟାର ଇଣ୍ଡିଆର ଲବି

**ନୂଆଦିଲ୍ଲୀ, ୧୬।୫**

## ସୁରକ୍ଷା ମଞ୍ଜୁରୀ ରଦ୍ଦକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କଲା ସେଲେବି

ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସେନା ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବାରୁ ୨ ଦେଶ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିଥିଲା। ସେହି ସମୟରେ ପାକିସ୍ତାନକୁ ତୁର୍କୀ ନୌସେନା ଜାହାଜ ଏବଂ ବିପୁଳ ଡ୍ରୋନ୍ ଯୋଗାଇଦେଇଥିଲା। ଏହାକୁ ନେଇ ଭାରତରେ ତୁର୍କୀ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି। ବ୍ୟବସାୟୀମାନେ ତୁର୍କୀରୁ ବିଭିନ୍ନ ସାମଗ୍ରୀ ଆମଦାନୀ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ମଧ୍ୟ ଆଙ୍କାରା ସହ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବା ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତୁର୍କୀ ଏୟାରଲାଇନ୍ସ ସହ ଇଣ୍ଡିଗୋର ଲିଜ୍ ଚୁକ୍ତିନାମା ବାତିଲ ପାଇଁ ଏୟାର ଇଣ୍ଡିଆ ସରକାରଙ୍କ ନିକଟରେ ଲବି କରିଛି। ଇତିମଧ୍ୟରେ ତୁର୍କୀର ଏୟାରପୋର୍ଟ ପରିଚାଳନାକାରୀ ସଂସ୍ଥା ସେଲେବି ଏହାର ନିରାପତ୍ତା ମଞ୍ଜୁରୀ ରଦ୍ଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ☞ପୃଷ୍ଠା-୪



**ଜାହାଜରୁ ୬ କର୍ମଚାରୀଙ୍କୁ ଉଦ୍ଧାର କଲା ଆଇସିଜି**

ମାଙ୍ଗାଲୋରଠାରୁ ୬୦ନଟିକାଲ ମାଇଲ୍ ଦୂରରେ ବୁଡ଼ିଯାଇଥିବା ଏକ ଜାହାଜରୁ ୬ ଜଣ କର୍ମଚାରୀଙ୍କୁ ଭାରତୀୟ ତଟସୁରକ୍ଷା ବାହିନୀ (ଆଇସିଜି) ଉଦ୍ଧାର କରିଛି। ଗତ ଗୁରୁବାର ଭୋର ସମୟରେ ଏମ୍ଏସ୍‌ଭି ସଲମାଥ୍ ନାମକ ମାଲବାହୀ ଜାହାଜ ବୁଡ଼ିଯାଇଥିଲା। ଖବର ପାଇ ତଟରକ୍ଷୀମାନେ ବୁଡ଼ିଯାଉଥିବା ଜାହାଜକୁ ଠାବ କରିବା ସହ ୬ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

# ‘୮୬ ୪୭’କୁ ନେଇ ଆମେରିକାରେ ହଇଚଇ

## ଏଫ୍‌ବିଆଇ ପୂର୍ବତନ ନିର୍ଦ୍ଦେଶକଙ୍କ ପୋଷ୍ଟକୁ ଟ୍ରମ୍ପଙ୍କ ପ୍ରତି ବିପଦ ରୂପେ ଦେଖାଯାଉଛି

**ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ)ର ପୂର୍ବତନ ନିର୍ଦ୍ଦେଶକ ଜେମ୍ସ କୋମେ ଶୁକ୍ରବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ‘୮୬ ୪୭’ ଉଲ୍ଲେଖ କରିଥିଲେ। ଆମେରିକାରେ ୮୬ର ଅର୍ଥ ହେଉଛି ଜଣଙ୍କୁ ହଟାଇବା କିମ୍ବା ହତ୍ୟା କରିବା। ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ହୋଇଥିବାରୁ ତାଙ୍କ ପ୍ରଶାସନ ଓ ସମର୍ଥକମାନେ ଉକ୍ତ ପୋଷ୍ଟକୁ ନେଇ ଭିନ୍ନ ଭିନ୍ନ ତାତ୍ପର୍ଯ୍ୟ ବାହାର କରିବାରେ ଲାଗିଛନ୍ତି। ଟ୍ରମ୍ପ ନିଜ ପ୍ରଥମ ପାଳିରେ କୋମେଙ୍କୁ ଏଫ୍‌ବିଆଇ ନିର୍ଦ୍ଦେଶକ ପଦରୁ ହଟାଇଥିବାରୁ ସେ ରାଷ୍ଟ୍ରପତିଙ୍କୁ ହଟାଇବା କିମ୍ବା ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିବା ଅନେକେ ସନ୍ଦେହ କରୁଛନ୍ତି। ସିକ୍ରେଟ୍ ସର୍ଭିସ ଏବଂ ଏଫ୍‌ବିଆଇ ପକ୍ଷରୁ ଏନେଇ କୋମେଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ବିବାଦ ସୃଷ୍ଟି ହେବା ପରେ କୋମେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିବା ସହ ଏହି ନମ୍ବର ହିଂସା ସହ ସମ୍ପର୍କିତ ବୋଲି ସେ ଅବଗତ ନ ଥିବା ସଫେଇ ଦେଇଛନ୍ତି।**

ୱାଶିଂଟନ୍, ୧୬।୫

ଆମେରିକାର ଘରୋଇ ଗୋଇନ୍ଦା ଏବଂ ସୁରକ୍ଷା ସେବା ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ପୂର୍ବତନ ଡାଇରେକ୍ଟର ଜେମ୍ସ କୋମେଙ୍କ ଏକ ରହସ୍ୟମୟ ଇନ୍‌ଷ୍ଟାଗ୍ରାମ ପୋଷ୍ଟକୁ ନେଇ ବିବାଦ ଦେଖାଦେଇଛି। ଏକ ସମୁଦ୍ର ବେଳାଭୂମିରେ ‘୮୬ ୪୭’ ଲେଖାଯାଇଥିବା ସଂଖ୍ୟାର ଫଟୋକୁ କୋମେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ପୋଷ୍ଟ’ର କ୍ୟାପ୍‌ଶନ୍‌ରେ ସେ ଲେଖିଥିଲେ, ସମୁଦ୍ର ବେଳାଭୂମିରେ ଚାଲିବା ସମୟରେ ଶାମୁକାରେ ତିଆରି ଏକ ମଜାଦାର ସଂଖ୍ୟା। ଏହି ପୋଷ୍ଟ ଖୁବ୍‌ଶୀଘ୍ର ଭାଇରାଲ ହୋଇଥିଲା। ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିଜ ପ୍ରଥମ କାର୍ଯ୍ୟକାଳରେ କୋମେଙ୍କୁ ଏଫ୍‌ବିଆଇ ଡାଇରେକ୍ଟର ପଦରୁ ବହିଷ୍କାର କରିଥିଲେ। ତେଣୁ କୋମେ ଏପରି ରହସ୍ୟଜନକ ପୋଷ୍ଟ ମାଧ୍ୟମରେ ଟ୍ରମ୍ପଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ଆଣି ଏହାର ତଦନ୍ତ ପାଇଁ ଟ୍ରମ୍ପଙ୍କ ସମର୍ଥକମାନେ ଦାବି କରିଛନ୍ତି। ଟ୍ରମ୍ପଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୟୁଏସ୍ ସିକ୍ରେଟ ସର୍ଭିସ୍ ପକ୍ଷରୁ କୋମେଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଛି। ଘଟଣାକୁ ନେଇ ବିବାଦ ବଢ଼ିବା ପରେ କୋମେ ନିଜର ଏହି ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି।

ସାଧାରଣତଃ ଆମେରିକାରେ ୮୬ ଶବ୍ଦର ବ୍ୟବହାର କୌଣସି ବ୍ୟକ୍ତିଙ୍କୁ ତାଙ୍କ ପଦରୁ ବିତାଡ଼ିତ କରିବା କିମ୍ବା ହତ୍ୟା କରିବା ପାଇଁ କରାଯାଇଥାଏ। ସେହିପରି ଟ୍ରମ୍ପ ହେଉଛନ୍ତି ଆମେରିକାର ୪୭ତମ ରାଷ୍ଟ୍ରପତି। ତେଣୁ ଏହି ରହସ୍ୟଜନକ ‘୮୬ ୪୭’ ପୋଷ୍ଟ ଟ୍ରମ୍ପଙ୍କୁ ଗାଦିଚ୍ୟୁତ କରିବା କିମ୍ବା ତାଙ୍କୁ ହତ୍ୟା ପାଇଁ କୌଣସି ଷଡ଼ଯନ୍ତ୍ରକୁ ଦର୍ଶାଉଥିବା ନେଇ ସର୍ବପ୍ରଥମେ ଟ୍ରମ୍ପଙ୍କ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିୟର କହିଥିଲେ। ଟ୍ରମ୍ପଙ୍କୁ ହତ୍ୟା ପାଇଁ ଧମକ ଦିଆଯାଇଥିବା ଦର୍ଶାଇ ଏହି ପୋଷ୍ଟ’ର ତଦନ୍ତ ପାଇଁ ଟ୍ରମ୍ପଙ୍କ ଅନେକ ସମର୍ଥକ ତଥା ରିପବ୍ଲିକାନ ପାର୍ଟିର ନେତାମାନେ ସୋସିଆଲ ମିଡିଆରେ ଦାବି କରିଛନ୍ତି। ଘଟଣାକୁ ନେଇ ୟୁଏସ୍ ସିକ୍ରେଟ ସର୍ଭିସ୍ ପକ୍ଷରୁ କୁହାଯାଇଛି, କୋମେଙ୍କ ଦ୍ୱାରା କରାଯାଇଥିବା ପୋଷ୍ଟ ସମ୍ପର୍କରେ ଅବଗତ ରହିଛୁ। ରାଷ୍ଟ୍ରପତି ଟ୍ରମ୍ପଙ୍କ ସୁରକ୍ଷାକୁ ଚ୍ୟାଲେଞ୍ଜ କରୁଥିବା ଏହି ପୋଷ୍ଟକୁ ଗମ୍ଭୀରତାର ସହ ନିଆଯାଇ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ପୋଷ୍ଟକୁ ନେଇ ବିବାଦ ବଢ଼ିବା ପରେ କୋମେ କହିଛନ୍ତି, ବେଳାଭୂମିରେ ବୁଲୁଥିବା ସମୟରେ ସେଠାରେ ସଂଖ୍ୟା ଆକାରରେ ପଡ଼ିଥିବା କିଛି ଶାମୁକାର ଫଟୋ ନେଇ ସେ ଏହାକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ତେବେ ଏହି ପୋଷ୍ଟକୁ ଟ୍ରମ୍ପଙ୍କ ହତ୍ୟାର ଷଡ଼ଯନ୍ତ୍ର ଭାବେ ଦେଖାଯିବ ବୋଲି ସେ କେବେ ମଧ୍ୟ ଭାବି ନ ଥିଲେ। ସେ କୌଣସି ପ୍ରକାର ହିଂସାକୁ ସମର୍ଥନ କରନ୍ତି ନାହିଁ। ତେଣୁ ଏହି ପୋଷ୍ଟକୁ ସେ ହଟାଇ ଦେଇଥିବା କୋମେ କହିଛନ୍ତି। ହ୍ୱାଇଟ ହାଉସ୍‌ର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଟେଲର ବୁଡୋୱିଚ୍ କହିଛନ୍ତି, ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ଅନେକ ବ୍ୟକ୍ତିଙ୍କୁ ହତାଶ କରି ରଖିଛି। ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟପ୍ରାଚ୍ୟ ଗସ୍ତରେ ଥିବାବେଳେ ପୂର୍ବତନ ଏଫ୍‌ବିଆଇ ଡାଇରେକ୍ଟରଙ୍କ ଏପରି ପୋଷ୍ଟ ନିଶ୍ଚିତ ଭାବେ ରାଷ୍ଟ୍ରପତିଙ୍କ ଉପରେ ଆକ୍ରମଣ ପାଇଁ ଏକ ବାର୍ତ୍ତା ଭାବେ ଧରାଯିବ। ଦେଶର ନ୍ୟାଶ୍‌ନାଲ ଇଣ୍ଟେଲିଜେନ୍ସର ଡାଇରେକ୍ଟର ତୁଲସୀ ଗବାର୍ଡ କହିଛନ୍ତି, ଏହି ରହସ୍ୟଜନକ ପୋଷ୍ଟକୁ ହାଲୁକା ଭାବେ ନିଆଯାଇ ପାରିବ ନାହିଁ। ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପୂର୍ବରୁ ୨ ଥର ହତ୍ୟା ଉଦ୍ୟମ ହୋଇସାରିଛି। ତେଣୁ ଏହି ପୋଷ୍ଟର ବିପଜ୍ଜନକ ପ୍ରଭାବକୁ ନେଇ ତଦନ୍ତ କରାଯିବ।


ଜେମ୍ସ କୋମେ



# ମୋଦିଙ୍କ ପାଦ ତଳେ ସେନା ନତମସ୍ତକ : ମଧ୍ୟପ୍ରଦେଶ ଉପମୁଖ୍ୟମନ୍ତ୍ରୀ


ଜଗଦୀଶ ଦେୱ୍‌ଡ଼ା

ନୂଆଦିଲ୍ଲୀ, ୧୬।୫

ଦେଶର ସୈନ୍ୟବାହିନୀ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେୱ୍‌ଡ଼ାଙ୍କୁ ବହିଷ୍କାର କରାଯାଉ ବୋଲି କଂଗ୍ରେସ ଶୁକ୍ରବାର ଦାବି କରିଛି। ଏଭଳି ମନ୍ତବ୍ୟ ଦେଇ ଭାଜପା ସେନାକୁ ଅପମାନିତ କରିଛି। ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଦେୱ୍‌ଡ଼ା କହିଥିଲେ, ମୁଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ସମଗ୍ର ଦେଶ ଏବଂ ସେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଦରେ ମଥାନତ କରିଛି। ୨ ଦିନ ପୂର୍ବରୁ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହ ଅପରେଶନ ସିନ୍ଦୂରରେ ମୁଖ୍ୟ ଭୂମିକା ନେଇଥିବା କଲୋନେଲ ସୋଫିଆ କ୍ୟୁରେଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଭାଜପା ନେତାମାନେ ଆମ ସେନାକୁ ଅପମାନିତ କରିବା ଅତ୍ୟନ୍ତ ଲଜ୍ଜାକର ଓ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି।

# ବିଦେଶକୁ ବହୁଦଳୀୟ ପ୍ରତିନିଧି ପଠାଇବ ଭାରତ

## ଆତଙ୍କବାଦ ବିରୋଧରେ ବୈଶ୍ୱିକ ସମର୍ଥନ ହାସଲ ଉଦ୍ୟମ

ନୂଆଦିଲ୍ଲୀ, ୧୬।୫

ଆତଙ୍କବାଦ ବିରୋଧରେ ସାମରିକ ଅଭିଯାନ ଅପରେଶନ ସିନ୍ଦୂର ପରେ ଏକ ବଡ଼ କୂଟନୈତିକ ଆକ୍ରମଣସ୍ୱରୂପ କେନ୍ଦ୍ର ସରକାର ବିଶ୍ୱ ମଞ୍ଚରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ପଦାରେ ପକାଇବା ପାଇଁ ଆସନ୍ତା ସପ୍ତାହରୁ ବିଭିନ୍ନ ଦେଶକୁ ଏକାଧିକ ସର୍ବଦଳୀୟ ପ୍ରତିନିଧି ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆତଙ୍କବାଦକୁ ନେଇ ପାକିସ୍ତାନ ବିରୋଧରେ ଭାରତର ଆଭିମୁଖ୍ୟକୁ ବିଶ୍ୱ ନିକଟରେ ଉପସ୍ଥାପନ କରିବା ଏହି କୂଟନୈତିକ ଅଭିଯାନର ଲକ୍ଷ୍ୟ। ଏଥିରେ ଶାସକ ଓ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ସାମିଲ ହେବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ଦଳ ସମର୍ଥନ ଜଣାଇଛି। ସେମାନେ ୧୦ ଦିନ ପାଇଁ ବିଭିନ୍ନ ଦେଶ ଗସ୍ତ କରି ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବେ। ପ୍ରତିନିଧି ଦଳରେ ଭାଜପାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଓଡ଼ିଶାର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, କଂଗ୍ରେସରୁ ଶଶୀ ଥରୁର, ମନୀଷ ତିୱାରୀ, ସଲ୍‌ମାନ ଖୁର୍ଶିଦ ଏବଂ ଅମର ସିଂ, ଟିଏମ୍‌ସିରୁ ସୁଦୀପ ବନ୍ଦୋପାଧ୍ୟାୟ, ଡିଏମ୍‌କେରୁ କାନିମୋଝି, ବିଜେଡିରୁ ସସ୍ମିତ୍ ପାତ୍ର ପ୍ରମୁଖ ସାମିଲ ହେବେ ବୋଲି ଜଣାପଡ଼ିଛି।

# ଏନ୍‌ଏଲ୍‌ୟୁରେ ପ୍ରଫେସର ହେଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ, ୧୬।୫

ଦିଲ୍ଲୀସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ପକ୍ଷରୁ ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି. ୱାଇ ଚନ୍ଦ୍ରଚୂଡ଼ଙ୍କୁ ଶୁକ୍ରବାର ବିଶିଷ୍ଟ ପ୍ରଫେସର ଭାବେ ନିଯୁକ୍ତ କରାଯାଇଛି। ସେହିପରି ଏନ୍‌ଏଲ୍‌ୟୁ ପକ୍ଷରୁ ଦିଲ୍ଲୀରେ ଏକ ସମ୍ବିଧାନ ଅଧ୍ୟୟନ କେନ୍ଦ୍ରର ସ୍ଥାପନ କରାଯିବ, ଯାହାର ଗବେଷଣା ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ କରାଯିବ। ଏନ୍‌ଏଲ୍‌ୟୁର ଭାଇସ୍ ଚ୍ୟାନ୍ସେଲର ପ୍ରଫେସର ଜି. ଏସ୍ ବାଜପେୟୀ କହିଛନ୍ତି, ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ସ୍ୱାଗତ କରି ବିଶ୍ୱବିଦ୍ୟାଳୟ ଅତ୍ୟନ୍ତ ସମ୍ମାନିତ ଅନୁଭବ କରୁଛି।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ସଂସ୍କୃତ ବିଦ୍ୱାନ ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ୨୦୨୩ ବର୍ଷ ପାଇଁ ୫୮ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରୁଛନ୍ତି। ଚିତ୍ରକୂଟ ତୁଳସୀ ପୀଠର ପ୍ରତିଷ୍ଠାତା ତଥା ମୁଖ୍ୟ ୭୫ ବର୍ଷୀୟ ରାମଭଦ୍ରାଚାର୍ଯ୍ୟ ଜଣେ ଖ୍ୟାତନାମା ଆଧ୍ୟାତ୍ମିକ ଗୁରୁ, ଶିକ୍ଷାବିତ୍ ଓ ଲେଖକ। ସେ ୪ଟି ମହାକାବ୍ୟ ସମେତ ୨୪୦ଟି ପୁସ୍ତକ ରଚନା କରିଛନ୍ତି। କାର୍ଯ୍ୟକ୍ରମରେ ବିଶିଷ୍ଟ କବି ତଥା ଗୀତିକାର ଗୁଲ୍‌ଜାରଙ୍କୁ ମଧ୍ୟ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ କରାଯାଇଛି।

# ଇସ୍ରାଏଲ ଆକ୍ରମଣରେ ଗାଜାରେ ୯୩ ମୃତ

ଡେର୍ ଅଲ୍ ବଲାହ, ୧୬।୫

ଗାଜାରେ ଇସ୍ରାଏଲର ଏୟାରଷ୍ଟ୍ରାଇକରେ ଶୁକ୍ରବାର ୯୩ ଜଣଙ୍କର ମୃତ୍ୟୁ ଘଟିଛି। ଡେର୍ ଅଲ୍ ବଲାହ ଏବଂ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରକୁ ଟାର୍ଗେଟ କରି ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏୟାର ଷ୍ଟ୍ରାଇକରେ ଶତାଧିକ ଆହତ ହୋଇଛନ୍ତି। ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଗସ୍ତ ସାରି ଆମେରିକା ଫେରୁଥିବା ବେଳେ ଇସ୍ରାଏଲ ପକ୍ଷରୁ ପୁଣିଥରେ ଗାଜାରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଟ୍ରମ୍ପ ଆବୁଧାବୀରେ ଆୟୋଜିତ ବିଜ୍‌ନେସ୍ ଫୋରମରେ କହିଥିଲେ, ଗାଜା ସମେତ ବିଭିନ୍ନ ବୈଶ୍ୱିକ ସଙ୍କଟର ସମାଧାନ ପାଇଁ ତାଙ୍କ ପ୍ରୟାସ ଜାରି ରହିବ। ଗାଜାରେ ଲୋକମାନେ ଭୋକ, ଉପାସରେ ଏବଂ ଦୁଃଖ ଦୁର୍ଦ୍ଦଶାରେ ରହୁଛନ୍ତି। ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି, ହମାସ୍‌ର ଆତଙ୍କବାଦୀମାନଙ୍କ ବିରୋଧରେ ଇସ୍ରାଏଲୀ ସେନା ନିଜର ଅପରେଶନକୁ ଶୁକ୍ରବାର ମଧ୍ୟ ଜାରି ରଖିଛି।

# ତୁଲ୍‌ବୁଲ ବ୍ୟାରେଜ୍ ନିର୍ମାଣକୁ ନେଇ ଓମାର, ମେହବୁବା ମୁହାଁମୁହିଁ

ଶ୍ରୀନଗର, ୧୬।୫

ପାକିସ୍ତାନ ସହ ସିନ୍ଧୁନଦୀ ଜଳଚୁକ୍ତି (ଆଇଡବ୍ଲ୍ୟୁଟି) ସ୍ଥଗିତ ପରେ ୱୁଲର ହ୍ରଦରେ ଦୀର୍ଘଦିନ ହେଲା ଅଟକି ରହିଥିବା ତୁଲ୍‌ବୁଲ ନାଭିଗେଶନ ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଜମ୍ମୁ-କଶ୍ମୀରରେ ରାଜନୀତି ଜୋର୍ ଧରିଛି। ବ୍ୟାରେଜ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଚାହୁଁଥିବାବେଳେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ନେତ୍ରୀ ମେହବୁବା ମୁଫ୍‌ତି ଶୁକ୍ରବାର ଏହାକୁ ଦୃଢ଼ ବିରୋଧ କରିଛନ୍ତି। ବ୍ୟାରେଜ୍ ନିର୍ମାଣ ଏକ ବିପଜ୍ଜନକ ଉତ୍ତେଜନା ସୃଷ୍ଟିକାରୀ ହେବ ବୋଲି ସେ କହିଛନ୍ତି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାର ଗତ ମାସରେ ସିନ୍ଧୁନଦୀ ଜଳଚୁକ୍ତିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଓମାର ତୁଲ୍‌ବୁଲ ପ୍ରକଳ୍ପ ଉପରେ ବିତର୍କ ପାଇଁ ଆହ୍ୱାନ ଦେଇ କହିଛନ୍ତି, ଆଇଡବ୍ଲ୍ୟୁଟି ସ୍ଥଗିତ ରହିଥିବାରୁ ବ୍ୟାରେଜ୍ କାମ ଆରମ୍ଭ ପାଇଁ ଏବେ ବାଟ ଫିଟିଯାଇଛି। ଏହି ବ୍ୟାରେଜ୍ ୮୦ ଦଶକ ପ୍ରଥମ ଭାଗରେ ଆରମ୍ଭ ହୋଇଥିବାବେଳେ ପାକିସ୍ତାନ ସିନ୍ଧୁନଦୀ ଜଳ ଚୁକ୍ତି ଦର୍ଶାଇ ଚାପ ପକାଇବାରୁ କାର୍ଯ୍ୟ ବନ୍ଦ ରହିଥିଲା। ବ୍ୟାରେଜ୍ ସମ୍ପୂର୍ଣ୍ଣ ହେଲେ ବହୁବିଧ ଫାଇଦା ମିଳିବ।


ଓମାର ଅବଦୁଲ୍ଲା | ମେହବୁବା ମୁଫ୍‌ତି

ଜଳପଥ ଯାତ୍ରା ପାଇଁ ଝେଲମ୍ ନଦୀକୁ ବ୍ୟବହାର କରାଯାଇପାରିବ। ତଳମୁଣ୍ଡରେ ଥିବା ପ୍ରୋଜେକ୍ଟରୁ ବିଦ୍ୟୁତ୍ ଉତ୍ପାଦନ ବଢ଼ିବ ବୋଲି ଓମାର କହିଛନ୍ତି। ଅନ୍ୟପକ୍ଷରେ ମେହବୁବା ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଉତ୍ତେଜନା ସୃଷ୍ଟିକାରୀ କହିଛନ୍ତି। ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାବେଳେ ଜଳକୁ ଅସ୍ତ୍ର ନ କରିବା ପାଇଁ ସେ ଚେତାବନୀ ଦେଇଛନ୍ତି। ଭାରତ-ପାକିସ୍ତାନ ସମ୍ପୂର୍ଣ୍ଣ ଯୁଦ୍ଧରୁ ପଛକୁ ହଟିଥିଲେ ମଧ୍ୟ ୪ ଦିନର ସଂଘର୍ଷରେ ଜମ୍ମୁ-କଶ୍ମୀରର ଧନଜୀବନ କ୍ଷତି ହୋଇଛି। ତେଣୁ ବ୍ୟାରେଜ୍ ନିର୍ମାଣ ଆରମ୍ଭ ନେଇ ବିବୃତି ଦେବା କେବଳ ଦାୟିତ୍ୱହୀନତା ନୁହେଁ, ଉତ୍ତେଜନା ସୃଷ୍ଟିକାରୀ ବୋଲି ପିଡିପି ନେତ୍ରୀ କହିଛନ୍ତି।

# ଏଭରେଷ୍ଟରେ ଭାରତୀୟ ପର୍ବତାରୋହୀଙ୍କ ମୃତ୍ୟୁ


ସୁବ୍ରତ ଘୋଷ

ନୂଆଦିଲ୍ଲୀ, ୧୬।୫

ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟରୁ ଓହ୍ଲାଉଥିବା ସମୟରେ ଭାରତୀୟ ପର୍ବତାରୋହୀ ସୁବ୍ରତ ଘୋଷ (୪୫)ଙ୍କ ମୃତ୍ୟୁ ହୋଇଯାଇଛି। କିଛିଦିନ ତଳେ ସେ ମାଉଣ୍ଟ ଏଭରେଷ୍ଟର ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ତ୍ରିରଙ୍ଗା ଉତ୍ତୋଳନ କରିଥିଲେ। ଉଚ୍ଚତା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇ ତାଙ୍କର ମୃତ୍ୟୁ ହୋଇଛି। ମାଉଣ୍ଟ ଏଭରେଷ୍ଟରେ ଚଳିତ ସିଜନ୍‌ରେ ଦ୍ୱିତୀୟ ବିଦେଶୀ ପର୍ବତାରୋହୀ ଭାବେ ସୁବ୍ରତଙ୍କର ମୃତ୍ୟୁ ଘଟିଛି। ସେ ପଶ୍ଚିମବଙ୍ଗ ନିବାସୀ ବୋଲି ଜଣାପଡ଼ିଛି।

# ଯୁଦ୍ଧବନ୍ଦୀ ବିନିମୟ ପାଇଁ ସହମତି

## ରୁଷିଆ, ୟୁକ୍ରେନ୍ ମଧ୍ୟରେ ଶାନ୍ତି ଆଲୋଚନା

ଇସ୍ତାନବୁଲ୍, ୧୬।୫

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ୨ ଦେଶର ପ୍ରତିନିଧି ତୁର୍କୀର ଇସ୍ତାନବୁଲ୍‌ରେ ଶୁକ୍ରବାର ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଶାନ୍ତି ଆଲୋଚନାରେ ସାମିଲ ହୋଇଛନ୍ତି। ଯୁଦ୍ଧ ବନ୍ଦ ନେଇ ସହମତି ହୋଇ ନ ଥିବାବେଳେ ଯୁଦ୍ଧବନ୍ଦୀ ବିନିମୟ ପାଇଁ ଉଭୟ ପକ୍ଷ ରାଜି ହୋଇଛନ୍ତି। ଆଲୋଚନାର ଫଳାଫଳ ସମ୍ପର୍କରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ୍ ଓ ପୋଲାଣ୍ଡ ନେତାମାନଙ୍କୁ ଜଣାଇଛନ୍ତି। ସର୍ତ୍ତବିହୀନ ପୂର୍ଣ୍ଣକାଳୀନ ଯୁଦ୍ଧବିରତି ପ୍ରସ୍ତାବକୁ ମସ୍କୋ ଯଦି ଅଗ୍ରାହ୍ୟ କରେ ତେବେ କଠୋର କଟକଣା ଲଗାଇବାକୁ ଜେଲେନ୍‌ସ୍କି ଆହ୍ୱାନ ଦେଇଛନ୍ତି।

ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଚାପ ପକାଇ ଆସୁଛନ୍ତି। ବୋସ୍‌ଫୋରସ୍‌ର ଡୋଲ୍‌ମାବାଚେ ପ୍ୟାଲେସ୍‌ରେ ଅନୁଷ୍ଠିତ ଏହି ବୈଠକରେ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ହାକନ ଫିଦାନ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସିଙ୍ଗାପୁର, ହଂକଂରେ ବଢୁଛି କୋଭିଡ୍ ମାମଲା

ସିଙ୍ଗାପୁର, ୧୬।୫

ସିଙ୍ଗାପୁର ଏବଂ ହଂକଂରେ କୋଭିଡ୍-୧୯ ମାମଲା ବଢ଼ିବାରେ ଲାଗିଛି। ହଂକଂସ୍ଥିତ ସେଣ୍ଟର ଫର୍ ହେଲଥ୍ ପ୍ରୋଟେକ୍ସନର କମ୍ୟୁନିକେବଲ ଡିଜିଜ୍ ବ୍ରାଞ୍ଚର ମୁଖ୍ୟ ଆଲବର୍ଟ ଔ କହିଛନ୍ତି, ଗତବର୍ଷଠାରୁ ହଂକଂରେ କୋଭିଡ୍ ପଜିଟିଭ୍ ଚିହ୍ନଟଙ୍କ ସଂଖ୍ୟା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। କୋଭିଡ୍ ସଂକ୍ରମିତ ହୋଇ ହଂକଂର ଲୋକପ୍ରିୟ ଗାୟକ ଇସନ ଚାନ ତାଇୱାନରେ ନିଜ କନ୍‌ସର୍ଟକୁ ବାତିଲ କରିଛନ୍ତି। ସେହିପରି ସିଙ୍ଗାପୁରରେ ମଧ୍ୟ କୋଭିଡ୍ ମାମଲା ବଢ଼ିବାରେ ଲାଗିଛି। ଗତ ସପ୍ତାହଠାରୁ ଚଳିତ ସପ୍ତାହର କୋରୋନା ମାମଲାରେ ୨୮% ବୃଦ୍ଧି ଘଟିଛି। ସେହିପରି ଚଳିତ ସପ୍ତାହରେ ସିଙ୍ଗାପୁରର ହସ୍ପିଟାଲଗୁଡ଼ିକରେ ଭର୍ତ୍ତି ହେବା ମାମଲା ମଧ୍ୟ ୩୦% ବଢ଼ିଛି।

# ଅପରେଶନ ସିନ୍ଦୂର କେବଳ ଟ୍ରେଲର ଥିଲା

## ପାକିସ୍ତାନକୁ ଆର୍ଥିକ ସହାୟତାର ପୁନର୍ବିଚାର କରୁ ଆଇଏମ୍ଏଫ୍

ଭୁଜ୍, ୧୬।୫

ଗୁଜରାଟର ଭୁଜ୍ ବାୟୁସେନା ଷ୍ଟେଶନରେ ବାୟୁବୀରମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଅପରେଶନ ସିନ୍ଦୂରରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ବ୍ୟବହାର ପାକିସ୍ତାନକୁ ଅନ୍ଧକାର ରାତିରେ ଦିନର ଆଲୋକ ଦେଖାଇଥିଲା। ଆମ କାର୍ଯ୍ୟାନୁଷ୍ଠାନ କେବଳ ଏକ ଟ୍ରେଲର ଥିଲା। ଯଦି ଆବଶ୍ୟକ ପଡ଼େ, ତେବେ ପୂରା ସିନେମା ଦେଖାଇବୁ ବୋଲି ରାଜନାଥ କହିଛନ୍ତି। ଆତଙ୍କବାଦର ମୂଳୋତ୍ପାଟନ କରିବା ନୂଆ ଭାରତର ନୂଆ ନୀତି ବୋଲି ସେ କହିଛନ୍ତି।


ଭୁଜ୍ ବାୟୁସେନା ଏୟାର ଷ୍ଟେଶନରେ ଯବାନଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

ଭାରତର ଆକ୍ରମଣରେ ଧ୍ୱଂସ ହୋଇଥିବା ଆତଙ୍କବାଦ ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ପାକିସ୍ତାନ ଉଦ୍ୟମ ଆରମ୍ଭ କରିବା ସହ ଜୈଶ-ଇ-ମହମ୍ମଦ ମୁଖ୍ୟ ମାସୁଦ୍ ଅଜହରଙ୍କୁ ୧୪ କୋଟି ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଛି। ରାଜନାଥ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)କୁ ପାକିସ୍ତାନକୁ ଦିଆଯାଇଥିବା ଆର୍ଥିକ ସହାୟତାର ପୁନର୍ବିଚାର କରିବାକୁ ନିବେଦନ କରିଛନ୍ତି। ଆଇଏମ୍ଏଫ୍‌ରୁ ପାକିସ୍ତାନ ପାଇଥିବା ପାଣ୍ଠିରୁ ଅଧିକାଂଶ ଭାଗ ଦେଶର ଆତଙ୍କବାଦ ଭିତ୍ତିଭୂମି ପାଇଁ ଖର୍ଚ୍ଚ ହେବ ବୋଲି ସେ ବିଶ୍ୱାସ କରୁଛନ୍ତି। ପାକିସ୍ତାନକୁ ଯେକୌଣସି ପ୍ରକାର ଆର୍ଥିକ ସହାୟତା ଆତଙ୍କବାଦକୁ ପାଣ୍ଠି ଯୋଗାଣଠାରୁ କୌଣସିମତେ କମ୍ ନୁହେଁ। ତେଣୁ ଆଇଏମ୍ଏଫ୍ ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ଉଚିତ।




Reliance
Growth is Life
Jio Mart
ଉଭୟ ସମୟ ଏବଂ ଟଙ୍କା ର ବଚତ୍
Quick
Scheduled
Biscuits, Drink & Packaged Foods
Ice Cream & Frozen
Chips & Namkeens
Biscuits & Cookies
Chocolates &...
Indian Sweets
Drinks & Juices
Breakfast Cereals
Noodles, Pasta &...
Ready To Cook &...
Spread, sauces ...
Pickles, Chutney...
Tea & Coffee
ଆପ୍ ଡାଉନଲୋଡ୍ କରନ୍ତୁ
JioMart
Quick ମାଗଣା ହୋମ୍ ଡେଲିଭରୀ
ଲୋ ପ୍ରାଇସ୍ ଗ୍ୟାରେଣ୍ଟୀ
0 ଜିରୋ ଏକ୍ସଟ୍ରା ଚାର୍ଜ
ବର୍ତ୍ତମାନ ଆପ୍ ଡାଉନଲୋଡ କରନ୍ତୁ
ପିଆଜ 1 kg
ବଜାର ମୂଲ୍ୟ ₹ 26
ଜିଓମାର୍ଟ ପ୍ରାଇସ୍ ₹ 23
ଆମ୍ବ ବାଇଗଣ ପଲି 1 kg
ବଜାର ମୂଲ୍ୟ ₹ 100
ଜିଓମାର୍ଟ ପ୍ରାଇସ୍ ₹ 79
ଆମ୍ବ ଦୁଶେରୀ 1 kg
ବଜାର ମୂଲ୍ୟ ₹ 120
ଜିଓମାର୍ଟ ପ୍ରାଇସ୍ ₹ 89
କ୍ୱାଲିଟୀ ୱାଲ୍ସ ପାର୍ଟି ଟବ୍ସ 500 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
MRP ₹ 125 ତେଣିକି
ସର୍ବନ୍ୟୁନ 33% ଛାଡ଼
ଥଣ୍ଡା ପାନୀୟ 750 ml / ଜୁସ 600 ml (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 40 ତେଣିକି
ଫ୍ଲାଟ୍ 25% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 30 ତେଣିକି
ବିସ୍କୁଟ୍ 230 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 145 ତେଣିକି
ଫ୍ଲାଟ୍ 33% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 97 ତେଣିକି
ଟାଟା ଟୀ ପ୍ରିମିଅ ମ୍ଡଷ୍ଟ 500 g
MRP ₹ 200 ତେଣିକି
ସଞ୍ଚନ୍ତୁ ₹ 40
ଜିଓମାର୍ଟ ପ୍ରାଇସ୍ ₹ 160 ତେଣିକି
ସନ୍‌ଫିଷ୍ଟ ୟିପୀ / ଟପ୍ ରାମେନ୍ / ମ୍ୟାଗି ଭେଜ୍ ଅଟା ନୁଡୁଲ 290 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 88 ତେଣିକି
ଫ୍ଲାଟ୍ 33% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 59 ତେଣିକି
ଉତ୍କଳ କାସପର ଜୀରା ରାଇସ 10 kg
MRP ₹ 672
ଜିଓମାର୍ଟ ପ୍ରାଇସ୍ ₹ 545
₹ 54.50 / kg
ସଞ୍ଚନ୍ତୁ ₹ 127
ଆଶୀର୍ବାଦ ଶୁଦ୍ଧ ଚକି ଅଟା 5 kg
MRP ₹ 278
ଜିଓମାର୍ଟ ପ୍ରାଇସ୍ ₹ 245
ସଞ୍ଚନ୍ତୁ ₹ 33
ଫ୍ରୀଡମ୍ ରିଫାଇନ୍‌ଡ ସନଫ୍ଲାୱର / ଧାରା କଚି ଘାନୀ ସୋରିଷ ତେଲ 1 L
MRP ₹ 178 / ₹ 200
ଜିଓମାର୍ଟ ପ୍ରାଇସ୍ ₹ 149/ ₹ 153
ସଞ୍ଚନ୍ତୁ ₹ 29 / ₹ 47
ଓମ୍‌ଫେଡ୍ ଘିଅ 1 L
MRP ₹ 720
ଜିଓମାର୍ଟ ପ୍ରାଇସ୍ ₹ 669
ସଞ୍ଚନ୍ତୁ ₹ 51
ସିନ୍ଥଲ / ଡଭ୍ / ଲିରିଲ୍ / ଗୋଦରେଜ୍ ନଂ.1 / ଲକ୍ସ / ପେଅର୍ସ ସୋପ୍ 125 g ତେଣିକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 175 ତେଣିକି
ସର୍ବନ୍ୟୁନ 33% ଛାଡ଼
ବ୍ୟୁଟି ରେଞ୍ଜ୍ 0.35 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 100 ତେଣିକି
ଫ୍ଲାଟ୍ 50% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 50 ତେଣିକି
ଟାଇଡ୍ 6 kg + 2 kg / ସର୍ଫ ଏକ୍ସେଲ୍ ଡିଟରଜେଣ୍ଟ ପାଉଡର୍ 7 kg / ଏରିଏଲ / ସର୍ଫ ଏକ୍ସେଲ୍ ମ୍ୟାଟିକ୍ ଲିକ୍ୱିଡ୍ 4 L (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 795 ତେଣିକି
ଫ୍ଲାଟ୍ 40% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 477 ତେଣିକି
ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ସମସ୍ତ ଉତ୍ପାଦର ଏମ୍‌ଆରପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବା ସମସ୍ତ ଅଫର୍ 18 ମଇ 2025,ନିର୍ଦ୍ଦିଷ୍ଟ ପିନ୍ କୋଡ୍‌ରେ ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

## ୧୬ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ମିଳିଲା ପଦୋନ୍ନତି

ଭୁବନେଶ୍ୱର, ୧୬ା୫(ସୁନିତ୍ ମିଶ୍ର): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୧୬ ଜଣ ଆଇଏଏସ୍ ଅଫିସରଙ୍କୁ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହି ୧୬ ଆଇଏଏସ୍ ଅଧିକାରୀ କେନ୍ଦ୍ର ସରକାରଙ୍କ ନିଯୁକ୍ତି ଅନୁଯାୟୀ ପ୍ରଥମେ ଯୁଗ୍ମ ସଚିବ ପାହ୍ୟା ପାଇଥିଲେ। ହେଲେ ରାଜ୍ୟ ସରକାର ଗୁରୁବାର ଏହି ୧୬ ଅଧିକାରୀଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏହି ଅଧିକାରୀମାନେ ଯେଉଁ ଦାୟିତ୍ୱ ତୁଲାଉଥିଲେ ସମାନ ପଦରେ ରହିବେ। କେବଳ ପାହ୍ୟାରେ ଏମାନଙ୍କୁ ପଦୋନ୍ନତି ମିଳିଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଦ୍ୱାଦଶ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟାୟନ ପକ୍ଷରୁ ଗୁରୁଦେବର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

### କଟକ
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।
- ଆର୍ଟ ଅଫ ଗିଭିଂ ପକ୍ଷରୁ ଦ୍ୱାଦଶ ଆର୍ଟ ଅଫ୍ ଗିଭିଂ ଦିବସ ସମାରୋହ, ସ୍ଥାନ: କର୍ମବୀର ଗୌରୀଶଙ୍କର ଟାଉନ୍ ହଲ, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ଆର୍ଟ ଅଫ ଗିଭିଂ ଦିବସ ପାଳନ, ସ୍ଥାନ: କାଳୀ ମନ୍ଦିର, ଜଳେଶ୍ୱର, ସମୟ: ସକାଳ ୬ଟା ୩୦।
- ହେଲ୍‌ଥ ସ୍କ୍ରିନିଂ କ୍ୟାମ୍ପ, ସ୍ଥାନ: ଲାୟନ୍ସ ଆଇ ହସ୍ପିଟାଲ, ଏଡିଏମ୍ ସ୍କୋୟାର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍ଏମ୍‌ୟୁରେ ସାହିତ୍ୟ ଉତ୍ସବ ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିତୀୟ ଅଧିବେଶନ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ତୃତୀୟ ଅଧିବେଶନ, ସମୟ: ଅପରାହ୍ନ ୧୨ଟା ୪୫।
- ଚତୁର୍ଥ ଅଧିବେଶନ, ସମୟ: ଅପରାହ୍ନ ୨ଟା ୪୫।
- ଉଦ୍‌ଯାପନୀ ପର୍ବ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ବସନ୍ତ ଉତ୍ସବ-୨୦୨୫ ଉଦ୍‌ଘାଟନୀ ପର୍ବ, ସମୟ: ଅପରାହ୍ନ ୫ଟା।
- ସାପ୍ତାହିକ କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, କାଦରାବାଦ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ ପ୍ରାଙ୍ଗଣ, ରୂପସା, ସମୟ: ସନ୍ଧ୍ୟା ୭ଟା।

### ଭଦ୍ରକ
- ପିଡବ୍ଲୁ ମାମଲାର ଶୁଣାଣି, ସ୍ଥାନ: ତହସିଲଦାରଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା ୩୦।

### ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ଆଦର୍ଶ ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ସକାଳ ୯ଟା।
- ମୟୂରସେବା ମୋବାଇଲ ଆପ୍‌ର ଶୁଭ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୪ଟା।

### ଗଞ୍ଜାମ
- ଶିକ୍ଷକ ତାଲିମ ଶିବିର ଉଦଘାଟନ, ସ୍ଥାନ: ଭଞ୍ଜନଗର ସରସତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ ଟା।
- କିଟ୍ କର୍ମଚାରୀଙ୍କ ପକ୍ଷରୁ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବେଲଗୁଣ୍ଠା ବ୍ଲକ୍ ତନରଦା ଅନାଥ ଆଶ୍ରମ, ସମୟ: ସକାଳ ୯ ଟା।

### ଢେଙ୍କାନାଳ
ଜିଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବାଜିଚୌକ, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୪ଟା।

### କେନ୍ଦ୍ରାପଡ଼ା
- ଆର୍ଟ ଅଫ ଗିଭିଙ୍ଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପ, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୧୦ଟା।

### ଯାଜପୁର
- ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସ ଯାତ୍ରା, ସ୍ଥାନ: ଓଡ଼ଗାଁ ବ୍ଲକର ଆମ୍ବରାପୁର, ସମୟ: ସକାଳ ୧୦ ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୮ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଚନ୍ଦନଯାତ୍ରାର ୧୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

### ରାୟଗଡ଼ା
- ଅଗ୍ରଣୀ ଶିକ୍ଷକ ନେତା ସ୍ୱର୍ଗତ ସୁନୀଲ କୁମାର ଦାସଙ୍କ ଜୟନ୍ତୀ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଶ୍ରୀ ନିବାସ ନଗର, ଗୁଣୁପୁର, ସମୟ: ପୂର୍ବାହ୍ନ ୧୧ ଟା।

### କୋରାପୁଟ
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମନିଟରିଂ କମିଟି ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନେଇ ତୃତୀୟ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ:ଅପରାହ୍ନ ୪ଟା ୩୦।
- ପିଏମ୍ ବିଶ୍ୱକର୍ମା ଯୋଜନା ନେଇ ଜିଲା ସ୍କ୍ରିନିଂ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

### ସମ୍ବଲପୁର
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗଫୁ ଉଶୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମ କାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଶୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସ୍ୱଧର୍ମ ସ୍ୱଭାବ ଓ ସ୍ୱଦେଶ ଶୀର୍ଷକ ଆଲୋଚନା ଚକ୍ର, ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।

### ରାଉରକେଲା
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ସକାଳ ୬ଟା।
- କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ନେତୃତ୍ୱରେ ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ରାଉରକେଲା, ସମୟ: ସକାଳ ୯ଟା।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା।
- ହାପି ମୁମେଣ୍ଟ ପକ୍ଷରୁ ଶିଶୁ ମହୋତ୍ସବ ଆରମ୍ଭ, ସ୍ଥାନ: ଭଞ୍ଜଭବନ ପରିସର, ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।

### ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ପୁରୁଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗୋବିନ୍ଦପୁର, ବରଗଡ଼,ସମୟ:ସକାଳ ୮ଟା।

### କଳାହାଣ୍ଡି
- ଦାଦଶ ଆର୍ଟ ଅଫ ଗିଭିଂ ସମାରୋହ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ:ଅପରାହ୍ନ ୫ଟା।
- ଜିଲା ମୁଖ୍ୟ ଚିକିତ୍ସାଳୟରେ ପିସିଟିଏନ ଡିଟି ସମୀକ୍ଷା ବୈଠକ,ସ୍ଥାନ: ଭବାନୀପାଟଣା, ଜିଲା ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ ମଣ୍ଡପ, ହରଭଙ୍ଗା, ସମୟ: ସକାଳ ୬ଟା।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ନିର୍ବାଚନ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନି ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

### ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ:କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ପ୍ରାତଃ ୪ଟା ୩୦।

# ଡିଜିଟାଲ ପରିବର୍ତ୍ତନରେ ଲିଙ୍ଗଗତ ଏକତା ଜରୁରୀ

**ଆଜି ବିଶ୍ୱ ଟେଲି କମ୍ୟୁନିକେଶନ ଦିବସ**

ଦିନ ଥିଲା ଯୋଗାଯୋଗର ପ୍ରମୁଖ ମାଧ୍ୟମ ଥିଲା ଚିଠି। ଏବେ କିନ୍ତୁ ସମଗ୍ର ପୃଥିବୀ ସତେଯେମିତି ଯୋଗାଯୋଗ କ୍ଷେତ୍ରରେ ସଙ୍କୁଚିତ ହୋଇଯାଇଛି। ମୋବାଇଲ୍, ଇଣ୍ଟରନେଟ୍ ଏବଂ ଅନ୍ୟାନ୍ୟ ଇଲେକଟ୍ରୋନିକ ଗ୍ୟାଜେଟ୍‌ର ବହୁଳ ବ୍ୟବହାର ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। କୌଣସି ବିଷୟରେ ଜାଣିବାକୁ ହେଲେ ମୋବାଇଲରୁ ନିମିଷକ ମଧ୍ୟରେ ତଥ୍ୟ ମିଳିପାରୁଛି। ବର୍ତ୍ତମାନ ସମଗ୍ର ଦୁନିଆକୁ ଯଦି ଆମେ ଡିଜିଟାଲ ଦୁନିଆ କହିବା ତାହେଲେ ଟିକିଏ ହେଲେ ଭୁଲ୍ ହେବ ନାହିଁ। ଦିନକୁ ଦିନ ବିଭିନ୍ନ ପ୍ରକାର ନୂଆ ଡିଜିଟାଲ ଟେକ୍ନୋଲୋଜିର ଉଦ୍ଭାବନ ହେଉଛି। ଟଙ୍କା ଦିଆନିଆରେ ଡିଜିଟାଲ ସିଷ୍ଟମର ବ୍ୟବହାର ସୁଦୂରପ୍ରସାରୀ ହୋଇସାରିଲାଣି। ତେଣୁ ଯୋଗାଯୋଗ ଏବଂ ମନୁଷ୍ୟ ଜୀବନରେ ବିଭିନ୍ନ କ୍ଷେତ୍ରରେ ଟେଲିକମ୍ୟୁନିକେଶନର ବ୍ୟବହାର ବିଷୟରେ ଜନସାଧାରଣଙ୍କୁ ଆହୁରି ସଚେତନ କରିବା ପାଇଁ ପ୍ରତିବର୍ଷ ମେ' ୧୭ ତାରିଖରେ ପାଳିତ ହୋଇଆସୁଅଛି 'ବିଶ୍ୱ ଟେଲିକମ୍ୟୁନିକେଶନ ଦିବସ'। ଏହି ଦିବସଟି ମଧ୍ୟ 'ୱାର୍ଲ୍ଡ ଟେଲିକମ୍ୟୁନିକେଶନ ଆଣ୍ଡ ଇନ୍‌ଫରମେଶନ ସୋସାଇଟି ଡେ' ଭାବେ ପରିଚିତ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ଡିଜିଟାଲ ପରିବର୍ତ୍ତନରେ ଲିଙ୍ଗଗତ ଏକତା କାହିଁକି ଜରୁରୀ'' (Why gender equality in digital transformation matter.) ୧୮୬୫ ମେ' ୧୭ରେ ପ୍ୟାରିସରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟେଲିଗ୍ରାଫ ସମ୍ମିଳନୀରେ ଏହି ଦିବସର ମୂଳଦୁଆ ପଡିଥିଲା। ଏଥିରେ ଏକ ଅନ୍ତର୍ଜାତୀୟ ଟେଲିକମ୍ୟୁନିକେଶନ ୟୁନିୟନ ଗଠନ କରିବାକୁ ସହମତି ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୧୯୬୯ରୁ ପ୍ରତିବର୍ଷ ମେ' ୧୭ରେ ଏହି ଦିବସ ନିୟମିତ ପାଳନ କରାଯାଇଆସୁଅଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଟିଲା ଭାତରେ ଜାଳ,**
**ବୁଢ଼ୀ ବୋଲି କିଆଁ କହୁଛୁ ମତେ,**
**ବାତରେ ପାଚିଲା ବାଳ।**

ମହିଳାମାନେ ସାଧାରଣତଃ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ଜଣକ ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫଳ ନାହିଁ କି ଫୁଲ ନାହିଁ;**
**କିସ ଲାଭ ସେ ଗଛ ଲଗାଇ।**

ସାଧାରଣତଃ ଯେଉଁ ଗଛରେ ଫୁଲ କି ଫଳ ଧରି ନ ଥାଏ , ସେଭଳି ଗଛକୁ ଲଗାଇବାରେ କିଛି ଲାଭ ମିଳି ନ ଥାଏ। ପରୋକ୍ଷରେ ଗୁଣହୀନ ବ୍ୟକ୍ତିଙ୍କୁ ଆଦର ଅଭ୍ୟର୍ଥନା ଦେଖାଇବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରକ୍ତଚାପକୁ ନିୟନ୍ତ୍ରଣରେ ରଖି ଦୀର୍ଘାୟୁ ହୁଅନ୍ତୁ

**ଆଜି ବିଶ୍ୱ ହାଇପରଟେନ୍‌ସନ ଦିବସ**



ଆମ ଶରୀରରେ ସମସ୍ତ ଅଙ୍ଗକୁ ତଥା ମସ୍ତିଷ୍କରୁ ପାଦ ପର୍ଯ୍ୟନ୍ତ ଶୁଦ୍ଧ ରକ୍ତ ଧମନୀ ମାଧ୍ୟମରେ ପ୍ରବାହିତ ହୋଇଥାଏ। ହୃତ୍‌ପିଣ୍ଡ ସଙ୍କୁଚିତ ଏବଂ ପ୍ରସାରିତ ହେବା ଦ୍ୱାରା ଏକ ଚାପ ସୃଷ୍ଟି ହୋଇ ପମ୍ପ ଦ୍ୱାରା ରକ୍ତ ସୁଚାରୁରୂପେ ସମସ୍ତ ଅଙ୍ଗର କୋଷ ନିକଟରେ ପହଞ୍ଚିଥାଏ। ଏହାକୁ ରକ୍ତଚାପ (ବ୍ଲଡପ୍ରେସର) କୁହାଯାଏ। ଏହି ଚାପର ଉପରଟି ସିଷ୍ଟୋଲିକ୍ (CBP) ଏବଂ ତଳଟି ଡାଇଷ୍ଟୋଲିକ୍ (DBP)-ଏହିପରି ଦୁଇ ପ୍ରକାର ମାପ ରହିଥାଏ। ସୁସ୍ଥ ଶରୀରରେ ରକ୍ତଚାପ ମାପ ୧୨୦/୮୦ ମିମି ଅଫ ମର୍କୁରୀ ରହିବା ଉଚିତ। ଏହି ଚାପ ଯଦି କୌଣସି କାରଣରୁ ବଢ଼ିଯାଏ ତେବେ ଧମନୀ ଭିତର କାନ୍ଥକୁ କ୍ଷତି ପହଞ୍ଚାଏ। ଶେଷରେ ଏହା ଫାଟି ଯାଇ ରକ୍ତ ଜମାଟ ବାନ୍ଧି ପ୍ରବାହିତ ଅଙ୍ଗକୁ ରକ୍ତ ପହଞ୍ଚି ନଥାଏ। ଉକ୍ତ ଅଙ୍ଗଟି କାର୍ଯ୍ୟକ୍ଷମ ନ ହେବାରୁ ତାହା ପକ୍ଷାଘାତ ବା ପାରାଲିସିସର ଶିକାର ହୋଇଥାଏ। ତେଣୁ ରକ୍ତଚାପ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ତାହା ବେଳେବେଳେ ଜୀବନନାଶକ ହୋଇଥାଏ। ଏ ସମ୍ପର୍କରେ ଜନସଚେତନତା ଅଧିକ ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ' ୧୭ ତାରିଖକୁ ବିଶ୍ୱ ହାଇପରଟେନ୍‌ସନ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ଠିକ୍ ଭାବରେ ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ, ଦୀର୍ଘାୟୁ ହୁଅନ୍ତୁ'' (Measure Your Blood Pressure Accurately, Control It, Live Longer. ) ଅତି ସ୍ଥୂଳକାୟ ବ୍ୟକ୍ତି, ବ୍ୟାୟାମ କରୁ ନ ଥିବା, ସର୍ବଦା ଚର୍ବିଜାତୀୟ ଖାଦ୍ୟ, ଅଧିକ ଲୁଣ, ତେଲଜାତୀୟ ଖାଦ୍ୟ, ମାନସିକ ଚିନ୍ତା, ଭୟ, କ୍ରୋଧ, ନିଶାଦ୍ରବ୍ୟ ସେବନ ଆଦି ସହ ଜଡ଼ିତ ବ୍ୟକ୍ତି ଏବଂ ଦୀର୍ଘ ଦିନ ଧରି ମଧୁମେହ ବା ଡାଇବେଟିସ୍‌ରେ ଆକ୍ରାନ୍ତ ରହିଲେ ରକ୍ତଚାପ ବୃଦ୍ଧି ହୋଇଥାଏ। ମୁଣ୍ଡବିନ୍ଧା ଲାଗି ରହିବା, ମୁଣ୍ଡ ବୁଲାଇବା, ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବା, ଅସ୍ୱାଭାବିକ ହୃଦ୍‌ସ୍ପନ୍ଦନ, ନାକରୁ ରକ୍ତ ପଡ଼ିବା, ଚିଡ଼ିଚଡ଼ା ଭାବ, ଛାତି ବ୍ୟଥା, ଝାପ୍‌ସା ଦେଖାଯିବା ଆଦି ଏହାର କେତୋଟି ପ୍ରମୁଖ କାରଣ। ତେଣୁ ଏପରି ସମୟରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ ଏବଂ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ କେତେ ରହୁଛି ତାହା ଠିକ୍ ଭାବରେ ମାପି ନିଅନ୍ତୁ।

ରକ୍ତଚାପରୁ ରକ୍ଷା ପାଇବା ପାଇଁ ଅଧିକ ଲୁଣ, ତେଲମସଲାଜାତୀୟ ଖାଦ୍ୟ ଏବଂ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ରକ୍ତଚାପର କେତୋଟି ଆୟୁର୍ବେଦୀୟ ଉପଚାର ରହିଛି। ଜଣେ ରକ୍ତଚାପ ରୋଗୀ ଦୈନିକ ସକାଳେ ଖାଲିପେଟରେ ୨/୩ ପୁଡା ରସୁଣ କଞ୍ଚା ଚୋବାଇ ଖାଇପାରନ୍ତି। ନିମ୍ବପତ୍ର ୫ଟି ଓ ତୁଳସୀ ପତ୍ର ୧୦/୧୨ଟି ଦୈନିକ ସକାଳେ ମର୍ନିଂୱାକ୍ ପରେ ସେବନ କରିପାରିବେ। ଖାଲି ପେଟରେ ସଜନା ପତ୍ର ରସ ୨/୩ ଚାମଚ ସେବନ କଲେ ରକ୍ତଚାପ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏହାବ୍ୟତୀତ ସବୁବେଳେ ଖୁସିରେ ରହିବାକୁ ଚେଷ୍ଟା କରନ୍ତୁ। ଅଧିକ ଚିନ୍ତାଗ୍ରସ୍ତ ଏବଂ ଟେନସନ୍‌ଗ୍ରସ୍ତ ହୁଅନ୍ତୁ ନାହିଁ। ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ପୂଜାପାଠ କରନ୍ତୁ। ନିୟମିତ ମନ୍ତ୍ର ଉଚ୍ଚାରଣ କରନ୍ତୁ ଏବଂ ଶୁଣନ୍ତୁ। ଏହାଦ୍ୱାରା ଆପଣ ଏକ ସୁସ୍ଥ ଜୀବନଯାପନ କରିପାରିବେ।

**-ଡା. ଆଶିଷ ବାନାର୍ଜୀ,** ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

## ପ୍ରଥମ ପୃଷ୍ଠାରୁ...

### ବଜ୍ରପାତ ନେଲା...

ଗୁରୁସାହିର ଅର୍ଜୁନ ହେମ୍ବ୍ରମ୍‌ଙ୍କ ପୁଅ ତାରେ ହେମ୍ବ୍ରମ୍(୧୪), ପାଣ୍ଡେ ଚାତରଙ୍କ ପୁଅ ଟୁକୁଲ୍ ଚାତର୍ (୧୨), ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ କେବିରି ବ୍ରହ୍ମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗୌଡଙ୍କ ଝିଅ ରୀତା ଗୌଡ଼, ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ ଶିଆଳିଲଟି ପଞ୍ଚାୟତ କାନକଟାର ଦମୟନ୍ତୀ ମଣ୍ଡଳ(୩୮) ଏବଂ ବାଲେଶ୍ୱର ଜିଲା ଔପଦା ବ୍ଲକ ଦାରି ପୋଖରୀରେ ପ୍ରାଣ ହରାଇଥିବା ମୟୂରଭଞ୍ଜ ଜିଲା ଉଦଳା ଥାନା କୁଟିଂ ଗ୍ରାମର ଚୁନାରାମ କିସ୍କୋ (୩୧)। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଛି। ସମ୍ବଲପୁରରେ ସର୍ବାଧିକ ୪୧.୮ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡାରେ ୪୦.୮, ହୀରାକୁଦ ୪୦.୨, ଭୁବନେଶ୍ୱର ୩୮.୬, ରାଉରକେଲା ୩୮.୬ ଓ ଚାନ୍ଦବାଲିରେ ୩୭.୪ ଡିଗ୍ରୀ ରହିଥିଲା। ଶନିବାର କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନୂଆପଡ଼ା, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ସୁନ୍ଦରଗଡ ଓ ଝାରସୁଗୁଡା ଜିଲାରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବ। ଏହି ସମୟରେ ଘଣ୍ଟା ପ୍ରତି ୫୦-୬୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ଅରେଞ୍ଜ ୱାର୍ନିଂ ଦେଇଛି। ଏଥିସହ କଳାହାଣ୍ଡି, ଢେଙ୍କାନାଳ, ବରଗଡ଼, କନ୍ଧମାଳ, ସମ୍ବଲପୁର, ଦେବଗଡ଼, ବଲାଙ୍ଗୀର, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଅନୁଗୋଳ, ସୋନପୁର, ବୌଦ୍ଧ ଓ ମାଲକାନଗିରି ଜିଲାକୁ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୮ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲାରେ କିଛି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡଘଡି ସହ ୫୦ରୁ ୬୦ କି.ମି. ବେଗରେ ପବନ ବହିବ। ତେଣୁ ଏହିସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ଝଡ଼ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ୧୯ ତାରିଖରେ ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ବଲାଙ୍ଗୀର, କୋରାପୁଟ ଓ ରାୟଗଡ଼ାରେ ପ୍ରବଳ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୯ ତାରିଖ ସକାଳଠାରୁ ୨୦ ତାରିଖ ସକାଳ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ ଓ ରାୟଗଡ଼ା ଜିଲାରେ ବିଜୁଳି ଘଡ଼ଘଡି ସହ ପବନର ବେଗ ୩୦ରୁ ୪୦ କି.ମି. ରହିବ ବୋଲି ସୂଚନା ଦିଆଯାଇଛି।

### ତୁର୍କୀ ଏୟାରଲାଇନ୍ସ ...

କରି ଭାରତ ସରକାରଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନକାରୀ ତୁର୍କୀଠାରୁ ଭାରତର ସୁରକ୍ଷା ବିପନ୍ନ ସହ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କା ରହିଥିବା ଏୟାର ଇଣ୍ଡିଆ ଦର୍ଶାଇଛି। ତୁର୍କୀ ଏୟାରଲାଇନ୍ସ ସହ ଇଣ୍ଡିଗୋର ଚୁକ୍ତି ଯୋଗୁ ଅଙ୍କାରା ଲାଭବାନ ହେଉଥିବାବେଳେ ସିଟ୍ ସାମର୍ଥ୍ୟ ବୃଦ୍ଧି ଏବଂ ସେଠାକାର ପର୍ଯ୍ୟଟନର ବିକାଶ ଯୋଗୁ ଭାରତର ବିମାନ ଚଳାଚଳ କ୍ଷେତ୍ର କ୍ଷତି ସହୁଛି। ତୁର୍କୀର ଏପରି ଆଭିମୁଖ୍ୟକୁ ନେଇ ଭାରତୀୟମାନେ କ୍ଷୁବ୍ଧ ହୋଇଛନ୍ତି। ଭାରତୀୟ ପର୍ଯ୍ୟଟକ ସେଠାକୁ ଛୁଟି କଟାଇବାକୁ ଯିବା ଯୋଜନା ବାତିଲ କରିବାରେ ଲାଗିଛନ୍ତି। ଗୁରୁବାର ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ (ବିସିଏଏସ୍) ପକ୍ଷରୁ ତୁର୍କୀର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସର୍ଭିସ୍ ପ୍ରୋଭାଇଡର କମ୍ପାନୀ ସେଲେବି ଆଭିଏଶନର ସିକ୍ୟୁରିଟି କ୍ଲିଅରାନ୍ସକୁ ବାତିଲ କରାଯାଇଥିଲା। ଜାତୀୟ ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଶୁକ୍ରବାର ସେଲେବି ଏୟାରପୋର୍ଟ ସର୍ଭିସେସ୍ ଇଣ୍ଡିଆ ପ୍ରା. ଲିଃ. ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସରକାର ପୂର୍ବରୁ କମ୍ପାନୀକୁ କିଛି ନ ଜଣାଇ ନେଇଥିବା ଏହି ନିଷ୍ପତ୍ତି ଫଳରେ ୩,୭୯୧ ନିଯୁକ୍ତି ଓ ନିବେଶକଙ୍କ ଆସ୍ଥା ପ୍ରଭାବିତ ହେବ ବୋଲି ସେଲେବି ଯୁକ୍ତି ବାଢ଼ିଛି। ସେଲେବି ପକ୍ଷରୁ ଆହୁରି କୁହାଯାଇଛି, ନିର୍ଦ୍ଦିଷ୍ଟ ଭାବେ କାରଣ ନ ଦର୍ଶାଇ ଜାତୀୟ ସୁରକ୍ଷା ଆଳରେ ସିକ୍ୟୁରିଟି କ୍ଲିଅରାନ୍ସକୁ ରଦ୍ଦ କରିଦେବା ଆଇନସମ୍ମତ ନୁହେଁ। ତେଣୁ ସରକାରଙ୍କ ନିଷ୍ପତ୍ତିକୁ ବାତିଲ କରାଯାଉ ବୋଲି କମ୍ପାନୀ ନିଜ ପିଟିଶନରେ ନିବେଦନ କରିଛି। ହାଇକୋର୍ଟ ସୋମବାର ଏହା ଉପରେ ଶୁଣାଣି କରିପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସେଲେବି ନୂଆଦିଲ୍ଲୀ, କେରଳ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଗୋଆ ସମେତ ୯ଟି ପ୍ରମୁଖ ଏୟାରପୋର୍ଟରେ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସେବା ପ୍ରଦାନ କରିଆସୁଥିଲା। ନିକଟରେ ଏନ୍‌ଡିଏ ସରକାରର ସହଯୋଗୀ ଶିବସେନା ପକ୍ଷରୁ ସେଲେବିର ସିକ୍ୟୁରିଟି କ୍ଲିଅରାନ୍ସ ରଦ୍ଦ ପାଇଁ ମୁମ୍ବାଇରେ ବିକ୍ଷୋଭ କରାଯାଇଥିଲା।

ଅନ୍ୟପକ୍ଷରେ ୨୦୨୩ରୁ ଇଣ୍ଡିଗୋ ଏବଂ ତୁର୍କୀ ସରକାରଙ୍କ ସମର୍ଥିତ ତୁର୍କିଶ୍ ଏୟାରଲାଇନ୍ସ ମଧ୍ୟରେ ଲିଜ୍ ଚୁକ୍ତି କାର୍ଯ୍ୟକାରୀ ହୋଇଆସୁଥିଲା। ତଦନୁଯାୟୀ ନୂଆଦିଲ୍ଲୀ ଏବଂ ମୁମ୍ବାଇ ସହ ଇସ୍ତାନବୁଲ୍‌କୁ ବିମାନ ଚଳାଚଳ ପାଇଁ ତୁର୍କିଶ୍ ଏୟାରଲାଇନ୍ସ ଇଣ୍ଡିଗୋକୁ ୨ଟି ବିମାନ ସହ ପାଇଲଟ୍ ଓ କେତେଜଣ କର୍ମଚାରୀ ଯୋଗାଇଦେଇଥିଲା। ଉକ୍ତ ଲିଜିଂ ଡିଲ୍‌ର ପୁନଃ ସମ୍ପ୍ରସାରଣକୁ ଅନୁମତି ନ ଦେବା ପାଇଁ ଏୟାର ଇଣ୍ଡିଆ ଭାରତର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିବେଦନ କରିଛି। ପ୍ରତି ୬ ମାସରେ ଉକ୍ତ ଡିଲ୍ ନବୀକରଣ ହୋଇଥାଏ। ତେବେ ଏହାଦ୍ୱାରା ତୁର୍କୀ ଲାଭବାନ ହେଉଥିବାବେଳେ ଭାରତୀୟ ବିମାନ ଚଳାଚଳ କ୍ଷେତ୍ର କ୍ଷତି ସହୁଛି। ଏହାର ପ୍ରମାଣ ସ୍ୱରୂପ କେତେକ କାଗଜପତ୍ର ଏୟାର ଇଣ୍ଡିଆ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଦାଖଲ କରିଛି। କିନ୍ତୁ ଏହି ଅଭିଯୋଗକୁ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଖଣ୍ଡନ କରାଯାଇଛି। କମ୍ପାନୀ ଏକ ବିବୃତିରେ କହିଛି, ତୁର୍କିଶ ଏୟାରଲାଇନ୍ସ ସହ ଏହାର ସହଭାଗିତା ଯୋଗୁ ଭାରତୀୟ ଯାତ୍ରୀ ଉପକୃତ ହେବା ସଙ୍ଗେସଙ୍ଗେ ବିମାନ ଚଳାଚଳ ସେକ୍ଟର ଏବଂ ନିଯୁକ୍ତିରେ ଅଭିବୃଦ୍ଧି ହେଉଥିଲା। ଏହାଦ୍ୱାରା ଇଣ୍ଡିଗୋ ୟୁରୋପ ଏବଂ ଆମେରିକାରେ ନିଜ ଉପସ୍ଥିତି ଜାହିର କରିଥିଲା। ଭାରତୀୟ ବେସାମରିକ ବିମାନ ଚଳାଚଳ ନୀତି ଅନୁଯାୟୀ ଜରୁରୀ କିମ୍ବା ଅପ୍ରତ୍ୟାଶିତ ସ୍ଥିତିରେ ସରକାର ଏଭଳି ଲିଜ୍‌କୁ ୬ ମାସ ପାଇଁ ଅନୁମୋଦନ କରିପାରନ୍ତି। କିନ୍ତୁ ଏହାକୁ ସମ୍ପ୍ରସାରଣ କରାଯାଇପାରିବ। ଶେଷଥର ପାଇଁ ହୋଇଥିବା ଏହି ଲିଜ୍ ସମ୍ପ୍ରସାରଣ ମେ' ୩୧ ପର୍ଯ୍ୟନ୍ତ ବୈଧ ରହିଛି। ଏହାକୁ ବଢ଼ାଇବା ପାଇଁ ଇଣ୍ଡିଗୋ ଆବେଦନ କରିଥିବା ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଉଚ୍ଚସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ଉତ୍ତମ ପାରିବାରିକ ସମ୍ପର୍କ ଲୋକସମ୍ପର୍କ ବୃଦ୍ଧିରେ ସହାୟକ ହୋଇପାରେ। ସବୁକଥାକୁ ଭଲରୂପେ ବିଚାରପୂର୍ବକ କାମ କରି ଆଗକୁ ବଢ଼ିବା ଠିକ୍ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସୁଫଳ ପାଇବେ।

**ବୃଷ** - ଆଜି ଅର୍ଥଲାଭ, ନୂତନ ବନ୍ଧୁତ୍ୱ ଏବଂ ଉଚ୍ଚ ସ୍ତରରେ ସମ୍ପର୍କରେ ଉନ୍ନତି ଘଟିବ। ଆନୁଷ୍ଠାନିକ କାମ ସକାଶେ ଧାଁଦଉଡ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ରିଏଲ୍‌ଇଷ୍ଟେଟ୍, ହୋଟେଲ, ରେଷ୍ଟୁରାଣ୍ଟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନପୂରାଇବା ଭଲ।

**ମିଥୁନ** - ମନ କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚ ବଶତଃ ବନ୍ଧୁଙ୍କୁ କହିପାରିବେ ନାହିଁ। ନିଜର କୃତି ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁମାନଙ୍କ ଶ୍ରଦ୍ଧାଭାଜନ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଚିନ୍ତା ପ୍ରକଟ କରିପାରନ୍ତି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିବାର ସୂଚନା ରହିଛି।

**କର୍କଟ** - କୃତି ଓ କୃତିତ୍ୱ କାରଣରୁ ସମାଜରେ ସୁପ୍ରତିଷ୍ଠିତ ହେବା ସାଙ୍ଗକୁ ଆତ୍ମୀୟଙ୍କ ସହ ଆତ୍ମୀୟତା ବୃଦ୍ଧି ପାଇବ। ନିର୍ମାଣ କାର୍ଯ୍ୟରେ, ମାଲିମକଦ୍ଦମା, କ୍ରୟବାଣିଜ୍ୟରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀଙ୍କ ପ୍ରତ୍ୟେକ କଥା ଓ ପରାମର୍ଶକୁ ବିଚାରପୂର୍ବକ ଗ୍ରହଣ ଓ କାର୍ଯ୍ୟକାରୀ କରିବା ଠିକ୍ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇପାରନ୍ତି।

**ସିଂହ** - ରବିଙ୍କ ସୁପ୍ରଭାବରୁ ଉଚ୍ଚସ୍ତରରେ ସୁସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ଗୌରବାନ୍ୱିତ ହେବେ। ଆଜିର ବନ୍ଧୁମିଳନରେ ସମ୍ମାନ, ଉପଢୌକନ, ସ୍ୱାଗତ, ସମ୍ବର୍ଦ୍ଧନା ମଧ୍ୟ ପାଇପାରନ୍ତି। ବିବାଦୀୟ ପରିସ୍ଥିତିର ମୁକାବିଲା କରି ସଫଳତା ପାଇବେ। ବ୍ୟବସାୟ, ପରିବହନ ସାଙ୍ଗକୁ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** - ଆଜିର ଦିନଟି ଅର୍ଥଲାଭ, ଗବେଷଣା, ରୁଦ୍ଧଦ୍ୱାର ବୈଠକ ପାଇଁ ଅନୁକୂଳ ରହିବ। ସ୍ୱାସ୍ଥ୍ୟହାନି ସାଙ୍ଗକୁ କେତେକ ଅନିଚ୍ଛାକୃତ ତ୍ରୁଟି ମଧ୍ୟରେ ଗତିକରିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଈର୍ଷାପରାୟଣ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ତୁଳା** - ଉଦ୍ୟମକୁ ସାକାର କରିବା ପାଇଁ ଚେଷ୍ଟିତ ରହିବେ ଏବଂ ସମ୍ପର୍କୀୟଙ୍କ ସହଯୋଗ ପାଇପାରିବେ। ଚିତ୍ରା ନକ୍ଷତ୍ର ବହୁତ ଚେଷ୍ଟା କରି ମଧ୍ୟ କାମ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। କୌଣସି ଜିନିଷ କିଣିବା ସକାଶେ ଅର୍ଥର ଆବଶ୍ୟକତା ପାଇଁ ବ୍ୟସ୍ତତା ବଢ଼ିଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ବିଛା** - ଅତି ନିକଟତର ବ୍ୟକ୍ତିଙ୍କ ବିରୁଦ୍ଧାଚରଣ ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଆଳସ୍ୟ ଏବଂ ଅବହେଳା ଜନିତ କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଯାଇପାରେ।

**ଧନୁ** - ଆଜି ଅର୍ଥଲାଭ, ଆଇନ ସହାୟତା, ସାମାଜିକ ସମର୍ଥନ ସହ ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ପ୍ରତିଯୋଗିତାରେ ସଫଳତା, ରାଜନୈତିକ ଉତ୍କର୍ଷ, ବିଜାତୀୟଙ୍କ ବନ୍ଧୁତାରୁ ଉପକୃତ ହେବେ। ବନ୍ଧୁଙ୍କ ଅନୁରୋଧରେ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** - ଦିନଟିରେ ଯେମିତି ଆଶା କରୁଛନ୍ତି ତାହା ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆପଣଙ୍କ କଥା ଓ କାମର ପ୍ରଶଂସାରେ ଆତ୍ମବିଭୋର ହୋଇପାରନ୍ତି। ସରକାରୀ ସାହାଯ୍ୟ ପାଇବା ସାଙ୍ଗକୁ ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ।

**କୁମ୍ଭ** - ଯେତେ ଚେଷ୍ଟା କଲେ ମଧ୍ୟ ଆଜି ଆପଣଙ୍କର ଆଶା ଆଶାରେ ହିଁ ରହିଯିବାର ଆଶଙ୍କା ରହିଛି। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାର ଆଶା ରହିଛି। ଦୈହିକ, ମାନସିକ ସ୍ଥିତି ଏକପ୍ରକାର ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ** - ଇଚ୍ଛା ଓ ଅଭିଳାଷ ପୂରଣ ସକାଶେ ବନ୍ଧୁଙ୍କ ସହଯୋଗ ଅତ୍ୟାବଶ୍ୟକ ମନେକରିପାରନ୍ତି। ସମସ୍ୟା ମଧ୍ୟରେ ପ୍ରାପ୍ୟ ପାଇବେ ଏବଂ କାମ ମଧ୍ୟ ସମ୍ପନ୍ନ କରିପାରିବେ। ତଥାପି ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ ମାତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ମେ ୧୭ ତାରିଖ, ବିଶ୍ୱ ଦୂରସଞ୍ଚାର ଦିବସ, ଜ୍ୟେଷ୍ଠ କୃଷ୍ଣ ୫ମୀ, ଶନିବାର। ରାଶି ନକ୍ଷତ୍ର-ପୂର୍ବଷାଢ଼ା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୦୫ ଗତେ ଘ. ୧୨।୦୯ ମଧ୍ୟେ, ଘ.୦୨।୫୭ ଗତେ ଘ.୦୩।୩୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୮।୨୮ ଗତେ ଘ.୧୦।୦୬ ମି. ମଧ୍ୟେ ରାହୁ କାଳ।

**ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଆୟୁଷ୍ମାନ କାର୍ଡ ମାଧ୍ୟମରେ ଚିକିତ୍ସା ଦାବି**

ଢେଙ୍କାନାଳ,୧୬।୫(ରତନ ନାୟାର): ଢେଙ୍କାନାଳ ଗଁଦିଆ ବ୍ଲକ ଖଣ୍ଡବନ୍ଧ ଗ୍ରାମର ଟଙ୍କଧର ଭଞ୍ଜ ଗତ ୧୨ରେ ଦୁର୍ଘଟଣାରେ ଗୁରୁତର ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଚିକିତ୍ସାଳୟ କର୍ତ୍ତୃପକ୍ଷ ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ପାଇଁ ରାଜି ନ ହୋଇ ଟଙ୍କଧରଙ୍କ ଅସ୍ତ୍ରୋପଚାର ପାଇଁ ୨.୫ଲକ୍ଷ ଟଙ୍କା ଦାବି କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆୟୁଷ୍ମାନ କାର୍ଡ ଜରିଆରେ ଚିକିତ୍ସା କରାଇବା ଲାଗି ପୂର୍ବତନ ବିଧାୟକ ନବୀନ ନନ୍ଦ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ସଚିବଙ୍କୁ ଚିଠି ଲେଖିଛନ୍ତି।




# ୨୩,୬୦୦ କୋଟିର କାରବାର କରିଛି ଓଏମ୍‌ସି: ମୁଖ୍ୟମନ୍ତ୍ରୀ

## ଓଏମ୍‌ସିର ୧୮ ଖଣି କାର୍ଯ୍ୟକ୍ଷମ ହେଲା: ମନ୍ତ୍ରୀ



**ଭୁବନେଶ୍ୱର, ୧୬।୫(ସୁନିତ୍ ମିଶ୍ର)**

ଖଣିଜ ସମ୍ପଦ ଦୃଷ୍ଟିରୁ ଦେଖିଲେ ଓଡ଼ିଶା ଭାରତବର୍ଷରେ ଏକ ଅଗ୍ରଣୀ ରାଜ୍ୟ। ଦେଶର ସର୍ବମୋଟ୍ ଖଣିଜ ସମ୍ପଦର ୪୧.୯%ରୁ ଅଧିକ ଓଡ଼ିଶାରେ ମହଜୁଦ ଅଛି। ଓଏମ୍‌ସି (ଓଡ଼ିଶା ମାଇନିଂ କର୍ପୋରେଶନ) ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରୁ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି। ରାଜ୍ୟକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ପାଇଁ ଓଏମ୍‌ସିର ବଳିଷ୍ଠ ଅବଦାନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଓଏମ୍‌ସିର ୭୦ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୬୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାର ସହ ଓଏମ୍‌ସି ନିଜର ଯାତ୍ରା ଆରମ୍ଭକରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୬୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି। ଏହି କାରବାର କେବଳ ଖଣିଜ ପଦାର୍ଥ ଉତ୍ପାଦନ ଓ ବିକ୍ରୟ ମାଧ୍ୟମରେ ହୋଇଛି। ଓଏମ୍‌ସି ଦେଶରେ ଖଣିଜ ଉତ୍ପାଦନକାରୀ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି। ଓଏମ୍‌ସି କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଦେଶରେ ନିଜକୁ ଏକ ଆଦର୍ଶ ପିଏସ୍‌ୟୁଏସ୍ ଭାବେ ପ୍ରତିଷ୍ଠିତ କରିପାରିଛି। ଓଡ଼ିଶା ବିକାଶର ସାରଥି ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓଏମ୍‌ସି ଗ୍ରହଣ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଇ-ନିଲାମ ପ୍ଲାଟ୍‌ଫର୍ମ ମାଧ୍ୟମରେ ଲଙ୍ଗ୍ ଟର୍ମ ଲିଙ୍କେଜ୍ ପଲିସି ଦ୍ୱାରା ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପଗୁଡ଼ିକୁ ୮୦%ରୁ ଅଧିକ କଞ୍ଚାମାଲ ଉପଲବ୍ଧ କରାଯାଇପାରୁଛି। ଓଏମ୍‌ସି ତା'ର ସିଏସ୍‌ଆର୍ ଆକ୍ଟିଭିଟି ଜରିଆରେ ପ୍ରଶଂସନୀୟ କାମ କରୁଛି। ପରିବେଶ ସୁରକ୍ଷା ପାଇଁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିବାରେ ସଫଳ ହୋଇଛି। ଖଣି ଅଞ୍ଚଳରେ ଆଇରନ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡୁବୁନା, ବଡ଼ବିଲ ଲୌହପଥର ଖଣିର ପୁନଃ ଆରମ୍ଭ କରିବା ସହ ବଡବିଲ ଅଞ୍ଚଳର ଚିରିଙ୍ଗି ପାହାଡ ଖଣି ଓ ରେଙ୍ଗାଲବେଡା ଆର୍‌ଆର୍ କଲୋନିକୁ ବିଦ୍ୟୁତ୍ ଯୋଗାଣର ଶୁଭାରମ୍ଭ କରିବା ସହ ସେ କୋଇଡା ଖଣି ଅଞ୍ଚଳରେ ଅବସ୍ଥିତ ଓଏମ୍‌ସି ଖଣି ଗୁଡ଼ିକରେ ୯୦୦ କିଲୋ ୱାଟ୍ ପିକ୍‌ର ସୋଲାର ପ୍ଲାଣ୍ଟ ଉଦ୍‌ଘାଟନ କରିଛନ୍ତି।

କାର୍ଯ୍ୟକ୍ରମରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କହିଛନ୍ତି, ଶୁକ୍ରବାରଠାରୁ ଓଏମ୍‌ସିର ୧୮ଟି ଖଣି କାର୍ଯ୍ୟକ୍ଷମ ହେଲା। ଏହା କେବଳ ଖଣିଜ ପଦାର୍ଥ ଉତ୍ପାଦନ କରୁନାହିଁ ଏହା ଏକ ଶକ୍ତିଶାଳୀ, ସ୍ୱାବଲମ୍ବୀ ଓଡ଼ିଶାର ମୂଳଦୁଆ ସ୍ଥାପନ କରୁଛି। ଉନ୍ନୟନ କମିଶନର ଅନୁ ଗର୍ଗ, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ୧୯ରୁ ହାଇକୋର୍ଟର ଖରାଛୁଟି

**କଟକ,୧୬।୫ (କାର୍ତ୍ତିକ ସାହୁ)**

ହାଇକୋର୍ଟର ଗ୍ରୀଷ୍ମ ଅବକାଶ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ଜୁନ୍ ୧୬ରେ ହାଇକୋର୍ଟର ଗ୍ରୀଷ୍ମ ଅବକାଶ ଶେଷ ହେବ। ଏହି ସମୟ ମଧ୍ୟରେ ହାଇକୋର୍ଟର ଅବକାଶକାଳୀନ ଅଦାଲତ ୮ଦିନ ବସିବ ବୋଲି ଜଣାଯାଇଛି। ତେବେ ଅବକାଶ ଆରମ୍ଭ ହେବା ପୂର୍ବରୁ ଶୁକ୍ରବାର ଥିଲା ହାଇକୋର୍ଟର ଶେଷ କାର୍ଯ୍ୟ ଦିବସ। ଜୁନ ୧୭ରେ ପୁନର୍ବାର ହାଇକୋର୍ଟ ନିୟମିତ ଭାବେ କାର୍ଯ୍ୟ କରିବ ବୋଲି ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଶୁକ୍ରବାର ପ୍ରକାଶ ବିଜ୍ଞପ୍ତିରେ ଦର୍ଶାଯାଇଛି। ଛୁଟିଦିନକୁ ଛାଡ଼ିଦେଲେ ଅନ୍ୟ ଦିନମାନଙ୍କରେ ହାଇକୋର୍ଟ କାର୍ଯ୍ୟାଳୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ପ୍ରଥମ ଅବକାଶକାଳୀନ ଅଦାଲତ ମେ' ୨୦ରେ ବସିବ। ପରେ ମେ' ୨୩, ୨୭, ୩୦, ଜୁନ ୩, ୪, ୧୦ ଏବଂ ଜୁନ ୧୩ରେ ଅବକାଶକାଳୀନ ଅଦାଲତ ବସିବ। ଏହି ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡିକର ଶୁଣାଣି କରାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ଗନ୍ଧମାର୍ଦ୍ଦନରେ ମାଓବାଦୀ କ୍ୟାମ୍ପ ଠାବ

**ବଲାଙ୍ଗୀର,୧୬।୫ (ବୀରେନ୍ଦ୍ର କୁମାର ଖାଙ୍କର)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲ ଏବଂ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ (ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ) ଟିମ୍ ଦୁଇଟି ମାଓବାଦୀ କ୍ୟାମ୍ପ ଠାବକରି ବିପୁଳ ବିସ୍ଫୋରକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ଶୁକ୍ରବାର ଦେଇଥିବା ସୂଚନା ଅନୁସାରେ ଉକ୍ତ ୨ କ୍ୟାମ୍ପରେ ୫ ଜଣ ମାଓବାଦୀ ରହିଥିବା ସୂଚନା ମିଳିଥିଲା। ସର୍ଚ୍ଚ ଅପରେଶନ ବେଳେ ସମସ୍ତ ମାଓବାଦୀ ଖସିଯିବାରେ ସକ୍ଷମ ହୋଇଛନ୍ତି। ମାଓବାଦୀ କ୍ୟାମ୍ପରୁ ଡିଟୋନେଟର, ଟିଫିନ୍ ବୋମା, ଜେଲୋଟିନ୍, ଆଇଇଡି ତିଆରି କରିବା ସୂଚନା ପୁସ୍ତକ, ଲୁଗାପଟା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

## ୫୧ ଦିନରେ ହଜାରେ କି.ମି. ଗଲେ କଇଁଛ

**କେନ୍ଦ୍ରାପଡ଼ା, ୧୬।୫(ଜଗନ୍ନାଥ ଧଳ)**



ଗହୀରମଥାକୁ ଅଣ୍ଡାଦାନ କରିବାକୁ ଆସିଥିବା ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଲଗାଯାଇଛି।

ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଜୀବନଚକ୍ର ରହସ୍ୟମୟ। ଏହି କଇଁଛଙ୍କ ସମ୍ପର୍କରେ ଜାଣିବାକୁ ଜୀବ ବିଜ୍ଞାନୀମାନେ ପ୍ରୟାସ ଜାରି ରଖିଛନ୍ତି। ଗତ ମାର୍ଚ୍ଚରେ କେନ୍ଦ୍ରାପଡ଼ା ଜିଲା ଗହୀରମଥାକୁ ଅଣ୍ଡାଦାନ କରିବାକୁ ଆସିଥିବା କଇଁଛଙ୍କ ମଧ୍ୟରୁ ୨ଟି ଅଲିଭ୍‌ରିଡ୍‌ଲେଙ୍କ ଦେହରେ ପ୍ଲାଟଫର୍ମ ଟେଲି ଟ୍ରାନ୍ସମିଟର (ପିଟିଟି) ଲଗାଯାଇଥିଲା। ସାମୁଦ୍ରିକ ଗତିପଥ ଓ ଅନ୍ୟ ବିଷୟରେ ଜାଣିବାକୁ ୱାଇଲ୍ଡଲାଇଫ ଇନ୍‌ଷ୍ଟିଚ୍ୟୁଶନ ଅଫ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ) ପକ୍ଷରୁ ଏହା ଲଗାଯାଇଥିଲା। ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପିଠିରେ ଲାଗିଥିବା ପିଟିଟି ଟ୍ୟାଗକୁ ୫୧ ଦିନ ବିତିଛି। ଏହି ସମୟ ମଧ୍ୟରେ ଅଲିଭ୍‌ରିଡ୍‌ଲେ କଇଁଛ ୧୦୦୦ କି.ମି. ଅତିକ୍ରମ କରିଛନ୍ତି। ଏଥିମଧ୍ୟରେ ପିଟିଟି ଟ୍ୟାଗ ହୋଇଥିବା ବିରଳ ଅଲିଭ୍‌ରିଡ୍‌ଲେ କଇଁଛ ଶ୍ରୀଲଙ୍କା, ପୁଡୁଚେରୀ, ତାମିଲନାଡୁ ଉପକୂଳକୁ ଛୁଇଁ ଆନ୍ଧ୍ରପ୍ରଦେଶ ଉପକୂଳରେ ପହଞ୍ଚିଥିବା ଟ୍ରାକିଂ ଡିଭାଇସରୁ ଶୁକ୍ରବାର ଜଣାପଡ଼ିଛି। ରାଜନଗର ବନଖଣ୍ଡର ଏସିଏଫ୍ ମାନସ କୁମାର ଦାସ କହିଛନ୍ତି , ୨୦୦୧ରେ ଦେବୀ ମୁହାଣରେ ଡବ୍ଲ୍ୟୁଆଇଆଇ ଓ ସ୍ମିଥସନିଆନ ଇନ୍‌ଷ୍ଟିଚ୍ୟୁଶନର ଜୀବ ବିଜ୍ଞାନୀ ଜ୍ୟାକ ଫ୍ରଜର ୪ଟି ଅଲିଭ୍‌ରିଡ୍‌ଲେଙ୍କ ଦେହରେ ପିଟିଟି ସଂଯୋଗ କରିଥିଲେ। ପିଟିଟି ସଂଯୁକ୍ତ ଅଲିଭ୍‌ରିଡ୍‌ଲେଙ୍କ ଗତିପଥ ଶ୍ରୀଲଙ୍କା ତଟକୁ ମୁହାଁଇଥିବାବେଳେ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ବିଶେଷଜ୍ଞମାନେ ପିଟିଟିରୁ ସାଟେଲାଇଟ ମାଧ୍ୟମରେ ଡାଟା ସଂଗ୍ରହ କରି ଏ ସମ୍ପର୍କରେ ବହୁ ତଥ୍ୟ ହାସଲ କରୁଥିବା ସେ ସୂଚନା ଦେଇଛନ୍ତି।

## ଗଛକୁ ପିଟିଲା କାର୍: ୪ ମୃତ

**ବୈପାରିଗୁଡ଼ା,୧୬।୫ (କଳ୍ପତରୁ ମହାନ୍ତି)**

କୋରାପୁଟ ବୈପାରିଗୁଡ଼ା ଥାନା ଏନ୍‌ଏଚ୍-୩୨୬ ଗୌଡ଼ଗୁଡ଼ା ଛକ ନିକଟରେ ଶୁକ୍ରବାର କାର ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗାଡ଼ିଚାଳକ ବିରଞ୍ଚି ବେହେରା, ଅମ୍ବିକାବାଳା ଦାସ, ତାଙ୍କ ବୋହୂ ପଦ୍ମିନୀ ସିଂ ସାମନ୍ତ ଓ ଶଶୀ ବେହେରା। ଦୁର୍ଘଟଣାରେ ଗୁରୁତର ଥିବା ଅମ୍ବିକାଙ୍କ ପୁଅ ସୁର୍ଜିତ୍ ସିଂ ସାମନ୍ତ ଓ ନାତି ପ୍ରିୟାଂଶୁ ସିଂ ଶେଖର ସାମନ୍ତ(୧୨)ଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ପୋଲିସ ଗାଡ଼ିକୁ ଜବତକରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି।






# ଜୁନ୍‌ରେ ଓଡ଼ିଶା ଆସିପାରନ୍ତି ମୋଦି, ଶାହା

**ଭୁବନେଶ୍ୱର, ୧୬।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ରାଜ୍ୟରେ ଭାଜପା ସରକାରର ବର୍ଷପୂର୍ତ୍ତି ସମାରୋହରେ ଯୋଗଦେବା ଲାଗି ମୋଦିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ଆସିପାରନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ଥିବା ସେ ସୂଚନା ଦେଇଛନ୍ତି। ସୁରେଶ କହିଛନ୍ତି, ବର୍ଷପୂର୍ତ୍ତିକୁ ଉତ୍ସବ ଦଳରେ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ଜୁନ୍ ୧୨ରୁ ୧୯ ପର୍ଯ୍ୟନ୍ତ ପାଳନ କରାଇବ। ବର୍ଷକର ରିପୋର୍ଟ କାର୍ଡ ଧରି ରାଜ୍ୟର ୧ କୋଟି ଲୋକଙ୍କ ପରିବାର ନିକଟରେ ସରକାର ପହଞ୍ଚିବେ। ୨୦୨୪ରେ ଭାଜପା ଦେଇଥିବା ୨୧ଟି ନିର୍ବାଚନ ପ୍ରତିଶ୍ରୁତିରୁ ବର୍ଷକ ମଧ୍ୟରେ ୧୧ଟି ପୂରଣ ସରିଲାଣି। ଆଗକୁ ବଳକା ୧୦ ପ୍ରତିଶ୍ରୁତି ପୂରଣ କରାଯିବ। ଆସନ୍ତା ମାସରେ ରାଜ୍ୟରେ ଭାଜପା କ୍ଷମତାସୀନ ହେବାର ବର୍ଷେ ପୂରଣ ହେବାକୁ ଯାଉଥିବାରୁ ସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି।

## ୨୦ କୋଚ୍ ସହ ଗଡ଼ିଲା ହାଓଡା-ପୁରୀ ବନ୍ଦେ ଭାରତ

**ଭୁବନେଶ୍ୱର, ୧୬।୫ (ଅନୁରାଧା ମହାରଣା)**

ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ୨୨୮୯୫/୨୨୮୯୬ ହାଓଡା-ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ୨୫% କୋଚ ବୃଦ୍ଧି ଘୋଷଣା କରିଛି। ଏଥିସହ ଶୁକ୍ରବାରଠାରୁ ଏହି ଏକ୍ସପ୍ରେସ ୧୬ କୋଚ୍ ବଦଳରେ ୨୦ କୋଚ୍ ସହିତ ଚଳାଚଳ ଆରମ୍ଭ କରିଛି। ଏଥିରେ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ ଯୋଡ଼ାଯାଇଥିବା ସୂଚନା ଦିଆଯାଇଛି। ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ଏକ ଅର୍ଦ୍ଧ-ହାଇ-ସ୍ପିଡ୍ ଟ୍ରେନ୍, ଯାହା ପଶ୍ଚିମବଙ୍ଗର ହାଓଡା ଜଙ୍କ୍‌ଶନକୁ ପୁରୀ ସହିତ ସଂଯୋଗ କରୁଛି। ଏହି ଟ୍ରେନ ପ୍ରାୟ ୬.୫ ଘଣ୍ଟାରେ ୫୦୦ କି.ମି. ଦୂରତା ଯାତ୍ରା କରିଥାଏ। ଏହି ଟ୍ରେନ ଗୁରୁବାର ବ୍ୟତୀତ ସପ୍ତାହରେ ୬ଦିନ ଚଳାଚଳ କରିଥାଏ। ୭ଟି ଷ୍ଟେଶନ ଖୋର୍ଦ୍ଧା ରୋଡ୍ ଜଙ୍କ୍‌ଶନ, ଭୁବନେଶ୍ୱର, କଟକ, ଯାଜପୁର-କେଉଁଝର ରୋଡ୍, ଭଦ୍ରକ, ବାଲେଶ୍ୱର ଏବଂ ଖଡ଼ଗପୁର ଜଙ୍କ୍‌ଶନଠାରେ ରହଣି କରିଥାଏ। ବନ୍ଦେ ଭାରତ ଏକ୍ସପ୍ରେସରେ ଅତ୍ୟାଧୁନିକ ସୁବିଧା ଯଥା ଅନ-ବୋର୍ଡ ୱାଇ-ଫାଇ, ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ, ବାୟୋ-ଭାକ୍ୟୁମ ଶୌଚାଳୟ ଏବଂ ଆରାମଦାୟକ ବସିବା ବ୍ୟବସ୍ଥା ରହିଛି।







ଜଣେ ଯାହା କିଛି କାର୍ଯ୍ୟ କରୁ- ସବୁଥିରୁ ଆନନ୍ଦ ପାଇବା ଉଚିତ । ଏପରି କି ଯେଉଁ କାର୍ଯ୍ୟ ତୁଚ୍ଛ ମନେ ହୁଏ, ତା'ପଛରେ ମଧ୍ୟ ଗଭୀର ରହସ୍ୟ ନିହିତ ଥାଏ । -ଶ୍ରୀମା



# ପ୍ରତିରକ୍ଷାର ଅଦୃଶ୍ୟ ରେଖା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କିଛିଦିନ ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ଶତ୍ରୁତା ପ୍ରଶମିତ ହେବା ସହ ଉତ୍ତେଜନା ଥମିଯାଇଛି । କିନ୍ତୁ ତୁମର ପଡ଼ୋଶୀ ଯଦି ସୀମା ଟପି ଗୋଳାବାରୁଦ ପକାଏ, ତେବେ ସୁରକ୍ଷା ପାଇଁ ତୁମ ପାଖରେ କିଛି ଯୋଜନା ରହିବା ଦରକାର । ପାକିସ୍ତାନର ଏଭଳି ଆକ୍ରମଣାତ୍ମକ ମନୋଭାବକୁ ଦେଖି ଭାରତ ଯୋଜନା କରିଛି । ଏହି ଯୋଜନା କ୍ଷେପଣାସ୍ତ୍ର ଏବଂ ଆଲୋଚନା ବିଷୟରେ ନୁହେଁ, ବରଂ ଏହା ହେଉଛି ବଙ୍କର ସମ୍ପର୍କିତ । ଏହି ଭୂତଳ ଆଶ୍ରୟସ୍ଥଳଗୁଡ଼ିକ ଜମ୍ମୁ-କଶ୍ମୀର ବିଶେଷକରି ଲାଇନ ଅଫ୍ କଣ୍ଟ୍ରୋଲ ନିକଟରେ ବିଛାଇହୋଇ ରହିଛି । ଏଗୁଡ଼ିକ ଏବକାର ଉତ୍ତେଜନା ପ୍ରକାଶ ପାଇବାର ବହୁ ପୂର୍ବରୁ ନିର୍ମାଣ ହୋଇଥିଲା । ଏସବୁ ବଙ୍କର କେବଳ ସେନା ପ୍ରସ୍ତୁତି ପାଇଁ ନୁହେଁ, ଏହା ବାସ୍ତବରେ ନାଗରିକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ । ନିକଟରେ ହୋଇଥିବା ଯୁଦ୍ଧରେ ପୁଞ୍ଚ ଅଞ୍ଚଳରେ ଏହା ଅଧିକ କାମ କରିନାହିଁ ବୋଲି ଜଣାପଡ଼ିଥିଲା । କାରଣ ଆକାଶ ଅଶାନ୍ତ ହୋଇଯିବାବେଳେ ସୀମା ନିକଟରେ ଥିବା ନାଗରିକମାନଙ୍କୁ ଅନ୍ୟତ୍ର ଚାଲିଯିବାକୁ ପଡ଼ିଥିବା ବାବୁମାନେ କହିଛନ୍ତି । ସେମାନଙ୍କ ମତରେ ଏହା କୌଣସି ଆରାମଦାୟକ ସ୍ଥଳୀ ନୁହେଁ । ଏହା ଖୁବ୍ ମଜଭୁତ ଓ ଜରୁରୀ ସମୟରେ ଜୀବନ ବଞ୍ଚାଏ । ସୂତ୍ରରୁ ଜଣାପଡ଼ିଛି, ଏହି ବଙ୍କରଗୁଡ଼ିକ ପାରମ୍ପରିକ ଯୁଦ୍ଧ ପାଇଁ ନୁହେଁ । ଭାରତ ଏଭଳି ସୁଦୃଢ଼ ତଥା ବିଶାଳ ବଙ୍କଗୁଡ଼ିକୁ ଆଣବିକ ଆକ୍ରମଣରୁ ସୁରକ୍ଷା ଲାଗି ନିର୍ମାଣ କରିଛି । ବେଳେବେଳେ ସୁରକ୍ଷା ଲଢୁଆ ବିମାନ ଓ ଉଚ୍ଚସ୍ତରୀୟ ଆଲୋଚନାରେ ହୁଏ ନାହିଁ । ବେଳେବେଳେ ଏହା ଯୋଗାଣ, ସୁରକ୍ଷିତ ସ୍ଥାନ ଓ ଏକ ଯୋଜନା ଦ୍ୱାରା ସମ୍ଭବ ହୋଇଥାଏ । ପ୍ରତିରକ୍ଷାର ଅଦୃଶ୍ୟ ରେଖା ଭାବେ ଦୃଢ଼ କଂକ୍ରିଟ ବଙ୍କରଗୁଡ଼ିକ ସୂଚାଇ ଦିଏ ଯେ ପ୍ରକୃତ ପ୍ରତିରକ୍ଷା ଭୂତଳରୁ ଆରମ୍ଭ ହୋଇଛି । ଏହା କେବଳ ସେନା ପାଇଁ ନୁହେଁ, ନାଗରିକଙ୍କ ସୁରକ୍ଷା ବି ଏଥିରେ ଜଡ଼ିତ ରହିଛି ।

### ୨ ବ୍ୟାଚ୍‌ର କ୍ଷମତା ଲଢ଼େଇ

ଶୀର୍ଷ ପ୍ରଶାସନିକ ପଦବୀରେ ପହଞ୍ଚିବା ପାଇଁ ସିଭିଲ ସର୍ଭାଣ୍ଟଙ୍କ ପ୍ରତିଯୋଗୀ ମନୋଭାବ ଥିବାବେଳେ ସମାନ ବ୍ୟାଚ୍‌ର ଅଧିକାରୀଙ୍କ ଭିତରେ ମଧ୍ୟ ପାରସ୍ପରିକ ବିଶ୍ୱାସ ରହଥାଏ । କିନ୍ତୁ ୧୯୮୯ ଓ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ଯେଉଁଭଳି ସୂକ୍ଷ୍ମ କ୍ଷମତା ଲଢ଼େଇ ଅଛି ତାହା ଅନ୍ୟ କୌଣସି ବ୍ୟାଚ୍‌ରେ ଅଧିକ ସ୍ପଷ୍ଟ ନୁହେଁ । ତେବେ ୧୯୮୯ ବ୍ୟାଚ୍‌ରୁ ଆରମ୍ଭ କରିବା । ସେମାନେ ଆରମ୍ଭରୁ ଯୋଜନାବଦ୍ଧ ଭାବେ ଦିଲ୍ଲୀ ଓ ଜମ୍ମୁ-କଶ୍ମୀର ଭଳି ଦେଶର ହଟ୍ ଜୋନ୍‌ରେ ନିଜକୁ ଅବସ୍ଥାପିତ କରିଛନ୍ତି । ଅଟଳ ଡୁଲ୍ଲୁ ସମ୍ବେଦନଶୀଳ ଜମ୍ମୁ-କଶ୍ମୀର ଅଞ୍ଚଳକୁ ନିୟନ୍ତ୍ରଣ କରୁଥିବାବେଳେ ଧର୍ମେନ୍ଦ୍ର ଦିଲ୍ଲୀର ଅମଲାତାନ୍ତ୍ରିକ କ୍ଷେତ୍ରକୁ ସଞ୍ଚାଳନ କରୁଛନ୍ତି । ଏହା ସହ ଗୁଜରାଟ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର ଏବଂ କର୍ଣ୍ଣାଟକରେ ଏହି ବ୍ୟାଚ୍ କେବଳ କାମ କରିବାକୁ ନୁହେଁ, ବରଂ ନିୟନ୍ତ୍ରଣ କରିବାକୁ ଆସିଥିଲେ । ଏବେ ଦିଲ୍ଲୀ କିମ୍ବା ଶ୍ରୀନଗରରେ ୧୯୯୧ ବ୍ୟାଚ୍ ପ୍ରାୟତଃ ନାହାନ୍ତି, କିନ୍ତୁ ସେମାନେ ସାତଟି ରାଜ୍ୟରେ ଖେଳାଇ ହୋଇ ରହିଛନ୍ତି, ଯାହା ଏକ ବିଶାଳ ପ୍ରଶାସନିକ ଶକ୍ତି । ତାମିଲନାଡୁ ଓ ପଶ୍ଚିମବଙ୍ଗଠାରୁ ଆରମ୍ଭକରି କେରଳ, ଅରୁଣାଚଳ ଓ ନାଗାଲାଣ୍ଡ ପର୍ଯ୍ୟନ୍ତ ୧୯୯୧ ବ୍ୟାଚ୍ ଅଧିକାରୀମାନେ କଠିନ ତଥା ସମସ୍ୟାବହୁଳ ଅଞ୍ଚଳର ଭୌଗୋଳିକ ତଥା ରାଜନୈତିକ ସ୍ଥିତିର ସଞ୍ଚାଳନ କରୁଛନ୍ତି । ୧୯୮୯ ବ୍ୟାଚ୍ କେନ୍ଦ୍ରଶାସିତ ଅଞ୍ଚଳ ଓ ଅଧିକ ସମସ୍ୟାରେ ଥିବା ସୀମାନ୍ତ ରାଜ୍ୟଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି । ଅନ୍ୟପଟେ ୧୯୯୧ ବ୍ୟାଚ୍ ଅଧିକ ରାଜ୍ୟରେ ଗୁରୁଦାୟିତ୍ୱ ସମ୍ଭାଳୁଛନ୍ତି । ଗୋଟିଏ କଥା ସ୍ପଷ୍ଟ ଯେ, ଭାରତରେ ଶାସନ କେବଳ ନୀତିର ବିଷୟ ନୁହେଁ, ବରଂ ପଦବୀର । ବେଳେବେଳେ ଅମଲାତାନ୍ତ୍ରିକ ତନ୍ତ୍ରକୁ ସକ୍ରିୟ ରଖିବାକୁ ବ୍ୟାଚ୍ ମଧ୍ୟରେ ସାମାନ୍ୟ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ ।

### ପ୍ରକ୍ରିୟାଗତ ତ୍ରୁଟି

ଆଇଏଏସ୍ ଅଧିକାରୀ ଏନ୍. ପ୍ରଶାନ୍ତଙ୍କ ନିଲମ୍ବନକୁ କେରଳ ସରକାର ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି । ଏହା କେବଳ ଏକ ଅସ୍ୱାଭାବିକ ସ୍ଥିତି ନୁହେଁ, ବରଂ ସମ୍ପୂର୍ଣ୍ଣ ଅପାରଦର୍ଶିତାକୁ ସୂଚାଉଛି । ୨ ସପ୍ତାହ ମଧ୍ୟରେ ଦୁଇଟି ନିଲମ୍ବନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମଟି ଏପ୍ରିଲ ୨୩ରେ ବିଦାୟୀ ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଓ ଏଥିରେ ନିଲମ୍ବନ ଉଠାଇନେବାକୁ ସୁପାରିସ କରାଯାଇଥିବା ଜଣାପଡ଼ିଛି । ଏହାର କିଛିଦିନ ପରେ ଦ୍ୱିତୀୟ ବୈଠକ ନୂଆ ମୁଖ୍ୟ ଶାସନ ସଚିବ ଏ. ଜୟତିଳକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା, ଯିଏ କି ପ୍ରଶାନ୍ତଙ୍କ ସହ ତାଙ୍କ ଝଗଡ଼ାକୁ ନେଇ ସେ ବେଶ୍ ଜଣାଶୁଣା । ଏହି ବୈଠକରେ ପ୍ରଶାନ୍ତଙ୍କ ନିଲମ୍ବନ ଅବଧି ବଢ଼ାଇବା ଲାଗି ସୁପାରିସ କରାଯାଇଥିଲା । ସର୍ବଭାରତୀୟ ସେବା ଆଇନ (ଏଆଇଏସ୍) ଅନୁଯାୟୀ, ଜଣେ ଅଧିକାରୀଙ୍କୁ ୬ ମାସରୁ ଅଧିକ ନିଲମ୍ବନ ପାଇଁ କେନ୍ଦ୍ରର ଅନୁମତି ଦରକାର । କିନ୍ତୁ ପ୍ରଶାନ୍ତଙ୍କ ମାମଲାରେ କେନ୍ଦ୍ର ସରକାରଙ୍କ ସହମତି ଲୋଡ଼ାଯାଇଥିଲା ନା ଗ୍ରହଣ କରାଯାଇଥିଲା ତାହା ଉପରେ କିଛି କୁହାଯାଇନାହିଁ । ବୈଧାନିକ ଆବଶ୍ୟକତାକୁ ଅଣଦେଖା କରିବା ଏକ ପ୍ରକ୍ରିୟାଗତ ତ୍ରୁଟି । ଗୋଟିଏ ଦିଗରୁ ଦେଖିବାକୁ ଗଲେ ଏହା ପ୍ରକ୍ରିୟାଗତ ଅସ୍ପଷ୍ଟତାର ସମସ୍ୟାବହୁଳ ସ୍ଥିତି । ଅନ୍ୟପଟେ, ଏହା ଶାସନ ନାମରେ ପ୍ରତିଶୋଧର ଏକ ଭାବନ ଭଳି ମନେହୁଏ । ଏହା ନିଶ୍ଚିତ ଯେ, ସିଭିଲ ସର୍ଭାଣ୍ଟମାନେ ଆଇନର ଉର୍ଦ୍ଧ୍ୱରେ ନୁହନ୍ତି, କିନ୍ତୁ ସେମାନଙ୍କୁ ପରିଚାଳନା କରୁଥିବା ବ୍ୟବସ୍ଥା ଏମିତି ହେବା ଉଚିତ ନୁହେଁ । ଯଦି ଆଇନ ସବୁକିଛି, ତେବେ ରାଜ୍ୟକୁ ଠିକ୍ ପ୍ରକ୍ରିୟାରେ ଚାଲିବାକୁ ପଡ଼ିବ ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 4 | 6 | |
| | 8 | | | | | | 7 | |
| 4 | | 9 | | 7 | | | | |
| 7 | | | | | 1 | 3 | | |
| | | 4 | | | 5 | | 9 | |
| | 2 | | | 8 | | | | 6 |
| | | | | | 3 | | | |
| | 4 | | | | | | 2 | |
| 2 | 1 | | 5 | | 9 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 5 | 9 | 4 | 2 | 3 | 7 | 1 |
| 3 | 1 | 2 | 7 | 5 | 6 | 4 | 8 | 9 |
| 9 | 7 | 4 | 8 | 3 | 1 | 5 | 2 | 6 |
| 7 | 4 | 6 | 2 | 9 | 3 | 1 | 5 | 8 |
| 1 | 8 | 3 | 4 | 6 | 5 | 2 | 9 | 7 |
| 5 | 2 | 9 | 1 | 7 | 8 | 6 | 3 | 4 |
| 6 | 9 | 7 | 3 | 2 | 4 | 8 | 1 | 5 |
| 4 | 3 | 8 | 5 | 1 | 7 | 9 | 6 | 2 |
| 2 | 5 | 1 | 6 | 8 | 9 | 7 | 4 | 3 |

ଗତକାଲିର ଉତ୍ତର

# ମଦ୍ୟପାନର ସାମାଜିକ ପ୍ରଭାବ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମଦ୍ୟପାନର ଇତିହାସ ଯେତିକି ପୁରାତନ, ତା'ର ଭୟାବହ ନକାରାତ୍ମକ ପରିଣାମ ସହିତ ଆମର ପରିଚିତି ମଧ୍ୟ ସେତିକି ଆଦିମ । ତେବେ ବଡ଼ ବିସ୍ମୟର କଥା ଯେ ଆଜିର ସ୍ୱାସ୍ଥ୍ୟ ସଚେତନ ଯୁଗରେ ମଧ୍ୟ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶରେ ତାହା ବଢ଼ି ବଢ଼ି ଚାଲିଛି ବୋଲି ସୂଚିତ କରିଛି ସ୍ୱାସ୍ଥ୍ୟ ବିଜ୍ଞାନ ପତ୍ରିକା 'ଲାନସେଟ୍' ତା'ର ୨୦୨୨ ମସିହାରେ ପ୍ରକାଶିତ ଏକ ରିପୋର୍ଟରେ । ଏଥି ଅନୁଯାୟୀ ପ୍ରତି ୩ ବର୍ଷରେ ଏହା ପ୍ରାୟ ୮ ପ୍ରତିଶତ ବୃଦ୍ଧିପ୍ରାପ୍ତ ହେଉଛି ଏବଂ ଏହି ମଦ୍ୟପଙ୍କ ମଧ୍ୟରୁ ଅଧାରୁ ଅଧିକ ତାହା କରୁଛନ୍ତି 'ଅତି ବିପଜ୍ଜନକ' ଭାବେ ।

ଇତିମଧ୍ୟରେ କାନାଡାର ଟୋରେଣ୍ଟସ୍ଥିତ ସେଣ୍ଟର ଫର ଆଡିକ୍ସନ ଏଣ୍ଡ ମେଣ୍ଟାଲ ହେଲ୍‌ଥ ଏବଂ ଜର୍ମାନୀର ଟେକ୍ନିସ୍ଚେ ୟୁନିଭରସିଟାଟ୍ ଡ୍ରେସଡେନ ମିଳିତ ଭାବେ ବିଶ୍ୱର ୧୮୯ଟି ଦେଶରେ ମଦ୍ୟପାନ ସମ୍ପର୍କରେ ସର୍ବେକ୍ଷଣଟିଏ କରିଛନ୍ତି । ତହିଁରୁ ଜଣାପଡ଼ିଛି ଯେ ୧୯୯୦ ରୁ ୨୦୧୭ ମସିହା ମଧ୍ୟରେ ଏହା ପ୍ରାୟ ୭୦ ଶତାଂଶ ବୃଦ୍ଧି ପାଇଛି । ପୁନଶ୍ଚ ଉଚ୍ଚ ଆୟକାରୀ ଦେଶମାନଙ୍କରେ ଏ ପରିମାଣ ଅପରିବର୍ତ୍ତିତ କିମ୍ବା କମ୍ ହେଲା ବେଳେ ଭାରତ ଭଳି ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ଏହା ଅଧିକ ହୋଇଛି । ଉଦାହରଣ ସ୍ୱରୂପ ୟୁରୋପରେ ୨୦୧୦ରୁ ୨୦୧୭ ମସିହା ମଧ୍ୟରେ ମୁଣ୍ଡ ପିଛା ବାର୍ଷିକ ମଦ୍ୟପାନ ୧୨ ଶତାଂଶ ହ୍ରାସ ପାଇଛି । କିନ୍ତୁ ତାହା ଦକ୍ଷିଣ ପୂର୍ବ ଏସୀୟ ଦେଶମାନଙ୍କରେ ୩୪ ଶତାଂଶ ବୃଦ୍ଧି ହୋଇଛି । ତେବେ ସାମଗ୍ରିକ ଭାବେ ସାରା ବିଶ୍ୱରେ ସର୍ବାଧିକ ମଦ୍ୟପାନକାରୀ ହୋଇଥିବା ୪୦ରୁ ୬୪ ବର୍ଷୀୟ ଲୋକଙ୍କ ମଧ୍ୟରେ ଏହା ୫.୬୩ ଶତାଂଶ, ୧୫ରୁ ୩୯ ବର୍ଷୀୟଙ୍କ ମଧ୍ୟରେ ୫.୨୮ ଶତାଂଶ ଏବଂ ବୟସ୍କ ଲୋକଙ୍କ ମଧ୍ୟରେ ୨.୮୮ ଶତାଂଶ ହାରରେ ବଢ଼ିଛି । ଏହି ଧାରା ଅବ୍ୟାହତ ରହିଲେ ତଦ୍ୱାରା ଗଭୀର ରୂପେ ପ୍ରଭାବିତ ହେବ ଅର୍ଥନୀତି, ଜନସ୍ୱାସ୍ଥ୍ୟ ଓ ସମ୍ଭାବ୍ୟ ଆୟୁଷ, ସାମାଜିକ ତଥା ପାରିବାରିକ ଜୀବନ ।

ଆମ ଦେଶର ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେର ଆକଳନ ଅନୁସାରେ ଏଠାର ପ୍ରାୟ ୨୧ ଶତାଂଶ ପୁରୁଷ ଏବଂ ୨ ଶତାଂଶ ନାରୀ ମଦ୍ୟପାନ କରିଥାନ୍ତି । ତେବେ ଚିନ୍ତାର ବିଷୟ ହେଲା, ଆମ ଯୁବଗୋଷ୍ଠୀ ଏଥିପ୍ରତି ଅଧିକରୁ ଅଧିକ ଆକର୍ଷିତ ହେବାରେ ଲାଗିଛନ୍ତି । ଅତଏବ ୧୫ ବର୍ଷ ପୂର୍ବେ ୨୧ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା ୨ ଶତାଂଶ ଥିଲାବେଳେ ଏବେ (୨୦୨୩-୨୦୨୪ ମସିହାରେ) ତାହା ପହଞ୍ଚିଯାଇଛି ୧୪ ଶତାଂଶରେ । ପୁନଶ୍ଚ ବିଗତ ୨୦ ବର୍ଷ ମଧ୍ୟରେ ମଦ୍ୟପାନ ଆରମ୍ଭ କରିବାର ବୟସ ୧୯ ବର୍ଷରୁ ହ୍ରାସ ପାଇଛି ୧୩ ବର୍ଷକୁ । ଅନ୍ୟପକ୍ଷରେ, ଏ କ୍ଷେତ୍ରରେ ନୂତନ ସମସ୍ୟା ସୃଷ୍ଟି କରିଛି ବେଆଇନ ମଦ କାରବାର । 'ଇଣ୍ଟରନ୍ୟାଶନାଲ ସ୍ପିରିଟ୍ ଆଣ୍ଡ୍ ୱାଇନ ଆସୋସିଏଶନ ଅଫ୍ ଇଣ୍ଡିଆ' ଏଠାରେ ପ୍ରତିବର୍ଷ ବିକ୍ରୟ ହେଉଥିବା ପ୍ରାୟ ୫ ବିଲିୟନ ଲିଟର ମଦରୁ ୪୦ ଶତାଂଶ ବେଆଇନ ଭାବେ ପ୍ରସ୍ତୁତ ହେଉଥିବାର



ଆକଳନ କରିଛି । ଅନେକସ୍ଥଳେ ତାହା ଅପମିଶ୍ରିତ ଏବଂ ବିଷାକ୍ତ ହୋଇଥିବାରୁ ୨୦୧୬ରୁ ୨୦୨୦ ମସିହା ମଧ୍ୟରେ ଏହା ୬,୧୭୨ ଲୋକଙ୍କର ପ୍ରତ୍ୟକ୍ଷ ମୃତ୍ୟୁ (ପରୋକ୍ଷ ମୃତ୍ୟୁର ଆକଳନ ସମ୍ଭବ ନୁହେଁ, ତେବେ ତାହା ନିଶ୍ଚୟ ଖୁବ୍ ବେଶି) କାରଣ ହୋଇଥିବାର ଜଣାପଡ଼ିଛି । ନିକଟରେ ପଞ୍ଜାବରେ ବିଷାକ୍ତ ମଦପିଇ ୨୧ ଜଣଙ୍କର ମୃତ୍ୟୁ ଘଟିଛି । ଭାରତରେ ନିୟମିତ ଭାବେ ଏଭଳି ମୃତ୍ୟୁ ହୋଇଚାଲିଛି ।

ଏସବୁ ଦୃଷ୍ଟିରୁ ଦେଶକୁ ମଦମୁକ୍ତ କରିବା ଲାଗି କେତେକ ମହଲରେ ନିୟମିତ ଆନ୍ଦୋଳନ ଚାଲିଛି । ତେବେ ତିନୋଟି ମୁଖ୍ୟ କାରଣ ଦର୍ଶାଇ ସରକାର ଏଥିରୁ ନିବୃତ୍ତ ରହୁଛନ୍ତି । ତନ୍ମଧ୍ୟରୁ ପ୍ରଥମଟି ହେଲା ଅର୍ଥନୈତିକ । କୁହାଯାଉଛି ଯେ ଅନେକ ରାଜ୍ୟର ମଦ ବ୍ୟବସାୟ ହେଉଛି ରାଜସ୍ୱ ଆୟର ପନ୍ଥା । ସେହିପରି ଦ୍ୱିତୀୟ କାରଣ ରୂପେ ଉପସ୍ଥାପିତ କରାଯାଉଛି ମଦ୍ୟପାନର ସ୍ୱାସ୍ଥ୍ୟ ଉପରେ ସୁପ୍ରଭାବ । ଶେଷରେ ତୃତୀୟ ଯୁକ୍ତିଟି ହେଲା ମଦ ବିକ୍ରୟ ବନ୍ଦ କରି ଦିଆଗଲେ ଅପମିଶ୍ରିତ ବେଆଇନ ମଦର କାରବାର ବଢ଼ିବ । ତେବେ ବିବିଧ ଅଧ୍ୟୟନରୁ ଏସବୁର ଅସାରତା ପ୍ରମାଣିତ ହେଲାଣି ।

ପ୍ରଥମେ ଚାଲନ୍ତୁ ମଦର ଅର୍ଥନୈତିକ ଦିଗ କଥା ବିଚାରକୁ ନେବା-'ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ ଡ୍ରଗ୍ ପଲିସି'ର ଜୁଲାଇ ୨୦୧୯ ସଂଖ୍ୟାରେ ସୂଚିତ କରାଯାଇଛି ଯେ ସମଗ୍ର ବିଶ୍ୱରେ ମଦ୍ୟପାନ ସହିତ ସମ୍ପୃକ୍ତ ବିବିଧ କାରଣରୁ ସମୁଦାୟ ଘରୋଇ ଉତ୍ପାଦ ବା 'ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ'କୁ ଘୋର କ୍ଷତି ପହଞ୍ଚିଛି, ବିଭିନ୍ନ ଦେଶରେ ଏହା ୦.୪୫ ଶତାଂଶରୁ ପ୍ରାୟ ୫.୪୪ ଶତାଂଶ ପର୍ଯ୍ୟନ୍ତ । ତେବେ ସାମଗ୍ରିକ ଭାବେ ସାରା ବିଶ୍ୱରେ ଏହା ୩.୩ ଶତାଂଶରୁ ଅଧିକ । ସ୍ୱାସ୍ଥ୍ୟଜନିତ ସମସ୍ୟା, ସାମାଜିକ ତଥା ଘରୋଇ ହିଂସା ବୃଦ୍ଧି, ଦୁର୍ଘଟଣା ସମ୍ବନ୍ଧରେ ଅବକ୍ଷୟ ଆଦିର ଏଥିକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ମଦର ପ୍ରଚଳନ କଦାପି ଲାଭଜନକ ନୁହେଁ ।

ଏବେ ଆସିବା ଜନସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବକୁ । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁସାରେ ୨୦୧୮-୧୯ରେ ବିଶ୍ୱରେ ମଦ୍ୟପାନଜନିତ ଅକାଳ ମୃତ୍ୟୁ ଘଟିଥିଲା ପ୍ରାୟ ୨.୮ ନିୟୁତ ଲୋକଙ୍କର ଏବଂ ଅକର୍ମଣ୍ୟ ହୋଇଥିଲେ ପ୍ରାୟ ୧୩୬.୬ ନିୟୁତ । ପୁନଶ୍ଚ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ୧୮.୫ ଶତାଂଶ କର୍କଟ ରୋଗୀ, ୧୪.୬ ଶତାଂଶ ଯକୃତ ପ୍ରଦାହରୋଗୀ ଏବଂ ୩୮.୭ ଶତାଂଶ ବିଭିନ୍ନ କ୍ଷତିଗ୍ରସ୍ତ ରୋଗୀ ହେଉଛନ୍ତି ମାତ୍ରାଧିକ ମଦ୍ୟପାନକାରୀ । ଆମ ଦେଶରେ ଏ ପ୍ରକାର ଅଣ ସଂକ୍ରମଣକାରୀ ରୋଗରେ ଆକ୍ରାନ୍ତ ରୋଗୀଙ୍କ ମଧ୍ୟରୁ ଏମାନେ ହେଲେ ଏକପଞ୍ଚମାଂଶ ।

କୌଣସି ମାତ୍ରାରେ ମଧ୍ୟ ମଦ୍ୟପାନ ନିରାପଦ ନୁହେଁ । ସ୍ୱାସ୍ଥ୍ୟ ଉପରେ ଏହାର କିଛିନା କିଛି କୁପ୍ରଭାବ ରହିଛି । ଏପରିସ୍ଥଳେ ଏହା ଆଦୌ ନ କରିବା ପାଇଁ ନିକଟରେ ଉପଦେଶ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଅନ୍ୟପକ୍ଷରେ ଆଜକୁ ପ୍ରାୟ ଏକ ଦଶକ ପୂର୍ବେ ଇଣ୍ଟରନ୍ୟାଶନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍ସର ମଦକୁ ଏକ ବିଷାକ୍ତ ତଥା ପ୍ରଥମ ଶ୍ରେଣୀର କର୍କଟ ରୋଗୀକାରୀ ରୂପେ ଘୋଷଣା କରିଥିଲା । ଏହା ଆମ ମସ୍ତିଷ୍କଠାରୁ ଆରମ୍ଭ କରି ଶରୀରର ଅଧିକାଂଶ ଅଙ୍ଗ ପ୍ରତ୍ୟଙ୍ଗର କ୍ରିୟାକଳାପକୁ ପ୍ରଭାବିତ କରେ । ଏଣୁ ଏହାଠାରୁ ଦୂରେଇ ରହିବା ଉଚିତ ବୋଲି ଏହା ମତ ଦେଇଥିଲା ।

ମଦ୍ୟପାନର ସାମାଜିକ ତଥା ପାରିବାରିକ ଜୀବନ ଉପରେ ପ୍ରଭାବ ମଧ୍ୟ ବେଶ୍ ଅଧିକ । ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍‌ସେସ୍ ବା ନିମହାନସ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣ ଅନୁସାରେ ଏହା ସହରର ନିକଟବର୍ତ୍ତୀ ବସ୍ତିମାନଙ୍କରେ ବାସ କରୁଥିବା ନିମ୍ନ ଆୟକାରୀ ବର୍ଗଙ୍କ ମଧ୍ୟରେ ଅର୍ଦ୍ଧାଧିକ ଲୋକଙ୍କର ଆୟ ତୁଳନାରେ ମଦ୍ୟପାନରେ ବ୍ୟୟ ଅଧିକ । ଏହା ସୃଷ୍ଟି କରୁଥିବା ପାରିବାରିକ ହିଂସା ତଥା ବିବିଧ ଅସାମାଜିକ କାର୍ଯ୍ୟକଳାପର ମୂଲ୍ୟାୟନ କରାଗଲେ ତାହା ନିୟୁତ ନିୟୁତ ଟଙ୍କା ସହିତ ସମାନ ହେବ । ଆମ ଦେଶର କେତେ ଗ୍ରାମାଞ୍ଚଳ ଏବଂ ବହୁ ସହରାଞ୍ଚଳର ଅବସ୍ଥା ସେହି ଏକାପ୍ରକାର । ସୂଚନାଯୋଗ୍ୟ ଯେ ଆମ ରାଜ୍ୟରେ ୧୧ ଶତାଂଶ ଚାକିରି ହରାଇବା, ୧୨ ଶତାଂଶ ସମ୍ପତ୍ତି ହାନି ଘଟିବା ଏବଂ ୪୩ ଶତାଂଶ ପିଲା ଶିକ୍ଷାରୁ ବିରତ ରହିବାର ଏହା ହେଉଛି କାରଣ ।

ଆମ ଦେଶର ସମ୍ବିଧାନର 'ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ'(ଡିରେକ୍ଟିଭ ପ୍ରିନ୍ସିପଲସ୍)ରେ ମଦ୍ୟପାନ ନିଷେଧକୁ ଅଗ୍ରାଧିକାର ଦେବାର ବ୍ୟବସ୍ଥା ରହିଛି । ଏହା କରିବା ଦାୟିତ୍ୱ ରାଜ୍ୟମାନଙ୍କର । ତେବେ ରାଜସ୍ୱ ହାନିର କାରଣ ଦର୍ଶାଇ ଏହା କରିବାକୁ ସେମାନେ ରାଜି ନୁହନ୍ତି । ଅନ୍ୟପକ୍ଷରେ, ଏ ଯୁକ୍ତିର ଅସାରତା ପ୍ରମାଣିତ ହୋଇଛି ବିହାର ଓ ଗୁଜରାଟ ଭଳି ମଦମୁକ୍ତ ରାଜ୍ୟମାନଙ୍କରେ । ସେହିପରି ମଦ୍ୟପାନ ନିଷେଧ କରାଗଲେ ତଦ୍ୱାରା ବେଆଇନ ତଥା ବିଷାକ୍ତ ଅପମିଶ୍ରିତ ମଦର ପ୍ରସାର ଘଟିବ ବୋଲି କରାଯାଉଥିବା ଯୁକ୍ତି ମଧ୍ୟ ନିରାଧାର । ଏହା ରୋକିବାରେ ଅକ୍ଷମତା ସରକାରଙ୍କ ଅପାରଗତା କିମ୍ବା ଅନିଚ୍ଛାକୁ ପ୍ରମାଣିତ କରେ ।

ସୂଚନାଯୋଗ୍ୟ ଯେ ବିଗତ ଜାନୁଆରୀ ୩ ତାରିଖ(୨୦୨୫) ଦିନ ଆମେରିକାର 'ସର୍ଜନ ଜେନେରାଲ୍' ଡାକ୍ତର ବିବେକ ମୂର୍ତ୍ତି ମଦ ବୋତଲ ଉପରେ ଏହାର ବିଷାକ୍ତ ପରିଣାମଗୁଡ଼ିକ ସମ୍ପର୍କରେ ସୂଚନା ଦେଇ ଜନସଚେତନତା ସୃଷ୍ଟି କରିବାକୁ ତାଙ୍କ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି । ଏବେ ଦକ୍ଷିଣ କୋରିଆ, ନରୱେ, ଥାଇଲାଣ୍ଡ, କାନାଡା ଭଳି କେତେକ ଦେଶରେ ଏହା କରାଯାଉଛି । ପରିଣାମ ସ୍ୱରୂପ ସେଠାରେ ମଦ୍ୟପାନ ହ୍ରାସ ପାଉଛି ବୋଲି କୁହାଯାଉଛି । ଏଣୁ ଆମ ସରକାର ବିନା ଦ୍ୱନ୍ଦ୍ୱ ବା ବିବାଦର ସମ୍ମୁଖୀନ ହୋଇ ତାହା କରିପାରନ୍ତେ ।

**ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି, ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦**

# ସେବା ଓ ସେବକ



ଧ୍ରୁବ ଚରଣ ଘିବେଲା

ସେବା ଯେ କରେ ସେ ସେବାକାରୀ । ସେ ସେବକ । ସେବା ପୁଣି ନିଃସ୍ୱାର୍ଥପର ନିରଳସ ଥିଲେ ସେଇ ସେବା ବାସେ ମହମହ । ସେଇ ସେବାର ମହମହ ମହକ ସୀମିତ ଇଲାକାରେ ସୀମାବଦ୍ଧ ରହେ ନାହିଁ । ସେ ମହକ ବିଚ୍ଛୁରିତ ହୁଏ ମାଟିରୁ ଆକାଶ ପର୍ଯ୍ୟନ୍ତ, ବ୍ୟାପ୍ତ ହୁଏ ଦିଗବିଦିଗକୁ । ସେବାର ବଳିଷ୍ଠ ଉଦାହରଣ ଫ୍ଲୋରେନ୍ସ ନାଇଟିଙ୍ଗେଲ ଓ ମଦର ଟେରେସା । ପୀଡ଼ିତ ସୈନିକଙ୍କୁ ପ୍ରଥମେ ସେବା ପ୍ରଦାନ କରିଥିଲେ ଇଂଲଣ୍ଡର ସେଇ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲ କ୍ରିମିଆନ ଯୁଦ୍ଧରେ । ସେତେବେଳେ ସେ ପରିଚିତ ଥିଲେ 'ଲେଡ଼ି ଉଇଥ୍ ଦି ଲ୍ୟାମ୍ପ' । ତାଙ୍କ ସେବାର ମହକ ଏତେ ବଳିଷ୍ଠ ଥିଲା ଯେ ତାହା ନିର୍ଦ୍ଦିଷ୍ଟ ଭୂମିଭୂଖଣ୍ଡରେ ସୀମିତ ରହିଯାଇନଥିଲା । ତାହା ବ୍ୟାପିଥିଲା ସମଗ୍ର ବିଶ୍ୱକୁ । ତେଣୁକରି ତ ଫ୍ଲୋରେନ୍ସ ନାଇଟିଙ୍ଗେଲ ହୋଇପାରିଥିଲେ ସମଗ୍ର ବିଶ୍ୱରେ ପରିଚିତ । ଦେଶ ବିଦେଶରେ ଚର୍ଚ୍ଚିତ । ସାମାନ୍ୟ ସେବିକାଙ୍କ ଅସାମାନ୍ୟ ସେବା ତାଙ୍କୁ କରିଥିଲା ମହୀୟସୀ । 'ନୋଟସ ଅନ୍ ନର୍ସିଙ୍ଗ'ର ସେ ରଚୟିତା । 'ରେଡକ୍ରସର ଇଣ୍ଟରନ୍ୟାଶନାଲ କମିଟି' ତରଫରୁ ପ୍ରଦାନ କରାଯାଉଛି 'ଫ୍ଲୋରେନ୍ସ ନାଇଟିଙ୍ଗେଲ ମେଡାଲ' । ସେମିତି ସେବା କ୍ଷେତ୍ରରେ ପରିଚୟ ତିଆରି କରିଥିଲେ ମଦର ଟେରେସା । ରୋମର ମାସିଡୋନିଆରେ ଜନ୍ମିତ ମଦର ଟେରେସା ଭାରତକୁ ତାଙ୍କର କର୍ମ (ସେବା) କ୍ଷେତ୍ର ଭାବେ ଚୟନ କରି ଭାରତର ଦରିଦ୍ରନାରାୟଣଙ୍କ ସେବାରେ ନିଜକୁ ସେ ସମ୍ପୂର୍ଣ୍ଣ ନିୟୋଜିତ କରିଦେଇଥିଲେ । ସେବା ପାଇଁ ଜୀବନ ଥିଲା ସମ୍ପୂର୍ଣ୍ଣ ସମର୍ପିତ । ସେଇ ସେବା ଯେଉଁ ହାତରେ ଦରିଦ୍ରଙ୍କୁ ପ୍ରଦାନ କରୁଥିଲେ ସେଇ ଉତ୍ସର୍ଗୀକୃତ ସେବା ତାଙ୍କ ହାତକୁ ଆଣି ଦେଇଥିଲା ପୃଥିବୀର ସର୍ବୋଚ୍ଚ ନୋବେଲ ଶାନ୍ତି ପୁରସ୍କାର ୧୯୭୯ ମସିହାରେ । 'ମାନବ ସେବା ହିଁ ମାଧବ ସେବା' ସେଇ ଉଚ୍ଚ ବିଚାର ଆଧାରରେ ସେବା କରିବା ଆଉ ସେବା ଦେବା ସେବାକାରୀଙ୍କ ସ୍ୱତନ୍ତ୍ର ପରିଚୟ । ତେବେ ସେବା ଦେବା ଏକ ଉଚ୍ଚ ମାନବୀୟ ଚେତନା । ସେବା ଦେବାରେ ଦେଖାଇହେବା ମାନସିକତା ନ ରହିବା ଚାହି । କେହି ସେବା ଦେବା ନେଇ କେବେ ବି ରୁଗ୍ଣ ବିଚାର ରଖିବା, ପୋଷଣ କରିବା ଉଚିତ ନୁହେଁ । ପୁଣି ସେବା ଦେଇ ଦେଖାଇହେବା ମାନସିକତା ରହିଲେ/ରଖାଗଲେ ତାହା ଉତ୍କୃଷ୍ଟ ସେବା ପର୍ଯ୍ୟାୟଭୁକ୍ତ ହୋଇ ନ ପାରେ । ସେବାରେ ସ୍ୱାର୍ଥର ଗନ୍ଧ ବାରିହେଲେ ତାହା ନିରୁତା ସେବାର ମର୍ଯ୍ୟାଦା ପାଇନଥାଏ ।

ଆଜିକାଲିର ସେବା ଅନେକ କ୍ଷେତ୍ରରେ ଉତ୍କୃଷ୍ଟ ସେବା ପର୍ଯ୍ୟାୟଭୁକ୍ତ ନ ହୋଇ ଚାଲୁ ଚଳନୀୟ ସେବାରେ ସୀମିତ ରହିଯାଉଥିବାର ଅନୁମାନ କରାଯାଏ । ବାସ୍ତବତା ଅପେକ୍ଷା ସେବା ମନେହୁଏ ଅଧିକ ପ୍ରଚାରମୁଖୀ ପ୍ରଚାରସର୍ବସ୍ୱ । ଅଯଥା ପ୍ରସାର କରାଯାଏ ବ୍ୟକ୍ତିର । ସେବାର ବାସ୍ନା ସେଠି କମ୍



ଥାଏ, ଯେଉଁଠି ପ୍ରଚାର ପ୍ରସାର ବେଶି କରାଯାଏ । ପ୍ରକୃତ ସେବା ଯେ ଦିଏ ସେଇ ପ୍ରକୃତ ସେବକ ପ୍ରଚାର ପ୍ରସାରଠୁ ସେ ବରାବର ଦୂରେଇ ରହେ । ନିରଳସ ସେବା ପ୍ରଦାନ କାର୍ଯ୍ୟ ଏମିତି ଏକ ଉଚ୍ଚତର ସୋପାନକୁ ଉନ୍ନୀତ ହୁଏ ଯେ ତା'ର ପ୍ରଚାର ପ୍ରସାର ଆପେ ହୋଇଥାଏ । ନିରଳସ ନିଃସ୍ୱାର୍ଥପର ସେବା କରିବା ଭିତରେ ସେବାକାରୀ କେତେବେଳେ ଯେ ଉଚ୍ଚ ସେବକ ପର୍ଯ୍ୟାୟକୁ ଉନ୍ନୀତ ହୋଇଯାନ୍ତି, ତାହା କୌଣସି ପୁରସ୍କାର ପ୍ରାପ୍ତିରେ ଯାଇ ବୃହତ୍ତର ସମାଜ ଆଗକୁ ଆସିବାର ସୁଯୋଗ ପାଏ ଏବଂ ସେଇ ସେବାର ମହାନତା ତା' ଆଗରୁ ସାମାଜିକ ସ୍ତରରେ ଚର୍ଚ୍ଚିତ ତଥା ସ୍ୱୀକୃତ ହୋଇସାରିଥାଏ । ଆଜିକାଲି ସେବା କ୍ଷେତ୍ରର ବ୍ୟାପକତା ବଢ଼ିଚାଲିଛି । ଯେମିତି ସ୍ୱାସ୍ଥ୍ୟ ସେବା, କୃଷି ସେବା, ଶିକ୍ଷା ସେବା, ପ୍ରଶାସନ ସେବା,ସାହିତ୍ୟ ସେବା,ସମାଜ ସେବା,ସର୍ବୋପରି ଦେଶଦଶ(ସମାଜ) ରାଷ୍ଟ୍ର ସେବା ପ୍ରଣିଧାନଯୋଗ୍ୟ ।

ଅସହାୟ ମାଆବାପାଙ୍କ ସେବା କରିବା, ସେମାନଙ୍କୁ ସେବା ଦେବା ସନ୍ତାନସନ୍ତତିଙ୍କ ନୈତିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ । ହେଲେ ଆଜିର ଦିନରେ ଅସହାୟ ମାଆବାପା ନିଜ ଜନ୍ମିତ ସନ୍ତାନଠୁ ଉପଯୁକ୍ତ ସେବା ପାଇ ନ ପାରି ଅତ୍ୟନ୍ତ ଦୁର୍ବିଷହ ଜୀବନ ଜିଇବାକୁ ବାଧ ହୁଅନ୍ତି । ଅନେକ କ୍ଷେତ୍ରରେ ଅଲୋଡ଼ା ରୁହନ୍ତି । ଅଣଦେଖାର ଶିକାର ହୁଅନ୍ତି । ମାଆବାପା ଯେଉଁ ପୁଅକୁ ପାଳି ପୋଷି ମଣିଷ କରନ୍ତି, ସେଇ ଚଳନ୍ତି ଠାକୁରମାନେ ଶେଷକୁ କିଛି ପୁଅଙ୍କ ଦ୍ୱାରା ଶେଷ ଜୀବନରେ ଅବହେଳିତ ହୁଅନ୍ତି । ଯେଉଁ ମାଆବାପା ପୁଅଠୁ ଠିକ୍ ସେବା ପାଆନ୍ତି, ସେହି ପୁଅ ଧନ୍ୟବାଦ ପାଇବା ଯୋଗ୍ୟ । ଯେଉଁଠି ରହି ନ ଥାଏ ପୁଅର ସେବା ଦେବାରେ ଏତେଟା ଆନ୍ତରିକ ଭାବ, ସେଠି ମାଆବାପା ପାଆନ୍ତି ଅନେକ ଦୁଃଖକଷ୍ଟ । ଯେଉଁ ପୁଅ ବୋହୂ ପାଖେ ସମୟ ନଥାଏ ସେବା ଦେବା ପାଇଁ ସେମାନେ ମାଆବାପାଙ୍କ ନୂଆ ଠିକଣା ତିଆରି କରାନ୍ତି 'ଜରା ନିବାସ' ବା 'ବୃଦ୍ଧାଶ୍ରମ' ।

ପୁନଶ୍ଚ ଆମ ସୀମାନ୍ତ ପ୍ରହରୀ ବୀର ଯବାନଙ୍କ ଦେଶମାତୃକା ପାଇଁ ଉତ୍ସର୍ଗୀକୃତ ସେବାର ପଟାନ୍ତର ନାହିଁ । ସେହି ବୀର ଯବାନଙ୍କ ଆଗେ ଆପଣା ମୁଣ୍ଡ ଆପେ ନଇଁଯାଏ । ବୀର ଯବାନଙ୍କ ଦେଶରକ୍ଷା, ଦେଶ ସୁରକ୍ଷା ପାଇଁ ସେବା ଦେବାର ତୁଳନା ନାହିଁ । ପ୍ରଚାରପ୍ରସାରଠୁ ସେ ସେବା କାହିଁ କେତେ ଉଚ୍ଚରେ ଉର୍ଦ୍ଧ୍ୱରେ ଥାଏ । ସେଇ ସେବାର ସମକକ୍ଷ ଆଉ କେଉଁ ସେବା ହୋଇନପାରନ୍ତି , ଯଦିଓ ବାକି ସେବାର ମୂଲ୍ୟ ରହିଥାଏ । ଦେଶ ଗଢ଼ିବାରେ ବିଭିନ୍ନ ବର୍ଗର ବିଭିନ୍ନ ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ସେବା ଦେବାର ମୂଲ୍ୟ ଥାଏ । କୋଠାଘରେ ବସି ଦେଶ ପାଇଁ କାମ କରୁଥିବା ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ କରି ସର୍ବୋଚ୍ଚ ପଦାଧିକାରୀ ରାଜନେତାଙ୍କ ଯେଉଁ ଅବଦାନ ରହିଥାଏ, କୋଠା ତିଆରିରେ ଶ୍ରମଦାନ କରିଥିବା ଶ୍ରମିକଙ୍କ ମଧ୍ୟ ଅବଦାନ ସ୍ୱୀକୃତ ଥାଏ । କାମ ଛୋଟ ବଡ଼ ଯାହା ଥାଉ ନିଜ କାମ ଠିକ୍ ଠିକ୍ କରିବାରେ ଥାଏ ପରାକାଷ୍ଠା । ସେବା ଦେବାରେ ଥାଏ ମହାନତା । ତେବେ ଯିଏ ଦିଅନ୍ତି ଯଥାର୍ଥ ସେବା ସେ ହିଁ ପ୍ରକୃତ ସେବକ ।

**ବଉଦରାଜ, ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

## ଏଇ ଭାରତରେ

ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରି ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରାଉଛନ୍ତି ଗୁରୁଗ୍ରାମର ଆର୍ଯ୍ୟନ ଛୋପ୍ରା । ସେ ହେରିଟେଜ ଏକ୍ସପେରିମେଣ୍ଟାଲ ଲର୍ନିଂ ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ର । ସେ ଗ୍ରାମୀଣ ଅଞ୍ଚଳରେ ଡିଜେଲ ଚାଳିତ ଅଟାକଳକୁ ସୌର ଶକ୍ତି ଦ୍ୱାରା ଚଳାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି । 'ପ୍ରୋଜେକ୍ଟ ସୂର୍ଯ୍ୟ ଚକ୍ର' ମାଧ୍ୟମରେ ସେ ଏହି କାମ କରୁଛନ୍ତି । ଫଳରେ ମିଲ୍ ମାଲିକ ମାସକୁ ପାଖାପାଖି ୨୫,୦୦୦ ଟଙ୍କା ବିଦ୍ୟୁତ୍ ବିଲ୍ ବାବଦରେ ବଞ୍ଚାଇ ପାରୁଛନ୍ତି । ଏହା ବ୍ୟତୀତ ଡିଜେଲ ମିଲ ଦ୍ୱାରା ହେଉଥିବା କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବାକୁ ସକ୍ଷମ ହୋଇଛନ୍ତି । ସେ ହିମାଚଳ ପ୍ରଦେଶରେ ତାଙ୍କ ପୈତୃକ ଗ୍ରାମକୁ ଯାଇଥିବାବେଳେ ସେଠାରେ ଡିଜେଲ ଚାଳିତ ଅଟା ମିଲ ଦେଖିଥିଲେ ଓ ତାହା ସବୁ କିଭଳି ସୌରଶକ୍ତିରେ ଚାଲିବ ସେ ସମ୍ପର୍କରେ ଚିନ୍ତା କରିଥିଲେ । ପରେ ସେ ସୋଲାର ପ୍ୟାନେଲ ଲଗାଇବା ଲାଗି ଲୋନ ଦେଉଥିବା ମେଟାଫିନ୍ ନାମକ ଏକ ନନ୍ ବ୍ୟାଙ୍କିଙ୍ଗ ଫାଇନାନ୍ସ କମ୍ପାନୀ ସହ ଯୋଗାଯୋଗ କରି ଅଟାମିଲ ମାଲିକଙ୍କୁ ସହଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହା ସେ ଜୁଲାଇ ୨୦୨୪ରେ ଆରମ୍ଭ କରିଥିଲେ । ଉତ୍ତରପ୍ରଦେଶ ବାରାଣସୀର ଗ୍ରାମୀଣ ଅଞ୍ଚଳରେ ସେ ଏବେ ସୁଦ୍ଧା ୧୫ଟି ଡିଜେଲ ଚାଳିତ ଅଟାମିଲକୁ ସୌରଶକ୍ତିରେ ଚଳାଇବାକୁ ସକ୍ଷମ ହୋଇପାରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ମେ ୧୯୭୬

- ଉତ୍ପାଦିତ ଦ୍ରବ୍ୟକୁ ପ୍ରତିଯୋଗିତାମୂଳକ କରିବା ଓ ରପ୍ତାନୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାର ପ୍ରତି ବର୍ଷ ୧୦ଟି କ୍ଷୁଦ୍ର ଶିଳ୍ପ ଆଧୁନିକୀକରଣ କରିବା ପାଇଁ ସ୍ଥିର କରିଛନ୍ତି ।
- କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ସାଇକେଲ ଓ ଏହାର ଅଂଶ ତିଆରି କାରଖାନାଗୁଡ଼ିକ ପାଇଁ ଏକ ଉନ୍ନୟନ ପରିଷଦ ଗଠନ କରାଯାଇଛି ।

## ଚିରନ୍ତନୀ

କାଷ୍ଠ ପାଷାଣ ଗଠିତ ହେ
ନିର୍ଜୀବ ଦେବତା-ମୂରତି !
ଏ ଦେଶ-ଶୋଣିତେ ଆଜି
ଜାଗ୍ରତ ଯେ ବିଶ୍ୱର କୀରତ ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କାମ ମାନ୍ଦା ପଡ଼ିଯାଇଛି

ମହାଶୟ,

ଗତ ନିର୍ବାଚନରେ ଭାଜପା ଆଦୌ ଜିତିନାହିଁ ବରଂ ବିଜେଡିକୁ ପ୍ରତ୍ୟାଖ୍ୟାନ କରାଯାଇଛି । ଗଣତନ୍ତ୍ରରେ କୌଣସି ଗୋଟିଏ ଦଳକୁ ଲୋକମାନେ ନ ଜିତାଇ ମତ ପରିବର୍ତ୍ତନ କରି ସରକାର ବଦଳାଇ ଥାନ୍ତି । କୌଣସି ଦଳ ବାରମ୍ବାର ସରକାର ଗଢ଼ିଲେ ଏକଚ୍ଛତ୍ରବାଦୀ ହୋଇଯିବାର ଆଶଙ୍କା ଥାଏ । କିନ୍ତୁ ଗତ ସରକାରରେ ସେଭଳି କୌଣସି ସଙ୍କେତ ନ ଥିଲା । କେବଳ ଅନେକ ଦିଗରେ ଲାଞ୍ଚ ଦେଇ ସରକାରଙ୍କୁ ବଦଳା ଯାଇଛି, ଯାହା ନିରାଟ ସତ୍ୟ । ଏହା ଗଣତନ୍ତ୍ର ଶାସନ ପାଇଁ ଏକ ଶକ୍ତ ଧକ୍କା । ବିଲେଇ କପାଳକୁ ଶିକା ଛିଡ଼ିବା ଭଳି ଭାଜପା ତା'ର ଫାଇଦା ନେବା ପାଇଁ କଳେବଳେ କୌଶଳେ ଭୋଟ ହାତେଇବା ଲାଗି ବହୁ ମିଛ ବାହାନା କରି ଲାଗିପଡ଼ିଲା ; ଯାହା ଫଳରେ ସରକାର ବଦଳିଗଲା । କିନ୍ତୁ ଭାଜପା ଶାସନକୁ ଆସିବା ପରେ ସରକାରୀ କାମ ପୂରା ମାନ୍ଦା ପଡ଼ିଯାଇଛି ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପ୍ରେମ ପାଇଁ ପାଳିତା ମା'ଙ୍କୁ ହତ୍ୟା ଘଟଣା

# ପ୍ରେମିକଙ୍କ ସମେତ ୨ ଗିରଫ

ପାରଳାଖେମୁଣ୍ଡି,୧୬ା୫(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ଶୁଣ୍ଡିସାହିରେ ଜଣେ ନାବାଳିକା ନିଜ ପ୍ରେମିକଙ୍କ ସହ ମିଶି ବିଧବା ମା'ଙ୍କୁ ହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ରାଜଲକ୍ଷ୍ମୀ କର। ରାଜଲକ୍ଷ୍ମୀ ଝିଅକୁ ଜନ୍ମ କରି ନ ଥିଲେ ମଧ୍ୟ ଜନ୍ମ ହେବାର ୩ ଦିନ ପରଠାରୁ ନିଜ ପାଖରେ ରଖି ଲାଳନପାଳନ କରିଥିଲେ। ଝିଅ ଯେଭଳି ଭଲ ପାଠ ପଢ଼ିବ ସେଥିପାଇଁ ସେ ଭୁବନେଶ୍ୱରରୁ ଆସି ପାରଳାଖେମୁଣ୍ଡିରେ ଘରଭଡ଼ା ନେଇ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ାଉଥିଲେ। ହେଲେ ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୩ ବର୍ଷୀୟା ଝିଅ ପ୍ରେମଫାଶରେ ପଡ଼ିଥିଲେ। ମା' ରାଜଲକ୍ଷ୍ମୀ ବିରୋଧ କରିବାରୁ ପ୍ରେମିକ ଓ ତାଙ୍କ ସହଯୋଗୀଙ୍କ ସହ ମିଶି ରାଜଲକ୍ଷ୍ମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଛନ୍ତି। ପ୍ରେମିକ ପାରଳାଖେମୁଣ୍ଡି ରାଜଗୁରୁ ସାହିର ଗଣେଶ ରଥ ଓରଫ ଚିକୁ (୨୧), ତାଙ୍କ ସହଯୋଗୀ ଓଡ଼ିଆ ପାରଳା ସାହିର ଦିନେଶ ସାହୁ ଓରଫ ଅମନ(୨୦)ଙ୍କୁ

### ସ୍ୱଧାର ଗୃହ ଗଲେ ଝିଅ



ଗିରଫ ୨ ଅଭିଯୁକ୍ତ।

ଗିରଫ କରାଯାଇଛି। ନାବାଳିକାଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିବା ଗୁରୁବାର ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅଭିଯୁକ୍ତ ପ୍ରେମିକ ଗଣେଶ ବିଭିନ୍ନ ସମୟରେ ନାବାଳିକାଙ୍କୁ ପ୍ରବର୍ତ୍ତାଇ ତାଙ୍କଘରୁ ଟଙ୍କା, ସୁନା ଆଣୁଥିଲେ। ନାବାଳିକାଙ୍କ ମା' ରାଜଲକ୍ଷ୍ମୀ ବିରୋଧ କରୁଥିବାରୁ ଗଣେଶ ତାଙ୍କୁ ରାସ୍ତାରୁ ହଟେଇବା ପାଇଁ ଯୋଜନା କରିଥିଲେ। ଗତ ଏପ୍ରିଲ ୨୯ରେ ଝିଅ ଦ୍ୱାରା ରାଜଲକ୍ଷ୍ମୀଙ୍କୁ ନିଦ ଔଷଧ ଖୁଆଇ ଅଚେତ କରିଥିଲେ। ପରେ ସେ ଘର ପଛପଟୁ ତାଙ୍କ ସହଯୋଗୀ



ମୃତ ମହିଳା ରାଜଲକ୍ଷ୍ମୀ କର

ଦିନେଶଙ୍କ ସହ ଆସି ରାଜଲକ୍ଷ୍ମୀଙ୍କ ମୁହଁରେ ତକିଆମାଡ଼ି ଶ୍ୱାସରୁଦ୍ଧ କରି ମାରି ଦେଇଥିଲେ। ଏହାପରେ ନାବାଳିକା ଜଣକ ତାଙ୍କ ସମ୍ପର୍କୀୟଙ୍କୁ ହୃଦ୍‌ଘାତରେ ମା'ଙ୍କର ମୃତ୍ୟୁ ହୋଇଥିବା କହିଥିଲେ। ପ୍ରେମିକଙ୍କ ସହଯୋଗରେ ମୃତଦେହକୁ ନେଇ ଭୁବନେଶ୍ୱରରେ ମାମୁ ପ୍ରଫୁଲ୍ଲ ମିଶ୍ରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କୁ ମଧ୍ୟ ଦେଖାଯାଇଥିଲା। ପୂର୍ବରୁ ରାଜଲକ୍ଷ୍ମୀ ଔଷଧ ଖାଉଥିବାରୁ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବ ବୋଲି ସମ୍ପର୍କୀୟ ଓ ଡାକ୍ତର ମାନିନେଲେ। ଏହାପରେ ଗଣେଶ, ଦିନେଶ ଓ ନାବାଳିକା ସମ୍ପର୍କୀୟଙ୍କ ସହ ମିଶି ମୃତଦେହ ପୁରୀ ନେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। କିନ୍ତୁ ନାବାଳିକାଙ୍କ କାର୍ଯ୍ୟକଳାପ ଦେଖି ରାଜଲକ୍ଷ୍ମୀଙ୍କ ଭାଇ ପ୍ରଫୁଲ୍ଲଙ୍କ ସନ୍ଦେହ ହୋଇଥିଲା। ଏହାପରେ ସେ ପାରଳାଖେମୁଣ୍ଡି ଥାନାକୁ ଆସି ତାଙ୍କ ଭଉଣୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇନାହିଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ନାବାଳିକାଙ୍କୁ ପଚରାଉଚରା କରିବା ସମୟରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା। ପାରଳାଖେମୁଣ୍ଡି ପୋଲିସ ଗଣେଶ, ତାଙ୍କ ସହଯୋଗୀ ଦିନେଶ ଓ ନାବାଳିକାଙ୍କୁ ନେଇ ଗୁରୁବାର ଘଟଣାର ସିନ ରିକ୍ରିଏଟ କରିଥିଲା। ଅଭିଯୁକ୍ତ ଗଣେଶ ନାବାଳିକାଙ୍କ ଦ୍ୱାରା ବିଭିନ୍ନ ସମୟରେ ରାଜଲକ୍ଷ୍ମୀଙ୍କ ଘରୁ ଆଣିଥିବା ସୁନାଗହଣା ବିଭିନ୍ନ ସ୍ଥାନରେ ବନ୍ଧକ ରଖିଥିଲେ। ସେଥି ମଧ୍ୟରୁ ମୁଥୁଟ ଫାଇନାନ୍ସରେ ବନ୍ଧକ ରଖିଥିବା ୨୪ ଗ୍ରାମ ସୁନା ଗହଣା ଓ ୩ ଜଣଙ୍କ ମୋବାଇଲ ଫୋନ ଜବତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଟଙ୍କା ପାଇଁ ବ୍ୟବସାୟୀଙ୍କୁ ଗୁଳିମାଡ଼, ଗ୍ରାହକ ବି ଆହତ

ବଣାଇଁ, ୧୬ା୫(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଚାନ୍ଦିପୋଷ ଥାନା ତାମଡ଼ାଠାରେ ଶୁକ୍ରବାର ଜଣେ ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ରାଶନ ଦୋକାନୀ ଶଙ୍କର ସାହୁ। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ଦୋକାନରେ ଥିବା ଜଣେ ଗ୍ରାହକଙ୍କ ଗୋଡ଼ରେ ମଧ୍ୟ ଗୁଳି ବାଜିଛି। ବଣାଇଁ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଚାନ୍ଦିପୋଷ ଥାନା ଅଧିକାରୀ ସବିତା ପାତ୍ର ଏବଂ ପୋଲିସ ଟିମ୍ ପହଞ୍ଚି ଖୋକା ଜବତ କରିବା ସହ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚକରି ତଦନ୍ତ କରୁଛନ୍ତି। ଦୁର୍ବୃତ୍ତମାନେ ୩ ରାଉଣ୍ଡ ଗୁଳି ଚଳାଇଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ରାଶନ ଦୋକାନୀ ସାହୁଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ସେମାନେ ଗୁଳି ଚଳାଇଥିଲେ। ଗୁଳି ତାଙ୍କ ଛାତିର ଡାହାଣପଟେ ବାଜିଥିଲା। ଏଥିସହ ସେଠାରେ ଥିବା ଜଣେ ଗ୍ରାହକଙ୍କ ଗୋଡ଼ରେ ମଧ୍ୟ ଗୁଳି ବାଜିଥିଲା। ପରେ ଦୁର୍ବୃତ୍ତମାନେ ରାଉରକେଲା ପଟକୁ ଚାଲିଯାଇଥିଲେ।

# ଧର୍ମଶାଳା ଏବିଡିଓ ଗିରଫ

ଯାଜପୁର/ଧର୍ମଶାଳା,୧୬ା୫
(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)

କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଯାଜପୁର ଜିଲା ଧର୍ମଶାଳା ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ଏବିଡିଓ) ଅସିତ କୁମାର ପାତ୍ରଙ୍କୁ ଆୟଠାରୁ ୨୦୫% ଅଧିକ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଶୁକ୍ରବାର ଗିରଫ କରାଯାଇଛି। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଏନେଇ କଟକ ଭିଜିଲାନ୍ସରେ ୧୧/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୭ଟି ସ୍ୱତନ୍ତ୍ର ଭିଜିଲାନ୍ସ ଦଳ ୭ଟି ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉରେ ଯାଜପୁର ଓ ଯାଜପୁର ରୋଡ୍‌ରେ ୩ଟି କୋଠାଘର, କଟକରେ ଏକ ଫ୍ଲାଟ, ଗୋଟିଏ ଶପିଂ କମ୍ପ୍ଲେକ୍ସ, ୫ଟି ମୂଲ୍ୟବାନ ପ୍ଲଟ, ୮୦୦ ଗ୍ରାମ ସୁନା ଅଳଙ୍କାର, ବୀମା ଓ ବ୍ୟାଙ୍କରେ ୭୦ ଲକ୍ଷ ଟଙ୍କା ଜମା, ୧ ଲକ୍ଷ ୮୫ ହଜାର ନଗଦ ଟଙ୍କା ପ୍ରଭୃତି ଜବତ କରାଯାଇଛି।

# କନିଷ୍ଠ ଯନ୍ତ୍ରୀଙ୍କୁ ଉଠାଇନେଇ ଟଙ୍କା, ସୁନାଗହଣା ଲୁଟ୍

କୁଜଙ୍ଗ,୧୬ା୫(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ପଙ୍କପାଳସ୍ଥିତ ସେକ୍ସନ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ସାହୁଙ୍କୁ ଗୁରୁବାର କେତେଜଣ ଦୁର୍ବୃତ୍ତ କାର୍ଯ୍ୟାଳୟରୁ ଉଠାଇନେଇ ମାଡ ମାରିଛନ୍ତି। ଏନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ କୁଜଙ୍ଗ ପୋଲିସ ଘଟଣାର ତଦନ୍ତ କରିଛି। ମାନସଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ରାତି ପ୍ରାୟ ସାଢେ ଦଶଟା ସମୟରେ ସେ ପଙ୍କପାଳସ୍ଥିତ କାର୍ଯ୍ୟାଳୟ ବାହାରେ ମୋବାଇଲରେ କଥା ହେଉଥିବା ସମୟରେ କେତେଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଉଠାଇ ନେଇଥିଲେ। ସେମାନେ ମାନସଙ୍କୁ ତିର୍ତ୍ତୋଲ ଥାନା ଅଞ୍ଚଳକୁ ନେଇ ମାଡ଼ ମାରିବା ସହ ପିନ୍ଧିଥିବା ସୁନାଚେନ, ମୁଦି ଓ ପାଖରେ ଥିବା ଟଙ୍କା ଛଡ଼ାଇ ନେଇଛନ୍ତି। ଏହାପରେ ଦୁର୍ବୃତ୍ତମାନେ ରାତି ପ୍ରାୟ ସାଢେ ବାରଟାବେଳେ ତାଙ୍କୁ ଆଣି ପଙ୍କପାଳସ୍ଥିତ କାର୍ଯ୍ୟାଳୟ ନିକଟରେ ଛାଡ଼ିଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଆକ୍ରୋଶମୂଳକ ଭାବେ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

# ପାକିସ୍ତାନ ସପକ୍ଷରେ ପୋଷ୍ଟକରି ଯୁବକ ଗିରଫ

ଧୁଷୁରୀ, ୧୬ା୫
(ଦୀପ୍ତି ରଞ୍ଜନ ନାୟକ)

ସୋସିଆଲ ମିଡିଆରେ ପାକିସ୍ତାନ ସପକ୍ଷରେ ପୋଷ୍ଟ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଦେଇ ଜଣେ ଯୁବକ ଗୁରୁବାର ରାତିରେ ଗିରଫ ହୋଇଛନ୍ତି। ଗିରଫ ଯୁବକ ହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ବୟାଙ୍ଗଡିହି ପଞ୍ଚାୟତର ନୂଆଗାଁ ଗୁଡିପୋଖରୀ ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତିର ଏସ୍‌କେ ମନୱାର ଅଲ୍ଲୀ। ଉକ୍ତ ପୋଷ୍ଟକୁ ବିରୋଧ କରି କୋଠାର ଅଞ୍ଚଳର କେତେଜଣ ଯୁବକ ଧୁଷୁରୀ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଧୁଷୁରୀ ଥାନାଧିକାରୀ ଅଜୟ ବାଗେ ପୋଲିସ ଟିମ୍ ସହ ରାତିରେ ଚଢ଼ାଉ କରି ଏସ୍‌କେ ମନୱାରଙ୍କୁ କେନ୍ଦ୍ରାପଡ଼ାରୁ ଗିରଫ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୨୨୬/୨୫) ରୁଜୁ କରାଯାଇ ଶୁକ୍ରବାର ମଧ୍ୟାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଭଦ୍ରକ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ରାଜା ଚକ୍ରଙ୍କ ଆଲିଶାନ୍ ଫାର୍ମ ହାଉସ୍ ବାଜ୍ୟାପ୍ତ ହେବ

ଭୁବନେଶ୍ୱର,୧୬ା୫(ସତ୍ୟଜିତ ରାଉତ)

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା**

- ୪ ଅଭିଯୁକ୍ତଙ୍କ ନାଁରେ ହୋଇଛି ଅନ୍ତରୀଣ ଚାର୍ଜଶିଟ୍
- ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ: କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ

କେନ୍ଦୁଝର ଜିଲା ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁକୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ତେବେ ଏହି ମାମଲାରେ ଅନ୍ୟ ୩ଜଣଙ୍କ ସହ ଗିରଫ ହୋଇଥିବା ବିଜେଡି ନେତା ରାଜା ଚକ୍ରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତଦନ୍ତ ସମୟରେ କେନ୍ଦୁଝର ସଦର ତହସିଲ ଅଧୀନ ଗୋପାଳପୁର ମୌଜାରେ ରାଜା ସରକାରୀ ଜମି ଉପରେ ଆଲିଶାନ୍ ଫାର୍ମ ହାଉସ କରିଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ତେବେ ଏହି ଜମିକୁ ଜବରଦଖଲ ମୁକ୍ତ କରି ଫାର୍ମହାଉସକୁ ବାଜ୍ୟାପ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ ତ୍ରିପାଠୀ ଶୁକ୍ରବାର କହିଛନ୍ତି। ସେ କହିଛନ୍ତି, ମାମଲାରେ ରାଜାଙ୍କ ସମେତ ୪ ଅଭିଯୁକ୍ତଙ୍କ ବିରୋଧରେ ଅନ୍ତରୀଣ ଚାର୍ଜଶିଟ୍ ଦାଖଲ କରାଯାଇଥିବା ବେଳେ ତଦନ୍ତ ଖୋଲା ରହିଛି। ଗୋପାଳପୁର ମୌଜାରେ ୧୧.୧ ଏକର ଫାର୍ମ ହାଉସ ରହିଛି। ଏହା ସରକାରୀ ଜମିରେ ଥିବା ଅଭିଯୋଗ ଆସିବା ପରେ ପୋଲିସ, ବନ ବିଭାଗ, ରାଜସ୍ୱ ଅଧିକାରୀଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ସେଥିରୁ ୭.୪ ଏକର ସରକାରୀ ଜମିରେ ଥିବା ଜଣାପଡ଼ିଥିଲା। ଉକ୍ତ ସରକାରୀ ଜମିରେ ଫାଟକ, ଚିଲ୍‌ଡ୍ରେନ୍ ପାର୍କ, ଗାଡ଼ିଆ, ଆମ୍ବ ବଗିଚା ଆଦି ରାଜା କରିଛନ୍ତି। ବାକି ୩.୭ ଏକର ଜମି ରାଜାଙ୍କ ସ୍ତ୍ରୀଙ୍କ ନାଁରେ ରହିଛି। ଏହି ଫାର୍ମ ହାଉସକୁ ସିଲ୍ କରାଯିବ। ଏହି ମାମଲାରେ ୪ଜଣଙ୍କୁ ଗିରଫ କରାଯାଇ ସେମାନଙ୍କର ବହୁତ ଆକାଉଣ୍ଟ ଫ୍ରିଜ୍ ହୋଇଛି। ତେବେ ଏଥିରେ ବହୁ ଲୋକଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତି ରହିଛି। ସେମାନଙ୍କୁ ଗିରଫ ପାଇଁ ତଦନ୍ତ ଜାରି ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ରାଜା, ୩ ସହଯୋଗୀଙ୍କ ଜାମିନ ଖାରଜ

**କଟକ,୧୬ା୫(କାର୍ତ୍ତିକ ସାହୁ):** ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃ ଦୁର୍ନୀତି ମାମଲାରେ ରାଜା ଚକ୍ର ଏବଂ ତାଙ୍କ ୩ ସହଯୋଗୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ସହଯୋଗୀମାନେ ହେଲେ ସମିତିର ପୂର୍ବତନ ସଭାପତି ମାନସ ବାରିକ, ସମ୍ପାଦକ ଉତ୍କଳ ଦାସ ଏବଂ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲ। ଅଭିଯୁକ୍ତମାନେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ମାମଲାରେ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତମାନଙ୍କୁ ଜାମିନରେ ଛଡ଼ାଗଲେ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଜାମିନ ଆବେଦନର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Fresh/Experienced Wanted Dynamic **Sales / Customer Support Engineer** for a leading Organization in BBSR. Dealing with Industrial Product.
**Contact : 9437053367**
Write to -
sibashaktielastomerbbsr@gmail.com

See Career Appointment on every **Wednesday & Saturday**

KESHAV MEMORIAL ENGINEERING COLLEGE
(Unit of Keshav Memorial Technical Educational Society)Affiliated to Osmania University, Approved by AICTE, New Delhi.Survey No. 35, Kachavanisingaram (V), Ghatkesar (M), Medchal - Malkajgiri District.
Ph. no: 040-29560274, www.kmec.in
WANTED EXPERIENCED
PROFESSORS, ASSOCIATE PROFESSORS, ASSISTANT PROFESSORS IN CSE, CSE (AI ML) Departments.
Salary as per AICTE norms. Interested (and eligible) candidates can send their resumes to **resumes@kmec.in** by **25th May, 2025. Ph: 9000206010** Secretary

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି
ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି
ଖାଲି ପଦବୀ ସଂଖ୍ୟା: 2964
(ବ୍ୟାକଲଗ୍ ଖାଲି ପଦବୀ ସହିତ)
ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/careers ରେ ବିଜ୍ଞାପନ ନମ୍ବର CRPD/CBO/2025-26/03 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।
- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 09.05.2025 ରୁ 29.05.2025 ପର୍ଯ୍ୟନ୍ତ ।**
ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ https://bank.sbi/careers.
ସ୍ଥାନ: ମୁମ୍ବାଇ
ତାରିଖ: 09.05.2025
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# TAHASIL OFFICE
# KOTPAD
# DIST-KORAPUT
## LAND ACQUISITION OFFICER AND COMPETENT AUTHORITY (NH-63), KOTPAD, DIST-KORAPUT
**PUBLIC NOTICE**

रजिस्ट्री सं. डी.एल.- 33004/99 REGD. No. D. L.-33004/99

**भारत का राजपत्र**
**The Gazette of India**
ଅସାଧାରଣ (EXTRAORDINARY)
ଭାଗ II-ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ (PUBLISHED BY AUTHORITY)

ନୂଆଦିଲ୍ଲୀ, ଶୁକ୍ରବାର, ମଇ ୯, ୨୦୨୫ / ବୈଶାଖ 19, 1947
NEW DELHI, FRIDAY, MAY 9, 2025 / VAISAKHA 19, 1947

## MINISTRY OF ROAD TRANSPORT AND HIGHWAYS

**NOTIFICATION**

New Delhi, the 9th May, 2025

**S.O. 2077(E).**Whereas by the notification of the Government of India in the Ministry of Road Transport and Highways, **3973(E) Dated:18/09/2024**, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction of Toll Plaza Maintenance, management and operation of NH63 in the stretch of land from Km. 6.6 to Km. 21 (Kotpad bypass) on National Highway-63 in the district of KORAPUT in the state of ODISHA

And whereas the substance of the said notification has been published in "**Dharitri**" and "**Prameya**" both dated 09.11.2024 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in t he said Schedule shall vest absolutely in the Central Government, free from all encumbrances.

| Name of village/ Town | Name of the Landowner/ interested person | Field Survey No. | Area of land in his share | Any structures/trees/ tube-well attached to the land | Name of the Bank & Branch in which he / she holds the Account | Particulars of the Bank Account No.______, IFSC Code of the Bank Branch |
|---|---|---|---|---|---|---|
| | | | | | | |

Sd/- Tahasildar-cum-Land Acquisition Officer & Competent Authority, Kotpad, Dist-KORAPUT

## SCHEDULE

**Brief description of the land to be acquired, with or without structure, falling within the NH63 in the stretch of land from Km. 6.6 to Km. 21 (Kotpad bypass) in the district of KORAPUT in the state of ODISHA**

| State: ODISHA | | | District: KORAPUT | | |
|---|---|---|---|---|---|
| Sl. No. | Survey/ Plot Number | Type of Land | Nature of Land | Area (in Hectares) | Name of Land Owner/Interested Person |
| 1 | 2 | 3 | 4 | 5 | 6 |
| Taluk: Kotpad | | | | | |
| Village: Dhamanahandi | | | | | |
| 1 | 1553 | Private | paddy-2 | 0.222 | Kurusa Disari, Tularam Disari, Jhituru Disari 1553 |
| 2 | 1554 | Private | paddy-2 | 0.173 | Hema Naik, Pakili Naik, Lachhami Naik, Jagabandhu Naik, Sadan Naik, Raghunath Naik, Gobinda Naik 1554 |
| 3 | 1556 | Private | paddy-2 | 0.227 | Hari Disari, Gopi Disari, Madhu Disari, Gobinda Disari, Somanath Disari, Balaram Disari, Samu Disari 1556 |
| 4 | 1556/1842 | Private | paddy-2 | 0.16 | Sukru Disari S-o- Khagapati Disari 1556/1842 |
| 5 | 1557 | Private | Dangar-1 | 0.21 | Sorojini Pradhan 1557 |
| 6 | 1559 | Private | paddy-2 | 0.002 | Manaj Kumar Brahma 1559 |
| 7 | 1563 | Private | Paddy-2 | 0.091 | Kamala Majhi 1563 |
| 8 | 1564 | Private | paddy-2 | 0.11 | Deba Ganda, Bali Ganda 1564 |
| 9 | 1564/1824 | Private | Paddy-2 | 0.079 | Nanda Ganda 1564/1824 |
| 10 | 1564/1927 | Private | Paddy-2 | 0.168 | Phaguna Ganda, Jamuna Ganda, Laxmi Ganda 1564/1927 |
| 11 | 1565 | Private | Paddy-2 | 0.483 | Laxmi Ganda 1565 |
| 12 | 1566 | Private | paddy-2 | 0.014 | Ghasiram Harijan 1566 |
| Village: Sorigam | | | | | |
| 13 | 225/350 | Private | paddy-1 | 0.056 | Nanda Bisoi 225/350 |
| 14 | 225/351 | Private | paddy-1 | 0.388 | Purana Harijan 225/351 |
| Village: Hardoli | | | | | |
| 15 | 355 | Private | paddy-1 | 0.241 | Tripati Swain, Santosh Swain 355 |
| 16 | 359 | Private | Paddy-1 | 0.104 | Sonu Muria 359 |
| | | | Total | 2.728 | |

[F. No. RO/BBSR/11017/By-passes/100/2018/3D]
SHAIKH AMINKHAN, Director

# ମହାପ୍ରଭୁଙ୍କ ସେବାରେ ରାଉତପଡ଼ା ବୁଣାକାର

ଖୋର୍ଦ୍ଧା, ୧୬।୫ (ପ୍ରଭାତ ପାଣିଗ୍ରାହୀ)



ଆସନ୍ତା ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ଅକ୍ଷୟ ତୃତୀୟାଠାରୁ ଅସ୍ଥାୟୀ ରଥଖଳାରେ ଚାଲିଛି ୩ରଥ ନିର୍ମାଣ କାର୍ଯ୍ୟ। ଅନ୍ୟପଟେ ମହାପ୍ରଭୁଙ୍କ ଘୋଷଯାତ୍ରା ଏବଂ ବର୍ଷସାରା ପର୍ବପର୍ବାଣି ପାଇଁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ା ଗ୍ରାମରେ ଚାଲିଛି ମହାପ୍ରଭୁଙ୍କ ସୂତା ଓ ପାଟବସ୍ତ୍ର ଲୁଗାବୁଣା। ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତା ଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଗୋପୀନାଥ ଦାସଙ୍କ ପରିବାର। ମହାପ୍ରଭୁଙ୍କ ଏହି ସେବାରେ ଗୋପୀନାଥଙ୍କ ପରିବାର ସମେତ ଗ୍ରାମର ୨୨ପରିବାରର ସଦସ୍ୟ ଲାଗିଛନ୍ତି।

ଆଗକୁ ରହିଛି ଦେବସ୍ନାନ ପୂର୍ଣ୍ଣମୀ ଏବଂ ଅଣସର। ଏଥିଲାଗି ଆବଶ୍ୟକ ସୂତା ଲୁଗା ବୁଣାକାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ନାନ ପୂର୍ଣ୍ଣମୀ, ଅଣସର, ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ସମେତ ଦୈନିକ ନୀତିକାନ୍ତିରେ ମହାପ୍ରଭୁ ବିଭିନ୍ନ ବସ୍ତ୍ର ପରିଧାନ କରିଥାନ୍ତି। ନିଷ୍ଠା, ଏକାଗ୍ର ଚିତ୍ତରେ ବୁଣାକାମରେ ଲାଗିଛନ୍ତି ବୁଣାକାର। ସେହିପରି ମହାପ୍ରଭୁଙ୍କ ଦୈନିକ ସାତଦିନର ପାଟବସ୍ତ୍ର, ଘୋଷଯାତ୍ରାରେ ସ୍ୱତନ୍ତ୍ର ବସ୍ତ୍ର ତଥା ଗୀତଗୋବିନ୍ଦ ପାଟବସ୍ତ୍ର ବୁଣା ଚାଲିଛି। ତିନି ଭାଗରେ ବୁଣାକାରମାନେ ଏହି କାମରେ ଲାଗିଛନ୍ତି ବୋଲି ଗୋପୀନାଥ କହିଛନ୍ତି। ସୂତା କାଟିବାଠାରୁ ବସ୍ତ୍ର ବୁଣା ପର୍ଯ୍ୟନ୍ତ କାହାରିକୁ ଫୁରସତ ନାହିଁ। ଯିଏ ଯାହାର କାମରେ ଲାଗିଛନ୍ତି। ଏହି ଗ୍ରାମର ଗୋପୀନାଥ ଦାସଙ୍କ ପରିବାର ଦୀର୍ଘ ୩୦ବର୍ଷ ହେବ ରଥଯାତ୍ରା ଏବଂ ମହାପ୍ରଭୁଙ୍କ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ଲାଗି ସୂତା ଓ ପାଟବସ୍ତ୍ର ଯୋଗାଇଆସୁଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଯଥା ସମୟରେ ଚାଲିଛି ବୋଲି ଗୋପୀନାଥ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଲିକା ପାଇବା ପରେ ବୁଣାକାରମାନେ କାର୍ଯ୍ୟରେ ଲାଗିପଡନ୍ତି। ଅକ୍ଷୟ ତୃତୀୟାଠାରୁ କାମ ଆରମ୍ଭ ହୋଇଥାଏ। ସ୍ନାନଯାତ୍ରା ସମୟ ଦୁଇ ସପ୍ତାହ ପୂର୍ବରୁ ସମସ୍ତ କାର୍ଯ୍ୟ ସମାପନ ହୋଇଥାଏ। ଗୋପୀନାଥ କୁହନ୍ତି, ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇପ୍ରକାର ଘୋଡ଼ଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ ଲେଖାଏ ଚେହେଲି ପାଟ ପ୍ରସ୍ତୁତ ହୋଇଛି। ବଡ଼ସିଂହାର ବେଶ ଲାଗି ଗୀତଗୋବିନ୍ଦ ପାଟ ରହିଛି। ସେହିପରି ସପ୍ତବିଗ୍ରହ ଯଥା ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ପ୍ରକାର ଘୋଡ଼ଣି ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟସେବା ଲାଗି ୩୦ରୁ ୩୫ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା ଆଦି ବସ୍ତ୍ର ପଠାଯାଇଛି। ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ବର୍ଷସାରା ଏଠି ହସ୍ତତନ୍ତରେ ବିଭିନ୍ନ ପ୍ରକାର ଲୁଗା ଓ ପାଟବସ୍ତ୍ର ବୁଣନ୍ତି। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରରୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

## ଆସେଲିଙ୍କୁ ଝୁରୁଛନ୍ତି ପରିବାର

୯୭ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଆସେଲିଙ୍କୁ ଝୁରୁଛନ୍ତି ପରିବାର। ସେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପାଇଁ ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶ୍ରୀଅଙ୍ଗଲାଗି ପାଟବସ୍ତ୍ର ପାଇଁ ସୂତା କାଟୁଥିଲେ। ସେ ଯେଉଁସ୍ଥାନରେ ବସି ସୂତା କାଟୁଥିଲେ, ସେହି ସ୍ଥାନରେ ଏକ ଚୌକିରେ ତାଙ୍କ ତୈଳ ଫଟୋଚିତ୍ର ରହିଛି। ପରିବାର ଲୋକେ ତାଙ୍କୁ ମନେପକାଇ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଛନ୍ତି। ଆସେଲିଙ୍କ ବଡ଼ପୁଅ ଗୋପୀନାଥ କୁହନ୍ତି, ମା'ଙ୍କ ଅନୁପସ୍ଥିତିକୁ ପରିବାର ଏବଂ ବୁଣାକାର ଭାଇମାନେ ଝୁରୁଛନ୍ତି। ବୟସର ଅପରାହ୍ନରେ ବି ସେ ଗୋଟିଏ ସ୍ଥାନରେ ବସି ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପାଟବସ୍ତ୍ର ପାଇଁ ସୂତା କାଟୁଥିଲେ। ସେ ନ ଥିଲେ ମଧ୍ୟ ତାଙ୍କ ଫଟୋଚିତ୍ର ଆମ ପାଇଁ ପ୍ରେରଣା ଉତ୍ସ ପାଲଟିଛି।

# ଟ୍ରାକ୍ଟର, ଜେସିବି ଜବତ: ୨ ଅଟକ



ଜଟଣୀ, ୧୬।୫ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ତହସିଲ ଅଧୀନ ଜାମୁକୋଳି ଅଞ୍ଚଳରେ ଅସାମାଜିକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଶୁକ୍ରବାର ଦୁର୍ବୃତ୍ତମାନେ ରାସ୍ତା ଉପରୁ ମୋରମ ତାଡ଼ି ବିକ୍ରି କରୁଥିବା ବେଳେ ଏୟାରଫିଲ୍ଡ ଥାନା ପୋଲିସ ପହଞ୍ଚି ଦୁଇ ଜଣଙ୍କୁ ଅଟକ ରଖିବା ସହ ଟ୍ରାକ୍ଟର ଓ ଜେସିବି ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କିଛି ମାସ ହେବ ଜଟଣୀ-ସୁନ୍ଦରପଦା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ୪ ଲେନ ବିଶିଷ୍ଟ ରାସ୍ତା ତିଆରି ପାଇଁ ମୋରମ, ମେଣ୍ଟାଲ, ବାଲି, ଚିପ୍ସ ଇତ୍ୟାଦି ରାସ୍ତା ଉପରେ ପକାଯାଉଛି। ବର୍ଷାଦିନ ଆସିବା ପୂର୍ବରୁ ରାସ୍ତା କାମ ସାରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ତେବେ ଏହି ରାସ୍ତାରୁ କିଛିଦିନ ହେବ ଦୁର୍ବୃତ୍ତମାନେ ମୋରମ, ମେଣ୍ଟାଲ ଚୋରି କରୁଥିବା ଅଭିଯୋଗ ହୋଇଆସୁଛି। ଶୁକ୍ରବାର ଜାମୁକୋଳି ଛକଠାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ଯୁବକ ରାସ୍ତା ଉପରୁ ଜେସିବି ମାଧ୍ୟମରେ ମୋରମ ତାଡି ଦୁଇଟି ଟ୍ରାକ୍ଟରରେ ବିକ୍ରି କରୁଥିବା ବେଳେ ଏୟାରଫିଲ୍ଡ ପୋଲିସ ପହଞ୍ଚିଥିଲା। କେତେଜଣ ଦୁର୍ବୃତ୍ତ ସେଠାରୁ ଚମ୍ପଟ ମାରିଥିବା ବେଳେ ପୋଲିସ ଘଟଣାସ୍ଥଳରୁ ଏକ ଜେସିବି ଏବଂ ଟ୍ରାକ୍ଟର ଜବତ କରିଛି। ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଏୟାରଫିଲ୍ଡ ଥାନା ଅଧିକାରୀ ଶଶିକାନ୍ତ ରାଉତ କହିଛନ୍ତି, ସରକାରୀ ସମ୍ପତ୍ତିର କ୍ଷତି କରୁଥିବା ଅସାମାଜିକଙ୍କ ଉପରେ ନଜର ରଖାଯାଇଛି। ରାସ୍ତା କାର୍ଯ୍ୟ କରୁଥିବା ବିଭାଗ ପକ୍ଷରୁ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଆର୍‌ଆଣ୍ଡବି ଡିଭିଜନ-୨ ଭୁବନେଶ୍ୱରର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ସାଇଦୀପ ସାହୁ କୁହନ୍ତି, ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସାମାଜିକ କର୍ମୀ ମନୋଜଙ୍କ ପରଲୋକ

ଖୋର୍ଦ୍ଧା, ୧୬।୫ (ପ୍ରଭାତ ପାଣିଗ୍ରାହୀ)

ସାମାଜିକ କର୍ମୀ ମନୋଜ କୁମାର ହରିଚନ୍ଦନଙ୍କ ସାଗୁଆନ ବଗିଚାସ୍ଥିତ ବାସଭବନରେ ଶୁକ୍ରବାର ଭୋରୁ ପରଲୋକ ହୋଇଯାଇଛି। ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସର୍ବେଶ୍ୱର ପ୍ରଧାନ, ମନୋଜ କୁମାର ବାରିକ, ପ୍ରକାଶ କୁମାର ଦାସ, ରାଜେନ୍ଦ୍ର ସିଂହ, କୃଷ୍ଣ ଚନ୍ଦ୍ର ଭୁଜବଳ, ରାଧା ମୋହନ ପ୍ରଧାନ, ଲଳିତ ମୋହନ ମହାପାତ୍ର ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବରୁଣେଇସ୍ଥିତ ହାଡଗଡ଼ିଆ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ରୁଦ୍ର ମୁଖାଗ୍ନି ଦେଇଥିଲେ। ସେ ଜଣେ ଅତ୍ୟନ୍ତ ମେଳାପି, ମିଷ୍ଟଭାଷୀ, ପରୋପକାରୀ ଏବଂ ଜଣାଶୁଣା ସମାଜସେବୀ ଥିବା ବେଳେ ଠେଙ୍ଗାହାଟ ଦଶଦୋଳ ପୂଜା କମିଟି, ମା'ଗୋଷ୍ଟେଶ୍ୱରୀ ଶ୍ରୀରାମ ଚରିତ ମାନସ ପରିଷଦ, ଗୋଷ୍ଟେଶ୍ୱରୀ କ୍ଲବର ବରିଷ୍ଠ ସଦସ୍ୟ ଥିଲେ।

# ପାନୀୟ ଜଳଯୋଗାଣର ସମୀକ୍ଷା କଲେ ଆଇନମନ୍ତ୍ରୀ



ବୈଠକରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୧୬।୫ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା, ପାନୀୟଜଳ ସମସ୍ୟା ସମାଧାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଚିଲିକା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳଯୋଗାଣ, ନୂତନ ନଳକୂପ ଖନନ ଓ ମରାମତି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଚିଲିକା ବିଧାୟକ ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶୁକ୍ରବାର ମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ସମସ୍ତ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପାନୀୟଜଳ ସମସ୍ୟା ତ୍ୱରିତ ସମାଧାନ ତଥା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣାଧୀନ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି। ଏହାକୁ ସୁନିଶ୍ଚିତ ପାଇଁ ପାନୀୟଜଳ ଯୋଗାଣ ପ୍ରକଳ୍ପରେ ବିପୁଳ ପୁଞ୍ଜିନିବେଶ କରାଯାଉଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ଏହି ସମୀକ୍ଷା ବୈଠକରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ.ରଶ୍ମିତା ଦାସ, ବାଣପୁର ବ୍ଲକ ବିଡିଓ ଶୀତଲ ଅଗ୍ରୱାଲ, ଚିଲିକା ବିଡିଓ ପୁନମ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଞ୍ଚଳରୁ ହାତୀପଲ୍ଲଙ୍କୁ ଘଉଡ଼ାଇବା ପାଇଁ ଦାବି

ନିରାକାରପୁର, ୧୬।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବନାଞ୍ଚଳ ଅଧୀନ ଟାଙ୍କୋଳରେ ଗୁରୁବାର ହାତୀ ଆକ୍ରମଣରେ ପଠାଣି ସ୍ୱାଇଁ (୬୫)ଙ୍କ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ଶୁକ୍ରବାର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଅନ୍ୟପଟେ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ କିପରି କ୍ଷତିପୂରଣ ମିଳିବ ସେଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପ୍ରଥମେ ୬୦ହଜାର ଟଙ୍କା ତାଙ୍କ ପରିବାରର ଉତ୍ତରାଧିକାରୀଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାସ କହିଛନ୍ତି। ଏହି ଅଞ୍ଚଳରୁ ହାତୀଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ଚେଷ୍ଟା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ବୋଲଗଡ଼, ୧୬।୫ (ଦେବବ୍ରତ ହୋତା)



ମହେଶ୍ୱର ବେହେରା

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ସୀମାପଲ୍ଲୀ ଗ୍ରାମର ମହେଶ୍ୱର ବେହେରା(୬୫)। ଦୁଇ ବର୍ଷ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କର ଗୋଟିଏ କିଡ୍‌ନୀ କାମ କରୁ ନ ଥିବାରୁ ତାକୁ ଅପରେଶନ କରି ବାହାର କରାଯାଇଛି। ଅନ୍ୟ କିଡ୍‌ନୀଟି ୧୭ ପ୍ରତିଶତ ଖରାପ ହୋଇଯାଇଛି। ଫଳରେ ଜୀବନ ସହ ସଂଗ୍ରାମ କରୁଛନ୍ତି ମହେଶ୍ୱର। ସେ ଏବେ ଭୁବନେଶ୍ୱରର ଏକ ମେଡିକାଲର ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଉଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ତାଙ୍କର ପ୍ରଥମ ବୃକ୍କ ଅପରେସନ କରାଯାଇଥିବା ବେଳେ ଦୈନନ୍ଦିନ ଔଷଧ ପାଇଁ ସପ୍ତାହକୁ ହଜାର ଟଙ୍କା କେଉଁଠୁ ଆଣିବେ ତାଙ୍କୁ ଚିନ୍ତା ଘାରିଛି। ଡାକ୍ତରଙ୍କ କହିବା ଅନୁଯାୟୀ ବୃକ୍କ ପ୍ରତିରୋପଣ ନିତାନ୍ତ ଆବଶ୍ୟକ। ତେବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ୧୫କେଜି ରାଶନ ଚାଉଳ ଓ କଳାକାର ଭତ୍ତା ଟଙ୍କାରେ ପରିବାର ଚଳାଉଥିବା ଭୂମିହୀନ ମହେଶ୍ୱର ଏତେ ଟଙ୍କା କେଉଁଠୁ ଆଣିବେ ଚିନ୍ତାରେ ପଡ଼ିଛନ୍ତି। ସରକାରୀ ସହାୟତା କିମ୍ବା ବଦାନ୍ୟ ବ୍ୟକ୍ତି ଆର୍ଥିକ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି।

## ଦିନ ଦ୍ୱିପ୍ରହରେ ମରଣାନ୍ତକ ଆକ୍ରମଣ

ପୁରୀ ୧୬।୫ (ଅଜିତ୍ କୁମାର ମହାନ୍ତି)

ଦିନ ଦ୍ୱିପ୍ରହରରେ ବଳିଆ ପଣ୍ଡା ଅଞ୍ଚଳରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ମାରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ହେଲେ ଦୀପ୍ତି ରଞ୍ଜନ ମହାନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ନିମନ୍ତେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଆକ୍ରମଣର ଶିକାର ହୋଇଥିବା ମହାନ୍ତି ଅଟୋ ସଂଘର ସଭାପତି ଥିବା ଜଣାପଡ଼ିଛି। ଆକ୍ରମଣର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।



ଅସରଳା ଗ୍ରାମ ବ୍ରାହ୍ମଣ ସାହିରେ ଶ୍ରୀରାମଚରିତ ମାନସ ନବାନ୍ନ ପାରାୟଣ ଜ୍ଞାନଯଜ୍ଞ ଉପଲକ୍ଷେ କଳସ ଯାତ୍ରା ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ଶ୍ରୀରାମଚରିତ ମାନସ ନବାନ୍ନ ପାରାୟଣ ଜ୍ଞାନଯଜ୍ଞ

ଖୋର୍ଦ୍ଧା, ୧୬।୫ (ପ୍ରଭାତ ପାଣିଗ୍ରାହୀ)

ବୋଲଗଡ ବ୍ଲକ ଅସରଳା ଗ୍ରାମର ବ୍ରାହ୍ମଣ ସାହିରେ ଶ୍ରୀରାମଚରିତ ମାନସ ନବାନ୍ନ ପାରାୟଣ ଜ୍ଞାନଯଜ୍ଞ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧିବାସ ଦିବସରେ ଶ୍ରଦ୍ଧାଳୁମାନେ ଜଳଯାତ୍ରା କରିବା ସହ ଅଗ୍ନିସ୍ଥାପନ କାର୍ଯ୍ୟକ୍ରମ ହୋଇଥିଲା। ୯ଦିନ ଧରି ଚାଲିବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ଠାକୁରଙ୍କ ପୂଜାର୍ଚ୍ଚନା ସହ ସକାଳୁ ସୂର୍ଯ୍ୟ ପୂଜା, ଗୋପୂଜା, ପାରାୟଣ କାର୍ଯ୍ୟକ୍ରମ ସହ ରାତିରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରବଚକ ଗୁରୁପ୍ରସାଦ ମହାପାତ୍ର, ଡ.ପ୍ରଦୀପ ଜେନା, ଗୋପାଳ ରାୟଗୁରୁଙ୍କ ସହ ସନ୍ଥ ସନ୍ତୋଷ ଚୈତନ୍ୟଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସମ୍ପାଦନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# କୃଷ୍ଣପ୍ରସାଦରେ ଚନ୍ଦନଯାତ୍ରା ଆରମ୍ଭ

କୃଷ୍ଣପ୍ରସାଦ, ୧୬।୫ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜରାଜୁଡ଼ା ଅମଳରୁ କୃଷ୍ଣପ୍ରସାଦ ଗଡ଼ରେ ଚନ୍ଦନ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ପାଞ୍ଚ ମୌଜା ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚନ୍ଦନ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଇପିଙ୍ଗସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ବିମାନରେ ମଦନମୋହନଙ୍କ ଚଳନ୍ତି ପ୍ରତିମା ଓ ରାଜବାଟୀ ପରିସରରୁ ଶ୍ରୀକୃଷ୍ଣଙ୍କୁ ବିମାନରେ ପାଟପଟୁଆରରେ ନିଆଯିବା ପରେ ମହାଦେବଙ୍କ ପୁଷ୍କରିଣୀରେ ଚାପଖେଳ ହୋଇଥିଲା। ଘଣ୍ଟ ଘଣ୍ଟା, ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ଚନ୍ଦନ ଯାତ୍ରାର ମୁଖ୍ୟ ପୁରୋଧା ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଭିନ୍ନ ଦିନରେ ପାଇକଆଖଡା, ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୃଷ୍ଣପ୍ରସାଦ ଥାନା ଉପଖଣ୍ଡ ପୋଲିସ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରାତିରେ ଖୋଲା ମଞ୍ଚରେ ନାଟକ ପରିବେଷଣର ବ୍ୟବସ୍ଥା କରାଯାଇଛି ।

# ଡାକ୍ତରଙ୍କ ୩ ଆକାଉଣ୍ଟରୁ ଠକିନେଲେ ୩୭ ହଜାର

ଟାଙ୍ଗୀ, ୧୬।୫ (ରଘୁନାଥ ସାହୁ)

ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସାଇବର ଠକମାନେ ବିଭିନ୍ନ ଅଭିନବ ଉପାୟ ଅବଲମ୍ବନ କରି ଲୋକଙ୍କୁ ଠକୁଛନ୍ତି। ବିଦ୍ୟୁତ୍ ଦେୟ ଆଦାୟ ଆଳରେ ଜଣେ ଡାକ୍ତରଙ୍କ ୩ଟି ଆକାଉଣ୍ଟରୁ ୩୭ହଜାର ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା ଡା. ମଧୁସୂଦନ ସେନାପତି ଏନେଇ ଭୁବନେଶ୍ୱର ସାଇବର ଥାନା ଏବଂ ସ୍ଥାନୀୟ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଗୁରୁବାର ପୂର୍ବାହ୍ନ ୧୦ଟାରେ ଡାକ୍ତର ସେନାପତିଙ୍କ ନିକଟକୁ ଭୁବନେଶ୍ୱର ବିଦ୍ୟୁତ୍ ସେଣ୍ଟ୍ରାଲ ବୋର୍ଡର ଅବିନାଶ କୁମାର ନାମକ ଜଣେ ବ୍ୟକ୍ତି ଫୋନ କରି ବିଦ୍ୟୁତ୍ ଦେୟ ବାବଦକୁ ବକେୟା ଟଙ୍କା ଫୋନ ପେ ମାଧ୍ୟମ ଏକ ନିର୍ଦ୍ଦିଷ୍ଟ ନମ୍ବରକୁ ପଠାନ୍ତୁ ବୋଲି କହିଥିଲେ।

### ସାଇବର ଠକେଇ

ଏହାପରେ ଡା. ସେନାପତି ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ପରୀକ୍ଷାମୂଳକ ଭାବେ ୫ଟଙ୍କା ପଠାଇଥିଲେ। ସାଇବର ଠକ ଟଙ୍କା ଆସିନାହିଁ କହି ଅନ୍ୟ ଆକାଉଣ୍ଟରୁ ପଠାଇବା ପାଇଁ କହିଥିଲେ। ଡାକ୍ତର ସେନାପତି ପୁଣି ସାଇବର ଠକ କଥାରେ ଅନ୍ୟ ଦୁଇଟି ବ୍ୟାଙ୍କ ଆକାଉଣ୍ଟରେ ୫ଟଙ୍କା ଲେଖାଏ ପଠାଇ ଦେଇଥିଲେ। ଏହାର କିଛି ସମୟ ପରେ ଡାକ୍ତରଙ୍କ ତିନୋଟି ଆକାଉଣ୍ଟରୁ ୧୫ହଜାର, ୧୭ହଜାର, ୫ହଜାର ଟଙ୍କା କଟିଯାଇଥିଲା। ସାଇବର ଠକେଇ ହୋଇଥିବା ଜାଣିବା ପରେ ଡାକ୍ତର ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଠକ ପଠାଇଥିବା ଲିଙ୍କ, ଫୋନ ନମ୍ବର, ଫୋନ ପେ ନମ୍ବର ଲିଖିତ ଭାବେ ଜଣାଇବା ସହ ଠକଙ୍କୁ ଧରିବା ପାଇଁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ମଧ୍ୟ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ସ୍ୱାଭାବିକ ହୋଇପାରିନି ଭେଣ୍ଡିଂଜୋନ୍ ବ୍ୟବସାୟ

ଖୋର୍ଦ୍ଧା, ୧୬।୫ (ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ପୂର୍ବାହ୍ନ ୧୦ଟା ପରେ ଲୋକେ ବିନା କାମରେ ଘରୁ ବାହାରୁ ନାହାନ୍ତି। ତେବେ ଖୋର୍ଦ୍ଧା ଟିଏଲ୍‌ସି ରୋଡରେ ନିର୍ମିତ ଭେଣ୍ଡିଂଜୋନରେ ବ୍ୟବସାୟ କରୁଥିବା ବେପାରୀ ଗ୍ରାହକଙ୍କ ଅପେକ୍ଷାରେ ଖରାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଭେଣ୍ଡିଂଜୋନ କୋଠରିଗୁଡ଼ିକ ଆଇରନରେ ନିର୍ମାଣ କରାଯାଇଛି। ଫଳରେ ଖରାରେ ଗୃହଗୁଡ଼ିକ ତାତି ଯାଉଛି। କେତେଜଣ ବେପାରୀ ଅଂଶୁଘାତ ଭୟରେ ଦିନରେ ଦୋକାନ ଖୋଲୁ ନ ଥିବା କହିଛନ୍ତି।

ମେଡିକାଲ ସମ୍ମୁଖ, ଟିଏଲ୍‌ସି ରୋଡ ଏବଂ ଭାଲିଆବାଡ଼ି ଛକରେ ପୌର ପ୍ରଶାସନ ଆନୁକୂଲ୍ୟରେ ୮କୋଟି ୮୧ଲକ୍ଷ ବ୍ୟୟ ଅଟକଳରେ ଭେଣ୍ଡିଂଜୋନ ନିର୍ମାଣ କରାଯାଇଛି। ବ୍ୟବସାୟୀଙ୍କ ପାଇଁ ୧୦/୧୦ରେ କୋଠରି ନିର୍ମାଣ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଆର୍ଥିଙ୍ଗ ସମସ୍ୟା ଯୋଗୁ କୋଠରିଗୁଡ଼ିକରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ଲଘୁଚାପ ବର୍ଷାରେ ଭେଣ୍ଡିଂଜୋନରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଥିବା ଦେଖିବାକୁ ମିଳିଥିଲା। ଆଗକୁ ମୌସୁମୀ ପ୍ରବେଶ କଲେ ବିଦ୍ୟୁତ୍ ଚାର୍ଜ ହେବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ତେବେ ନିକଟରେ ଦୈନିକ ପରିବା ମଣ୍ଡିରେ ଶହେରୁ ଊର୍ଦ୍ଧ୍ୱ ଉଠାଦୋକାନୀ ବେପାର କରୁଛନ୍ତି। ଗୋଟିଏ ସ୍ଥାନରେ ପନିପରିବା ମିଳୁଥିବାରୁ ଲୋକେ ଭେଣ୍ଡିଂଜୋନରେ ଖୋଲିଥିବା ବ୍ୟବସାୟୀଙ୍କ ନିକଟକୁ ଯାଉ ନ ଥିବା ଜଣାପଡ଼ିଛି। ଫଳରେ ଭେଣ୍ଡିଂଜୋନ ବ୍ୟବସାୟୀଙ୍କ ବେପାର ଏକପ୍ରକାର ଠପ ହୋଇଯାଇଛି। ଦିନକୁ ଶହେ ଟଙ୍କା ବିକ୍ରି ହେଉ ନ ଥିବା ବେଳେ ସେପଟେ ଖରାରେ ବେପାରୀମାନେ ସିଝୁଛନ୍ତି ବୋଲି କେତେଜଣ ଭେଣ୍ଡିଂଜୋନ ବ୍ୟବସାୟୀ କହିଛନ୍ତି। ଅନ୍ୟପଟେ ଭେଣ୍ଡିଂଜୋନ ଆବଣ୍ଟିତ ହୋଇଥିବା ଦୋକାନ ଗୃହ ନିୟମିତ ନ ଖୋଲିଲେ,

### ବେପାର ଠପ୍, ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉନି



ଗ୍ରାହକଙ୍କ ଅପେକ୍ଷାରେ ବ୍ୟବସାୟୀ।

ଦୋକାନ ଗୃହ ପଞ୍ଜୀକରଣ ରଦ୍ଦ କରାଯିବ ବୋଲି ନୋଟିସ କରାଯାଇଛି।

ପ୍ରକାଶ ଯେ, ଖୋର୍ଦ୍ଧା ପୌର ପ୍ରଶାସନର ସହର ସୌନ୍ଦର୍ଯ୍ୟକରଣ ଆଳରେ ଉଠାଦୋକାନୀଙ୍କୁ ଉଚ୍ଛେଦ ଏବଂ ଥଇଥାନ ପ୍ରହସନରେ ପରିଣତ ହୋଇଛି ବୋଲି ଚର୍ଚ୍ଚା ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ଉଚ୍ଛେଦ ହୋଇଥିବା ୧୬୬ କ୍ୟାବିନ ବ୍ୟବସାୟୀ ଏବଂ ଉଠାଦୋକାନୀ (ପୂର୍ବରୁ ହାବେଳି ପଡିଆ ପାଇଁ ଟୋକନ ମନିଦେଇଥିବା ବ୍ୟବସାୟୀଙ୍କୁ ମିଶାଇ) ଟିଏଲ୍‌ସି ରୋଡ ଏବଂ ଭାଲିଆବାଡ଼ିଠାରେ ନବନିର୍ମିତ ଭେଣ୍ଡିଂଜୋନରେ ଅବସ୍ଥାପିତ କରାଯାଇଛି। ଏଥିରେ ମାରୱାଡି ପଟିରେ ଥିବା ପୂଜା ଦୋକାନୀ, ଟ୍ରାଫିକ ଛକରୁ ସମବାୟ ଛକ, ଡାକ ବିଭାଗ ପାର୍ଶ୍ୱ, ସମବାୟ ଛକ ପଞ୍ଚସଖା ଓ ମା'ଲକ୍ଷ୍ମୀ ପରିବା ସଂଘ ପରିବା ବ୍ୟବସାୟୀଙ୍କୁ ଭେଣ୍ଡିଂଜୋନରେ ଅବସ୍ଥାପିତ କରାଯାଇଥିବା ବେଳେ ଟାଉନ ହଲ୍ ଛକଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକଡ ପରିବା, ଫଳ ଦୋକାନୀଙ୍କୁ ଟିଏଲସି ରୋଡ ଆଦର୍ଶ ଶ୍ମଶାନ ସମ୍ମୁଖ ପଡିଆରେ ଅବସ୍ଥାପିତ କରାଯାଇଛି। ଏବେ ସୁଦ୍ଧା ଭେଣ୍ଡିଂଜୋନ ବ୍ୟବସାୟ ସ୍ୱାଭାବିକ ହୋଇପାରିନାହିଁ। ପଞ୍ଚସଖା ଏବଂ ମା'ଲକ୍ଷ୍ମୀ ପରିବା ସଂଘ ବ୍ୟବସାୟମାନେ ହାତବାନ୍ଧି ବସିଛନ୍ତି। ଶ୍ମଶାନ ପଡିଆରେ ଶହେରୁ ଊର୍ଦ୍ଧ୍ୱ ଉଠାଦୋକାନୀକୁ ନେଇ ପରିବା ମଣ୍ଡି ଚାଲିଛି। ସେଠାରେ ପରିବା କିଣିବା ପାଇଁ ମଣ୍ଡିରେ ଗ୍ରାହକଙ୍କ ଭିଡ ରହୁଥିବା ବେଳେ ଭେଣ୍ଡିଂଜୋନରେ ଖୋଲିଥିବା ପରିବା ବ୍ୟବସାୟୀ ପରିବା କିଣିବା ପାଇଁ ଗ୍ରାହକ ଆସୁ ନ ଥିବାରୁ ପରିବା ପଚିଶଢ଼ି ନଷ୍ଟ ହେଉଥିବା ବେପାରୀ କହିଛନ୍ତି। ଫଳରେ ପରିବାର କିପରି ଚଳାଇବେ ଚିନ୍ତାରେ ପଡିଛନ୍ତି।

# ସୁଭାଷ ସେତୁ ଉପରେ ସିରିଜ୍ ଦୁର୍ଘଟଣା

ବାରଙ୍ଗ, ୧୬।୫ (ଲିଙ୍ଗରାଜ ରାଉତ)

ନେତାଜୀ ସୁଭାଷ ସେତୁ ଉପରେ ଶୁକ୍ରବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ହେଲେ ସୌଭାଗ୍ୟବଶତଃ ଚାଳକମାନେ ବର୍ତ୍ତିଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ପୂର୍ବାହ୍ନ ୧୧ଟାରେ ତ୍ରିଶୂଳିଆପଟୁ କଟକ ଅଭିମୁଖେ ନେତାଜୀ ସୁଭାଷ ସେତୁ ଉପରେ ଯାଉଥିବା ଏକ କାର୍ ଟ୍ରାଫିକ ସମସ୍ୟା ପାଇଁ ଅଟକି ରହିଥିଲା। ଏହି ସମୟରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ (ଓଡି ୦୧ ଏଚ୍ ୯୫୯୫) ଓ ତା' ପଛକୁ ଏକ କାର୍ (ଓଡି ୦୫ପି ୭୭୭୭) ଆସି ଧକ୍କା ହୋଇଥିଲା। ପରେ ଏକ ଟ୍ରକ୍ (ଓଡି ୦୨ ସିଇ ୨୯୪୦) ଦ୍ରୁତଗତିରେ ଆସି ପଛରୁ ଧକ୍କା ଦେଇଥିଲା। ଟ୍ରକ୍ ଧକ୍କା ହେବା ପରେ ଚାଳକ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ସିରିଜ୍ ଦୁର୍ଘଟଣା ଫଳରେ ଗାଡ଼ିଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଚାଳକ ଓ ଗାଡ଼ିରେ ଥିବା ଲୋକଙ୍କର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଘଟଣା ପରେ ପ୍ରାୟ ୧ ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଖବର ପାଇ ମର୍କତନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଶ୍ରୀବନ୍ତପୁରରେ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ତ୍ରିଶୂଳିଆ, ୧୬।୫ (ତୁଷାରକାନ୍ତ ବେହେରା)

ଶ୍ରୀବନ୍ତପୁରରେ ମହାଦେବ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ପାଳିତ ହୋଇଛି। ଗୁରୁବାର ଅଙ୍କୁରାରୋପଣ, ଶୁକ୍ରବାର କାନପୁର ସାଇଫନ୍‌ଠାରୁ ପୁରୀ ମୁଖ୍ୟ କେନାଲରୁ ଜଳ ଶୋଭାଯାତ୍ରାରେ ଆଣି କୁମ୍ଭ ସ୍ଥାପନ କରାଯିବା ପରେ ଯଜ୍ଞ ଆରମ୍ଭ ହୋଇଛି। ଶନିବାର ସୂର୍ଯ୍ୟ ପୂଜା, ମଣ୍ଡପ ପୂଜା, ଅଗ୍ନି ସ୍ଥାପନ, ବିଗ୍ରହ ଓ ମନ୍ଦିର ସ୍ନାନ କରାଯିବ। ରବିବାର ବିଗ୍ରହ ନ୍ୟାସ, ଯଜ୍ଞ ସହିତ ବିଗ୍ରହ ଗ୍ରାମ ପରିକ୍ରମା କରାଯିବ। ସୋମବାର ମନ୍ଦିର ପ୍ରତିଷ୍ଠା, ଧ୍ୱଜା ସ୍ଥାପନ, ବିଗ୍ରହ ମନ୍ଦିର ପ୍ରବେଶ ପରେ ଆଳତି କରାଯାଇ ପୂର୍ଣ୍ଣାହୁତି ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

# ଅଟୋ ସଂଘ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ ୧୬।୫ (ଅଜିତ୍ କୁମାର ମହାନ୍ତି)

ଦିନ ଦ୍ୱିପ୍ରହରରେ ବଳିଆ ପଣ୍ଡା ଅଞ୍ଚଳରେ ଅଟୋ ସଂଘର ସଭାପତି ଦୀପ୍ତି ରଞ୍ଜନ ମହାନ୍ତିଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଛି। ଦୀପ୍ତିରଞ୍ଜନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ଦୃଶ୍ୟ ସିସି ଟିଭିରେ କଏଦ ହୋଇଛି। ଦୀପ୍ତି ରଞ୍ଜନ ଏବଂ ଆଉଜଣେ ଯୁବକ ଚାଲିଚାଲି ଆସିଥିଲେ। ସେହି ସମୟରେ ଦୀପ୍ତି ରଞ୍ଜନଙ୍କୁ ଅଭିଯୁକ୍ତ ରାକେଶ କୁମାର ସାହୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅନ୍ୟ ଯୁବକ ଜଣଙ୍କୁ ଏହାକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବଳିଆପଣ୍ଡା ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି।

# ଗୋଷ୍ଠୀ ସହଯୋଗରେ ଡେଙ୍ଗୁ ସଂକ୍ରମଣ ରୋକିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୬।୫ (ବନ୍ଦନା ସେଠୀ)



ବୈଠକରେ କମିଶନର ରାଜେଶ ପ୍ରଭାକର ପାଟିଲ୍ ଆଲୋଚନା କରୁଛନ୍ତି।

## ଡେଙ୍ଗୁ ସଚେତନତା ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ
## ଡେଙ୍ଗୁ ଶୂନ୍ୟ ୱାର୍ଡ ପୁରସ୍କୃତ ହେବେ

ବର୍ଷାଋତୁ ଆସିବା ପୂର୍ବରୁ ଡେଙ୍ଗୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବିଏମ୍‌ସି ଅଣ୍ଟା ଭିଡ଼ିଛି। ଏନେଇ ଏକ ପ୍ରସ୍ତୁତି ବୈଠକ ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କମିଶନର ରାଜେଶ ପ୍ରଭାକର ପାଟିଲ୍ ଏଥିରେ ଅଧ୍ୟକ୍ଷତା କରି ଡେଙ୍ଗୁରୋଗର ସମ୍ବେଦନଶୀଳତା, ଜନସଚେତନତା ଏବଂ ଠିକ୍ ସମୟରେ ଠିକ୍ ପଦକ୍ଷେପ ନେବା ସହ ପରସ୍ପର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗତବର୍ଷ ତୁଳନାରେ ଚଳିତବର୍ଷ ଗୋଷ୍ଠୀ ସହଯୋଗରେ ଯେପରି ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ ପାଇବ, ସେଥିପ୍ରତି ସମସ୍ତେ ଉଦ୍ୟମ କରିବାକୁ କମିଶନର କହିଥିଲେ। ଚଳିତ ବର୍ଷ ଡେଙ୍ଗୁ ଶୂନ୍ୟ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଏମସି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଡେଙ୍ଗୁ ସଚେତନତା ସୃଷ୍ଟି କରାଯିବ। ଏହାବ୍ୟତୀତ ୧୦୦ଜଣ ଲୋକଙ୍କୁ ନେଇ ୨୦ଟି ଟିମ୍ ଗଠନ କରାଯିବ ଏବଂ ପ୍ରତି ଟିମ୍‌ରେ ୫ଜଣ ଲେଖାଏ କର୍ମଚାରୀ ରହିବେ। ସେମାନେ ଘରକୁ ଘର ବୁଲି ଲୋକଙ୍କୁ ଡେଙ୍ଗୁରୋଗର ସମ୍ବେଦନଶୀଳତା ଏବଂ ମଶାବଂଶ ବୃଦ୍ଧି ସମ୍ପର୍କରେ ସଚେତନ କରାଇବେ। ରେଡିଓ, ସମସ୍ତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ବିଶେଷଜ୍ଞଙ୍କ ସଚେତନତାମୂଳକ ବାର୍ତ୍ତା, ବୃତ୍ତଚିତ୍ର, ସ୍ଥିରଚିତ୍ର ଆଦି ପ୍ରଚାର ପ୍ରସାର ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବ। ଡାକବାଜି ଯନ୍ତ୍ର ଜରିଆରେ ସମସ୍ତ ଆବାସିକ ଓ ବ୍ୟବସାୟିକ ଅଞ୍ଚଳରେ ଡେଙ୍ଗୁ ସମ୍ପର୍କରେ ପ୍ରଚାର କରାଯିବ। କର୍ପୋରେଟର, ଆବାସିକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ମାର୍କେଟ ଆସୋସିଏସନ, ହୋଟେଲ, ରେଷ୍ଟୁରାଣ୍ଟ, ବସ୍ତି ବାସିନ୍ଦା ସଂଘ, ଭେଣ୍ଡିଂଜୋନ୍ ଆସୋସିଏଶନ ଆଦିଙ୍କୁ ନେଇ ସଚେତନତା ସଭା ଓ ଶୋଭାଯାତ୍ରା କରାଯିବ। ସେହିପରି ପ୍ରତି ୱାର୍ଡରେ 'ଜିରୋ ଡେଙ୍ଗୁ ଡେ' ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସହକାରୀ କମିଶନର ଏନ. ଗଣେଶ ବାବୁ, ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଓଡିଶା ତଥା ଅର୍ବାନ ମେଟ୍ରୋପଲିଟାନ ସର୍ଭେଲାନ୍ସ ୟୁନିଟର ନୋଡାଲ ଅଫିସର ଡାକ୍ତର ପ୍ରମିଳା ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ଜଳ ନିଷ୍କାସନ ସମସ୍ୟାର ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ




ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜଳ ନିଷ୍କାସନ ସମସ୍ୟାର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୬।୫ (ବନ୍ଦନା ସେଠୀ)

## ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଡ୍ରେନେଜ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଅଧିକ ବର୍ଷା ହେଲେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡୁଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ସମୀକ୍ଷା ବୈଠକ କରିଥିଲେ। ସହରରେ କେଉଁସବୁ ସ୍ଥାନରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ଆଗାମୀ ବର୍ଷାଦିନ ପୂର୍ବରୁ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଜଳ ନିଷ୍କାସନ ସମସ୍ୟା ପ୍ରତି ତ୍ୱରିତ ପଦକ୍ଷେପ ନେଇ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ ସହରରେ ଥିବା ଡ୍ରେନେଜ ସିଷ୍ଟମ ସମ୍ପର୍କରେ ଆଲୋକପାତ କରିଥିଲେ। ସହରରେ ୭୭.୦୭ କି.ମି ବିଶିଷ୍ଟ ୧୫ଟି ମୁଖ୍ୟ ପ୍ରାକୃତିକ ଡ୍ରେନ ଥିବାବେଳେ ବିଏମ୍‌ସି ଅଞ୍ଚଳରେ ୧୮୩୯ କି.ମି ଇଣ୍ଟରନାଲ୍ ଡ୍ରେନ୍ ରହିଛି। ସେଥିରୁ ବିଏମ୍‌ସି ଅଧୀନରେ ୧୩୮୦ କି.ମି, ପୂର୍ତ୍ତବିଭାଗ ଅଧୀନରେ ୩୬୦.୨୨କି.ମି, ଇଡ୍‌କୋ ଅଧୀନରେ ୬୫.୦୨କି.ମି ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ୩୪.୪୩ କି.ମି ଡ୍ରେନେଜ୍ ବ୍ୟବସ୍ଥା ରହିଛି। ବିଭିନ୍ନ କାରଣରୁ ସହରରେ ଅତ୍ୟଧିକ ବର୍ଷା ହେଲେ ଇସ୍କନ ମନ୍ଦିର ରାସ୍ତା, କଟକରୋଡ, ସମ୍ ହସ୍ପିଟାଲ ନିକଟ ଆୟୁର୍ବେଦିକ ମେଡିକାଲ କଲେଜ ସମ୍ମୁଖ ରାସ୍ତା, ଅହଲ୍ୟା ନଗର, ମହିଳା ସିଟି କଲେଜ, ଏମ୍ସ ଅଞ୍ଚଳ, ଭଗବାନ୍‌ପୁର, ଫରେଷ୍ଟ ପାର୍କ, ଲକ୍ଷ୍ମୀସାଗର, ନହରକଣ୍ଟା, ରୁଦ୍ରପୁର ଆଦି ଅଞ୍ଚଳରେ ବେଶି ଜଳ ନିଷ୍କାସନ ସମସ୍ୟା ରହୁଛି। ଏସବୁ ଅଞ୍ଚଳରେ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି, ରାଜ୍ୟ ପାଣ୍ଠି ଆଦିରୁ ଭିନ୍ନ ଭିନ୍ନ ନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ପ୍ରାୟ ୩୦୦କୋଟି ବ୍ୟୟ ଆକଳନ କରାଯାଇଛି। ତେବେ ଅଗ୍ରାଧିକାର ଭିତ୍ତିରେ କେଉଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ, କେଉଁକାର୍ଯ୍ୟ ଅଧିକ ଦିନ ଲାଗିବ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗ ଅଧୀନରେ ଆସୁଥିବା ଡ୍ରେନେଜ କାର୍ଯ୍ୟକୁ ସମ୍ପୃକ୍ତ ବିଭାଗମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଡିଏ ଉପାଧ୍ୟକ୍ଷ ଡ. ଏନ. ଥିରୁମାଲା ନାୟକ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ ଡେଙ୍ଗୁ



କର୍ମଶାଳାରେ ଅତିରିକ୍ତ ନିର୍ଦ୍ଦେଶକ ଭେକ୍ଟର ବର୍ନ ଡିଜିଜ୍ (ଭିବିଡି) ଡା. ପ୍ରଭାକର ସାହୁଙ୍କ ସହ ଅନ୍ୟ ଅଧିକାରୀ।

ଭୁବନେଶ୍ୱର, ୧୬।୫ (ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ଡେଙ୍ଗୁ ଦିବସ ଅବସରରେ ଶୁକ୍ରବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ ଅତିରିକ୍ତ ନିର୍ଦ୍ଦେଶକ ଭେକ୍ଟର ବର୍ନ ଡିଜିଜ୍ (ଭିବିଡି) ଡା. ପ୍ରଭାକର ସାହୁ ରାଜ୍ୟରେ ସାମ୍ପ୍ରତିକ ଡେଙ୍ଗୁରୋଗର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲା ତଥା ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଯୋଗଦେଇ କହିଲେ, ଡେଙ୍ଗୁ ମଣିଷ ଦେହରେ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ବିଭିନ୍ନ ସରକାରୀ ବିଭାଗ ଏବଂ ସାମାଜିକ ସଂଗଠନର ମିଳିତ ଉଦ୍ୟମ ଦ୍ୱାରା ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ବଂଶ ବୃଦ୍ଧି ସ୍ଥଳ ସଫା କରିବା ସହିତ ରୋଗ ସଂକ୍ରମଣ ହ୍ରାସ କରାଯାଉଛି। ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ବନ୍ଧୀୟ ସୂଚନାର ଅଧିକ ପ୍ରଚାର ଓ ପ୍ରସାର ପାଇଁ ଆମକୁ ସମସ୍ତ ସ୍ତରରେ ସଚେତନତା ସୁନିଶ୍ଚିତ କରିବାକୁ ପଡିବ ବୋଲି ସେ ମତ ରଖିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ ସହରାଞ୍ଚଳରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଡିଏମ୍ଇଟି ଡା. ବ୍ରଜକିଶୋର ଦାଶ ଗୁରୁତର ଡେଙ୍ଗୁରୋଗୀଙ୍କ କ୍ଲିନିକାଲ ତଦାରଖରେ ମେଡିକାଲ କଲେଜଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମଲକର୍ ଡେଙ୍ଗୁକୁ ନେଇ କେନ୍ଦ୍ର ସରକାରଙ୍କ ପରାମର୍ଶ ଏବଂ ମାର୍ଗଦର୍ଶିକା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡା. ଜିତେନ୍ଦ୍ର ମୋହନ ବାବର୍ତ୍ତା ଏହି ସଂକ୍ରମଣ ପ୍ରବଣ ରୋଗର ପ୍ରତିରୋଧରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ (ଭିବିଡି) ଡା. ଶୁଭାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତରଙ୍କ ୩ ଆକାଉଣ୍ଟରୁ ଠକିନେଲେ ୩୭ ହଜାର

ଟାଙ୍ଗୀ, ୧୬।୫ (ରଘୁନାଥ ସାହୁ)

ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସାଇବର ଠକମାନେ ବିଭିନ୍ନ ଅଭିନବ ଉପାୟ ଅବଲମ୍ବନ କରି ଲୋକଙ୍କୁ ଠକୁଛନ୍ତି। ବିଦ୍ୟୁତ୍ ଦେୟ ଆଦାୟ ଆଳରେ ଜଣେ ଡାକ୍ତରଙ୍କ ୩ଟି ଆକାଉଣ୍ଟରୁ ୩୭ହଜାର ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା ଡା. ମଧୁସୂଦନ ସେନାପତି ଏନେଇ ଭୁବନେଶ୍ୱର ସାଇବର ଥାନା ଏବଂ ସ୍ଥାନୀୟ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସାଇବର ଠକେଇ

ଅଭିଯୋଗ ମୁତାବକ, ଗୁରୁବାର ପୂର୍ବାହ୍ନ ୧୦ଟାରେ ଡାକ୍ତର ସେନାପତିଙ୍କ ନିକଟକୁ ଭୁବନେଶ୍ୱର ବିଦ୍ୟୁତ୍ ସେଣ୍ଟ୍ରାଲ ବୋର୍ଡର ଅବିନାଶ କୁମାର ନାମକ ଜଣେ ବ୍ୟକ୍ତି ଫୋନ କରି ବିଦ୍ୟୁତ୍ ଦେୟ ବାବଦକୁ ବକେୟା ଟଙ୍କା ଫୋନ ପେ ମାଧ୍ୟମ ଏକ ନିର୍ଦ୍ଦିଷ୍ଟ ନମ୍ବରକୁ ପଠାନ୍ତୁ ବୋଲି କହିଥିଲେ। ଏହାପରେ ଡା. ସେନାପତି ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ପରୀକ୍ଷାମୂଳକ ଭାବେ ୫ଟଙ୍କା ପଠାଇଥିଲେ। ସାଇବର ଠକ ଟଙ୍କା ଆସିନାହିଁ କହି ଅନ୍ୟ ଆକାଉଣ୍ଟରୁ ପଠାଇବା ପାଇଁ କହିଥିଲେ। ଡାକ୍ତର ସେନାପତି ପୁଣି ସାଇବର ଠକ କଥାରେ ଅନ୍ୟ ଦୁଇଟି ବ୍ୟାଙ୍କ ଆକାଉଣ୍ଟରେ ୫ଟଙ୍କା ଲେଖାଏ ପଠାଇ ଦେଇଥିଲେ। ଏହାର କିଛି ସମୟ ପରେ ଡାକ୍ତରଙ୍କ ତିନୋଟି ଆକାଉଣ୍ଟରୁ ୧୫ହଜାର, ୧୭ହଜାର, ୫ହଜାର ଟଙ୍କା କଟିଯାଇଥିଲା। ସାଇବର ଠକେଇ ହୋଇଥିବା ଜାଣିବା ପରେ ଡାକ୍ତର ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଠକ ପଠାଇଥିବା ଲିଙ୍କ୍, ଫୋନ ନମ୍ବର, ଫୋନ ପେ ନମ୍ବର ଲିଖିତ ଭାବେ ଜଣାଇବା ସହ ଠକଙ୍କୁ ଧରିବା ପାଇଁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ମଧ୍ୟ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ରାକେଶ ପଣ୍ଡାଙ୍କୁ 'ସଂସ୍କୃତି ସେବା ସମ୍ମାନ'




ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ସଂସ୍କୃତି ସେବା ସମ୍ମାନ'ରେ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର, ୧୬।୫ (ସୌମ୍ୟରଞ୍ଜନ ରାଉତ)

ସମାଜର ଶ୍ରେଷ୍ଠ ହିତ ସାଧନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଅତୁଳନୀୟ ଅବଦାନ ଲାଗି ଯୁବ ଲେଖକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ସଂସ୍କୃତି ସେବା ସମ୍ମାନ'ରେ ସମ୍ମାନିତ କରାଯାଇଛି। କଳାଭୂମି ଅନୁଷ୍ଠାନ ପକ୍ଷରୁ ଗୁରୁବାର ପଟିଆ ମହାବିଷୁବ ସଂକ୍ରାନ୍ତି ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଲେଖକ ବର୍ଗରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ସାଫୋର ରାଜ୍ୟ ସଭାପତି ନାରାୟଣ ଚନ୍ଦ୍ର ଓଝା, କଳାଭୂମି ଓଡିଶାର ଅଧ୍ୟକ୍ଷ ପ୍ରମୋଦ କୁମାର ପତିଙ୍କ ସହ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

# ତୁରନ୍ତ ବଦଳି ସ୍ଥାନରେ ଯୋଗଦେବାକୁ ୫ ଅଧିକାରୀଙ୍କୁ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୫ (ସୁଚିସ୍ମିତା ସାହୁ)

ବଦଳି ନିର୍ଦ୍ଦେଶକୁ ମାନୁ ନାହାନ୍ତି ଶିକ୍ଷା ବିଭାଗର କେତେଜଣ ଅଧିକାରୀ। ଫେବୃଆରୀ ମାସରୁ ବଦଳି ଆଦେଶ ମିଳିଥିଲେ ସୁଦ୍ଧା ଗାଦି ଛାଡିବାକୁ ମନ ବଳୁନି। ଏହା ନଜରକୁ ଆସିବା ପରେ ୩ଜଣ ସେକ୍ସନ ଅଫିସର ଏବଂ ୨ଜଣ ଆସିଷ୍ଟାଣ୍ଟ ସେକ୍ସନ ଅଫିସରଙ୍କୁ ତୁରନ୍ତ ବଦଳି ସ୍ଥାନରେ ଯୋଗଦେବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର. ଆୟାର ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ବିଭାଗର ଅତିରିକ୍ତ ସଚିବଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି।

ସୂଚନା ଅନୁସାରେ, ଗଣଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ୩ଜଣ ସେକ୍ସନ ଅଫିସର ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୨ଜଣ ଆସିଷ୍ଟାଣ୍ଟ ସେକ୍ସନ ଅଫିସରଙ୍କୁ ବଦଳି କରାଯାଇଥିଲା। ଏନେଇ ବିଭାଗ ପକ୍ଷରୁ ଫେବୃଆରୀ ୧୨ରେ ଚିଠି (ନମ୍ବର ୪୩୯୩) କରାଯାଇଥିଲା। ଚିଠି ଅନୁସାରେ ସେମାନେ ୧୩ ଫେବୃଆରୀରେ ବଦଳି ସ୍ଥାନରେ ଯୋଗଦେବା କଥା। ହେଲେ କାର୍ଯ୍ୟରେ ଯୋଗ ଦେଇ ନ ଥିବାରୁ ପୁଣି ଥରେ ସେମାନଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୭ ମାର୍ଚ୍ଚରେ ନିର୍ଦ୍ଦେଶ ଦିଆଯାଇଥିଲା। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ବଦଳି ସ୍ଥାନରେ ଯୋଗ ଦେଇନାହାନ୍ତି। ଅଧିକାରୀମାନେ ତୁରନ୍ତ କାର୍ଯ୍ୟରୁ ମୁକ୍ତ ହୋଇ ନୂଆ ବଦଳି ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ସମ୍ପୃକ୍ତ ୫ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ବିଜେଇଏମ୍‌ର ଟପ୍ପର ଛାତ୍ର ସୋମେଶଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୬।୫ (ସୁଚିସ୍ମିତା ସାହୁ)

## ସିବିଏସ୍‌ଇ ଦଶମ ପରୀକ୍ଷାରେ ରଖିଛନ୍ତି ୯୯.୬%

ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ଭୁବନେଶ୍ୱର ବକ୍ସି ଜଗବନ୍ଧୁ ଇଂଲିଶ ମାଧ୍ୟମ ବିଦ୍ୟାଳୟ (ବିଜେଇଏମ୍)ର ଛାତ୍ର ସୋମେଶ ପ୍ରଧାନ ୯୯.୬ ପ୍ରତିଶତ ନମ୍ବର ରଖିଛନ୍ତି। ମୋଟ ୫୦୦ ମାର୍କରୁ ୪୯୮ ନମ୍ବର ରଖିଥିବା ସୋମେଶ ରାଜ୍ୟ ଟପ୍ପର ବୋଲି ବିଦ୍ୟାଳୟ ପକ୍ଷରୁ ଦାବି କରାଯାଇଛି। ଏଥିସହ ଶୁକ୍ରବାର ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ସୋମେଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସୋମେଶ ସଫଳତାର କାହାଣୀ ସହ ବିଦ୍ୟାଳୟ, ପରିଚାଳନା କମିଟି, ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବଦାନ ସମ୍ପର୍କରେ କହିଥିଲେ। ସେ କହିଲେ, ପରୀକ୍ଷା ପାଇଁ ପ୍ରତିଦିନ ୮ରୁ ୧୦ ଘଣ୍ଟା ପାଠପଢୁ ଥିଲି। ମୋବାଇଲ ଫୋନ ଏବଂ ସୋସିଆଲ ମିଡିଆଠାରୁ ଦୂରରେ ରହୁଥିଲି। ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକଙ୍କର ପ୍ରୟାସ ପାଇଁ ସଫଳତା ପାଇପାରିଛି। ମୋର ଏହି ସଫଳତା ପାଇଁ ଜେଜେ ବାପା ଓ ମାଆଙ୍କୁ ମୁଁ ବହୁତ ଶ୍ରେୟ ଦେବି। ଜେଇଇ ପାଇଁ ପ୍ରସ୍ତୁତ ହେବି ବୋଲି ସେ କହିଛନ୍ତି। ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର, ପରିଚାଳକ ପ୍ରତାପ କୁମାର ଜେନା, ସ୍କୁଲ ଅଧ୍ୟକ୍ଷା ସନ୍ଧ୍ୟା ଜେନାଙ୍କ ସହ ଉପାଧ୍ୟକ୍ଷା ଏବଂ ବିଜେଇଏମ୍. ସ୍କୁଲ-୨ର ଅଧ୍ୟକ୍ଷ, ପରିଚାଳନା କମିଟି କର୍ମକର୍ତ୍ତା, ବିଦ୍ୟାଳୟର ପର୍ଯ୍ୟବେକ୍ଷକଙ୍କ ସହ ସୋମେଶଙ୍କ ବାପା ଭୁପେଶ ପ୍ରଧାନ ଏବଂ ମାତା ସୌମ୍ୟା ଶୁଭଦର୍ଶିନୀ ରାଉଳ ଉପସ୍ଥିତ ରହି ତାଙ୍କୁ ଆଶୀର୍ବାଦ ଦେଇଥିଲେ।

# କୁକୁର ବନ୍ଧ୍ୟାକରଣ, ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୧୬।୫ (ବନ୍ଦନା ସେଠୀ)

## ୩ବର୍ଷ ପାଇଁ କାର୍ଯ୍ୟାଦେଶ ପାଇଲା ହାଇଦ୍ରାବାଦର ସଂସ୍ଥା



କୁକୁର ବନ୍ଧ୍ୟାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ସାମିଲ୍ ହୋଇଥିବା ଟିମ୍।

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ଆରମ୍ଭ ହେଲା କୁକୁର ବନ୍ଧ୍ୟାକରଣ ଏବଂ ଜଳାତଙ୍କ ଟିକାକରଣ ଅଭିଯାନ। ମେୟର ସୁଲୋଚନା ଦାସ ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୧୯ ଗଣନା ଅନୁଯାୟୀ, ଭୁବନେଶ୍ୱରରେ ୭୦ହଜାର ବୁଲା କୁକୁର ରହିଥିଲେ। ଇତିମଧ୍ୟରେ ଏହି ସଂଖ୍ୟା ବୃଦ୍ଧି ପାଇଛି। ବୁଲା କୁକୁରଙ୍କ ପାଇଁ ଅନେକ ସମୟରେ ରାସ୍ତା ଦୁର୍ଘଟଣା ଘଟିବା ସହ ସହରରେ କୁକୁର କାମୁଡ଼ା ମଧ୍ୟ ବୃଦ୍ଧି ପାଇଛି। କୁକୁର କାମୁଡିବା ଦ୍ୱାରା ଜଳାତଙ୍କ ରୋଗ ହୋଇଥାଏ। ତେଣୁ କୁକୁର ସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ମେୟର କହିଥିଲେ। କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ହାଇଦ୍ରାବାଦସ୍ଥିତ ଭେଟ୍ ସୋସାଇଟି ଫର୍ ଆନିମଲ ୱେଲଫେୟାର ଆଣ୍ଡ୍ ରୁରାଲ ଡେଭଲପମେଣ୍ଟକୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ସଂସ୍ଥା ପ୍ରତି ମାସରେ ପ୍ରାୟ ୨ହଜାର ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବାକୁ ବ୍ୟବସ୍ଥା କରିଛି। ଏହି ପ୍ରକ୍ରିୟାରେ ଆଗାମୀ ୩ବର୍ଷ ପାଇଁ ବନ୍ଧ୍ୟାକରଣ କରାଯିବାକୁ ଯୋଜନା ହୋଇଛି। ଏହାଦ୍ୱାରା ସହରରେ ବୁଲା କୁକୁରଙ୍କ ମାତ୍ରାଧିକ ସଂଖ୍ୟା ବୃଦ୍ଧିକୁ ରୋକାଯିବା ସହ ବୁଲା କୁକୁର କାମୁଡ଼ା, ସଡ଼କ ଦୁର୍ଘଟଣା ଓ ସେମାନଙ୍କ ଦ୍ୱାରା ବ୍ୟାପୁଥିବା ଜଳାତଙ୍କ ରୋଗ ହ୍ରାସ କରାଯାଇପାରିବ। କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ମଞ୍ଚେଶ୍ୱରସ୍ଥିତ ଶ୍ୱାନ ବନ୍ଧ୍ୟାକରଣ କେନ୍ଦ୍ରରେ ୨୫୦ ଡଗ୍ କେନେଲ୍ ଏବଂ ୫ଟି ଅତ୍ୟାଧୁନିକ ଅସ୍ତ୍ରୋପଚାର କକ୍ଷ ରହିଛି। କୁକୁରଙ୍କୁ ଧରିବା ପାଇଁ ଜାଲର ବ୍ୟବହାର କରିବା, କ୍ଷୀର ଖୁଆଉଥିବା ଏବଂ ରୋଗଗ୍ରସ୍ତ କୁକୁରଙ୍କୁ ଅସ୍ତ୍ରୋପଚାର ପାଇଁ ନ ଆଣିବା, ଆନିମଲ୍ ୱେଲ୍‌ଫେୟାର ବୋର୍ଡ ଅଫ୍ ଇଣ୍ଡିଆର ମାର୍ଗଦର୍ଶିକା ଏବଂ ୨୦୨୩ ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମ ଅନୁଯାୟୀ କୁକୁରଙ୍କୁ ଧରିବା, ଖାଦ୍ୟ ଦେବା, ଅସ୍ତ୍ରୋପଚାର କରିବା ଏବଂ ଆଣିଥିବା ସ୍ଥାନରେ ନେଇ ଛାଡିବା ଆଦି କାମ କଡାକଡି ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସିର ସମୁଦାୟ ୬୭ଟି ୱାର୍ଡରେ ପୂର୍ବପରି ବୁଲା କୁକୁର ଗଣନା କାର୍ଯ୍ୟ କରାଯିବାର ଯୋଜନା ରହିଛି। ଏଥିରେ ସ୍ୱଚ୍ଛସାଥୀମାନେ ସହାୟତା କରିବେ। ଏହି ସମସ୍ତ କାର୍ଯ୍ୟକୁ ବିଏମ୍‌ସିର ଭେଟେରିନାରି ଡାକ୍ତରମାନେ ତଦାରଖ କରିବେ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### 'ବୁଦ୍ଧ ମହାତ୍ମ୍ୟ'ର ବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ବୁଦ୍ଧ ଉପାସକମାନେ ବିଶ୍ୱରେ ଯୁଦ୍ଧ ନୁହେଁ, ଶାନ୍ତିର ବାର୍ତ୍ତା ପ୍ରଦାନ କରି ଚାଲିଛନ୍ତି। ଭାରତବର୍ଷ ସୁଖ ଶାନ୍ତି ଚାହେଁ ବୋଲି ଷ୍ଟେଶନରୋଡ୍‌ସ୍ଥିତ ବୌଦ୍ଧ ମନ୍ଦିର ପରିସରରେ ବୁଦ୍ଧପୂର୍ଣ୍ଣିମା ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ଏଥିରେ ସମାଜସେବୀ ଅନାମ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ତାଙ୍କ ଲିଖିତ ପୁସ୍ତକ 'ବୁଦ୍ଧ ମହାତ୍ମ୍ୟ'ର ବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଅତିଥି ଭାବେ ଏ.ଏଲ୍. ନାଇଡୁ, ରାଜକିଶୋର ପାତ୍ର, ସହଦେବ ସାହୁ, ଦେବରାଜ ପ୍ରଧାନ, ଡା. ସୁରେନ୍ଦ୍ର ନାଥ ପତି ଶୁଭଶ୍ରୀ ଦାସ, ଇଂ. ଗିରିଜା ଶଙ୍କର ପାଢୀ, ପୁଲକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରିଆନ ରବି ଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ।

### ଭାଜପାରେ ସାମିଲ ହେଲେ ଶତାଧିକ ମହିଳା

ଡେଲାଙ୍ଗ,୧୬।୫(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ବେରବୋଇ ମେଳଣ ପଡ଼ିଆଠାରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡେଲାଙ୍ଗ ବ୍ଲକର କଲ୍ୟାଣପୁର, ରେଙ୍ଗଳ, ଡେଲାଙ୍ଗ-କୋଠବାଡ଼, ଗୁଆଲିପଡ଼ା, ସୁଜନପୁର, ଧାନକେରା, ଶ୍ରୀପୁରୁଷୋତ୍ତମପୁର, ରେଞ୍ଚ, ଖେଲାଉର, ମୁନିନ୍ଦା, ଅଭୟମୁଖୀ ପ୍ରମୁଖ ପଞ୍ଚାୟତ ସମେତ ୧୩ ପଞ୍ଚାୟତରୁ ପ୍ରାୟ ୨୦୦ ମହିଳା ଭାଜପାରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଦଳରେ ସାମିଲ ହୋଇଥିବା ମହିଳାଙ୍କୁ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ଏମ୍‌ପି ସମ୍ବିତ ପାତ୍ର ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ଗଙ୍ଗାଧର ବରାଳ ମଞ୍ଚ ପରିଚାଳନା ଓ ସଭା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ ମଣ୍ଡଳ ସଭାପତି ସୁଶାନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ପ୍ରଶାନ୍ତ ଜେନାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ନିର୍ମାଣର ମାସେ ନ ପୂରୁଣୁ ଫାଟିଲାଣି ରାସ୍ତା

ଯୋଗେଶ୍ୱରପୁର,୧୬।୫(ରଶ୍ମିରଞ୍ଜନ ସାହୁ)

ପୂର୍ତ୍ତ ବିଭାଗ ଅଧୀନ ନୟାହାଟ-ନାଗପୁରର ଦୀର୍ଘ ୨୨ କି.ମି. ରାସ୍ତା କୋଟି କୋଟି ଟଙ୍କା ବ୍ୟୟରେ ଗତ ଏପ୍ରିଲରେ ନିର୍ମାଣ ହୋଇଥିଲା। ହେଲେ ମାସେ ନ ପୂରୁଣୁ ମେ'ରେ ବିଶୁଲିପଡ଼ାର ମଦ୍ରାସା ଓ ଯୋରକୁଳ ପାଖ ରାସ୍ତା ଫାଟିଗଲାଣି। ଏନେଇ କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଓ ଏଷ୍ଟିମେଟ ଅନୁଯାୟୀ କରାଯାଇନାହିଁ। ଆଗାମୀ ବର୍ଷାଦିନେ ଉକ୍ତ ରାସ୍ତା ଧୀରେ ଧୀରେ ନଷ୍ଟ ହେବ ବୋଲି ଆଶଙ୍କା କରାଯାଉଛି। ନୟାହାଟ-ନାଗପୁର ରାସ୍ତା ଦେଇ ବହୁ ବ୍ୟବସାୟୀ କିଣାବିକା କରିବାକୁ ସାପ୍ତାହିକ ହାଟକୁ ଯାଉଥିବାବେଳେ ରାସ୍ତାଟି ଦୀର୍ଘଦିନ ହେଲା ଖରାପ ହୋଇ ପଡ଼ିରହିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ମାସକ ମଧ୍ୟରେ ତାହା ଫାଟିଯାଇଛି। ଏନେଇ ଅଞ୍ଚଳବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟସେବାର ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

- ଆଗକୁ ରଥଯାତ୍ରା
- ୩୨ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ
- ସଂରକ୍ଷିତ ରହିବ ୧୪୦ ବେଡ୍,୨୦୦ ୟୁନିଟ୍ ବ୍ଲଡ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)


ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱସ୍ତି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି ।

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ୱାସ୍ଥ୍ୟ ସଚିବ ପୁରୀ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ଚଳିତ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହେଲ୍‌ଥ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱସ୍ତି ପୁରୀ ଗସ୍ତରେ ଆସି ସ୍ଥିତି ସମୀକ୍ଷା କରିଛନ୍ତି। ଅକ୍ଷୟ ତୃତୀୟା ଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଭକ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଜିଲାରେ ସମସ୍ତ ହସ୍ପିଟାଲର ସୁଦୃଢ଼ୀକରଣ, ଆମ୍ବୁଲାନ୍ସ ସର୍ଭିସ୍, ଖାଦ୍ୟ ସୁରକ୍ଷା, ଅତିରିକ୍ତ କର୍ମଚାରୀ ମୁତୟନ ଉପରେ ଗୁରୁତ୍ୱ ଦିଆଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱସ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଏବଂ ସୁରୁଖୁରୁରେ ପାଳନ ପାଇଁ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ବିଚାର ବିମର୍ଶ କରାଯାଇଛି। ବୈଠକରେ ଡ. ଡି ବୃନ୍ଦା, ଡ. ପୋମା ଟୁଡୁ, ଡ. ବିଜୟ କୁମାର ମହାପାତ୍ର, ଡ. ଅମରେନ୍ଦ୍ର ନାଥ ମହାନ୍ତି, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ରୂପଭାନୁ ମିଶ୍ର, ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଧୀକ୍ଷକ ଡ. କୌଶିକ ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡ. ବିନୋଦ ବିହାରୀ ରଥ, ଡ. ଲଲାଟେନ୍ଦୁ ମିଶ୍ର ଏବଂ ଡ. ପବିତ୍ର କୁମାର ମଲିକ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ରଥଯାତ୍ରା ବେଳେ ପୁରୀ ସହରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପ୍ରାୟ ୩୨ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ରଥଯାତ୍ରା ପାଇଁ ଚଳିତ ବର୍ଷ ସମଗ୍ର ଜିଲାରେ ୪୯ଟି ଘରୋଇ ଆମ୍ବୁଲାନ୍ସ ଏବଂ ୩୩ଟି ୧୦୮ ଆମ୍ବୁଲାନ୍ସ ପ୍ରସ୍ତୁତ କରି ରଖାଯିବ। ବୈଠକ ପରେ ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱସ୍ତି ଅନ୍ୟ ସହକର୍ମୀଙ୍କ ସହ ଜିଲା ଯକ୍ଷ୍ମା, ଛାତି ଓ ସଂକ୍ରମଣ ଚିକିତ୍ସାଳୟର ଭିତିଭୂମିକୁ ବୁଲି ଦେଖିଛନ୍ତି। ଦୀର୍ଘ ମାସ ହେଲା ଅଚଳ ହୋଇ ପଡ଼ିଥିବା ଆଇସିୟୁକୁ ଘୋଷଯାତ୍ରା ପୂର୍ବରୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦେଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ ଏବଂ ଜିଲା ଯକ୍ଷ୍ମା, ଛାତି ଓ ସଂକ୍ରମଣ ଚିକିତ୍ସାଳୟରେ ୫୦ଟି ଶଯ୍ୟା ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରି ରଖାଯିବ। ଜିଲା ଯକ୍ଷ୍ମା, ଛାତି ଓ ସଂକ୍ରମଣ ଚିକିତ୍ସାଳୟରେ ରଥଯାତ୍ରା ପାଇଁ ୧୦ଟି ଅସ୍ଥାୟୀ ପୋଡ଼ାଜଳା ଶଯ୍ୟା ପ୍ରସ୍ତୁତ କରି ରଖିବା ପାଇଁ ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱସ୍ତି କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଆବଶ୍ୟକତା ଅନୁଯାୟୀ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପ୍ରାୟ ୩୪୦ରୁ ଊର୍ଦ୍ଧ୍ୱ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଏବଂ ରୋଗୀ ସହାୟକଙ୍କୁ ପ୍ରସ୍ତୁତ କରି ରଖିବା ପାଇଁ କୁହାଯାଇଛି। ରଥ ପାଇଁ ସଂରକ୍ଷିତ ରହିବ ୧୪୦ ବେଡ୍,୨୦୦ ୟୁନିଟ୍ ବ୍ଲଡ ମହଜୁଦ ସହ ପ୍ରସ୍ତୁତ ରହିବ ରାପିଡ୍ ରେସପନ୍ସ ଟିମ୍। ସଂକ୍ରାମକ ରୋଗ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଥିବା ବେଳେ ଦ୍ୱିତୀୟ ରଥ ବୈଠକ ପୂର୍ବରୁ ପୂର୍ଣ୍ଣ ରୂପରେଖ ପ୍ରସ୍ତୁତ ହେବ। ସେହିଭଳି ୨୪ ଘଣ୍ଟିଆ କାର୍ ଫେଷ୍ଟିଭାଲ କଣ୍ଟ୍ରୋଲ ରୁମ୍ ପ୍ରସ୍ତୁତ ରହିବ ବୋଲି ସ୍ୱାସ୍ଥ୍ୟସଚିବ କହିଛନ୍ତି।

## ରଥଖଳାରୁ...

### ୧୬ ଗୋଟି ଚକ ନିର୍ମାଣ ଶେଷ



ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ଷୋଡ଼ଶତମ ଦିନରେ ଶୁକ୍ରବାର ତିନିରଥର ଗୋଟିଏ ଗୋଟିଏ ନାହାକା ଅଖ ଉଭୟ ପାର୍ଶ୍ୱ ଗୋଲେଇ ସହ ମାଠେଣି କାମ ଶେଷ ହୋଇଛି। ମୋଟ ୪୨ ଗୋଟି ଚକ ମଧ୍ୟରୁ ଶନିବାର ସୁଦ୍ଧା ୧୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ଏବଂ ଦର୍ପଦଳନ ରଥର ୫ଟି ଲେଖାଏ ଚକ ନିର୍ମାଣ ଶେଷ ହୋଇଥିବା ବେଳେ ନନ୍ଦିଘୋଷ ରଥର ୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଏତଦ୍‌ବ୍ୟତୀତ ତିନିରଥର ୪ଟି ଲେଖାଏ ୧୨ ଫୁଟିଆ ପ୍ରଥମ ଭୂଇଁ ଓରା ଚଉପଟ ପରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ଦୁଇଟି ଲେଖାଏ ଭୂଇଁ ଖମ୍ବାର ଚଉପଟ କାର୍ଯ୍ୟ ସରିଛି। ଆଉ ଦୁଇଟି ଲେଖାଏ ତୁମ୍ବରେ ଭୋଇ ସେବକଙ୍କ ଦ୍ୱାରା ସିଙ୍ଗଡ଼ାବାଡ଼ିଆ ଶେଷ ହେବାପରେ ତୁମ୍ବରେ ଅଖ ବିନ୍ଧ ପାଇଁ ଭୋଇ ସେବକମାନେ ରଥ ଚାଲିକୁ ଯୋଗାଇ ଦେଇଥିଲେ। ତୁମ୍ବଗୁଡ଼ିକରେ ତୁମ୍ବ ବିନ୍ଧ ହେବାପରେ ମହାରଣା ସେବକମାନେ ଅର ସାଲ କାର୍ଯ୍ୟ ଶେଷ କରିଛନ୍ତି। ପ୍ରଭା ଅପସରା ଏବଂ ବେଦୀ ସିଂହାସନ ନିର୍ମାଣ ନିମନ୍ତେ ରଥ ଅମିନ ତିନିରଥ ଚାଲିକୁ ଦୁଇଟି ଲେଖାଏ ୧୨ ଫୁଟିଆ ଅସନ କାଠ ଯୋଗାଇ ଦେଇଥଲେ। ଉକ୍ତ କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ସେହିପରି ଦୋଳବେଦୀ ଅସ୍ଥାୟୀ କମାରଶାଳରେ କଣ୍ଟା ନିର୍ମାଣ ସହ ପନ୍ଦାରି ବଳା, ପନ୍ଦାରି ଚାବି ନିର୍ମାଣ ଜାରି ରହିଛି।

# ଶ୍ରୀଜଗନ୍ନାଥ ମନ୍ଦିରରେ ପିଙ୍କ୍ ହେଲ୍ପ ଡେସ୍କ ଆରମ୍ଭ



ବୈଠକରେ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ମହିଳା କନଷ୍ଟେବଲ।

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

**ମହିଳା ଭକ୍ତଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏକ ନୂତନ ପଦକ୍ଷେପ**

ଶ୍ରୀମନ୍ଦିରକୁ ପ୍ରତିଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ସେଥିମଧ୍ୟରୁ ଅଧିକାଂଶ ମହିଳା ଓ ପରିବାର ଲୋକ ରହିଥାନ୍ତି। ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ଜିଲା ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ 'ପିଙ୍କ୍ ହେଲ୍ପ ଡେସ୍କ' ଆରମ୍ଭ କରିଛି। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀରେ ଏହି କାର୍ଯ୍ୟକ୍ରମ ପ୍ରଥମ ଥର ଆରମ୍ଭ ହୋଇଛି। ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସେବା ପାଇଁନିୟୁକ୍ତ ୬ ମହିଳା କନ୍‌ଷ୍ଟେବଲଙ୍କୁ ତାଲିମ ଦିଆଯାଇଛି। ଶୁକ୍ରବାର ଡିପିଓ କନ୍‌ଫରେନ୍ସ ହଲ୍‌ରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଯେଉଁଠାରେ ସେମାନଙ୍କୁ ଦାୟିତ୍ୱ ବିଷୟରେ ଅବଗତ କରାଯାଇଛି। ମହିଳା ଭକ୍ତମାନଙ୍କୁ ସୂଚନା ଓ ତତ୍କାଳ ସହାୟତା ପ୍ରଦାନ କରିବେ, ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସେମାନଙ୍କୁ ସହଯୋଗ କରିବେ। ଭକ୍ତମାନଙ୍କ ମତାମତ, ଅଭିଯୋଗ ଓ ପ୍ରତିକ୍ରିୟା ସଂଗ୍ରହ ସହ ଆବଶ୍ୟକ ପରିସ୍ଥିତିରେ ଥାନା ବା ପିସିଆର ସହ ଯୋଗାଯୋଗ କରିବେ। ସେହିପରି ଫିଡ୍‌ବ୍ୟାକ ଆଧାରିତ ପୋଲିସିଂ ମଡେଲ୍ କରାଯାଇଛି। ଏହି ହେଲ୍ପ ଡେସ୍କ ଦ୍ୱାରା ପୁରୀ ପୋଲିସ ଏକ ଉତ୍ତରଦାୟୀ ଓ ଲୋକମୁଖୀ ପୋଲିସିଂ ବ୍ୟବସ୍ଥା ଉପସ୍ଥାପନ କରିବ। ଶ୍ରୀଜଗନ୍ନାଥ ଧାମ ଯାତ୍ରାକୁ ଅଧିକ ନିରାପଦ, ସମ୍ମାନଜନକ ଓ ଆଧାତ୍ମିକ ଅନୁଭବ କରାଇବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପିଙ୍କ୍ ହେଲ୍ପ ଡେସ୍କ ମହିଳା ଓ ପର୍ଯ୍ୟଟକଙ୍କୁ ସ୍ୱାଗତ ଓ ସୁବିଧା ଦେବାରେ ପୁରୀ ପୋଲିସର ଏକ ଅଭିନବ ପ୍ରୟାସ।

## ଅଟୋ ସଂଘ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ ୧୬।୫(ଅଜିତ୍ କୁମାର ମହାନ୍ତି)

ଦିନ ଦ୍ୱିପ୍ରହରରେ ବଳିଆ ପଣ୍ଡା ଅଞ୍ଚଳରେ ଅଟୋ ସଂଘର ସଭାପତି ଦୀପ୍ତି ରଞ୍ଜନ ମହାନ୍ତିଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଛି। ଦୀପ୍ତିରଞ୍ଜନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ନିମନ୍ତେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ଦୃଶ୍ୟ ସିସି ଟିଭିରେ କଏଦ ହୋଇଛି। ଦୀପ୍ତି ରଞ୍ଜନ ଏବଂ ଆଉଜଣେ ଯୁବକ ଚାଲିଚାଲି ଆସିଥିଲେ। ସେହି ସମୟରେ ଦୀପ୍ତି ରଞ୍ଜନଙ୍କୁ ଅଭିଯୁକ୍ତ ରାକେଶ କୁମାର ସାହୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅନ୍ୟ ଯୁବକ ଜଣଙ୍କୁ ଏହାକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବରପାଇ ବଳିଆପଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି। ପୁରୀରେ ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ପର୍ଯ୍ୟଟକ ଓ ଭକ୍ତ କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନ ଉଠିଛି।

## ଦୀଘାରେ ଜଗନ୍ନାଥ ଧାମ ପ୍ରସଙ୍ଗକୁ ନେଇ ଶ୍ରୀଜଗନ୍ନାଥ ସେନାର ବିକ୍ଷୋଭ


ବିକ୍ଷୋଭ ଶୋଭାଯାତ୍ରାରେ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ।

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗ ଦୀଘାରେ ଜଗନ୍ନାଥ ଧାମ ଶବ୍ଦକୁ ମମତା ବାନାର୍ଜୀ ତଥା ପଶ୍ଚିମବଙ୍ଗ ସରକାର ନ ହଟାଇବାରୁ ଏହାକୁ ବିରୋଧ କରି ଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦ୍ୱିତୀୟ ଜଗନ୍ନାଥ ଧାମକୁ ବିରୋଧ କରି ଜଗନ୍ନାଥ ସେନା ପକ୍ଷରୁ ମମତା ବାନାର୍ଜୀଙ୍କ ବିରୋଧରେ ତ୍ରିରଙ୍ଗା ରାଲି କରାଯାଇଛି। ଏଥିସହ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମମତାଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ତାଙ୍କ ବିରୋଧରେ ନାରାବାଜି ପ୍ରଦର୍ଶନ କରାଯାଇଥିଲା। ସେହିପରି ପୁରୀରେ ବଙ୍ଗଳା ନିବାସ ନିମନ୍ତେ ପଶ୍ଚିମବଙ୍ଗ ସରକାରଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସିପସରୁବାଲି ଓ ଶଙ୍କରପୁର ମୌଜାରେ ୫ ଏକର ଜାଗା ଜମି ଦେଇଥିବା ଯାଗାରେ ଜଗନ୍ନାଥ ସେନା ବାନା ପୋତି ସେହି ଜମି ଦଖଲ କରିଛି। ଏହି ଜାଗାରେ ରାଜ୍ୟ ସରକାର ଗରିବ ଭକ୍ତଙ୍କ ପାଇଁ ମାଗଣାରେ ଏକ ଭକ୍ତନିବାସ ନିର୍ମାଣ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଘଟଣାରେ ସରକାର ପଦକ୍ଷେପ ନ ନେଲେ ଶ୍ରୀଜଗନ୍ନାଥ ସେନା ସୁପ୍ରିମକୋର୍ଟ ଯିବ ବୋଲି ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ସର୍ବୋଦୟ ସଂକଳ୍ପ ଶିବିର ଉଦ୍‌ଘାଟିତ

କୋଣାର୍କ,୧୬।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ, ଓଡ଼ିଶା ଆନୁକୂଲ୍ୟରେ ୨ ଦିନିଆ ପୁରୀ ଜିଲାସ୍ତରୀୟ ସର୍ବୋଦୟ ସଂକଳ୍ପ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ସଙ୍ଗଠନ ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ସଙ୍ଗଠନର ଜିଲା ସଭାପତି ବିପିନ ବିହାରୀ ମହାନ୍ତି, କୋଣାର୍କ ନଗର ପୂର୍ବତନ ସଭାପତି ଉପେନ୍ଦ୍ର କାଣ୍ଡି, ପୂର୍ବତନ ନଗର କଂଗ୍ରେସ ଯୁବ ସଭାପତି ସ୍ୱାଧୀନ ନାୟକ, ସଙ୍ଗଠନର ଯୁବନେତା ବିରଞ୍ଚି ନାରାୟଣ ପତି, ନୀହାର ରଞ୍ଜନ ବେଉରା, ଲୋକନାଥ ବେହେରା, ଚନ୍ଦନ ଲେଙ୍କା, ନିରଞ୍ଜନ ଖୁଣ୍ଟିଆ, ବରିଷ୍ଠ ନେତା ଭାସ୍କର ସେଠ୍, ସୁରେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ କଂଗ୍ରେସର ଭୂମିକା, ଭାରତ ନିର୍ମାଣ ଓ କଂଗ୍ରେସର ଅବଦାନ, ୭୩ତମ ସଂଶୋଧନ ଏବଂ ସାମାଜିକ ନ୍ୟାୟ ଉପରେ ବିଶଦ୍ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ରବି ବେହେରାଙ୍କ ସମେତ କୋଣାର୍କ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## 'ଭାଷା ଓ ସାହିତ୍ୟ ପରସ୍ପର ପରିପୂରକ'

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ସମତା ସାହିତ୍ୟ ସମିତିର ଦ୍ୱିତୀୟ ବାର୍ଷିକୋତ୍ସବ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ସଭାପତି ପ୍ରତିଭା ତ୍ରିପାଠୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷୟିତ୍ରୀ ଓ କବି ଡ. ଶକୁନ୍ତଳା ବଳିୟାରସିଂହ ଯୋଗଦେଇ କହିଥିଲେ, ଭାଷା ଓ ସାହିତ୍ୟ ପରସ୍ପର ପରିପୂରକ। ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟରେ ଭାବ ଓ ଚେତନାର ସମ୍ବନ୍ଧ ରହିଛି। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଅଭିମନ୍ୟୁ ଭୂୟାଁ, ସାହିତ୍ୟିକ ଶିବସୁନ୍ଦର ମିଶ୍ର, ଶରତ କୁମାରୀ ମିଶ୍ର, ବିଜୟଲକ୍ଷ୍ମୀ ସାହୁ, ସୁଶ୍ରୀ କ୍ରିଷ୍ଣା ଦେବୀ ଏବଂ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। 'ଓଡ଼ିଆ ଭାଷାର ସୁରକ୍ଷାରେ ସାହିତ୍ୟର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ, ପ୍ରାଧ୍ୟାପକ ଅଶୋକ କୁମାର ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ନାରାୟଣ ନନ୍ଦ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିବ ସୁନ୍ଦର ମିଶ୍ର, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଆକାଶବାଣୀ ପୁରୀର ଉଦ୍‌ଘୋଷିକା ମାନସୀ ଦେଇ ଏବଂ କବି ଚନ୍ଦ୍ରମଣି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିପିନ ବିହାରୀ ଦଳେଇ ଓ ଅଧିବକ୍ତା ସରବାଣୀ ଦାସଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ସୁବୋଧ କୁମାର ସୁବୁଦ୍ଧି, ଜୁପିଟର ଦାସ, ଚନ୍ଦ୍ରମଣି ଦାସ ଓ ଶ୍ରୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶ୍ରୀ କ୍ରିଷ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।



ସମତା ସାହିତ୍ୟ ସମିତି ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଯବାନଙ୍କ ବୀରତ୍ୱକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା

ସାକ୍ଷୀଗୋପାଳ,୧୬।୫(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଅପରେଶନ 'ସିନ୍ଦୂର'ର ସଫଳତା ଏବଂ ସେନା ବୀରତ୍ୱକୁ ସମ୍ମାନ ଜଣାଇବାକୁ ସତ୍ୟବାଦୀରେ ଶୁକ୍ରବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ମହିଳା, ପୁରୁଷ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରୁ ଜାତୀୟ ପତାକା ଧରି ବିଭିନ୍ନ ସ୍ଲୋଗାନ୍ ସହ ବଜାର ପରିକ୍ରମା କରି ସାକ୍ଷୀଗୋପାଳ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି ବିଜୟକେତନ ବେହେରା, ଭାଜପା ବରିଷ୍ଠ ନେତା ତ୍ରିଲୋଚନ ରଥ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ସାମିଲ ହୋଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

**ଡେଲାଙ୍ଗ(ରଶ୍ମିରଞ୍ଜନ ପ୍ରଧାନ)-** ଡେଲାଙ୍ଗ ବ୍ଲକ ବେରବୋଇ ମେଳଣ ପଡ଼ିଆଠାରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଶୋଭାଯାତ୍ରାରେ ଏମ୍‌ପି ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ଗଙ୍ଗାଧର ବରାଳ, ମଣ୍ଡଳ ସଭାପତି ସୁଶାନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ପ୍ରଶାନ୍ତ ଜେନା, କର୍ମକର୍ତ୍ତା ଲିଳେନ୍ଦ୍ର ଜେନା, ମିଟୁ କିଶୋର ମିଶ୍ର, ଆଲୋକ ଛାଟୋଇ, ଶୁଭାଶିଷ ଛୋଟରାୟ ପ୍ରମୁଖଙ୍କ ସମେତ ଅଞ୍ଚଳର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ବେରବୋଇ ବଜାର ଛକଠାରୁ ଏହି ଶୋଭାଯାତ୍ରା ବାହାରି ଡେଲାଙ୍ଗ ଷ୍ଟେଶନ ବଜାର ପରିକ୍ରମା କରି ଭାରତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପହଞ୍ଚିଥିଲା।

**ବ୍ରହ୍ମଗିରି(ସ୍ୱାଧୀନ ଚମ୍ପତିରାୟ)-** ବ୍ରହ୍ମଗିରି ବ୍ଲକ୍‌ରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ଡାବା ଛକ ନିକଟରୁ ଶୋଭାଯାତ୍ରା ବାହାରି ଅଲାରନାଥ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯବାନଙ୍କ ମନୋବଳକୁ ଆହୁରି ସୁଦୃଢ଼ ଓ ସାହସ ଦେବାକୁ ମହାପ୍ରଭୁଙ୍କ ନିକଟରେ ଦୀପଦାନ କରାଯାଇଥିଲା। ଶୋଭାଯାତ୍ରାରେ ବ୍ରହ୍ମଗିରି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ପାଇକଆଖଡ଼ା ସଂଘ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ।


ତ୍ରିରଙ୍ଗା ଶୋଭାଯାତ୍ରାରେ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଓ ମହିଳାମାନେ ।

**ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)-** ଗୋପ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଶୋଭାଯାତ୍ରା ଗୋପ ପେଟ୍ରୋଲ ପମ୍ପ୍ ନିକଟରୁ ବାହାରି ବ୍ଲକ ଛକ ପର୍ଯ୍ୟନ୍ତ ଆସିଥିଲା। ତ୍ରିରଙ୍ଗା ଶୋଭାଯାତ୍ରାରେ ସ୍ୱତଃପ୍ରବୃତ୍ତ ଭାବେ ଗୋପ ବ୍ଲକ ଅଞ୍ଚଳର ହିନ୍ଦୁ, ମୁସଲମାନ ସମ୍ପ୍ରଦାୟର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ଏପରିକି ଆମ ଦେଶ ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଅମାନୁଷିକ ବର୍ବରତାର ନରସଂହାରର ଦୃଢ଼ ଜବାବ ପାକିସ୍ତାନକୁ ଦେଇ ପାରିଛି। ନିମାପଡ଼ାର ବରିଷ୍ଠ ବ୍ୟକ୍ତି ଜୀବନାନନ୍ଦ ମହାପାତ୍ର, ପ୍ରଦୀପ୍ତ କୁମାର ଖଟୋଇଙ୍କ ସମେତ ଗୋପ ବ୍ଲକ ଯୁବ ନେତୃତ୍ୱ ମନଦୀପ ପାଇକରାୟ, ଦେବାଶିଷ ସାହୁ, ରମଣ ପଟ୍ଟନାୟକ, କମଳାକାନ୍ତ ମହାନ୍ତି, ସିତାଆଲବ ଶେଖ୍, ଚନ୍ଦନ ପ୍ରଧାନ ପ୍ରମୁଖ ଏପରି ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରାରେ ଗୋପ ବ୍ଲକ ଅଞ୍ଚଳର ସେବକ ସଙ୍ଗଠନ, ଉତ୍ସର୍ଗ ପରିବାରର ଶତାଧିକ ଯୁବକ ଯୋଗଦେଇଥିବାବେଳେ ଗୋପ ବ୍ଲକ ସାମ୍ବାଦିକ ସଂଘର ସଭ୍ୟମାନେ ଏହାର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରାଜ୍ୟରେ ଓବିସି ଏସ୍‌ଇବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦାବି

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

ଦେଶରେ ସମୁଦାୟ ଲୋକସଂଖ୍ୟାର ଏକ ବଡ ସମ୍ପ୍ରଦାୟ ତଥା ୪୨ ପ୍ରତିଶତ ହେଉଛନ୍ତି ଓବିସି। ଅନୁରୂପ ଭାବେ ଆମ ରାଜ୍ୟରେ ମଧ ସମୁଦାୟ ଲୋକ ସଂଖ୍ୟାର ଏକ ବଡ ସମ୍ପ୍ରଦାୟ ଅର୍ଥାତ୍ ୪୬ ପ୍ରତିଶତ ହେଉଛନ୍ତି ଓବିସି। ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷାକ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ଲାଗୁ ନିମନ୍ତେ ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଉଛି। ମଣ୍ଡଳ କମିଶନ ସୁପାରିଶ ଅନୁଯାୟୀ ସମଗ୍ର ଦେଶରେ ୨୭% ପ୍ରତିଶତ ଲାଗୁ ହୋଇଥିବା ବେଳେ ରାଜ୍ୟରେ ମଧ ତାହା ଲାଗୁ କରିବାକୁ କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ସଭାପତି ତଥା ଓବିସି ନେତା ମାନସ ପରିଡ଼ା ଦାବୀ କରିଥିବା ନେଇ ପ୍ରେସ ବବୃତ୍ତି ଜାରି କରିଛନ୍ତି।

### ଦଧୀଚି ପବ୍ଲିକ୍ ସ୍କୁଲର ଶତପ୍ରତିଶତ ସଫଳତା

କଣ୍ଟାପଡ଼ା,୧୬।୫(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମସ୍ଥିତ ଦଧୀଚି ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଚଳିତବର୍ଷ ସିବିଏସଇ ପରୀକ୍ଷାରେ ଶତପ୍ରତିଶତ ସଫଳ ହୋଇଛନ୍ତି। ଦଶମ ପରୀକ୍ଷା ଦେଇଥିବା ୯୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬ଜଣ ୯୦ ପ୍ରତିଶତ, ୧୬ଜଣ ୮୦ ପ୍ରତିଶତ ଓ ୧୩ଜଣ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ଅନ୍ୟ ସମସ୍ତ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ୯୪ ଛାତ୍ରୀଛାତ୍ର ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ର ଓ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ସମସ୍ତ ଅଧାପିକ ଓ ଅଧାପକମାନଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ ଓ ଟ୍ରଷ୍ଟି ବବିତା ଦାଶ ଶୁଭେଚ୍ଛା ଜଣାଇଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟସ୍ତରରେ ଚିରଞ୍ଜୀବୀ ଜିଲା ଟପ୍ପର

ଚୌଦ୍ୱାର,୧୬।୫(ଆଶୁତୋଷ ଦାସ)

କଟକ ଜିଲା ଚୌଦ୍ୱାର ଚାରବାଟିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ସିବିଏସ୍ଇ ଦ୍ୱାଦଶ



ବିଜ୍ଞାନ ପରୀକ୍ଷାରେ ଚିରଞ୍ଜୀବୀ ଗୋଛାୟତ ସର୍ବୋଚ୍ଚ ୯୫ % ନମ୍ବର ରଖି ବିଦ୍ୟାଳୟର ଟପ୍ପର ହେବା ସହିତ କଟକ ଜିଲା କେନ୍ଦ୍ରୀୟ ବିଦ୍ୟାଳୟସ୍ତରରେ ମଧ ଟପ୍ପର ହୋଇଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଖଡ଼ି ପଞ୍ଚାୟତ ମହାଳପଡ଼ା ଗ୍ରାମର ବିକଳ ଚରଣ ଗୋଛାୟତ ଓ ପୁଷ୍ପଲତା ଖୁଣ୍ଟିଆଙ୍କ ପୁତ୍ର ଚିରଞ୍ଜିବି ଜଣେ ମେଧାବୀ ଛାତ୍ର ଭାବେ ବିଦ୍ୟାଳୟରେ ପରିଚିତ ହେବା ସହିତ ୧୦ମ ପରୀକ୍ଷାରେ ମଧ ଚାରବାଟିଆ କେନ୍ଦ୍ରୀୟ ବିଦ୍ୟାଳୟ ଟପ୍ପର ହୋଇଥିଲେ। ତାଙ୍କ ଏହି ସଫଳତା ପାଇଁ ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସେ ଶ୍ରେୟ ଦେଇଛନ୍ତି।

### ନୂତନ ବିଇଓଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୧୬।୫(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ନୂତନ ଶିକ୍ଷାଧିକାରୀ ଭାବେ ଯୋଗଦେଇଥିବା ପ୍ରଭାତ କୁମାର ନାୟକଙ୍କୁ ବ୍ଲକ୍ ଓଷ୍ଟା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରାଯାଇଛି। ଓଷ୍ଟାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଭାପତି ରଞ୍ଜନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାସ, ମାନସ ରଞ୍ଜନ ଦାସ, ରବୀନ୍ଦ୍ର ସୁନ୍ଦରା, ନବ କିଶୋର ପଣ୍ଡା, ରେଖା ବେହେରା, ମମତା ପଣ୍ଡା, ଅନୀଲ କୁମାର ଦାସ ପ୍ରମୁଖ ସଦସ୍ୟ ଓ ଶିକ୍ଷୟିତ୍ରୀ ଓ ଶିକ୍ଷକ ନାୟକଙ୍କୁ ସ୍ୱାଗତ କରିଥିଲେ। ନୂତନ ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥାର ବିକାଶ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଏବିଇଓ ଅରୁନ୍ଧତୀ ମିଶ୍ର ଓ ବିଆରସିସି ସୁଷମା ଦେଈ ଉପସ୍ଥିତ ଥିଲେ।

# ‘ଦ୍ରୁତ ପଦକ୍ଷେପ ଉପରେ ଗୁରୁତ୍ୱାରୋପ’



ଜିଲାପାଳଙ୍କ ସମ୍ମିଳନୀକକ୍ଷରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକରେ ଉପସ୍ଥିତ ଜିଲାପାଳ, ମେୟର, ବିଧାୟକ ଏବଂ ଅନ୍ୟମାନେ।

କଟକ,୧୬।୫(କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ବନ୍ୟା ପ୍ରଶମନ ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜଗତସିଂହପୁର ଏମ୍‌ପିଙ୍କ ପ୍ରତିନିଧି ବନ୍ଧୁ ଚରଣ ସାହୁ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟା ପରିସ୍ଥିତିର ମୁକାବିଲା ଦିଗରେ ମାର୍ଗଦର୍ଶନ କରି ବିଭିନ୍ନ ବିଭାଗ ସଜାଗ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି, ସଚେତନତା ଓ ଦ୍ରୁତ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ୟା ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ, ରିଲିଫ ଓ ଗୋଖାଦ୍ୟ ମହଜୁଦ ରଖିବା ଏବଂ ଠିକ ଉପାୟରେ ଉପଯୁକ୍ତ ସମୟରେ ବିତରଣ କରିବା, ଲୋକମାନଙ୍କୁ ସଚେତନ କରିବା, ଆଶ୍ରୟସ୍ଥଳୀଗୁଡ଼ିକର ମରାମତି ଓ ଉପଲବଧତା, ବିଦ୍ୟୁତ୍ ସେବା, କ୍ଷୟକ୍ଷତି ଆକଳନ ଆଦି ସମ୍ପର୍କରେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶିବ ଟପୋ ଅତିଥିମାନଙ୍କୁ ସ୍ୱାଗତ ଓ ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଜରୁରୀକାଳୀନ ସୁଜୟ କୁମାର ପତି ଆଗାମୀ ବର୍ଷାଋତୁ ପାଇଁ ଜରୁରୀକାଳୀନ ବିଭାଗ ପକ୍ଷରୁ ପ୍ରସ୍ତୁତ ରୋଡ଼ମ୍ୟାପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବୈଠକରେ ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ଇଞ୍ଜିନିୟର, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍, ୱାଟକୋ, ଟାଟା ପାୱାର, ବିଏସ୍‌ଏନ୍‌ଏଲ୍ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବେଆଇନ ପାର୍କିଂ ହଟାଇବାକୁ ଡିସିପିଙ୍କୁ ନିର୍ଦ୍ଦେଶ

କଟକ,୧୬।୫(କାର୍ତ୍ତିକ ସାହୁ)

**ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା**



କଟକ ସହର ସମସ୍ୟା ସଂକ୍ରାନ୍ତୀୟ ମାମଲାଗୁଡ଼ିକର ଶୁଣାଣି କରି ହାଇକୋର୍ଟ ଶୁକ୍ରବାର କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ତନ୍ମଧ୍ୟରେ ଅର୍ବାନ ହାଟରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିବା ନେଇ ଆଗତ ମାମଲାକୁ ହାଇକୋର୍ଟ ଗୁରୁତର ସହ ନେଇଛନ୍ତି। ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତାରେ ବେଆଇନ ପାର୍କିଂ ବୃଦ୍ଧି ପାଉଛି। ଗାଡ଼ି ପାର୍କିଂ ନ କରିବାକୁ ଫଳକ ଲାଗିଥିଲେ ବି ସେଠାରେ ରଖାଯାଉଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ନିୟମିତ ଭାବେ ଯାଞ୍ଚ ପ୍ରକ୍ରିୟା ହେଉନାହିଁ। ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅପରପକ୍ଷରେ ବେଆଇନ ପାର୍କିଂ ହଟାଯିବା ସହ ନିୟମିତ ଭାବେ ପାଟ୍ରୋଲିଂ କରାଯିବା ସହ ନିୟମ ନ ମାନିଲେ ଜରିମାନା ଆଦାୟ କରାଯିବ ବୋଲି କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଅର୍ବାନ ହାଟ ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ କୌଣସି ଆବର୍ଜନା ଗଦା ହୋଇ ନ ରହିବା ଉପରେ ପଦକ୍ଷେପ ନେବାକୁ ସିଏମ୍‌ସିକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ପାର୍କିଂକୁ ନେଇ ଡିସିପି ଏବଂ ଅଳିଆ ପରିଚାଳନାକୁ ନେଇ ସିଏମ୍‌ସି ନଗର ଯନ୍ତ୍ରୀ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବାର ଆସୋସିଏଶନ ପୂର୍ବତନ ସଭାପତି ଆଇନଜୀବୀ ବିଜୟ ଦାଶଙ୍କୁ କଟକ ସହର ମାମଲାରେ ଅଦାଲତ ମିତ୍ର (ଆମିକସକ୍ୟୁରୀ) ଭାବେ ହାଇକୋର୍ଟ ନିଯୁକ୍ତି ଦେଇଛନ୍ତି। ସେ ସହର ସମସ୍ୟାର ସମାଧାନ ଦିଗରେ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବା ସହ ଅଦାଲତଙ୍କୁ ସହାୟତା କରିବେ। ଏଥିସହ ଆଡଭୋକେଟ କମିଟିକୁ ମାର୍ଗଦର୍ଶନ ପ୍ରଦାନ କରିବେ ବୋଲି ଅଦାଲତ ପରାମର୍ଶ ଦେଇଛନ୍ତି।

ସେହିପରି ଏସ୍‌ସିବି ମେଡିକାଲର ନ୍ୟୁରୋ ସର୍ଜରୀ ବିଭାଗକୁ ମେ’ ଶେଷ ସୁଦ୍ଧା ୩ଟି ଏମ୍‌ଆର୍‌ଆଇ ମେଶିନ ଆସିବ। ଏହି ମେଶିନ କ୍ରୟ କରିବାକୁ ଗତ ଜାନୁଆରୀ ୨୯ରେ ଅର୍ଡର ଦିଆଯାଇଛି। ସେହିଭଳି ରେଡିଓ ଡାଇଗ୍ନୋସିସ ବିଭାଗରେ ୨ଟି ୧୨୮ ସ୍ଲାଇସ ସିଟି ସ୍କାନ ମେଶିନ ପାଇଁ ଅର୍ଡର ଦିଆଯାଇଛି। ସେଗୁଡ଼ିକ ମେ’ ଶେଷ ସୁଦ୍ଧା ଏସ୍‌ସିବିକୁ ଅଣାଯିବ। ସେହିଭଳି ପାଥାଲୋଜି ବିଭାଗରେ ଭିଜୁଆଲ ପେରିମିଟର କାର୍ଯ୍ୟକ୍ଷମ ହୋଇଥିବା ଅଦାଲତଙ୍କୁ ଏସ୍‌ସିବି କର୍ତ୍ତୃପକ୍ଷ ଅବଗତ କରିଛନ୍ତି। ତେବେ ଏହି ମେଶିନ କାର୍ଯ୍ୟକ୍ଷମ ହୋଇଛି କି ନାହିଁ ସେ ସମ୍ପର୍କିତ ଏକ ସତ୍ୟପାଠ ପରବର୍ତ୍ତୀ ଶୁଣାଣି ସମୟ ସୁଦ୍ଧା ଦାଖଲ କରିବାକୁ ଏସ୍‌ସିବି ଅଧୀକ୍ଷକ ଡା. ଗୌତମ ଶତପଥୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୁନ ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ‘ଓଡ଼ିଆ ଜାତିର ଅସ୍ମିତା ଉପେନ୍ଦ୍ର ଭଞ୍ଜ’



୮୨ତମ ଭଞ୍ଜ ଜୟନ୍ତୀର ଉଦ୍‌ଘାଟନ ସନ୍ଧ୍ୟାରେ ଅତିଥିମାନେ ‘ବିଚ୍ଛନ୍ଦ ଚରଣ ଗ୍ରନ୍ଥାବଳୀ’ ଉନ୍ମୋଚିତ କରୁଛନ୍ତି।

କଟକ,୧୬।୫(କାର୍ତ୍ତିକ ସାହୁ)

**୮୨ତମ ଭଞ୍ଜ ଜୟନ୍ତୀ ଉଦ୍‌ଘାଟିତ**

ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ପାଇଁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ଅତୁଳନୀୟ। ଓଡ଼ିଆ ଜାତି ଅସ୍ମିତା ଉପେନ୍ଦ୍ର ଭଞ୍ଜ ବୋଲି କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ୮୨ତମ ଭଞ୍ଜ ଜୟନ୍ତୀର ଶୁକ୍ରବାର ଉଦ୍‌ଘାଟନ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳିଙ୍ଗ ଭାରତୀର ସଭାପତି ଡ. ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ମିଶନ ରୋଡ଼ସ୍ଥିତ ଭଞ୍ଜ ମଣ୍ଡପଠାରେ ଆୟୋଜିତ ଉତ୍ସବ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ମୁଖ୍ୟବକ୍ତା ଭଞ୍ଜ ଗବେଷକ ହରିଶ୍ଚନ୍ଦ୍ର ବେହେରା ଓଡ଼ିଆ ଭାଷା ସାହିତ୍ୟର ଅସ୍ମିତାରେ ଭଞ୍ଜ ପ୍ରସଙ୍ଗରେ ଆଲୋଚନା କରି ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିଲେ ବୋଲି କହିଥିଲେ। ଭଞ୍ଜ ରାଜ ବଂଶ ପକ୍ଷରୁ ବରେଣ୍ୟ ଅତିଥି ନୀଳ ଲୋହିତ ସିଂଦେଓ ଉଦ୍‌ବୋଧନ ଦେଇଥିଲେ। କଳିଙ୍ଗ ଭାରତୀ ଦ୍ୱାରା ସାରଳା ଦାଶ ଯୁଗଠାରୁ ରୀତିଯୁଗର କବ୍ୟକୁ ନେଇ ସଂକଳିତ ସମୀକ୍ଷା ପୁସ୍ତକ ଓଡ଼ିଆ କାବ୍ୟଧାରା ଓ ବିଚ୍ଛନ୍ଦ ଚରଣ ଗ୍ରନ୍ଥାବଳୀ ଉନ୍ମୋଚିତ ହୋଇଥିଲା। କଳିଙ୍ଗ ଭାରତୀର କାର୍ଯ୍ୟନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ସମ୍ପାଦକ ଡା. ଅଂଶୁମାନ କର ବିବରଣୀ ପାଠ କରିଥିଲେ। ଉପସଭାପତି ରଞ୍ଜିତ କର ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ଶକ୍ତି ଶଙ୍କର ମହାନ୍ତି, ରାଜଲକ୍ଷ୍ମୀ ମହାନ୍ତି, ଅନୁପ ମାର୍ଥା, ସତ୍ୟ ଗୋପାଳ ପରିଜା, ଡା. ଦୀପକ ରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍କଳିକା ଅନୁଷ୍ଠାନ ପକ୍ଷରୁ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ କାବ୍ୟ ଅନୁସରଣରେ ଓଡ଼ିଶୀ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା।

## ବାରଙ୍ଗ ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ସାଧାରଣ ଅଧିବେଶନ

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ତ୍ରିଶୂଳିଆସ୍ଥିତ ରେଡ୍ ମିର୍ଚି କନ୍‌ଭେନ୍‌ସନ ସଭାଗୃହରେ ବାରଙ୍ଗ ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ସାଧାରଣ ଅଧିବେଶନ ଓ ବୃଷ ସଂକ୍ରାନ୍ତି, ବୈଶାଖୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ସଂଘ ସଭାପତି ସୁନୀଲ ସିଂଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପହଲଗାମ୍ ଆକ୍ରମଣରେ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ କଟକ ଜିଲା ବରିଷ୍ଠ ନାଗରିକ ମହାସଂଘ ଅଧ୍ୟକ୍ଷ ବିଷ୍ଣୁ ମୋହନ ଦାସସାମନ୍ତ, ସମ୍ମାନିତ ଅତିଥି ଭାବେ ଜିଲା ମହାସଂଘ ସଙ୍ଗଠନ ସଚିବ ତଥା ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଓ ମହାସଂଘ କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ଘୋଷ, ମୁଖ୍ୟବକ୍ତ ଭାବେ ଶିକ୍ଷକ ନେତା ତଥା ଜିଲା ମହାସଂଘ ମହାସଚିବ ଅକ୍ଷୟ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ସନ୍ତୋଷ ପାଣି ଅତିଥି ପରିଚୟ ଓ ଗୋଲଖ ବିହାରୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ଲାଲ ମିର୍ଚିରେ ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ପରିଡା, ଅର୍ଣ୍ଣପୂର୍ଣ୍ଣା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ବରିଷ୍ଠ ସଦସ୍ୟ ବସନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଯୋଗ୍ୟଙ୍କୁ ଭତ୍ତା ମଞ୍ଜୁର କରିବା ମହଙ୍ଗା ପଡ଼ିଲା

କଟକ ସଦର,୧୬।୫(ସୁଶାନ୍ତ କୁମାର ଜେନା)

**ବଦଳିଲେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ**

ଜଣେ ଅଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁର କରିବା କଟକ ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଲା। ଆୟତପୁର ପଞ୍ଚାୟତ ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କ ଭତ୍ତା ମଞ୍ଜୁର କରିବା ଘଟଣା ଜଣାପଡ଼ିବା ପରେ କଟକ ଜିଲାପାଳ ପଦକ୍ଷେପ ଗ୍ରହଣ କରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ରଙ୍କୁ ସାଲେପୁରକୁ ବଦଳି କରିଛନ୍ତି। ଘଟଣାରୁ ପ୍ରକାଶ, ବ୍ୟକ୍ତି ଜଣକ କଟକ ସଦର ବିଧାୟକଙ୍କ ନିକଟରୁ ଭତ୍ତା ନେବା ପାଇଁ ବ୍ଲକକୁ ଆସିଥିଲେ। ସେହି ସମୟରେ ଆୟତପୁର ସରପଞ୍ଚ ରାକେଶ ବେହେରା ଅଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ନ ଦେବା ପାଇଁ ବିଡିଓଙ୍କୁ ପତ୍ର ଲେଖିଥିଲେ। ଏହା ଜଣାପଡ଼ିବା ପରେ ବିଡିଓ ପ୍ରତୀକ ସାହୁ କନ୍ଦରପୁର ଆରଆଇ କିପରି କମ ଆୟ ପ୍ରମାଣ ପତ୍ର ଦେଇଥିଲେ, ତାର ତଦନ୍ତ ପାଇଁ କଟକ ସଦର ତହସିଲଦାରଙ୍କୁ ଚିଠି ଲେଖିଥିଲେ। ଅଦ୍ୟାବଧି ତଦନ୍ତ ରିପୋର୍ଟ ଆସିନାହିଁ। କିନ୍ତୁ କଟକ ଜିଲାପାଳ ମହାପାତ୍ରଙ୍କୁ ସାଲେପୁର ବଦଳି କରିଛନ୍ତି। ଏବେ ସୁଦ୍ଧା ଆୟ ପ୍ରମାଣ ପତ୍ର ସମ୍ପର୍କୀୟ ରିପୋର୍ଟ ତହସିଲଦାରଙ୍କ ପାଖରୁ ଆସିନାହିଁ ବୋଲି ବିଡିଓ ସାହୁ କହିଛନ୍ତି। ଶନିବାର ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱରୁ ମୁକ୍ତ କରାଯିବା ବୋଲି ଜଣାପଡିଛି। ଏହା ତାଙ୍କର ସ୍ୱାଭାବିକ ବଦଳି ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମହାପାତ୍ର କହିଛନ୍ତି।

## ତ୍ରୟୋବିଂଶ ବାର୍ଷିକୀ ଶିବ ପାର୍ବତୀ ବିବାହ ଉତ୍ସବ ପ୍ରସ୍ତୁତି

ଖୁଣ୍ଟୁଣୀ,୧୬।୫(ସଚ୍ଚିଦାନନ୍ଦ ପଣ୍ଡା)

ରମ୍ଭେଇ-ଖୁଣ୍ଟୁଣୀ ଗ୍ରାମର ପ୍ରସିଦ୍ଧ ଇଷ୍ଟଦେବ ବାବା ବାଲୁଙ୍କେଶ୍ୱର ଓ ମାତା ପାର୍ବତୀଙ୍କ ତ୍ରୟୋବିଂଶ ବାର୍ଷିକୀ ବିବାହ ଉତ୍ସବ ପାଇଁ ଶୁକ୍ରବାର ସନ୍ଧ୍ୟାରେ ହନୁମାନଙ୍କ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଟ୍ରଷ୍ଟି କିଶୋର କୁମାର ସାମନ୍ତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ କନ୍ୟାପକ୍ଷ ବିରଞ୍ଚି ନାରାୟଣ ଦାସ ଓ ମଧୁସ୍ମିତା ଦାସ ଏବଂ ବରପକ୍ଷ ଚିତ୍ତରଞ୍ଜନ ଜେନା ଓ ବିନ୍ଦୁସାଗର ଜେନା କର୍ତ୍ତା କର୍ତ୍ତି ଭାବେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଆଗାମୀ ୩୧ ତାରିଖ ପ୍ରତ୍ୟୁଷରୁ ବାବାଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳଆଳତି, ସ୍ନାନ ନୀତି, ଷୋଡ଼ଶ ଉପଚାର ପୂଜା ଓ ଖେଚୁଡ଼ି ଭୋଗ ହେବ। ଅପରାହ୍ଣ ସାଢେ ୫ଟାରେ ବାଲୁଙ୍କେଶ୍ୱରଙ୍କୁ ବରବେଶରେ ସଜ୍ଜିତ କରି ବିମାନ ରୁଢା କରାଇବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ବାଜା ବାଣ ରୋଷଣୀରେ ଗ୍ରାମ୍ୟ ଓ ବଜାର ପରିକ୍ରମା କରାଯାଇ ରାତି ୯ଟାରେ ମନ୍ଦିରକୁ ଆସି ୧୧ଟାରୁ ରାତି ସାଢ଼େ ଗୋଟାଏରେ ବିବାହ କାର୍ଯ୍ୟ ସମାପ୍ତ ହେବ। ପରଦିନ ସକାଳ ୬ଟାରୁ ବର ଓ କନ୍ୟାପକ୍ଷ ବନ୍ଦାପନା କରିବେ। ପରେ ଗ୍ରାମ ଓ ବାହାର ଗ୍ରାମରୁ ଆସିଥିବା ମହିଳାମାନେ ବନ୍ଦାପନା କରି ସାରିବା ପରେ ପୂର୍ବାହ୍ଣ ୧୦ଟାରେ ଦେବଦମ୍ପତ୍ତିଙ୍କୁ ନବାତ ପଣା ପ୍ରସାଦ ଦିଆଯାଇ ମନ୍ଦିର ମଧ୍ୟକୁ ପ୍ରବେଶ କରାଯିବ। ବୈଠକରେ ମନ୍ଦିର ପକ୍ଷରୁ ମୁଖ୍ୟ ଟ୍ରଷ୍ଟି କିଶୋର ସାମନ୍ତରାୟ, ସଚ୍ଚିଦାନନ୍ଦ ପଣ୍ଡା, ବିପିନି ବିହାରୀ ପ୍ରଧାନ, ଦିଲ୍ଲୀପ କୁମାର ଶେଠ, ବିଜୟ କୁମାର ସାହୁ, ପ୍ରିୟବ୍ରତ ପାତ୍ର, ବିକାଶ କୁମାର ସାହୁ, ସଞ୍ଜୟ କୁମାର ବେହେରା, ବଟକୃଷ୍ଣ ବେହେରା, ଦିଲୀପ ରାଉଳ, ଚକ୍ରଧର ସାହୁ, ଗୋବିନ୍ଦ ବେହେରା ଓ ବିଶ୍ୱରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିଥିଲେ। ସୁଧୀର କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

# ‘ବିକଶିତ ହେଉଛି କଳାକାରଙ୍କ ପ୍ରତିଭା’



କଟକ ଉପର ବାଲିଯାତ୍ରା ପଡ଼ିଆରେ ଶୁକ୍ରବାର ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

**୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟିତ**

କଟକ ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ, କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକଷଙ୍କ ମିଳିତ ସହଭାଗିତାରେ କଟକ ନୃତ୍ୟ ଉତ୍ସବ କମିଟି ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡିଆରେ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ଡ. ଡି.ପି ଚୌଧୁରୀ ଉଦ୍‌ଘାଟନ କରି କହିଛନ୍ତି ଯେ, କଳାକୁ ସମ୍ମାନ ଦେବା ସହିତ ସାଂସ୍କୃତିକ ବିଚିତ୍ରା ପରିବେଷଣ କରି କଳାକାରଙ୍କ ପ୍ରତିଭା ସାମ୍ନାକୁ ଆଣିବାରେ ଏଭଳି କାର୍ଯ୍ୟକ୍ରମ ପ୍ରମୁଖ ଭୂମିକା ଗ୍ରହଣ କରୁଛି। କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟା ଗୁରୁ କେଳୁଚରଣ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାଷ ସିଂ, ବିଧାୟିକା ସୋଫିଆ ଫିର୍‌ଦୋସ, ବିଧାୟକ ସୌଭିକ ବିଶ୍ୱାଳ, ଓଡ଼ିଶୀ ନୃତ୍ୟଗୁରୁ ଜ୍ୟୋସ୍ନାରାଣି ସାହୁ ଯୋଗଦେଇଥିଲେ। ୧୦ଦିନ ବ୍ୟାପି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ସହରବାସୀଙ୍କ ପାଇ ପ୍ରମୁଖ ମନୋରଞ୍ଜନର କେନ୍ଦ୍ର ପାଲଟିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସଙ୍କୁ ଜାତୀୟ ସଙ୍ଗୀତ ରତ୍ନ, ବରିଷ୍ଠ ଆଇନଜୀବୀ ନରେନ୍ଦ୍ର କିଶୋର ମିଶ୍ରଙ୍କୁ ଜାତୀୟ ଆଇନ ରତ୍ନ, ବରିଷ୍ଠ ଇଞ୍ଜିନିୟର ବିମଳ ଚନ୍ଦ୍ର ରଥଙ୍କୁ ଓଡ଼ିଶା ନିର୍ମାଣ ରତ୍ନ, ଯୁବ ଆଇନୀଜୀବୀ ଅନୁପମ ରଥ ଓ ଶିକ୍ଷାବିତ ପ୍ରଫେସର ଏସ. କେ କଲିମମୁଲ୍ଲାଙ୍କୁ ଓଡ଼ିଶା ଶିକ୍ଷା ରତ୍ନ, ବିଶିଷ୍ଟ ମନସ୍ତତ୍ତ୍ୱବିତ ଦୀପା ମିଶ୍ରଙ୍କୁ ଓଡ଼ିଶା ସେବା ରତ୍ନ ଓ ଯୁବ ଶିଳ୍ପଦ୍ୟୋଗୀ ରୁଦ୍ର ନାରାୟଣ ଆଚାର୍ଯ୍ୟଙ୍କୁ ଓଡ଼ିଶା ଶିଳ୍ପ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କମିଟି ପକ୍ଷରୁ ସଭାପତି ରବି ନାରାୟଣ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସୁରମନ୍ଦିର, ଶ୍ରୀମଳିନୀ ଡ୍ୟାନ୍ସ ଗ୍ରୁପ, ନୃତ୍ୟାୟନ, ବ୍ଲୁ ଆଣ୍ଡ ବ୍ରାଇଟ ଇନର ଟ୍ୟାଲେଣ୍ଟ ଏକାଡେମୀ, ଶିଳ୍ପୀ କଳା ନିକେତନ, ନୃତ୍ୟ ମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କମିଟି କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ଚରଣ ଦାଶ, ଉଲ୍ଲାସ ସେନ, ପଦ୍ମଲୋଚନ ମିଶ୍ର, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମି ରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସ୍ନେହାଶିଷ ଦାସ, ସୁବାଶିଷ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସହସମ୍ପାଦକ ବିନୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟନୀରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

# ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମରେ ଯୋଡ଼ି ହେଲେଣି ୧୧ ଲକ୍ଷ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୬।୫(ସୁଚିସ୍ମିତା ସାହୁ)

## ଘରେ ରହି ଅନ୍‌ଲାଇନ୍‌ରେ ପାଠପଢୁଛନ୍ତି



ଖରାଛୁଟି ଯୋଗୁ ସ୍କୁଲ ବନ୍ଦ ରହିଛି। ତେବେ ଏଥିପାଇଁ ଯେପରି ପିଲାଙ୍କ ପାଠପଢ଼ା ବ୍ୟାହତ ନ ହେବ ସେଥିଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାମାନେ ଏଥିସହ ଯୋଡ଼ି ହୋଇ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ଅକ୍ଷର ଶିକ୍ଷିବାଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ ବିଷୟରେ ଜାଣିପାରୁଛନ୍ତି। ପ୍ରତି ଶ୍ରେଣୀର ପିଲାମାନେ ଯେପରି ସରଳ ଭାବେ ପାଠପଢ଼ିପାରିବେ ସେନେଇ ଶିକ୍ଷକଙ୍କ ଦ୍ୱାରା ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମ ଅଧୀନରେ ମୋଟ ୧ ଲକ୍ଷ ୭୦ ହଜାର ୯୩୨ଟି ହାଟ୍ସଆପ୍ ଗ୍ରୁପ ତିଆରି ହୋଇଥିବାବେଳେ ସାରା ରାଜ୍ୟରୁ ପ୍ରାୟ ୧୧ ଲକ୍ଷ ୮ ହଜାର ୮୪୩ରୁ ଅଧିକ ଛାତ୍ରୀଛାତ୍ର ଯୋଡ଼ି ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଯେଭଳି ଖରାଛୁଟିରେ ପାଠକୁ ସମ୍ପୂର୍ଣ୍ଣ ଭୁଲି ନ ଯାଆନ୍ତି ଓ ମଜାଳିଆ ଢଙ୍ଗରେ ନିଜ ଘରେ ରହି ପାଠପଢ଼ିପାରିବେ ସେହି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ଏନେଇ ବାଲିପଦର ତୁଳସୀଚଉରାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଅଭିଭାବକ ରଶ୍ମିତା ପାତ୍ର କହିଛନ୍ତି, ଖରାଛୁଟିରେ ପିଲାଙ୍କ ପାଠ ସହ ଯୋଡ଼ି ରଖିବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ। ହାଟ୍ସଆପ ଗ୍ରୁପ୍ ମାଧ୍ୟମରେ ଆମେ ଶିକ୍ଷଣୀୟ ଭିଡିଓ ପାଇପାରୁଛୁ। ଏହାଦ୍ୱାରା ପିଲାଙ୍କୁ ପାଠ ପଢାଇବ ସହଜ ହୋଇପାରୁଛି। ଗୀତ, ଗପ ଓ ଚିତ୍ର ମାଧ୍ୟମରେ ପିଲାମାନେ ପାଠପଢୁଛନ୍ତି। ଅନ୍ୟଜଣେ ଅଭିଭାବକ ମମତା ବିଶ୍ୱାଳ କହିଛନ୍ତି, ପିଲାମାନେ ଖରାଛୁଟିରେ ବୁଲାବୁଲି କରିବା ସହିତ ପାଠପଢ଼ିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଛୁଟି ଭାବରେ ନେଇ କିଛି ପାଠ ପଢୁ ନ ଥିଲେ। ଏବେ କିନ୍ତୁ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠୁ ଶିକ୍ଷକମାନେ ମୋବାଇଲରେ ବିଭିନ୍ନ ପାଠ ପାଇଁ ଭିଡିଓ ଏବଂ ୟୁଟ୍ୟୁବ୍ ଲିଙ୍କ୍ ଆଦି ଦେଉଛନ୍ତି। ସେହି ଲିଙ୍କ୍ ସହ ଯୋଡ଼ିହୋଇ ପିଲାମାନେ ଘରେ ବସି ପାଠ ପଢ଼ିପାରୁଛନ୍ତି। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସପ୍ତାହକୁ ଦୁଇଥର ଏବଂ ପଞ୍ଚମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସପ୍ତାହକୁ ତିନିଥର ଶିକ୍ଷଣୀୟ ବିଷୟ ସବୁ ପଠାଯାଉଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାଙ୍କ ପାଇଁ ଓଡ଼ିଆ, ଗଣିତ ଓ ପରିବେଶ ବିଜ୍ଞାନ ଉପରେ ବିଭିନ୍ନ ଭିଡିଓ ପଠାଯାଉ ଥିବାବେଳେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାଙ୍କ ପାଇଁ ଓଡ଼ିଆ, ଗଣିତ, ପରିବେଶ ବିଜ୍ଞାନ ଓ ଇଂଲିଶ ପାଠ ଭିଡିଓ ଦିଆଯାଉଛି। ସେହିପରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କ ଓଡ଼ିଆ, ଗଣିତ, ପରିବେଶ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଇଂଲିଶ ପାଠ ଭିଡିଓ ପଠାଯାଉଛି। ଏଥିସହ ଅଭିଭାବକମାନେ ପିଲାମାନେ ପଢୁଥିବା କିମ୍ବା ଲେଖୁଥିବା ଫଟୋ ଉଠାଇ ଗ୍ରୁପ୍‌ରେ ଶେୟାର କରୁଛନ୍ତି।

# ସଚେତନ ହେଲେ ପ୍ରାଣଘାତୀ ଡେଙ୍ଗୁ କବଳରୁ ମୁକ୍ତି ମିଳିବ




ଏମ୍ସ ଭୁବନେଶ୍ୱରଠାରେ ଆୟୋଜିତ ଡେଙ୍ଗୁ ଦିବସ କାର୍ଯ୍ୟକ୍ରମ।

ଭୁବନେଶ୍ୱର, ୧୬।୫
(ବନ୍ଦନା ସେଠୀ)

## ମାର୍ଚ୍ଚ ସୁଦ୍ଧା ଦେଶରେ ୧୨୦୪୩ ଡେଙ୍ଗୁ ଆକ୍ରାନ୍ତ, ୬ ମୃତ

ଚଳିତ ବର୍ଷ ମାର୍ଚ୍ଚ ୨୦୨୫ ସୁଦ୍ଧା ସାରା ଦେଶରେ ମୋଟ ୧୨,୦୪୩ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟର ଜାତୀୟ ଭେକ୍ଟର ବର୍ନରୋଗ ନିୟନ୍ତ୍ରଣ କେନ୍ଦ୍ର ପକ୍ଷରୁ ପ୍ରକାଶିତ ରିପୋର୍ଟରେ ତାମିଲନାଡୁରେ ସର୍ବାଧିକ ଡେଙ୍ଗୁ ମାମଲା ରହିଛି। ତେବେ ସଚେତନ ହେଲେ ଡେଙ୍ଗୁ ଭଳି ପ୍ରାଣଘାତୀ ଶତ୍ରୁ କବଳରୁ ମୁକ୍ତି ମିଳିପାରିବ ବୋଲି ଶୁକ୍ରବାର ଏମ୍ସ ଭୁବନେଶ୍ୱରଠାରେ ଆୟୋଜିତ ଡେଙ୍ଗୁ ଦିବସ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଏହି କ୍ରମରେ ଡେଙ୍ଗୁକୁ ନେଇ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଡେଙ୍ଗୁ ମଶା ପ୍ରଜନନକୁ ରୋକିବା ନିମନ୍ତେ ଘର ଓ ପରିବେଶକୁ ପରିଷ୍କାର ରଖିବା, ଆଖପାଖରେ ପାଣି ନ ଜମିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗକୁ ଆସୁଥିବା ମୌସୁମୀ ସମୟରେ ମଶାରି ବ୍ୟବହାର, ପୂରା ହାତ ପୋଷାକ ପିନ୍ଧିବା ଭଳି ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଉପରେ ସେ ଆଲୋକପାତ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଭେଷଜ ବିଭାଗ ମୁଖ୍ୟ ଡା. ଅନୁପମ ଦେ, ଡା. ଦେବାନନ୍ଦ ସାହୁ, ଡା. ଅନୁପମା ବେହେରା, ଡା. ଧୃତି ସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ଡେଙ୍ଗୁ ସଂକ୍ରମଣ ଚିହ୍ନଟ ସହ ଠିକ୍ ସମୟରେ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ।

## ରଥଖଳାରୁ...

# ୧୬ ଗୋଟି ଚକ ନିର୍ମାଣ ଶେଷ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ଷୋଡ଼ଶତମ ଦିନରେ ଶୁକ୍ରବାର ତିନିରଥର ଗୋଟିଏ ଗୋଟିଏ ନାହାକା ଅଖ ଉଭୟ ପାର୍ଶ୍ୱ ଗୋଲେଇ ସହ ମାଠେଣି କାମ ଶେଷ ହୋଇଛି। ମୋଟ ୪୨ ଗୋଟି ଚକ ମଧ୍ୟରୁ ଶନିବାର ସୁଦ୍ଧା ୧୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ଏବଂ ଦର୍ପଦଳନ ରଥର ୫ଟି ଲେଖାଏ ଚକ ନିର୍ମାଣ ଶେଷ ହୋଇଥିବା ବେଳେ ନନ୍ଦିଘୋଷ ରଥର ୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଏତଦ୍‌ବ୍ୟତୀତ ତିନିରଥର ୪ଟି ଲେଖାଏ ୧୨ ଫୁଟିଆ ପ୍ରଥମ ଭୂଇଁ ଓରା ଚଉପଟ ପରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ଦୁଇଟି ଲେଖାଏ ଭୂଇଁ ଖମ୍ବୀର ଚଉପଟ କାର୍ଯ୍ୟ ସରିଛି। ଆଉ ଦୁଇଟି ଲେଖାଏ ତୁମ୍ବରେ ଭୋଇ ସେବକଙ୍କ ଦ୍ୱାରା ସିଙ୍ଗଡ଼ାବାଡ଼ିଆ ଶେଷ ହେବାପରେ ତୁମ୍ବରେ ଅଖ ବିନ୍ଧ ପାଇଁ ଭୋଇ ସେବକମାନେ ରଥ ଚାଳିକୁ ଯୋଗାଇ ଦେଇଥିଲେ। ତୁମ୍ବଗୁଡ଼ିକରେ ତୁମ୍ବ ବିନ୍ଧ ହେବାପରେ ମହାରଣା ସେବକମାନେ ଅର ସାଲ କାର୍ଯ୍ୟ ଶେଷ କରିଛନ୍ତି। ପ୍ରଭା ଅପସରା ଏବଂ ବେଦୀ ସିଂହାସନ ନିର୍ମାଣ ନିମନ୍ତେ ରଥ ଅମିନ ତିନିରଥ ଚାଳିକୁ ଦୁଇଟି ଲେଖାଏ ୧୨ ଫୁଟିଆ ଅସନ କାଠ ଯୋଗାଇ ଦେଇଥଲେ। ଉକ୍ତ କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ସେହିପରି ଦୋଳବେଦୀ ଅସ୍ଥାୟୀ କମାରଶାଳରେ କଣ୍ଟା ନିର୍ମାଣ ସହ ପନ୍ଦାରି ବଳା, ପନ୍ଦାରି ଚାବି ନିର୍ମାଣ ଜାରି ରହିଛି।



# ରାଜଭବନରେ ସିକିମ ପ୍ରତିଷ୍ଠା ଦିବସ ପାଳିତ



ସିକିମ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଓ ଅତିଥିମାନେ।

ଭୁବନେଶ୍ୱର,୧୬।୫(ସୁଚିସ୍ମିତା ସାହୁ)

ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ବିବିଧତାରେ ଏକତାର ବନ୍ଧନକୁ ସୁଦୃଢ଼ କରୁଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶୁକ୍ରବାର ସିକିମ୍ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ସିକିମ ରାଜ୍ୟର ଅଧିବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟପାଳ କହିଲେ, ଏ ପ୍ରକାର କାର୍ଯ୍ୟକ୍ରମ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ 'ଏକ ଭାରତ – ଶ୍ରେଷ୍ଠ ଭାରତ' ଭାବନାକୁ ଅଧିକ ଋଦ୍ଧିମନ୍ତ କରୁଛି। ୫୦ବର୍ଷ ପୂର୍ବେ ଅର୍ଥାତ୍ ୧୯୭୫ ମେ ୧୬ରେ ଭାରତର ୨୨ତମ ରାଜ୍ୟ ଭାବେ ଗଠିତ ହୋଇଥିବା ସିକିମର ଦେଶ ପ୍ରତି ମହାନ ଅବଦାନ ରହିଛି। ସିକିମ ହିମାଳୟ କୋଳରେ କେବଳ ଏକ ଭୌଗଳିକ ଅଞ୍ଚଳ ନୁହେଁ, ବରଂ ଦେଶର ସୁରକ୍ଷା ଦୃଷ୍ଟି କୋଣରୁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସିକିମ୍ ଏହାର ମନୋରମ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ। ସଂସ୍କୃତି, ଐତିହ୍ୟ,ପରମ୍ପରା, କଳାତ୍ମକ ଉତ୍କୃଷ୍ଟତା ଏବଂ ଗଭୀର ମୂଲ୍ୟବୋଧର ଗନ୍ତାଘର ସିକିମ। ସିକିମର ଅଧିବାସୀମାନେ ସେମାନଙ୍କର ଉଲ୍ଲେଖନୀୟ ଶୃଙ୍ଖଳା ଭାବନା, ପ୍ରକୃତି ପ୍ରତି ସମ୍ମାନ ଏବଂ ପ୍ରଗତି ପାଇଁ ପ୍ରତିବଦ୍ଧତା ସହିତ ଦେଶର ଅଭିବୃଦ୍ଧିରେ ମହନୀୟ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ଓଡିଶା ଏବଂ ସିକିମ ଉଭୟ ରାଜ୍ୟ ଭୌଗୋଳିକ ସ୍ଥିତି, ସଂସ୍କୃତି ଓ ପରମ୍ପରା, ଐତିହ୍ୟ ଦୃଷ୍ଟିରୁ ପୃଥକ ହେଲେ ମଧ୍ୟ ଓଡିଶାରେ ରହୁଥିବା ସିକିମର ଲୋକମାନେ ଓଡିଶାକୁ ଦ୍ୱିତୀୟ ଘର ବୋଲି ବିବେଚନା କରନ୍ତି। ସିକିମର ଅନେକ ଛାତ୍ରୀଛାତ୍ର ଓଡିଶାରେ ଶିକ୍ଷା ଲାଭ କରି ନିଜ ଭବିଷ୍ୟତ ଗଢୁଛନ୍ତି। ଓଡିଶାରେ ସିକିମ ରାଜ୍ୟର ଅଧିବାସୀଙ୍କ ଉପସ୍ଥିତି ଏକ ଭାରତ – ଶ୍ରେଷ୍ଠ ଭାରତର ସାରମର୍ମକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ଓଡିଶାର ଫାଷ୍ଟ ଲେଡି ଜୟଶ୍ରୀ କମ୍ଭମ୍‌ପାଟି ଉପସ୍ଥିତ ଥିଲେ। ଏହି ଅବସରରେ ସିକିମର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ନିର୍ମାଣର ମାସେ ନ ପୂରୁଣୁ ଫାଟିଲାଣି ରାସ୍ତା

ଯୋଗେଶ୍ୱରପୁର,୧୬।୫(ରଶ୍ମିରଞ୍ଜନ ସାହୁ)

ପୂର୍ତ୍ତ ବିଭାଗ ଅଧୀନ ନୟାହାଟ–ନାଗପୁରର ଦୀର୍ଘ ୨୨ କି.ମି. ରାସ୍ତା କୋଟି କୋଟି ଟଙ୍କା ବ୍ୟୟରେ ଗତ ଏପ୍ରିଲରେ ନିର୍ମାଣ ହୋଇଥିଲା। ହେଲେ ମାସେ ନ ପୂରୁଣୁ ମେ'ରେ ବିଶୁଳିପଡ଼ାର ମଦ୍ରାସା ଓ ଯୋରକୁଳ ପାଖ ରାସ୍ତା ଫାଟିଗଲାଣି। ଏନେଇ କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଓ ଏଷ୍ଟିମେଟ ଅନୁଯାୟୀ କରାଯାଇନାହିଁ। ଆଗାମୀ ବର୍ଷାଦିନେ ଉକ୍ତ ରାସ୍ତା ଧୀରେ ଧୀରେ ନଷ୍ଟ ହେବ ବୋଲି ଆଶଙ୍କା କରାଯାଉଛି। ଏନେଇ ଅଞ୍ଚଳବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# 'ଉପେନ୍ଦ୍ର ଭଞ୍ଜ ଓ ବୈଦେହୀଶ ବିଳାସ' ଆଲୋଚନା

ଭୁବନେଶ୍ୱର, ୧୬। ୫ (ସୌମ୍ୟରଞ୍ଜନ ରାଉତ)

ଝରଣା ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର କେଦାରନାଥ ଗବେଷଣା ପ୍ରତିଷ୍ଠାନରଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଉପେନ୍ଦ୍ର ଭଞ୍ଜ ଓ ବୈଦେହୀଶ ବିଳାସ' ଉପରେ ଆଲୋଚନା ହୋଇଥିଲା। ଭଞ୍ଜ ସାହିତ୍ୟ ଗବେଷକ ଡ. ଶାନ୍ତନୁ କୁମାର ରଥ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ବୈଦେହୀଶ ବିଳାସର ବିଭିନ୍ନ ବିଭାଗ ଉପରେ କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ କବି ସମ୍ରାଟଙ୍କ ସାରସ୍ୱତ କୃତି ଓ କୃତିତ୍ୱ ଉପରେ ଆଲୋଚନା କରିବା ସହ ବୈଦେହୀଶ ବିଳାସ ଉପରେ ବିଶ୍ଳେଷଣାତ୍ମକ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଅନୁଷ୍ଠାନର ସଭାପତି ରଘୁନାଥ ମିଶ୍ର ଓଡ଼ିଆ ସାହିତ୍ୟକୁ ଉପେନ୍ଦ୍ର ଭଞ୍ଜଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ଡ. ଶରତ ଚନ୍ଦ୍ର ରଥଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଆଧୁନିକ ଓଡ଼ିଆ କାବ୍ୟ କବିତାରେ ଜୀବନ ଚିନ୍ତା' ଓ ମନୋଜ କୁମାର ଜେନାଙ୍କର ଅନୁବାଦ ପୁସ୍ତକ 'ପ୍ରେରଣାଦାୟୀ ଗଳ୍ପମାଳା' ଉନ୍ମୋଚିତ ହୋଇଥିଲା। ଝରଣା ପତ୍ରିକାର ସହ-ସମ୍ପାଦକ ଭାଷାବିତ ଡ. ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ଦୁଇଟି ପୁସ୍ତକ ଉନ୍ମୋଚନ କରୁଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଜିପିଡବ୍ଲ୍ୟୁ-ସିଡବ୍ଲ୍ୟୁ-ଏଏମ୍‌ଡିବିଏସ୍‌ଏଏମ୍‌ସିଏଫ୍‌ଟିଆର୍‌ଟି-୨୫, ତାରିଖ: ୧୫।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏମ୍‌ଇ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଏଲ୍‌ଏଚ୍‌ବି କୋଚ୍ (ଏଫ୍‌ଟିଆର୍‌ଟିଆଇଏଲ୍ ଗଢ଼ଣ ପାଇଁ)ଗୁଡ଼ିକର ଏକ୍ସିଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । **ପରିମାଣ:** ଏନ୍‌ଆଇଟି ଅନୁଯାୟୀ । **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ– ଖଡ଼ଗପୁର, ଜିଲ୍ଲା– ପଶ୍ଚିମ ମେଦିନିପୁର, ପିନ୍–୭୨୧୩୦୧ । **ଟେଣ୍ଡର ମୂଲ୍ୟ:** ₹୪୮,୬୬,୪୬,୧୮୪.୫୨ । **ଅମାନତ ରାଶି:** ₹୨୫,୮୩,୨୦୦ । **ଠିକା ଅବଧି:** ଏଲ୍‌ଓଏ ଜାରି ହେବା ତାରିଖରୁ ୧୨ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୦୬।୨୦୨୫ରିଖ ୧୫.୦୦ ଘଟିକାରେ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । ସବିଶେଷ ଟେଣ୍ଡର ଦସ୍ତାବିଜ ପୋର୍ଟାଲ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ । (PR-165)



**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



**नाम– साहिल अंसारी, उम्र करीब–19 वर्ष, रंग–गोरा, ऊँचाई– 5 फीट 6 ईंच, पहनावा– गंजी फूल बॉह, हाफ निकर, पैंट एवं बेड सिट लाल रंग का।,**

उपरोक्त लापता पुरूष साहिल अंसारी, उम्र करीब–19 वर्श, पिता– अजमत अंसारी, सा0–ढौठाटोली, थाना–माण्डर, जिला–राँची जो दिनांक –27.04.25 को समय करीब 12:00 बजे अपने घर से बिना बताये कहीं चले गये है। जो आजतक अपने घर वापस नहीं आये है। जिसके संबंध में माण्डर थाना सनहा संख्या–28/2025, दिनांक–07.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता पुरूष कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, खलारी, रॉची। – 9431742777
थाना प्रभारी माण्डर रॉची। – 9431706187

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.352654 Police(25-26):D



**कार्यपालक अभियन्ता का कार्यालय,
पेयजल एवं स्वच्छता प्रमण्डल संख्या–1, धनबाद**

**शुद्धि–पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/09/2025-26 जिसका सूचना एवं जनसम्पर्क विभाग के PR No.- 352007 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 1 | वेबसाईट पर निविदा प्रकाशन की तिथि एवं समय | 15.05.2025, 5.00 बजे अपराह्न तक। | 26.05.2025, 5.00 बजे अपराह्न तक। |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10. 2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 4 | तकनीकी बीड खोलने की तिथि एवं समयः | 28.05.2025, 5.00 बजे अपराह्न | 05.06.2025, 5.00 बजे अपराह्न |

शेष सभी शर्तें यथावत रहेगी।

कार्यपालक अभियन्ता,
PR 352681 Drinking Water and Sanitation(25-26)#D पेयजल एवं स्वच्छता प्रमण्डल संख्या–1, धनबाद



**Government of Jharkhand
Directorate of Industries
Jharkhand Government Tool Room
(Formerly Jharkhand Government Mini Tool Room & Training Centre, Ranchi)
Plot No: 38, Phase I, Tatisilwai Industrial Area, Muri Road, Ranchi- - 835103 ,
e-mail: info@jgtr.in, principal@jgtr.in, jgmtrtc_ran@yahoo.co.in Web site: www.jgtr.in
Phone No. 0651-2265966, Fax No.0651-2265578**

**ONLINE TENDER NOTICE**
**NIT No. 277 Dated 16.05.2025**

Govt. of Jharkhand has set up state-of-the art Tool Room & Training Centre at Tatisilwai, Ranchi, Dumka & Gola. The centres requires Machine Tools & Equipment as pertaining the details furnished in website.
Interested original Tenderer and /or their authorized representatives / dealers having permanent registered office in India and operating in India over last 5 (Five) years are eligible to participate in the tender.
The complete tender document including ITT, GCC, technical specification, price bid, cost of tender, EMD requirements etc. can be downloaded from the web sites www.jharkhandtenders.gov.in & www.jgtr.in from 20th May 2025 onwards.
Note: JGTR, Ranchi reserves the right to reject the application of any or all the intending bidders without assigning reasons whatsoever.

Sd/-
(Director of Industries)

PR 352639 Industries(25-26).D


# ଚାରିଧାମ ତୀର୍ଥଯାତ୍ରୀ ସଂଖ୍ୟା ବଢୁଛି

ଭୁବନେଶ୍ୱର, ୧୬।୫(ଅନୁରାଧା ମହାରଣା)

## ଉତ୍ତରାଖଣ୍ଡ ସରକାରଙ୍କ ବ୍ୟାପକ ବ୍ୟବସ୍ଥା

ଉତ୍ତରାଖଣ୍ଡର ଚାରିଧାମ ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଯାତ୍ରା ଏପ୍ରିଲ ୩୦ରେ ଆରମ୍ଭ ହୋଇଥିଲା। ଯାତ୍ରାର ପ୍ରଥମ କିଛି ସପ୍ତାହରେ ଏହି ତୀର୍ଥଯାତ୍ରୀଙ୍କ ସଂଖ୍ୟାରେ ବହୁତ ବୃଦ୍ଧି ଘଟିଛି। ମେ ୧୨ ସୁଦ୍ଧା ଚାରିଧାମ ପରିଦର୍ଶନ କରିଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ୬,୦୫,୧୮୩ ଥିଲା। କେଦାରନାଥକୁ ୨୪୮୫୪୮ଜଣ, ବଦ୍ରିନାଥ ୧,୩୦,୨୦୫, ଗଙ୍ଗୋତ୍ରୀ ୧,୦୪,୩୦୦ ଏବଂ ଯମୁନୋତ୍ରୀକୁ ୧,୨୨,୧୩୦ ଜଣ ତୀର୍ଥଯାତ୍ରୀ ଯାଇଥିଲେ। ଉତ୍ତରାଖଣ୍ଡ ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବ ସଚିନ କୁର୍ଭେ ଚାରିଧାମ ଯାତ୍ରା ସମୀକ୍ଷା କରି ଯାତ୍ରୀଙ୍କୁ ଉନ୍ନତମାନର ସେବା ପ୍ରଦାନ ପାଇଁ ଆଞ୍ଚଳିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବାସ ମାଲିକ, ପରିବହନକାରୀ ଏବଂ ପୁରୋହିତ ସମ୍ପ୍ରଦାୟଙ୍କ ସହିତ ଉପଯୁକ୍ତ ଯୋଗାଯୋଗ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୀର୍ଥଯାତ୍ରୀମାନେ registrationand-touristcare.uk.gov.in ମାଧ୍ୟମରେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବାର ବ୍ୟବସ୍ଥା ରହିଛି। ଏଥିସହ ଡେରାଡୁନର ହରିଦ୍ୱାର, ଋଷିକେଶ ଏବଂ ବିକାଶ ନଗରରେ ଅଫ୍‌ଲାଇନ କାଉଣ୍ଟର ମଧ୍ୟ ସ୍ଥାପନ କରାଯାଇଛି। ଟୁରିଷ୍ଟ କେୟାର ଆପ୍ ମାଧ୍ୟମରେ ଏବଂ ସରକାରୀ ନମ୍ବର ୮୩୯୪୮୩୩୮୩୩ରେ ହ୍ୱାଟ୍ସଆପ ମେସେଜ ପଠାଇ ମଧ୍ୟ ଯାତ୍ରା ପଞ୍ଜୀକରଣ ସୁବିଧା କରାଯାଇଛି। ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ତରାଖଣ୍ଡ ସରକାର 'ଗ୍ରୀନ୍ ଚାରିଧାମ ଯାତ୍ରା' ଅଭିଯାନ ଆରମ୍ଭ କରିଛି। ଏକକ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ସହ ପ୍ଲାଷ୍ଟିକ ସଂଗ୍ରହ ପାଇଁ ସରକାର ବିଭିନ୍ନ ଏଜେନ୍ସି ସହିତ ଚୁକ୍ତି କରିଛନ୍ତି। ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ବିଭିନ୍ନ ସ୍ଥାନରେ ହସ୍ପିଟାଲ ଖୋଲାଯାଇଛି। କେଦାରନାଥରେ ଏକ ୧୭ ଶଯ୍ୟା ବିଶିଷ୍ଟ ସୁବିଧା ଏବଂ ବଦ୍ରିନାଥରେ ଏକ ୪୫ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଉଦ୍‌ଘାଟିତ ହୋଇଥିବାବେଳେ ଯାତ୍ରାପଥରେ ୨୫ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ସ୍ୱାସ୍ଥ୍ୟ ସମସ୍ୟାର ତଦାରଖ ଏବଂ ସହାୟତା ପ୍ରଦାନ ପାଇଁ ୨୦ଟି ମେଡିକାଲ ରିଲିଫ ପୋଷ୍ଟ ଏବଂ ୩୧ଟି ସ୍ୱାସ୍ଥ୍ୟ ଯାଞ୍ଚ କେନ୍ଦ୍ର ସ୍ଥାପନ କରାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ୧୭ଟି ଆଡ୍‌ଭାନ୍ସଡ ଲାଇଫ ସପୋର୍ଟ ୟୁନିଟ୍ ସମେତ ୧୫୪ଟି ଆମ୍ବୁଲାନ୍ସ ପ୍ରସ୍ତୁତ ରହିଛି। ବରିଷ୍ଠ ନାଗରିକ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଥିବା ତୀର୍ଥଯାତ୍ରୀଙ୍କ ପାଇଁ ଏମ୍‌ସ ଋଷିକେଶ ଦ୍ୱାରା ପରିଚାଳିତ ହେଲିକପ୍ଟର ଆମ୍ବୁଲାନ୍ସବ୍ୟବସ୍ଥା ହୋଇଛି। ଯାତ୍ରା କରିବା ପୂର୍ବରୁ ଡାକ୍ତରୀ ପରୀକ୍ଷା କରାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ବିଶେଷକରି ଏହି ସେବାଗୁଡ଼ିକ ଗୌରୀକୁଣ୍ଡରୁ ୧୬ କି.ମି. ଚଢ଼ିବା ପାଇଁ ସହାୟକ ହେଉଛି। ବିମାନଯାତ୍ରା ଆବଶ୍ୟକ କରୁଥିବା ତୀର୍ଥଯାତ୍ରୀଙ୍କୁ ପ୍ରଥମେ ଉତ୍ତରାଖଣ୍ଡ ପର୍ଯ୍ୟଟନ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ପଡ଼ିବ। ଏହା ପରେ ଆଇଆର୍‌ସିଟିସି ହେଲିଯାତ୍ରାର ସରକାରୀ ୱେବ୍‌ସାଇଟ he-liyatra.irctc.co.in ରେ ଟିକେଟ ବୁକ୍ କରାଯାଇପାରିବ। ଠକ ଏବଂ ନକଲି ଟିକେଟ ପ୍ରଦାନ କରୁଥିବା ୱେବ୍‌ସାଇଟଠାରୁ ସତର୍କ ରହିବା ପାଇଁ ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରାମାଣିକ ଯାତ୍ରା ସୂଚନା ପାଇବା ପାଇଁ ତୀର୍ଥଯାତ୍ରୀମାନେ www.uttarakhandtourism.gov.in ଏବଂ ଉତ୍ତରାଖଣ୍ଡ ପର୍ଯ୍ୟଟନର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଯଥା ଇନଷ୍ଟାଗ୍ରାମ, ଏକ୍ସ ଏବଂ ଫେସ୍‌ବୁକ ପରିଦର୍ଶନ କରିବାକୁ କୁହାଯାଇଛି।

# ପୋଖରୀ ପାଣି ଦୂଷିତ, ପୁନରୁଦ୍ଧାର ଦାବି

- ୩ ବର୍ଷ ହେବ ସଫା ହୋଇନାହିଁ
- ଗାଧୋଇବା ଯୋଗୁ ଚର୍ମରୋଗ ବ୍ୟାପୁଛି
- ବାରମ୍ବାର ଦାବି ସତ୍ତ୍ୱେ ସୁଫଳ ମିଳୁନାହିଁ

ବାଙ୍କୀ,୧୬।୫ (ଶୁଭେନ୍ଦୁ ମହାପାତ୍ର)



ଚମ୍ପାଦେଈ ପୁଷ୍କରିଣୀରେ ଦଳ ଭର୍ତ୍ତି ହୋଇ ଦୂଷିତ ହୋଇଯାଇଛି।

ବାଙ୍କୀ-ଡମପଡା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ କଟକ ଜିଲାର ସର୍ବବୃହତମ ପଞ୍ଚାୟତ ଭାବେ ବେଶ୍ ପରିଚିତ। ଏହି ପଞ୍ଚାୟତର ୨୪ ୱାର୍ଡରେ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମବାସୀ ଗାଧୋଇବା ଏବଂ ଅନ୍ୟ ନିତିଦିନିଆ କର୍ମ ପାଇଁ ପୋଖରୀ ଉପରେ ନିର୍ଭର କରନ୍ତି। କିନ୍ତୁ ଆଜକୁ ପ୍ରାୟ ୩ ବର୍ଷ ହେବ ତାଳବସ୍ତ ଗ୍ରାମର କୌଣସି ବି ପୋଖରୀ ଥରେ ହେଲେ ବି ସଫା ହୋଇ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ସେହି ପୋଖରୀ ପାଣି ଏବେ ଦୂଷିତ ହୋଇଯାଇଛି। କପିଳେଶ୍ୱର ମନ୍ଦିର ନିକଟରେ ଚମ୍ପାଦେଈ ପୁଷ୍କରିଣୀଟି ଦୀର୍ଘଦିନ ହେବ ଅବହେଳିତ ଅବସ୍ଥାରେ ଥିବା ସତ୍ତ୍ୱେ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଏବେ ପୋଖରୀ ପାଣି ଆଉ ବ୍ୟବହାର ଉପଯୋଗୀ ଅବସ୍ଥାରେ ନାହିଁ। ଏହି ପାଣି ବ୍ୟବହାର କରି ତାଳବସ୍ତର ବହୁ ଲୋକ ଚର୍ମ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ହେଉଛନ୍ତି। ଏନେଇ ସରପଞ୍ଚ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ପାଖରେ ବାରମ୍ବାର ଦାବି କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏଥିଯୋଗୁ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସରସ୍ୱତୀ ସାହୁଙ୍କୁ ପଚାରିବାରେ, ଗତ ବନ୍ୟା ସମୟରେ ପାଣି ଓ ଦଳ ଉକ୍ତ ପୋଖରୀରେ ପଶିଥିଲା। ଧୀରେଧୀରେ ଦଳ ବ୍ୟାପୀ ପୋଖରୀ ଭର୍ତ୍ତି ହୋଇଯାଇଛି। ଏହି ପାଣି ବ୍ୟବାହାର କରି ବହୁ ଲୋକ ଚର୍ମରୋଗରେ ପୀଡ଼ିତ ହୋଇଥିବା ସେ ଅବଗତ ଥିବା କହିଛନ୍ତି। ଅମୃତ ସରୋବର ସ୍କିମ୍ ଜରିଆରେ ଆସନ୍ତା ୮ ଦିନ ଭିତରେ ଦଳ କଢ଼ାଯାଇ ପୋଖରୀ ପୁନରୁଦ୍ଧାର କରାଯିବ ବୋଲି ସରପଞ୍ଚ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

## ମାଙ୍କଡ଼ କାମୁଡ଼ାରେ ଛାତ୍ରୀ ଗୁରୁତର

ବାଙ୍କୀ, ୧୬।୫(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଶିଶୁଆ ବନବିଭାଗ ଅଧୀନସ୍ଥ ଅଞ୍ଚଳରେ ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଛି। ଶୁକ୍ରବାର ମାଙ୍କଡ଼ କାମୁଡାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗୁରତର ହୋଇଛନ୍ତି। ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ସେ ହେଲେ ଶିଶୁଆ ଅଞ୍ଚଳର ଶୁଭଲକ୍ଷ୍ମୀ ବେହେରା। ସେ ସ୍ଥାନୀୟ ବେଦପୁରୁ ଗ୍ରାମକୁ ଟିଉଶନ ଯିବା ସମୟରେ ମାଙ୍କଡଟି କାମୁଡ଼ି ଦେଇଥିଲା। ଗତ ୧ସପ୍ତାହ ମଧ୍ୟରେ ୪ ଜଣକୁ ମାଙ୍କଡ଼ କାମୁଡ଼ି ଘାଇଲା କଲାଣି। ଯେଉଁଥିପାଇଁ ଲୋକେ ଘରୁ ବାହାରିବା ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଯଥାଶୀଘ୍ର ଉକ୍ତ ମାଙ୍କଡ଼କୁ ଧରି ଜଙ୍ଗଲରେ ଛାଡିବା ପାଇଁ ବନବିଭାଗକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି ।

## ୩ ପରିବାରଙ୍କ ଚାଳଘର ଜଳିଗଲା

ମଙ୍ଗୁଳି-ଜଗତପୁର,୧୬।୫(ମାନସ ସାମଲ)

- ଅଗ୍ନିବିପନଙ୍କୁ ଭେଟି ସହାୟତା କଲେ ଭାଜପା ନେତା
- ଟାଙ୍ଗୀରେ ଦମକଳ କେନ୍ଦ୍ର ଖୋଲିବାକୁ ଦାବି

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୋଟସାହି ପଞ୍ଚାୟତ ମଦନମୋହନ ସାହିରେ ଗୁରୁବାର ରାତିରେ ଅଗ୍ନିକାଣ୍ଡରେ ୩ ପରିବାରଙ୍କ ଚାଳ ଘର ଜଳିଯାଇଛି। ନିଆଁ ଲାଗିବା କାରଣ ଜଣାପଡ଼ି ନ ଥିବା ବେଳେ ବିଦ୍ୟୁତ୍ ସଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସାହିର ପ୍ରଦୀପ ବାରିକ, ସତ୍ୟଭାମା ବାରିକ ଓ ବିନୋଦ ବାରିକଙ୍କ ପରିବାରର ୨୧ଜଣ ସଦସ୍ୟ ଉପସ୍ଥିତ ବୁଦ୍ଧି ବଳରେ ନିଆଁ ମାଡିବା ପୂର୍ବରୁ ଘରୁ ପଦାକୁ ଚାଲି ଆସିଥିଲେ। ଖବର ପାଇ ଟାଙ୍ଗୀ-ସାଲେପୁରର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତି ଅଗ୍ନିବିପନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ମାସକ ଚଳିବା ପାଇଁ ବ୍ୟକ୍ତିଗତ ବ୍ୟବସ୍ଥା କରିଛନ୍ତି। ଅଗ୍ନିକାଣ୍ଡରେ ୩ ପରିବାରଙ୍କ ସମ୍ପୂର୍ଣ୍ଣ ଚାଳ ଘର ଜଳିଯିବା ସହ ୫୦ ହଜାର ଊର୍ଦ୍ଧ୍ୱ ଟଙ୍କାର ଅସାବପତ୍ର ଜଳି ପାଉଁଶ ହୋଇଯାଇଛି। ସେମାନଙ୍କୁ କିଭଳି ସରକାରଙ୍କ ପକ୍ଷରୁ ସହାୟତା ମିଳିପାରିବ ଓ ଟାଙ୍ଗୀରେ ଦମକଳ କେନ୍ଦ୍ର ଖୋଲିବା ପାଇଁ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି। ହିମାଂଶୁଙ୍କ ସହ ଜିତେନ୍ଦ୍ର ସାହୁ, ସମରେନ୍ଦ୍ର ଷଡ଼ଙ୍ଗୀ, ଭରତ ସାହୁ, ଆକାଶ ପାତ୍ର, ପ୍ରସନ୍ନ ବେହେରା, ଲୋକନାଥ ସାହୁ, ରାଜକିଶୋର ନାୟକ, ସୁଧାଂଶୁ ଶେଖର ସାହୁ, ରେଣୁବାଳା ପାଗଳ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷାଦିନ ପୂର୍ବରୁ ରାସ୍ତା ମରାମତି ନ କଲେ ଆନ୍ଦୋଳନ



ବିରୂପା ନଦୀବନ୍ଧ ରାସ୍ତା ଖାଲଖମା ହୋଇ ପଡ଼ିଛି।

ମଙ୍ଗୁଳି-ଜଗତପୁର,୧୬।୫(ମାନସ ସାମଲ)

### ବିରୂପା ନଦୀବନ୍ଧ ରାସ୍ତା ସାଜିଛି ମରଣଯନ୍ତା

ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧୀନ ବିରୂପା ବ୍ୟାରେଜଠାରୁ ଧାନମଣ୍ଡଳ ପର୍ଯ୍ୟନ୍ତ ବିରୂପା ନଦୀବନ୍ଧର ଉତ୍ତରପଟ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗତବର୍ଷ ପିଚୁ ହୋଇଥିଲା। କିନ୍ତୁ ବର୍ତ୍ତମାନ ରାସ୍ତାର ଏକାଧିକ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ହୋଇଛି। ଫଳରେ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ନାନାଦି ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ରାସ୍ତା ଦେଇ ନପଙ୍ଗ, ଭଟିମୁଣ୍ଡା, ଜରିପଡ଼ା ଓ ଗୋବିନ୍ଦପୁର ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ମଝିରେ ମଝିରେ କିଛି ଅଂଶ ନଦୀବନ୍ଧ ଚଉଡ଼ା ହେବା ସାଙ୍ଗକୁ ପିଚୁ କାମ ସରିଥିଲେ ମଧ୍ୟ ରେଲୱେ ବ୍ରିଜଠାରୁ ନାରପଡ଼ା ଗ୍ରାମ ପର୍ଯ୍ୟନ୍ତ ୫ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାର ପ୍ରଶସ୍ତୀକରଣ କଚ୍ଛପ ଗତିରେ ଚାଲୁଥିବାରୁ ଜନସାଧାରଣଙ୍କ ଯାତାୟାତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି। ଆଗକୁ ବର୍ଷାଦିନ ଆସୁଥିବାରୁ ରାସ୍ତା ପ୍ରଶସ୍ତୀକରଣ ଅପେକ୍ଷା ରାସ୍ତା ଖାଲଖମାଗୁଡ଼ିକୁ ତୁରନ୍ତ ମରାମତି କରା ନ ଗଲେ ବାଧ ହୋଇ ପଞ୍ଚାୟତବାସୀ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## କଳାକାରଙ୍କ ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

ବଡ଼ମ୍ବା, ୧୬।୫ (ମାୟାଧର ମଲ୍ଲିକ)

### ବଡ଼ମ୍ବା ଚନ୍ଦନ ମହୋତ୍ସବ ତୃତୀୟ ସନ୍ଧ୍ୟା

ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ବଡ଼ମ୍ବା ପ୍ରସିଦ୍ଧ ଚନ୍ଦନ ଯାତ୍ରା ଶୁକ୍ରବାର ୧୭ ଦିନରେ ପହଞ୍ଚିଛି। ଏହି ଉପଲକ୍ଷେ ଅନୁଷ୍ଠିତ ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ କଳାକାର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଗୁରୁଦେବ ଅର୍କେଷ୍ଟ୍ରା ଓ ସାଥୀ କଳାକାରଙ୍କ ଭଜନ ପରିବେଷଣ ଆକର୍ଷଣୀୟ ହୋଇଲା। ସେମାନଙ୍କ ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ଝୁମିଥିଲେ।

ରାଜାରାଜୁଡା ଅମଳରୁ ଚାଲି ଆସୁଥିବା ଏହି ଚନ୍ଦନ ଯାତ୍ରା ଶ୍ରୀକ୍ଷେତ୍ର ପୁରୀର ରୀତିନୀତି ଅନୁଯାୟୀ ହୋଇଥାଏ। ବଡ଼ମ୍ବା ରାଜବାଟିସ୍ଥିତ ଶ୍ରୀଗୋପୀନାଥ ଦେବଙ୍କ ଚନ୍ଦନ ଯାତ୍ରାରେ ଶ୍ରୀ ଲୋକନାଥ ଦେବ, ଶ୍ରୀ ଚନ୍ଦ୍ରଶେଖର ଦେବ, ଶ୍ରୀ ସିଂହନାଥ ଦେବ, ଶ୍ରୀ ରାଧାକାନ୍ତ ଦେବଙ୍କ ସମେତ ଭୁଦେବୀ, ଶ୍ରୀଦେବୀଙ୍କ ପ୍ରତିମାଙ୍କୁ ପ୍ରତ୍ୟହ ସୁସଜ୍ଜିତ ପାଲିଙ୍କି ରେ ଏକ ଶୋଭାଯାତ୍ରାରେ ବଡ଼ମ୍ବା ଗାନ୍ଧିଛକସ୍ଥିତ ଚନ୍ଦନ ପୋଖରୀକୁ ନିଆଯାଇ ଚାପ ଖେଳ କରାଯାଏ। ଦିନକୁ ଦୁଇଥର ଯଥା ସକାଳ ଓ ସନ୍ଧ୍ୟାରେ ଉପରୋକ୍ତ ସମସ୍ତ ଦେବାଦେବୀ ଚାପ ଖେଳିଥାନ୍ତି। ସେହି ଅନୁସାରେ ଶୁକ୍ରବାର ଶ୍ରୀ ଗୋପୀନାଥ ଦେବ ୧୭ଥର ଚାପ ଖେଳିଥିଲେ । ଉକ୍ତ ଚାପ ଖେଳକୁ ବହୁ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ।



କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ

ବଡ଼ମ୍ବା, ୧୬।୫ (ମାୟାଧର ମଲ୍ଲିକ)

### ୩୧ ନମ୍ବର ଜୋନ୍ ବିଜେଡିର ସାଙ୍ଗଠନିକ କର୍ମୀ ସମ୍ମିଳନୀ

ବଡ଼ମ୍ବା ୩୧ ନମ୍ବର ଜୋନରେ ଶୁକ୍ରବାର ବିଜେଡିର ସାଙ୍ଗଠନିକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସାନବାରସିଂ ପଞ୍ଚାୟତର ନୂଆତଇଲାସ୍ଥିତ କାଳକୀ ମଠ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ଏହି ଜୋନର ବିଜେଡି କର୍ମକର୍ତ୍ତା, ସରପଞ୍ଚ, ସମିତି ସଭ୍ୟ, ଯୁବନେତାମାନେ ସାମିଲ ହୋଇଥିଲେ। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ପ୍ରାକ୍ତନ ବିଧାୟକ ତଥା ମନ୍ତ୍ରୀ ଦେବୀପ୍ରସାଦ ମିଶ୍ରଯୋଗ ଦେଇ ଉପସ୍ଥିତ କର୍ମୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜ ପଞ୍ଚାୟତରେ ଦଳୀୟ ସଙ୍ଗଠନକୁ ମଜ୍‌ଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ତଥା ସାନବାରସିଂ ପଞ୍ଚାୟତ ସରପଞ୍ଚ ସଦାନନ୍ଦ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅଶୋକ ବେହେରା, ଅନାଦି ସ୍ୱାଇଁ, ମନୋଜ ବିଶ୍ୱାଳ, ବୃନ୍ଦାବନ ପାତ୍ର, କେଶବ ନାୟକ, ଦିଲୀପ ନାୟକ, ପରମାନନ୍ଦ ସେଠୀ, ପ୍ୟାରୀ ସ୍ୱାଇଁ, ଶାରଦା ପ୍ରସାଦ ପଟ୍ଟନାୟକ, ସୁବାସ ଚନ୍ଦ୍ର ସାହୁ, ପ୍ରସନ୍ନ କୁମାର ଶତପଥୀ, ଲକ୍ଷ୍ମୀଧର ଦଳବେହେରା, ସ୍ୱର୍ଣ୍ଣଲତା ବେହେରା, ସୁବାସ ଦେବନାଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ବହୁ ବ୍ୟକ୍ତି ଓ ଯୁବକ ବିଜେଡିରେ ସାମିଲ ହୋଇଥିଲେ। ପ୍ରାକ୍ତନ ବିଧାୟକ ମିଶ୍ର ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

## ରବି ଧାନମଣ୍ଡି ଖୋଲିଲା

ବାଙ୍କୀ, ୧୬।୫ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡରେ ଚଳିତ ବର୍ଷର ପ୍ରଥମ ରବି ଧାନ ମଣ୍ଡି ଶୁକ୍ରବାର ଖୋଲିବା ପରେ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି। ନିୟନ୍ତ୍ରିତ ବଜାର କମିଟି ବାଙ୍କୀ ଗୋଲେଇ ହାଟ ଓ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ସେବା ସମବାୟ ସମିତି ଆନୁକୂଲ୍ୟରେ ରବି ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସହକାରୀ ନିବନ୍ଧକ ସୁରେନ୍ଦ୍ର କୁମାର ଜେନା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀଙ୍କ ସମେତ ବିଭାଗର ସମସ୍ତ ଅଧିକାରୀ ଓ ଚାଷୀ ଉପସ୍ଥିତଥିଲେ। ମଣ୍ଡିରେ ଧାନ ବିକ୍ରି କରି ସରକାରଙ୍କ ଧାର୍ଯ୍ୟ ଧାର୍ଯ୍ୟ ପ୍ରାପ୍ୟ ପାଇବାକୁ ଅଧିକାରୀମାନେ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଅବଶିଷ୍ଟ ସେବା ସମିତି ଗୁଡିକରେ ପର୍ଯ୍ୟାୟ କ୍ରମେ ଧାନ ମଣ୍ଡି ଖୋଲିବ ବୋଲି ସହକାରୀ ନିବନ୍ଧକ ଜେନା ସୂଚନା ଦେଇଛନ୍ତି।

## ଭାଜପାର ମିଶ୍ରଣ ପର୍ବ

ବାଙ୍କୀ, ୧୬।୫ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ନିର୍ବାଚନମଣ୍ଡଳୀରେ ବିଧାନସଭା ନିର୍ବାଚନ ପରେ ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ଅସନ୍ତୁଷ୍ଟ ବିଜେଡି ଓ କଂଗ୍ରେସ କର୍ମୀମାନେ ଦଳ ଛାଡି ଭାଜପାରେ ଯୋଗଦେଉଛନ୍ତି। ଶୁକ୍ରବାର ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତର ନାଏବ ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ କୁମାର ବେହେରା ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଜିତ କୁମାର ସାମନ୍ତରାୟ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ କାର୍ଯ୍ୟ ଶୈଳୀରେ ଅନୁପ୍ରାଣିତ ହୋଇ ସେମାନେ ଭାଜପା ଯୋଗଦେଇଥିବା କହିଛନ୍ତି। ଭାଜପା ନେତା ତୁଷାରକାନ୍ତ ନୂତନ କର୍ମୀମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ବାଙ୍କୀ ବ୍ଲକର ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ବେଉରା, ନରେଶ ବେହେରା, କୁଳମଣି ସାହୁ, ପ୍ରଫୁଲ୍ଲ କୁମାର ବେହେରା ଓ ରୁଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଜିପିଡବ୍ଲ୍ୟୁ-ସିଡବ୍ଲ୍ୟୁ-ଏଏମ୍‌ଡିବିଏସ୍‌ଏଏମ୍‌ସିଏଫ୍‌ଟିଆରଟି-୨୫, ତାରିଖ: ୧୫।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏମ୍‌ଇ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଏଲ୍‌ଏଚ୍‌ବି କୋଚ୍ (ଏଫ୍‌ଟିଆରଟିଆଇଏଲ୍ ଗଢ଼ଣ ପାଇଁ)ଗୁଡ଼ିକର ଏକ୍ସିଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । **ପରିମାଣ:** ଏନ୍‌ଆଇଟି ଅନୁଯାୟୀ । **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ- ଖଡ଼ଗପୁର, ଜିଲ୍ଲା- ପଶ୍ଚିମ ମେଦିନିପୁର, ପିନ୍-୭୨୧୩୦୧ । **ଟେଣ୍ଡର ମୂଲ୍ୟ:** ₹୪୮,୬୬,୪୬,୧୮୪.୫୨ । **ଅମାନତ ରାଶି:** ₹୨୫,୮୩,୨୦୦ । **ଠିକା ଅବଧି:** ଏଲ୍‌ଓଏ ଜାରି ହେବା ତାରିଖରୁ ୧୨ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୦୬।୨୦୨୫ରିଖ ୧୫.୦୦ ଘଟିକାରେ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । ସବିଶେଷ ଟେଣ୍ଡର ଦସ୍ତାବିଜ ପୋର୍ଟାଲ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ । (PR-165)

## ୧୮ରୁ ଅଠାଳି ଜଗନ୍ନାଥଙ୍କ ରଥ ନିର୍ମାଣ

ଆଠଗଡ, ୧୬।୫ (ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଗଡ଼ଜାତର ପ୍ରତୀକ ଶ୍ରୀ ଅଠାଳି ଜଗନ୍ନାଥଙ୍କ ରଥ ଯାତ୍ରା ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଡେପୁଟି କଲେକ୍ଟର ଅଭିପ୍ସା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଦେବୋତ୍ତର ବିଭାଗର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ରଥଯାତ୍ରାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ରଥ ନିର୍ମାଣ କାର୍ଯ୍ୟ ମେ' ୧୮ରୁ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ। ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ କାରିଗରମାନଙ୍କ ଦ୍ୱାରା ଏହାର ସମାପ୍ତି କାର୍ଯ୍ୟକୁ ତନଖି କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଡେପୁଟି କଲେକ୍ଟର ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ୧୧ ଜୁନ୍‌ରେ ଦେବସ୍ନାନ ପୂର୍ଣ୍ଣିମା, ୨୬ ଜୁନ୍‌ରେ ନେତ୍ର ଉତ୍ସବ, ୨୭ ଜୁନ୍‌ରେ ଶ୍ରୀଗୁଣ୍ଡିଚା ଯାତ୍ରା, ୧ ଜୁଲାଇରେ ହେରାପଞ୍ଚମୀ, ୫ ଜୁଲାଇରେ ବାହୁଡ଼ା ଯାତ୍ରା, ୬ ଜୁଲାଇରେ ସୁନାବେଶ, ୭ ଜୁଲାଇରେ ଅଧରପଣା ଏବଂ ୮ ଜୁଲାଇରେ ନୀଳାଦ୍ରି ବିଜେ ହେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ରଥଯାତ୍ରା ଦିନ ଅପରାହ୍ନ ୪ରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ବୈଠକରେ ନିଷ୍ପତ୍ତି ହୋଥିଲା। ରଥଯାତ୍ରା ଉପଲକ୍ଷେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ପାନୀୟ ଜଳ, ପରିମଳ ବ୍ୟବସ୍ଥା, ରଥଖଳା ପରିଷ୍କାର ଓ ପରିଚ୍ଛନ୍ନ, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ଆଶୁ ଚିକିତ୍ସା, ଯାନବାହନ ନିୟନ୍ତ୍ରଣ, ଯାନ ରହଣି ସ୍ଥାନ, ଆଇନ ଶୃଙ୍ଖଳା, ସୂଚନା କେନ୍ଦ୍ର ଇତ୍ୟାଦି ସୁଚାରୁ ରୂପେ କରିବା ପାଇଁ ସବିଶେଷ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ଆଠଗଡ଼ ଭାରପ୍ରାପ୍ତ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି, ରାଜପୁରୋଧା ସୁଶାନ୍ତ କୁମାର ମିଶ୍ର, ବଡ଼ପଣ୍ଡା ଶରତ କୁମାର ପଣ୍ଡା, ସଂକୀର୍ତ୍ତନ ଅଧିକାରୀ ଅଜୟ କୁମାର ଦାସଙ୍କ ସମେତ ଆଠଗଡ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତ ଯନ୍ତ୍ରୀ, ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ଦେବୋତ୍ତର ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ସହକାରୀ ଜିଲାପାଳ କାଜଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

### ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम– साहिल अंसारी, उम्र करीब–19 वर्ष, रंग–गोरा, ऊँचाई– 5 फीट 6 ईंच, पहनावा– गंजी फूल बॉह, हाफ निकर, पैंट एवं बेड सिट लाल रंग का।,

उपरोक्त लापता पुरूष साहिल अंसारी, उम्र करीब–19 वर्ष, पिता– अजमत अंसारी, सा0–ढौठाटोली, थाना–माण्डर, जिला–राँची जो दिनांक –27.04.25 को समय करीब 12:00 बजे अपने घर से बिना बताये कहीं चले गये है। जो आजतक अपने घर वापस नहीं आये है। जिसके संबंध में माण्डर थाना सनहा संख्या–28 / 2025, दिनांक–07.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता पुरूष कहीं मिलता / दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, खलारी, रॉची। – 9431742777
थाना प्रभारी माण्डर रॉची। – 9431706187

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.352654 Police(25-26):D

**कार्यपालक अभियन्ता का कार्यालय,**
**पेयजल एवं स्वच्छता प्रमण्डल संख्या–1, धनबाद**

**शुद्धि–पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/09/2025-26 जिसका सूचना एवं जनसम्पर्क विभाग के PR No.- 352007 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 1 | वेबसाईट पर निविदा प्रकाशन की तिथि एवं समय | 15.05.2025, 5.00 बजे अपराह्न तक। | 26.05.2025, 5.00 बजे अपराह्न तक। |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10. 2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 4 | तकनीकी बीड खोलने की तिथि एवं समयः | 28.05.2025, 5.00 बजे अपराह्न | 05.06.2025, 5.00 बजे अपराह्न |

शेष सभी शर्तें यथावत रहेगी।

कार्यपालक अभियन्ता,
PR 352681 Drinking Water and Sanitation(25-26)#D पेयजल एवं स्वच्छता प्रमण्डल संख्या–1, धनबाद

**Government of Jharkhand**
**Directorate of Industries**
**Jharkhand Government Tool Room**
**(Formerly Jharkhand Government Mini Tool Room & Training Centre, Ranchi)**
Plot No: 38, Phase I, Tatisilwai Industrial Area, Muri Road, Ranchi- - 835103 ,
e-mail: info@jgtr.in, principal@jgtr.in, jgmtrtc_ran@yahoo.co.in Web site: www.jgtr.in
Phone No. 0651-2265966, Fax No.0651-2265578

**ONLINE TENDER NOTICE**
**NIT No. 277 Dated 16.05.2025**

Govt. of Jharkhand has set up state-of-the art Tool Room & Training Centre at Tatisilwai, Ranchi, Dumka & Gola. The centres requires Machine Tools & Equipment as pertaining the details furnished in website.
Interested original Tenderer and /or their authorized representatives / dealers having permanent registered office in India and operating in India over last 5 (Five) years are eligible to participate in the tender.
The complete tender document including ITT, GCC, technical specification, price bid, cost of tender, EMD requirements etc. can be downloaded from the web sites www.jharkhandtenders.gov.in & www.jgtr.in from 20th May 2025 onwards.
Note: JGTR, Ranchi reserves the right to reject the application of any or all the intending bidders without assigning reasons whatsoever.

Sd/-
(Director of Industries)
PR 352639 Industries(25-26).D

## ସଂକ୍ଷେପରେ

### ମହାଦେବ ମନ୍ଦିରରେ ମହିଳାଙ୍କ ଆତ୍ମହତ୍ୟା

ଯୋଗେଶ୍ୱରପୁର,୧୬।୫(ରଶ୍ମିରଞ୍ଜନ ସାହୁ)

ଜଣେ ମହିଳା ରୋଗ ଯନ୍ତ୍ରଣା ସହି ନ ପାରି ଏକ ମହାଦେବ ମନ୍ଦିରରେ ବେକରେ ରଶି ଲଗାଇ ଗୁରୁବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତର ମୁରୁଡ଼ା ଗ୍ରାମର ସନ୍ତୋଷ ବିଶ୍ୱାଳଙ୍କ ସ୍ତ୍ରୀ ରିତା ବିଶ୍ୱାଳ(୩୫)। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇଥିଲେ। ଏନେଇ ଗୋପ ଥାନାରେ ନଂ.୯/୨୫ରେ ଏକ ମାମଲା ରୁଜୁ ହୋଇଛି। ରିତାଙ୍କ ଦେହ ଖରାପ ହେବାରୁ ସେ ତାଙ୍କ ବାପଘର ଦେଉଳୀ ପଞ୍ଚାୟତର ବଡ଼ତୋଟା ଗ୍ରାମରେ ରହି ଚିକିତ୍ସିତ ହେଉଥିଲେ। ରୋଗର ଯନ୍ତ୍ରଣା ନ କମିବାରୁ ସେ ସୋହୋଣା ମହାଦେବ ମନ୍ଦିରରେ ଭଲ ହେବାକୁ ଗୁହାରିଆ ପଡ଼ିଥିଲେ। ହେଲ ଯନ୍ତ୍ରଣା ଉପଶମ ନ ହେବାରୁ ମନ୍ଦିର ଭିତରେ ଥିବା ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ମଲ୍ଲିକ ପହଞ୍ଚି ଘଟଣାର ତଦନ୍ତ କରିଥିଲେ।

### ଉପମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଦୁବାଇରୁ ଆସିବ ସଞ୍ଜୟଙ୍କ ମର ଶରୀର

ବଳଙ୍ଗା,୧୬।୫(କେଦାରେଶ୍ୱର ନନ୍ଦ)

ଦୁବାଇରେ ଜଣେ ଓଡ଼ିଆ ଦାଦନଙ୍କ ୧୦ ଦିନ ପୂର୍ବେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ହେଲେ ତାଙ୍କ ମୃତଦେହ ଓଡ଼ିଶା ଆସିପାରୁ ନ ଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ହସ୍ତକ୍ଷେପ ପରେ ଦୁବାଇ ସରକାରଙ୍କ ଅନୁମତିରେ ଆସନ୍ତା ୧୮ ତାରିଖରେ ତାଙ୍କ ମୃତଦେହ ଓଡ଼ିଶା ଆସି ଗ୍ରାମରେ ପହଞ୍ଚିବ ବୋଲି ସୂଚନା ମିଳିଛି। ସୂଚନା ମୁତାବକ, ବଳଙ୍ଗା ଥାନା ଅଧୀନ ନୂଆସନ୍ଥ ଗ୍ରାମର ଓଡ଼ିଆ ଶ୍ରମିକ ସଞ୍ଜୟ ସାହୁଙ୍କ ଗତ ୭ ତାରିଖରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାରକୁ ଦୁବାଇ ନେଇଥିବା ସଂସ୍ଥା ସୂଚନା ଦେଇଥିଲା। ହେଲେ ମୃତ୍ୟୁର କାରଣ ସ୍ପଷ୍ଟ କରି ନ ଥିବା ଜଣାପଡ଼ିଛି। ଏ ବିଷୟରେ ଅସ୍ତରଙ୍ଗ ଅଞ୍ଚଳର ମାଳଦା ଗ୍ରାମର ସାମାଜିକ କର୍ମୀ ଅମିୟ ରଞ୍ଜନ ବାରିକ୍, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ନୂଆସନ୍ଥ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ସ୍ୱାଇଁ ଉପମୁଖ୍ୟମନ୍ତ୍ରୀ ଓ ଲେବର କମିଶନରଙ୍କ ନିକଟରେ ସଞ୍ଜୟଙ୍କ ମରଶରୀର ଦୁବାଇରୁ ଗ୍ରାମକୁ ଆଣିବାକୁ ନିବେଦନ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ସଞ୍ଜୟଙ୍କ ମୃତଶରୀର ତାଙ୍କ ଗ୍ରାମରେ ଆସି ପହଞ୍ଚିବ ବୋଲି ଜଣାପଡ଼ିଛି।

### ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ଧାରଣା

ବ୍ରହ୍ମଗିରି,୧୬।୫(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକରେ ମିଳିତ ଶିକ୍ଷକ ସମନ୍ୱୟ କମିଟି ପକ୍ଷରୁ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଗଣଶିକ୍ଷା ବିଭାଗ ଦ୍ୱାରା ୨୦୧୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଓଟିଇଟି ବାଧ୍ୟତାମୂଳକ କରାଯିବା ପ୍ରତିବାଦରେ ଏହି ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ଧାରଣା ଓ ବିକ୍ଷୋଭ ସଭାରେ ଶୁକଦେବ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଫୁଲ୍ଲ କୁମାର ପ୍ରଧାନ, କେଶବ ଚନ୍ଦ୍ର ସ୍ୱାଇଁ, କିଶୋର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଥିଲେ। ଯଦି ଏଥିରେ ପରିବର୍ତ୍ତନ ନ ହୁଏ, ତେବେ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି ବକ୍ତାମାନେ ମତ ରଖିଛନ୍ତି।

# ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ୨.୦ର ଶୁଭାରମ୍ଭ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ପୁରୀ ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ୨.୦ର ଶୁଭାରମ୍ଭ ଶୁକ୍ରବାର ଅପରାହ୍ଣରେ ଟାଉନ୍ ହଲ୍‌ଠାରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ କହିଛନ୍ତି, ଘରଟିଏ ସମସ୍ତଙ୍କ ସ୍ୱପ୍ନ। ପରପିଢ଼ି ପାଇଁ ଏହା ଏକ ସମ୍ବଳ। ଏହି ସ୍ୱପ୍ନକୁ ସାକାର ପାଇଁ ଆଜିଠାରୁ ପୁରୀ ସହରାଞ୍ଚଳରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପଯୁକ୍ତ ଆବେଦନକାରୀ ଅନ୍‌ଲାଇନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ୨.୦ରେ ଆବେଦନ କରିବେ। ଏଗୁଡ଼ିକ ଯାଞ୍ଚ ପରେ ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯିବ। ତେଣୁ ଏହାକୁ ନିଷ୍ଠାର ସହ ନିଜେ ଶ୍ରମଦାନ କରି ନିଜର ଘରଟିଏ ବନାନ୍ତୁ ଓ ତତ୍‌ସହିତ ନିର୍ଦ୍ଧାରିତ ୪ ମାସ ଓ ୬ ମାସ ମଧ୍ୟରେ କାର୍ଯ୍ୟ ଶେଷକରି ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଅର୍ଥ ରାଶି ହାସଲ କରନ୍ତୁ ବୋଲି ଡ. ପାତ୍ର ଆହ୍ୱାନ ଦେଇଥିଲେ।

ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ସହରାଞ୍ଚଳର ଅନେକ ଲୋକ ବିନା ଘରରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ ଏହା ଏକ ସୁଯୋଗ। ଯୋଗ୍ୟତା ଅନୁସାରେ ହିତାଧିକାରୀ ଚୟନ ସହ ସେମାନଙ୍କୁ ସଚେତନ କରାଇବାକୁ ସେ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ସହରୀ ଆବାସ ପାଇଁ ଆବଶ୍ୟକ ନିୟମାବଳୀ ଓ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଆବେଦନକାରୀମାନେ ଭଲ ଭାବେ ଅବଗତ ହୋଇ ଆବେଦନ କରିବାକୁ ଅନୁରୋଧ କରିଥିଲେ।

ପୌରନିର୍ବାହୀ ଅଧିକାରୀ ବେହେରା କହିଛନ୍ତି, ଆବାସ ଯୋଜନା ୧.୦ରେ ୨୩୮୧ ମଧ୍ୟରୁ ୧୯୦୮ ଘର ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ ୧୭୮ ଘର ନିର୍ମାଣାଧୀନ ଅଛି। ୨୯୫ କାର୍ଯ୍ୟାଦେଶ ପାଇବା ସତ୍ତ୍ୱେ କାର୍ଯ୍ୟ ଆରମ୍ଭ କରୁ ନ ଥିବାରୁ ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ଚଳିତ ୨.୦ ପାଇଁ ବର୍ତ୍ତମାନ ସୁଦ୍ଧା ୮୦୦ ଆବେଦନ ମିଳିଛି ଓ ଯାଞ୍ଚ ହୋଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି। ଏଥିରେ ଧାର୍ଯ୍ୟ ଲକ୍ଷ୍ୟ ନାହିଁ। ଯୋଗ୍ୟତା ଅନୁସାରେ ଆବେଦନ କରାଯାଇପାରିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ୪ମାସ ମଧ୍ୟରେ ଗୃହ ପୂର୍ଣ୍ଣାଙ୍ଗ କରିଥିବାରୁ ୩ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ପରେ ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଓ ରେଶମା ମହାନ୍ତି ପରିଚାଳନା କରିଥିଲେ। ପୌରାଞ୍ଚଳର ଅନ୍ୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ସଚେତନତା ରଥକୁ ଏମ୍‌ପି ସମ୍ବିତ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

# ଭିକାରିମୁକ୍ତ ପୁରୀ ପାଇଁ 'ଅପରେଶନ ସ୍ମାଇଲ୍' ଆରମ୍ଭ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ପତିତା ଉଦ୍ଧାର ସମିତି ପକ୍ଷରୁ ପୁରୀକୁ ଭିକାରିମୁକ୍ତ କରିବା ଲକ୍ଷ୍ୟରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ 'ଅପରେଶନ ସ୍ମାଇଲ୍' ଆରମ୍ଭ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ମାଇଲ୍‌ର ଜାତୀୟ ସଂଯୋଜକ ଭେଙ୍କଟେସନ ଶୀରଲନ ଅତିଥି ଭାବେ ଯୋଗଦେଇ ଭିକାରିମୁକ୍ତ କ୍ଷେତ୍ର ପାଇଁ ସରକାରୀ ସଂସ୍ଥା, ସ୍ୱେଚ୍ଛାସେବୀ ସଂସ୍ଥାର ମିଳିତ ପଦକ୍ଷେପ ନିତାନ୍ତ ଜରୁରୀ। ଭିକ୍ଷୁକ ଥଇଥାନ କେନ୍ଦ୍ର ଜରିଆରେ କେବଳ ସେମାନଙ୍କୁ ଥଇଥାନ କରାଯିବ ନାହିଁ, ବରଂ ରୋଜଗାର କରି ସ୍ୱାବଲମ୍ବୀ ହେବାର ମାର୍ଗ ପ୍ରସ୍ତୁତ କରିବା ହିଁ ସ୍ମାଇଲ୍‌ର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସିଦ୍ଧାର୍ଥ ରାୟ ୨୦୨୦ରୁ ଆରମ୍ଭ ହୋଇଥିବା ଭିକାରିମୁକ୍ତ ସହର ଯୋଜନାର ରୂପରେଖ ଏବଂ ଏହାର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିସିପିଓ ମନୋଜ ତ୍ରିପାଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନୀତା ପଟ୍ଟନାୟକ ଓ ଓଡ଼ିଶା ପତିତା ଉଦ୍ଧାର ସମିତିର ସମ୍ପାଦିକା ଆଭାରାଣୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାଇଲ୍ ଯୋଜନା ୨୦୨୨ରେ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ପୁରୀରେ ଆମେ ୨୦୨୦ରୁ 'ନୀଳାଦ୍ରି ନିଳୟ'ରେ ଭିକ୍ଷୁକମାନଙ୍କୁ ଥଇଥାନ କରିଛୁ। ଏହା ମଧ୍ୟରେ ଭିକ୍ଷାବୃତ୍ତିରେ ସାମିଲ ଥିବା ୧୫ ଜଣ ବ୍ୟକ୍ତିବିଶେଷ ଭିକ୍ଷା ବୃତ୍ତି ଛାଡ଼ି ବ୍ୟବସାୟ ଓ ଉତ୍ପାଦ ପ୍ରସ୍ତୁତିରେ ନିଜକୁ ସାମିଲ କରିଛନ୍ତି। ଏହା ସେମାନଙ୍କୁ ସ୍ୱାବଲମ୍ବୀ କରିଛି। ସ୍ମାଇଲ୍‌ଯୋଜନା ଏହି ଭିକାରୀମୁକ୍ତ ସହର ଗଢ଼ିତୋଳିବା ଦିଗରେ ଆଉ ପାଦେ ସହାୟକ ହେବ। ସଂପ୍ରତି ୩୮ ଜଣ ଭିକାରୀଙ୍କୁ ନିଳୟରେ ଥଇଥାନ ସହ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାର ପ୍ରୟାସ ଜାରି ରହିଛି। ଏହି ଧାରାରେ ଯୋଡ଼ି ହୋଇଛି ସରକାରଙ୍କ ସ୍ମାଇଲ୍ ଯୋଜନା। ଓଡ଼ିଶା ପତିତା ଉଦ୍ଧାର ସମିତିର ମାତୃମୟୀ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇସ୍କନ ପକ୍ଷରୁ ଲଣ୍ଡନରେ ପୁଣି ଅଦିନିଆ ରଥଯାତ୍ରା ଆୟୋଜନ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ଇସ୍କନ ସଂସ୍ଥାର ପୁଣି ଏକ ମନମାନି କାର୍ଯ୍ୟ ସାମ୍ନାକୁ ଆସିଛି। ବାରମ୍ବାର କହିବା ପରେ ମଧ୍ୟ ଚଳିତ ବର୍ଷ ପୁଣିଥରେ ଅଦିନିଆ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି ଇସ୍କନ। ଚଳିତ ବର୍ଷ ୧୮ ତାରିଖ ରବିବାର ଲଣ୍ଡନରେ ଇସ୍କନ ପକ୍ଷରୁ ରଥଯାତ୍ରା ଆୟୋଜନ କରାଯାଉଛି। ରଥଯାତ୍ରାରେ ଶତାଧିକ ଇସ୍କନ ଅନୁଗାମୀ ଏବଂ ଜଗନ୍ନାଥପ୍ରେମୀ ଯୋଗଦାନ କରିବାକୁ ଅନ୍‌ଲାଇନ ମାଧ୍ୟମରେ ସୂଚନା ଦିଆଯାଇଛି। ରଥଯାତ୍ରାରେ ସ୍ୱତନ୍ତ୍ର ଅତିଥି ଭାବେ ୟୁଟ୍ୟୁବର ଗୋବିନ୍ଦ କୃଷ୍ଣ ଦାସଙ୍କୁ ନିମନ୍ତ୍ରଣ କରାଯାଇଛି। ପୂର୍ବରୁ ମଧ୍ୟ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଥିଲା, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯାଇଥିଲା। ଏପରିକି ଗଜପତି ମହାରାଜା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନକୁ ଚିଠି ଲେଖି ଅବଗତ କରାଇଥିଲେ। ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା କରାଯିବ ନାହିଁ ବୋଲି ଇସ୍କନ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ମାତ୍ର ବାରମ୍ବାର ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା କରାଯାଉଛି। ଜଗନ୍ନାଥ ସଂସ୍କୃତି ପ୍ରଚାର କରୁଥିବା ଇସ୍କନ ପରମ୍ପରାକୁ କ୍ଷୁଣ୍ଣ କରିବାରେ ଲାଗିଛି। ଏପରି କାର୍ଯ୍ୟକୁ ସେବାୟତଙ୍କଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅସନ୍ତୋଷବ୍ୟକ୍ତ କରିବା ସହ ଏନେଇ ଏକ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରାଯାଇଛି।

# ପୂର୍ବ ଶତ୍ରୁତାରୁ ଦୋକାନ ପୋଡ଼ିଦେଲେ

କାକଟପୁର/ଅସ୍ତରଙ୍ଗ,୧୬।୫(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ପୂଜା ସାମଗ୍ରୀ ଦୋକାନ ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଅସ୍ତରଙ୍ଗ ପୋଲିସ ପହଞ୍ଚି ତଦନ୍ତ କରିବା ବେଳେ ଅଭିଯୁକ୍ତ ମିଛ କହି ଖସି ପଳାଉଥିଲେ। ଏନେଇ ସ୍ଥାନୀୟ ଲୋକେ ହୋହଲ୍ଲା କରିବାରୁ ପୋଲିସ ସ୍ଥିତି ନିୟନ୍ତ୍ରଣ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅସ୍ତରଙ୍ଗ ପୋଲିସ ନଂ.୯୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଅଧୀନ ଓଲିହାଁ ଗ୍ରାମ ଶିବ ମନ୍ଦିର ସମ୍ମୁଖରେ ଉକ୍ତ ଗ୍ରାମର ପ୍ରଭାତ ବେହେରା ପୂଜା ସାମଗ୍ରୀ ଦୋକାନ କରିଛନ୍ତି। ଗୁରୁବାର ରାତିରେ ମନ୍ଦିର ପରିସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ


ପୋଡି ଯାଇଥିବା ଦୋକାନ ଘରକୁ ପୋଲିସ ତଦନ୍ତ କରୁଛି ।

### ପୋଲିସ ଗାଡ଼ିକୁ ଅଟକାଇଲେ ସ୍ଥାନୀୟ ଲୋକେ

ଚାଲିଥିବାବେଳେ ସେ ରାତି ୧ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଏକ ଶବ୍ଦ ହେବାରୁ ମନ୍ଦିର ପରିସରରେ ଶୋଇଥିବା ଲୋକେ ସେଠାରେ ପହଞ୍ଚି ଦୋକାନରେ ନିଆଁ ଜଳୁଥିବା ଦେଖି ଲିଭାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଭାତ ସେଠାରେ ପହଞ୍ଚିବା ବେଳକୁ ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଶୁକ୍ରବାର ସକାଳେ ପ୍ରଭାତ ଏନେଇ ଉକ୍ତ ମନ୍ଦିର ପରିସରରେ ଦୋକାନ କରିଥିବା କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅସ୍ତରଙ୍ଗ ଥାନା ଏସ୍‌ଆଇ ଅନିରୁଦ୍ଧ ଜାଲି ଓ ଏଏସ୍‌ଆଇ ପ୍ରଶାନ୍ତ ସାମନ୍ତରାୟ ପହଞ୍ଚି ତଦନ୍ତ କରିବା ସମୟରେ କୃଷ୍ଣଚନ୍ଦ୍ର ତଦନ୍ତରେ ସହଯୋଗ ନ କରି ଖସିଯିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ କୃଷ୍ଣଚନ୍ଦ୍ରଙ୍କ ଦେହରେ ପୋଡ଼ା ଦାଗ ଦେଖି ଲୋକେ ହୋହଲ୍ଲା କରିବା ସହ ପୋଲିସ ଗାଡ଼ିକୁ ପ୍ରାୟ ୨ ଘଣ୍ଟା ଅଟକାଇ ରଖିଥିଲେ। ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଏଏସ୍‌ଆଇ ଯୁଧିଷ୍ଠିର ସାହୁ, କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ଏସ୍‌ଆଇ ପ୍ରିୟଦର୍ଶନୀ ବରାଳ, ଏଏସ୍‌ଆଇ ପ୍ରମୋଦ ସେଠୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାରୁ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ପୋଲିସ କୃଷ୍ଣଚନ୍ଦ୍ରଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ତାଙ୍କ ଦେହ ଅନେକାଂଶରେ ପୋଡ଼ିଯାଇଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା।

# କୋଣାର୍କ ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ନାମରେ ଅଭିଯୋଗ

କୋଣାର୍କ,୧୬।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି ଅଧୀନ ୫ନଂ. ୱାର୍ଡ ଡାଳିମ୍ବଗୋରଡ଼ି ଗ୍ରାମରେ ଥିବା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଅଗୋଚରରେ କାର୍ଯ୍ୟାଳୟରେ ଅନଧିକାର ଭାବେ କୋଣାର୍କ ୱାଟ୍‌କୋର ଜଣେ କର୍ତ୍ତୃପକ୍ଷ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ମସୁଧା କରୁଥିଲେ। ଏନେଇ ଗତ ୧୪ ତାରିଖରେ କୋଣାର୍କ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଦୀର୍ଘଦିନ ଧରି ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସହକାରୀ ପ୍ରାଣୀ ଚିକିତ୍ସା

### ପ୍ରାଣୀ ସମ୍ପଦ କାର୍ଯ୍ୟାଳୟରେ ପାନୀୟଜଳ ପ୍ରକଳ୍ପ ନେଇ ମସୁଧା

ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବା ସହ କୋଣାର୍କ ତଥା ଆଖପାଖ ଅଞ୍ଚଳର ଗୋ ସମ୍ପଦର ସୁରକ୍ଷା ପାଇଁ ନିରବଚ୍ଛିନ୍ନ ଭାବରେ ସେବା ପ୍ରଦାନ କରିଆସୁଛି। ହେଲେ ଏହି କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ୱାଟ୍‌କୋ ସେକ୍ସନ ଦାୟିତ୍ୱରେ ଥିବା ସହକାରୀ ପରିଚାଳକ କାର୍ଯ୍ୟ କରୁଥିବାବେଳେ ସେ ବେଆଇନ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ନେଇ ମସୁଧା କରୁଥିବା ଜଣାପଡ଼ିଥିଲା। ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ କୋଣାର୍କ ଥାନାରେ ଉକ୍ତ ବ୍ୟକ୍ତିଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତକରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରେ, ଏହି ଘଟଣାରେ ପ୍ରାଣୀ ସମ୍ପଦ ବିଭାଗର ରିପୋର୍ଟକୁ ଭିତ୍ତିକରି ତଦନ୍ତ କରାଯାଇ ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସେଠୀ ପ୍ରକାଶ କରିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଜିପିଡବ୍ଲ୍ୟୁ-ସିଡବ୍ଲ୍ୟୁ-ଏଏମ୍‌ଡିବିଏସ୍‌ଏଏମ୍‌ସିଏଫ୍‌ଟିଆର୍‌ଟି-୨୫, ତାରିଖ: ୧୫।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏମ୍‌ଇ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଏଲ୍‌ଏଚ୍‌ବି କୋଚ୍ (ଏଫ୍‌ଟିଆର୍‌ଟିଆଇଏଲ୍ ଗଢ଼ଣ ପାଇଁ)ଗୁଡ଼ିକର ଏକ୍ସିଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । **ପରିମାଣ:** ଏନ୍‌ଆଇଟି ଅନୁଯାୟୀ । **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ- ଖଡ଼ଗପୁର, ଜିଲ୍ଲା- ପଶ୍ଚିମ ମେଦିନିପୁର, ପିନ୍-୭୨୧୩୦୧ । **ଟେଣ୍ଡର ମୂଲ୍ୟ:** ₹୪୮,୬୬,୪୬,୧୮୪.୫୨ । **ଅମାନତ ରାଶି:** ₹୨୫,୮୩,୨୦୦ । **ଠିକା ଅବଧି:** ଏଲ୍‌ଓଏ ଜାରି ହେବା ତାରିଖରୁ ୧୨ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୦୬।୨୦୨୫ରିଖ ୧୫.୦୦ ଘଟିକାରେ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । ସବିଶେଷ ଟେଣ୍ଡର ଦସ୍ତାବିଜ ପୋର୍ଟାଲ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ । (PR-165)

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम– साहिल अंसारी, उम्र करीब–19 वर्ष, रंग–गोरा, ऊँचाई– 5 फीट 6 ईंच, पहनावा– गंजी फूल बॉह, हाफ निकर, पैंट एवं बेड सिट लाल रंग का।,

उपरोक्त लापता पुरूष साहिल अंसारी, उम्र करीब–19 वर्श, पिता– अजमत अंसारी, सा0–ढौठाटोली, थाना–माण्डर, जिला–राँची जो दिनांक –27.04.25 को समय करीब 12:00 बजे अपने घर से बिना बताये कहीं चले गये है। जो आजतक अपने घर वापस नहीं आये है। जिसके संबंध में माण्डर थाना सनहा संख्या–28/2025, दिनांक–07.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता पुरूष कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, खलारी, राँची। – 9431742777
थाना प्रभारी माण्डर राँची। – 9431706187

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.352654 Police(25-26):D

# ଆଜି ପ୍ରେସ୍‌କ୍ଲବର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ନିମାପଡ଼ା,୧୬।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ବୈଠକ ପଞ୍ଚାୟତ ସମିତି ସଭା କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ଅତିରିକ୍ତ ବିଡିଓ ପ୍ରିୟଦର୍ଶନୀ ବରାଳ, ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ବନ୍ଦିତା ଦଳସିଂ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ କୃଷି, ପାନୀୟ ଜଳ ଯୋଗାଣ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ବିଶଦ ଆଲୋଚନା ହୋଇ ବହୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କେତେକ ବିଭାଗର ସରକାରୀ ଅଧିକାରୀ ଅନୁପସ୍ଥିତ ରହିଥିବାରୁ ବହୁ ସରପଞ୍ଚ, ସମିତି ସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ।

ବୈଠକରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଏମ୍‌ପିଙ୍କ ପ୍ରତିନିଧି ବୈଠକରୁ ଚାଲିଯିବାକୁ କହିଥିବାବେଳେ ଅସମ୍ମାନବୋଧ ମନ୍ତବ୍ୟ ଦେଇଥିଲେ। ଫଳରେ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ସେମାନେ ବୈଠକରୁ ଚାଲିଯାଇଥିଲେ। ବ୍ଲକ ଅଧ୍ୟକ୍ଷ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକକୁ ନିମନ୍ତ୍ରଣ କରିଥିଲେ ମଧ୍ୟ ସେମାନଙ୍କୁ କେବଳ ଫଟୋ ଉଠାଇ ଚାଲିଯିବାକୁ କହିବା ଏକ ଅସମ୍ମାନ। ଏପରି ଅସମ୍ମାନ ଘଟଣାକୁ

### ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କଟୁ ମନ୍ତବ୍ୟ, ଅସମ୍ମାନକୁ ବିରୋଧ

ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ରବୀନ୍ଦ୍ରନାଥ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବ୍ଲକ ସରପଞ୍ଚ ସଂଘ ସଭାପତି ବିଶ୍ୱନାଥ ସେନାପତି, ବରିଷ୍ଠ ସରପଞ୍ଚ ରାକେଶ ବାରିକ୍, ପ୍ରଫୁଲ୍ଲ ସ୍ୱାଇଁ, ସମିତି ସଭ୍ୟ ସୁନୀଲ ରଥ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦିଗମ୍ବର ନାୟକ, ବାର୍ ଆସୋସିଏଶନ ସମ୍ପାଦକ ଆଇନଜୀବୀ ପ୍ରଭାତ ନାୟକ, ସହ ସମ୍ପାଦକ ରାଧାଶ୍ୟାମ ଜେନା, ବରିଷ୍ଠ ବିଜେଡି ନେତା ଦିଲୀପ ନାୟକ, ମାନସ ପ୍ରଧାନ, ଦିଲୀପ ପାତ୍ର, ଧନୁର୍ଦ୍ଧର ଦାଶ ପ୍ରମୁଖ ତୀବ୍ର ନିନ୍ଦା କରିଛନ୍ତି। ଏପରି ଘଟଣାକୁ ଆଦୌ ବରଦାସ୍ତ କରାଯିବନାହିଁ। ଏ ଦିଗରେ କଡ଼ା ଜବାବ ଦିଆଯିବ ବୋଲି ନିମାପଡ଼ା ପ୍ରେସ୍‌କ୍ଲବ ସଭାପତି ଅକ୍ଷୟ ବେହେରା, ସମ୍ପାଦକ ରମାକାନ୍ତ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ କହିଛନ୍ତି। ଏ ସମ୍ପର୍କରେ ପ୍ରେସ୍‌କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ, ସଚିବ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲାପାଳ, ଏସ୍‌ପି, ନିମାପଡ଼ା ତହସିଲଦାର, ବିଡିଓ, ଡିଆଇପିଆର୍‌ଓଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଏପରି ଅସମ୍ମାନ କରାଯିବା ପ୍ରତିବାଦରେ ବ୍ଲକ ଅଧ୍ୟକ୍ଷ ଓ ଏମ୍‌ପିଙ୍କ ପ୍ରତିନିଧି କ୍ଷମା ପ୍ରାର୍ଥନା କରିବା ଦାବିରେ ପ୍ରେସ୍‌କ୍ଲବ ସମସ୍ତ ସଦସ୍ୟ ଶନିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଓ ଅନଶନ କରିବାକୁ ନିଷ୍ପତ୍ତି ହୋଇଛି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏହାର ବିଚାର କରିବାକୁ ପ୍ରେସ୍‌କ୍ଲବ ପକ୍ଷରୁ ଦାବି କରାଯାଇଛି।


ବୈଠକରେ ଉପସ୍ଥିତ ମଞ୍ଚାସୀନ ଅତିଥି

**कार्यपालक अभियन्ता का कार्यालय,**
**पेयजल एवं स्वच्छता प्रमण्डल संख्या–1, धनबाद**

**शुद्धि–पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/09/2025-26 जिसका सूचना एवं जनसम्पर्क विभाग के PR No.- 352007 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 1 | वेबसाईट पर निविदा प्रकाशन की तिथि एवं समय | 15.05.2025, 5.00 बजे अपराह्न तक। | 26.05.2025, 5.00 बजे अपराह्न तक। |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10. 2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 4 | तकनीकी बीड खोलने की तिथि एवं समयः | 28.05.2025, 5.00 बजे अपराह्न | 05.06.2025, 5.00 बजे अपराह्न |

शेष सभी शर्तें यथावत रहेगी।

कार्यपालक अभियन्ता,
PR 352681 Drinking Water and Sanitation(25-26)#D पेयजल एवं स्वच्छता प्रमण्डल संख्या–1, धनबाद

**Government of Jharkhand**
**Directorate of Industries**
**Jharkhand Government Tool Room**
**(Formerly Jharkhand Government Mini Tool Room & Training Centre, Ranchi)**
Plot No: 38, Phase I, Tatisilwai Industrial Area, Muri Road, Ranchi- - 835103 ,
e-mail: info@jgtr.in, principal@jgtr.in, jgmtrtc_ran@yahoo.co.in Web site: www.jgtr.in
Phone No. 0651-2265966, Fax No.0651-2265578

**ONLINE TENDER NOTICE**
**NIT No. 277 Dated 16.05.2025**

Govt. of Jharkhand has set up state-of-the art Tool Room & Training Centre at Tatisilwai, Ranchi, Dumka & Gola. The centres requires Machine Tools & Equipment as pertaining the details furnished in website.
Interested original Tenderer and /or their authorized representatives / dealers having permanent registered office in India and operating in India over last 5 (Five) years are eligible to participate in the tender.
The complete tender document including ITT, GCC, technical specification, price bid, cost of tender, EMD requirements etc. can be downloaded from the web sites www.jharkhandtenders.gov.in & www.jgtr.in from 20th May 2025 onwards.
Note: JGTR, Ranchi reserves the right to reject the application of any or all the intending bidders without assigning reasons whatsoever.

Sd/-
(Director of Industries)
PR 352639 Industries(25-26).D

## ସଂକ୍ଷେପରେ

### 'ବୁଦ୍ଧ ମହାତ୍ମ୍ୟ'ର ବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ

**ପୁରୀ, ୧୬।୫(ଅଜିତ୍ କୁମାର ମହାନ୍ତି):** ବୁଦ୍ଧ ଉପାସକମାନେ ବିଶ୍ୱରେ ଯୁଦ୍ଧ ନୁହେଁ, ଶାନ୍ତିର ବାର୍ତ୍ତା ପ୍ରଦାନ କରି ଚାଲିଛନ୍ତି। ଭାରତବର୍ଷ ସୁଖ ଶାନ୍ତି ଚାହେଁ ବୋଲି ଷ୍ଟେଶନରୋଡ୍ସ୍ଥିତ ବୌଦ୍ଧ ମନ୍ଦିର ପରିସରରେ ବୁଦ୍ଧପୂର୍ଣ୍ଣିମା ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ଏଥିରେ ସମାଜସେବୀ ଅନାମ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ତାଙ୍କ ଲିଖିତ ପୁସ୍ତକ 'ବୁଦ୍ଧ ମହାତ୍ମ୍ୟ'ର ବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଅତିଥି ଭାବେ ଏ.ଏଲ୍. ନାଇଡୁ, ରାଜକିଶୋର ପାତ୍ର, ସହଦେବ ସାହୁ, ଦେବରାଜ ପ୍ରଧାନ, ଡା. ସୁରେନ୍ଦ୍ର ନାଥ ପତି ଶୁଭଶ୍ରୀ ଦାସ, ଇଂ. ଗିରିଜା ଶଙ୍କର ପାଢ଼ୀ, ଉମେଶ ଚନ୍ଦ୍ର ଦାସ, ରମାବଲ୍ଲଭ ମହାପାତ୍ର, ଫାଦର ପିଟର୍, ଚନ୍ଦ୍ରଶେଖର ମହାରଣା, ଜେମା ଦେଈ, ଡ. ବଳରାମ ଦାଶ, ପୁଷ୍ପା ପାତ୍ର, ପୁଲକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରିଆନ ରବି ଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ।

### ଚାରିଧାମ ତୀର୍ଥଯାତ୍ରୀ ସଂଖ୍ୟା ବଢ଼ୁଛି

**ଉତ୍ତରାଖଣ୍ଡ ସରକାରଙ୍କ ବ୍ୟାପକ ବ୍ୟବସ୍ଥା**

**ଭୁବନେଶ୍ୱର, ୧୬।୫(ଅନୁରାଧା ମହାରଣା):** ଉତ୍ତରାଖଣ୍ଡର ଚାରିଧାମ ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଯାତ୍ରା ଏପ୍ରିଲ ୩୦ରେ ଆରମ୍ଭ ହୋଇଥିଲା। ଯାତ୍ରାର ପ୍ରଥମ କିଛି ସପ୍ତାହରେ ଏହି ତୀର୍ଥଯାତ୍ରୀଙ୍କ ସଂଖ୍ୟାରେ ବହୁତ ବୃଦ୍ଧି ଘଟିଛି। ମେ ୧୨ ସୁଦ୍ଧା ଚାରିଧାମ ପରିଦର୍ଶନ କରିଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ୬,୦୫,୧୮୩ ଥିଲା। କେଦାରନାଥକୁ ୨୪୮୫୪୮ଜଣ, ବଦ୍ରିନାଥ ୧,୩୦,୨୦୫, ଗଙ୍ଗୋତ୍ରୀ ୧,୦୪,୩୦୦ ଏବଂ ଯମୁନୋତ୍ରୀକୁ ୧,୨୨,୧୩୦ ଜଣ ତୀର୍ଥଯାତ୍ରୀ ଯାଇଥିଲେ। ଉତ୍ତରାଖଣ୍ଡ ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବ ସଚିନ କୁର୍ଭେ ଚାରିଧାମ ଯାତ୍ରା ସମୀକ୍ଷା କରି ଯାତ୍ରୀଙ୍କୁ ଉନ୍ନତମାନର ସେବା ପ୍ରଦାନ ପାଇଁ ଆଞ୍ଚଳିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବାସ ମାଲିକ, ପରିବହନକାରୀ ଏବଂ ପୁରୋହିତ ସମ୍ପ୍ରଦାୟଙ୍କ ସହିତ ଉପଯୁକ୍ତ ଯୋଗାଯୋଗ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ ଡେଙ୍ଗୁ

ଭୁବନେଶ୍ୱର, ୧୬।୫(ବନ୍ଦନା ସେଠୀ)



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ଡେଙ୍ଗୁ ଦିବସ ଅବସରରେ ଶୁକ୍ରବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ ଅତିରିକ୍ତ ନିର୍ଦ୍ଦେଶକ ଭେକ୍ଟର ବର୍ନ ଡିଜିଜ୍ (ଭିବିଡି) ଡା. ପ୍ରଭାକର ସାହୁ ରାଜ୍ୟରେ ସାମ୍ପ୍ରତିକ ଡେଙ୍ଗୁରୋଗର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲା ତଥା ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଯୋଗଦେଇ କହିଲେ, ଡେଙ୍ଗୁ ମଣିଷ ଦେହରେ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ବିଭିନ୍ନ ସରକାରୀ ବିଭାଗ ଏବଂ ସାମାଜିକ ସଂଗଠନର ମିଳିତ ଉଦ୍ୟମ ଦ୍ୱାରା ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ବଂଶ ବୃଦ୍ଧି ସ୍ଥଳ ସଫା କରିବା ସହିତ ରୋଗ ସଂକ୍ରମଣ ହ୍ରାସ କରାଯାଉଛି। ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ବନ୍ଧୀୟ ସୂଚନାର ଅଧିକ ପ୍ରଚାର ଓ ପ୍ରସାର ପାଇଁ ଆମକୁ ସମସ୍ତ ସ୍ତରରେ ସଚେତନତା ସୁନିଶ୍ଚିତ କରିବାକୁ ପଡିବ ବୋଲି ସେ ମତ ରଖିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ ସହରାଞ୍ଚଳରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଡିଏମ୍ଇଟି ଡା. ବ୍ରଜକିଶୋର ଦାଶ ଗୁରୁତର ଡେଙ୍ଗୁରୋଗୀଙ୍କ କ୍ଲିନିକାଲ ତଦାରଖରେ ମେଡିକାଲ କଲେଜଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମଲକର୍ ଡେଙ୍ଗୁକୁ ନେଇ କେନ୍ଦ୍ର ସରକାରଙ୍କ ପରାମର୍ଶ ଏବଂ ମାର୍ଗଦର୍ଶିକା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡା. ଜିତେନ୍ଦ୍ର ମୋହନ ବାବର୍ଡ଼ା ଏହି ସଂକ୍ରମଣ ପ୍ରବଣ ରୋଗର ପ୍ରତିରୋଧରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ (ଭିବିଡି) ଡା. ଶୁଭାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଧାନୀରେ ଜଳ ନିଷ୍କାସନ ସମସ୍ୟାର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୬।୫ (ବନ୍ଦନା ସେଠୀ)

ଅଧିକ ବର୍ଷା ହେଲେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡୁଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ସମୀକ୍ଷା ବୈଠକ କରିଥିଲେ। ସହରରେ କେଉଁସବୁ ସ୍ଥାନରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ଆଗାମୀ ବର୍ଷାଦିନ ପୂର୍ବରୁ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଜଳ ନିଷ୍କାସନ ସମସ୍ୟା ପ୍ରତି ତ୍ୱରିତ ପଦକ୍ଷେପ ନେଇ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବିଏମ୍ସି କମିଶନର ରାଜେଶ ପ୍ରଭାକର ପାଟିଲ୍ ସହରରେ ଥିବା ଡ୍ରେନେଜ ସିଷ୍ଟମ ସମ୍ପର୍କରେ ଆଲୋକପାତ କରିଥିଲେ। ସହରରେ ୭୭.୦୭ କି.ମି ବିଶିଷ୍ଟ ୧୫ଟି ମୁଖ୍ୟ ପ୍ରାକୃତିକ ଡ୍ରେନ ଥିବାବେଳେ ବିଏମ୍ସି ଅଞ୍ଚଳରେ ୧୮୩୯ କି.ମି ଇଣ୍ଟରନାଲ୍ ଡ୍ରେନ୍ ରହିଛି। ବୈଠକରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଡିଏ ଉପାଧ୍ୟକ୍ଷ ଡ. ଏନ. ଥିରୁମାଲା ନାୟକ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରରେ ପିଙ୍କ୍ ହେଲ୍ପ ଡେସ୍କ ଆରମ୍ଭ



ବୈଠକରେ ଏସ୍‌ପି ବିନୀତ ଅଗ୍ରୱାଲ ଏବଂ ଅଧିକାରୀମାନେ।

ପୁରୀ, ୧୬।୫(ଅଜିତ୍ କୁମାର ମହାନ୍ତି)

**ମହିଳା ଭକ୍ତଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏକ ନୂତନ ପଦକ୍ଷେପ**

ଶ୍ରୀମନ୍ଦିରକୁ ପ୍ରତିଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ସେଥିମଧ୍ୟରୁ ଅଧିକାଂଶ ମହିଳା ଓ ପରିବାର ଲୋକ ରହିଥାନ୍ତି। ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ଜିଲା ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ 'ପିଙ୍କ୍ ହେଲ୍ପ ଡେସ୍କ' ଆରମ୍ଭ କରିଛି। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀରେ ଏହି କାର୍ଯ୍ୟକ୍ରମ ପ୍ରଥମ ଥର ଆରମ୍ଭ ହୋଇଛି। ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ଅଧକ୍ଷତାରେ ସେବା ପାଇଁ ନିଯୁକ୍ତ ୬ ମହିଳା କନ୍‌ଷ୍ଟେବଲଙ୍କୁ ତାଲିମ ଦିଆଯାଇଛି। ଶୁକ୍ରବାର ଡିପିଓ କନ୍‌ଫରେନ୍ସ ହଲ୍‌ରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଯେଉଁଠାରେ ସେମାନଙ୍କୁ ଦାୟିତ୍ୱ ବିଷୟରେ ଅବଗତ କରାଯାଇଛି। ମହିଳା ଭକ୍ତମାନଙ୍କୁ ସୂଚନା ଓ ତତ୍କାଳ ସହାୟତା ପ୍ରଦାନ କରିବେ, ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସେମାନଙ୍କୁ ସହଯୋଗ କରିବେ। ଭକ୍ତମାନଙ୍କ ମତାମତ, ଅଭିଯୋଗ ଓ ପ୍ରତିକ୍ରିୟା ସଂଗ୍ରହ ସହ ଆବଶ୍ୟକ ପରିସ୍ଥିତିରେ ଥାନା ବା ପିସିଆର ସହ ଯୋଗାଯୋଗ କରିବେ। ସେହିପରି ଫିଡ୍‌ବ୍ୟାକ ଆଧାରିତ ପୋଲିସିଂ ମଡେଲ୍ କରାଯାଇଛି। ଏହି ହେଲ୍ପ ଡେସ୍କ ଦ୍ୱାରା ପୁରୀ ପୋଲିସ ଏକ ଉତ୍ତରଦାୟୀ ଓ ଲୋକମୁଖୀ ପୋଲିସିଂ ବ୍ୟବସ୍ଥା ଉପସ୍ଥାପନ କରିବ। ଶ୍ରୀଜଗନ୍ନାଥ ଧାମ ଯାତ୍ରାକୁ ଅଧିକ ନିରାପଦ, ସମ୍ମାନଜନକ ଓ ଆଧାତ୍ମିକ ଅନୁଭବ କରାଇବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପିଙ୍କ୍ ହେଲ୍ପ ଡେସ୍କ ମହିଳା ଓ ପର୍ଯ୍ୟଟକଙ୍କୁ ସ୍ୱାଗତ ଓ ସୁବିଧା ଦେବାରେ ପୁରୀ ପୋଲିସର ଏକ ଅଭିନବ ପ୍ରୟାସ।

### ଦୀଘାରେ ଜଗନାଥ ଧାମ ପ୍ରସଙ୍ଗକୁ ନେଇ ଶ୍ରୀଜଗନ୍ନାଥ ସେନାର ବିକ୍ଷୋଭ

ପୁରୀ, ୧୬।୫(ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗ ଦୀଘାରେ ଜଗନ୍ନାଥ ଧାମ ଶବ୍ଦକୁ ମମତା ବାନାର୍ଜୀ ତଥା ପଶ୍ଚିମବଙ୍ଗ ସରକାର ନ ହଟାଇବାରୁ ଏହାକୁ ବିରୋଧ କରି ଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦ୍ୱିତୀୟ ଜଗନ୍ନାଥ ଧାମକୁ ବିରୋଧ କରି ଜଗନ୍ନାଥ ସେନା ପକ୍ଷରୁ ମମତା ବାନାର୍ଜୀଙ୍କ ବିରୋଧରେ ତ୍ରିରଙ୍ଗା ରାଲି କରାଯାଇଛି। ଏଥିସହ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମମତାଙ୍କ କୁଶପୁତଳିକା ଦାହ କରାଯିବା ସହ ତାଙ୍କ ବିରୋଧରେ ନାରାବାଜି ପ୍ରଦର୍ଶନ କରାଯାଇଥିଲା। ସେହିପରି ପୁରୀରେ ବଙ୍ଗଳା ନିବାସ ନିମନ୍ତେ ପଶ୍ଚିମବଙ୍ଗ ସରକାରଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସିପସରୁବାଲି ଓ ଶଙ୍କରପୁର ମୌଜାରେ ୫ ଏକର ଜାଗା ଜମି ଦେଇଥିବା ଯାଗାରେ ଜଗନ୍ନାଥ ସେନା ବାନା ପୋତି ସେହି ଜମି ଦଖଲ କରିଛି। ଏହି ଜାଗାରେ ରାଜ୍ୟ ସରକାର ଗରିବ ଭକ୍ତଙ୍କ ପାଇଁ ମାଗଣାରେ ଏକ ଭକ୍ତନିବାସ ନିର୍ମାଣ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଘଟଣାରେ ସରକାର ପଦକ୍ଷପ ନ ନେଲେ ଶ୍ରୀଜଗନ୍ନାଥ ସେନା ସୁପ୍ରିମକୋର୍ଟ ଯିବ ବୋଲି ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରାକେଶ ପଣ୍ଡାଙ୍କୁ 'ସଂସ୍କୃତି ସେବା ସମ୍ମାନ'



ଭୁବନେଶ୍ୱର, ୧୬।୫(ସୌମ୍ୟରଞ୍ଜନ ରାଉତ)

ସମାଜର ଶ୍ରେଷ୍ଠ ହିତ ସାଧନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବୃଦ୍ଧିମନ୍ତ କରିବାରେ ଅତୁଳନୀୟ ଅବଦାନ ଲାଗି ଯୁବ ଲେଖକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ସଂସ୍କୃତି ସେବା ସମ୍ମାନ'ରେ ସମ୍ମାନିତ କରାଯାଇଛି। କଳାଭୂମି ଅନୁଷ୍ଠାନ ପକ୍ଷରୁ ଗୁରୁବାର ପଟିଆ ମହାବିଷ୍ଣୁବ ସଂକ୍ରାନ୍ତି ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଲେଖକ ବର୍ଗରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ସାଫୋର ରାଜ୍ୟ ସଭାପତି ନାରାୟଣ ଚନ୍ଦ୍ର ଓଝା, କଳାଭୂମି ଓଡିଶାର ଅଧକ୍ଷ ପ୍ରମୋଦ କୁମାର ପତିଙ୍କ ସହ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



**नाम– साहिल अंसारी, उम्र करीब–19 वर्ष, रंग–गोरा, ऊँचाई–5 फीट 6 ईंच, पहनावा– गंजी फूल बॉह, हाफ निकर, पैंट एवं बेड सिट लाल रंग का।,**

उपरोक्त लापता पुरूष साहिल अंसारी, उम्र करीब–19 वर्श, पिता–अजमत अंसारी, सा0–ढौठाटोली, थाना–माण्डर, जिला–राँची जो दिनांक –27.04.25 को समय करीब 12:00 बजे अपने घर से बिना बताये कहीं चले गये है। जो आजतक अपने घर वापस नहीं आये है। जिसके संबंध में माण्डर थाना सनहा संख्या–28/2025, दिनांक–07.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता पुरूष कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, खलारी, रॉची। — 9431742777

थाना प्रभारी माण्डर रॉची। — 9431706187

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

**PR.NO.352654 Police(25-26):D**

# 'ଭାଷା ଓ ସାହିତ୍ୟ ପରସ୍ପର ପରିପୂରକ'



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ପୁରୀ, ୧୬।୫(ଅଜିତ୍ କୁମାର ମହାନ୍ତି)

ସମତା ସାହିତ୍ୟ ସମିତିର ଦ୍ୱିତୀୟ ବାର୍ଷିକୋତ୍ସବ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରତିଭା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷୟିତ୍ରୀ ଓ କବି ଡ. ଶକୁନ୍ତଳା ବଳିୟାରସିଂହ ଯୋଗଦେଇ କହିଥିଲେ, ଭାଷା ଓ ସାହିତ୍ୟ ପରସ୍ପର ପରିପୂରକ। ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟରେ ଭାବ ଓ ଚେତନାର ସମ୍ବନ୍ଧ ରହିଛି। ମୌଳିକତଃ ଲୋକଗୀତ, ଲୋକକଥା ଓ ପ୍ରାକୃତ ଭାଷାରୁ ଓଡ଼ିଆ ସାହିତ୍ୟର ସୃଷ୍ଟି। ତେଣୁ ଓଡ଼ିଆ ସାହିତ୍ୟର ଲିଖିତ ସ୍ୱରୂପ ଚର୍ଯ୍ୟା ଗୀତିକାରେ ରହିଛି। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଅଭିମନ୍ୟୁ ଭୂୟାଁ, ସାହିତ୍ୟିକ ଶିବସୁନ୍ଦର ମିଶ୍ର, ଶରତ କୁମାରୀ ମିଶ୍ର, ବିଜୟଲକ୍ଷ୍ମୀ ସାହୁ, ସୁଶ୍ରୀ କ୍ରିଷ୍ଣା ଦେବୀ ଏବଂ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। 'ଓଡ଼ିଆ ଭାଷାର ସୁରକ୍ଷାରେ ସାହିତ୍ୟର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ, ପ୍ରାଧ୍ୟାପକ ଅଶୋକ କୁମାର ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ନାରାୟଣ ନନ୍ଦ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିବ ସୁନ୍ଦର ମିଶ୍ର, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଆକାଶବାଣୀ ପୁରୀର ଉଦ୍‌ଘୋଷିକା ମାନସୀ ଦେଈ ଏବଂ କବି ଚନ୍ଦ୍ରମଣି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିପିନ ବିହାରୀ ଦଳେଇ ଓ ଅଧିବକ୍ତା ସରବାଣୀ ଦାସଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ସୁବୋଧ କୁମାର ସୁବୁଦ୍ଧି, ଜୁପିଟର ଦାସ, ଚନ୍ଦ୍ରମଣି ଦାସ ଓ ଶ୍ରୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶ୍ରୀ କ୍ରିଷ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

### ସଚେତନ ହେଲେ ଡେଙ୍ଗୁ କବଳରୁ ମୁକ୍ତି ମିଳିବ

ଭୁବନେଶ୍ୱର, ୧୬।୫(ବନ୍ଦନା ସେଠୀ)

ଚଳିତ ବର୍ଷ ମାର୍ଚ୍ଚ ୨୦୨୫ ସୁଦ୍ଧା ସାରା ଦେଶରେ ମୋଟ ୧୨,୦୪୩ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟର ଜାତୀୟ ଭେକ୍ଟର ବର୍ନରୋଗ ନିୟନ୍ତ୍ରଣ କେନ୍ଦ୍ର ପକ୍ଷରୁ ପ୍ରକାଶିତ ରିପୋର୍ଟରେ ତାମିଲନାଡୁରେ ସର୍ବାଧିକ ଡେଙ୍ଗୁ ମାମଲା ରହିଛି। ତେବେ ସଚେତନ ହେଲେ ଡେଙ୍ଗୁ ଭଳି ପ୍ରାଣଘାତୀ ଶତ୍ରୁ କବଳରୁ ମୁକ୍ତି ମିଳିପାରିବ ବୋଲି ଶୁକ୍ରବାର ଏମ୍ସ ଭୁବନେଶ୍ୱରଠାରେ ଆୟୋଜିତ ଡେଙ୍ଗୁ ଦିବସ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଏହି କ୍ରମରେ ଡେଙ୍ଗୁକୁ ନେଇ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଡେଙ୍ଗୁ ମଶା ପ୍ରଜନନକୁ ରୋକିବା ନିମନ୍ତେ ଘର ଓ ପରିବେଶକୁ ପରିଷ୍କାର ରଖିବା, ଆଖପାଖରେ ପାଣି ନ ଜମିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗକୁ ଆସୁଥିବା ମୌସୁମୀ ସମୟରେ ମଶାରି ବ୍ୟବହାର, ପୂରା ହାତ ପୋଷାକ ପିନ୍ଧିବା ଭଳି ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଉପରେ ସେ ଆଲୋକପାତ କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଜିପିଡବ୍ଲ୍ୟୁ-ସିଡବ୍ଲ୍ୟୁ-ଏଏମ୍‌ଡିବିଏସ୍‌ଏଏମ୍‌ସିଏଫ୍‌ଟିଆର୍‌ଟି-୨୫, ତାରିଖ: ୧୫।୦୫।୨୦୨୫ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏମ୍ଇ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଏଲ୍‌ଏଚ୍‌ବି କୋଚ୍ (ଏଫ୍‌ଟିଆର୍‌ଟିଆଇଏଲ୍ ଗଢ଼ଣ ପାଇଁ)ଗୁଡ଼ିକର ଏକ୍ସିଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । **ପରିମାଣ:** ଏନ୍‌ଆଇଟି ଅନୁଯାୟୀ । **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ– ଖଡ଼ଗପୁର, ଜିଲ୍ଲା– ପଶ୍ଚିମ ମେଦିନିପୁର, ପିନ୍–୭୨୧୩୦୧ । **ଟେଣ୍ଡର ମୂଲ୍ୟ:** ₹୪୮,୬୬,୪୬,୧୮୪.୫୨ । **ଅମାନତ ରାଶି:** ₹୨୫,୮୩,୨୦୦ । **ଠିକା ଅବଧି:** ଏଲ୍‌ଓଏ ଜାରି ହେବା ତାରିଖରୁ ୧୨ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୦୬।୨୦୨୫ରିଖ ୧୫.୦୦ ଘଟିକାରେ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । ସବିଶେଷ ଟେଣ୍ଡର ଦସ୍ତାବିଜ ପୋର୍ଟାଲ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ । (PR-165)

**कार्यपालक अभियन्ता का कार्यालय,**
**पेयजल एवं स्वच्छता प्रमण्डल संख्या–1, धनबाद**

**शुद्धि–पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/09/2025-26 जिसका सूचना एवं जनसम्पर्क विभाग के PR No.- 352007 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 1 | वेबसाईट पर निविदा प्रकाशन की तिथि एवं समय | 15.05.2025, 5.00 बजे अपराह्न तक। | 26.05.2025, 5.00 बजे अपराह्न तक। |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 4 | तकनीकी बीड खोलने की तिथि एवं समय: | 28.05.2025, 5.00 बजे अपराह्न | 05.06.2025, 5.00 बजे अपराह्न |

शेष सभी शर्तें यथावत रहेगी।

कार्यपालक अभियन्ता,
**PR 352681 Drinking Water and Sanitation(25-26)#D** पेयजल एवं स्वच्छता प्रमण्डल संख्या–1, धनबाद

**Government of Jharkhand**
**Directorate of Industries**
**Jharkhand Government Tool Room**
**(Formerly Jharkhand Government Mini Tool Room & Training Centre, Ranchi)**
**Plot No: 38, Phase I, Tatisilwai Industrial Area, Muri Road, Ranchi- - 835103 ,**
**e-mail: info@jgtr.in, principal@jgtr.in, jgmtrtc_ran@yahoo.co.in Web site: www.jgtr.in**
**Phone No. 0651-2265966, Fax No.0651-2265578**

**ONLINE TENDER NOTICE**
**NIT No. 277 Dated 16.05.2025**

Govt. of Jharkhand has set up state-of-the art Tool Room & Training Centre at Tatisilwai, Ranchi, Dumka & Gola. The centres requires Machine Tools & Equipment as pertaining the details furnished in website.
Interested original Tenderer and /or their authorized representatives / dealers having permanent registered office in India and operating in India over last 5 (Five) years are eligible to participate in the tender.
The complete tender document including ITT, GCC, technical specification, price bid, cost of tender, EMD requirements etc. can be downloaded from the web sites www.jharkhandtenders.gov.in & www.jgtr.in from 20th May 2025 onwards.
Note: JGTR, Ranchi reserves the right to reject the application of any or all the intending bidders without assigning reasons whatsoever.

Sd/-
(Director of Industries)

**PR 352639 Industries(25-26).D**

# ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମରେ ଯୋଡ଼ି ହେଲେଣି ୧୧ ଲକ୍ଷ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୬।୫(ସୁଚିସ୍ମିତା ସାହୁ)

**ଘରେ ରହି ଅନ୍‌ଲାଇନ୍‌ରେ ପାଠପଢୁଛନ୍ତି**

ଖରାଛୁଟି ଯୋଗୁ ସ୍କୁଲ ବନ୍ଦ ରହିଛି। ତେବେ ଏଥିପାଇଁ ଯେପରି ପିଲାଙ୍କ ପାଠପଢ଼ା ବ୍ୟାହତ ନ ହେବ ସେଥିଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାମାନେ ଏଥିସହ ଯୋଡ଼ି ହୋଇ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ଅକ୍ଷର ଶିକ୍ଷିବାଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ ବିଷୟରେ ଜାଣିପାରୁଛନ୍ତି। ପ୍ରତି ଶ୍ରେଣୀର ପିଲାମାନେ ଯେପରି ସରଳ ଭାବେ ପାଠପଢ଼ିପାରିବେ ସେନେଇ ଶିକ୍ଷକଙ୍କ ଦ୍ୱାରା ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମ ଅଧୀନରେ ମୋଟ ୧ ଲକ୍ଷ ୭୦ ହଜାର ୯୩୨ଟି ହ୍ୱାଟ୍ସଆପ୍ ଗ୍ରୁପ ତିଆରି ହୋଇଥିବାବେଳେ ସାରା ରାଜ୍ୟରୁ ପ୍ରାୟ ୧୧ ଲକ୍ଷ ୮ ହଜାର ୮୪୩ରୁ ଅଧିକ ଛାତ୍ରୀଛାତ୍ର ଯୋଡ଼ି ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଯେଭଳି ଖରାଛୁଟିରେ ପାଠକୁ ସମ୍ପୂର୍ଣ୍ଣ ଭୁଲି ନ ଯାଆନ୍ତି ଓ ମଜାଳିଆ ଢଙ୍ଗରେ ନିଜ ଘରେ ରହି ପାଠପଢ଼ିପାରିବେ ସେହି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ଏନେଇ ବାଲିପଦର ତୁଳସୀଚଉରାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଅଭିଭାବକ ରଶ୍ମିତା ପାତ୍ର କହିଛନ୍ତି, ଖରାଛୁଟିରେ ପିଲାଙ୍କ ପାଠ ସହ ଯୋଡ଼ି ରଖିବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ। ହ୍ୱାଟ୍ସଆପ ଗ୍ରୁପ୍ ମାଧ୍ୟମରେ ଆମେ ଶିକ୍ଷଣୀୟ ଭିଡିଓ ପାଇପାରୁଛୁ। ଏହାଦ୍ୱାରା ପିଲାଙ୍କୁ ପାଠ ପଢାଇବ ସହଜ ହୋଇପାରୁଛି। ଗୀତ, ଗପ ଓ ଚିତ୍ର ମାଧ୍ୟମରେ ପିଲାମାନେ ପାଠପଢୁଛନ୍ତି। ଅନ୍ୟଜଣେ ଅଭିଭାବକ ମମତା ବିଶ୍ୱାଳ କହିଛନ୍ତି, ପିଲାମାନେ ଖରାଛୁଟିରେ ବୁଲାବୁଲି କରିବା ସହିତ ପାଠପଢ଼ିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଛୁଟି ଭାବରେ ନେଇ କିଛି ପାଠ ପଢୁ ନ ଥିଲେ। ଏବେ କିନ୍ତୁ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠୁ ଶିକ୍ଷକମାନେ ମୋବାଇଲରେ ବିଭିନ୍ନ ପାଠ ପାଇଁ ଭିଡିଓ ଏବଂ ୟୁଟ୍ୟୁବ୍ ଲିଙ୍କ୍ ଆଦି ଦେଉଛନ୍ତି। ସେହି ଲିଙ୍କ୍ ସହ ଯୋଡ଼ିହୋଇ ପିଲାମାନେ ଘରେ ବସି ପାଠ ପଢ଼ିପାରୁଛନ୍ତି। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସପ୍ତାହକୁ ଦୁଇଥର ଏବଂ ପଞ୍ଚମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସପ୍ତାହକୁ ତିନିଥର ଶିକ୍ଷଣୀୟ ବିଷୟ ସବୁ ପଠାଯାଉଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାଙ୍କ ପାଇଁ ଓଡ଼ିଆ, ଗଣିତ ଓ ପରିବେଶ ବିଜ୍ଞାନ ଉପରେ ବିଭିନ୍ନ ଭିଡିଓ ପଠାଯାଉ ଥିବାବେଳେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାଙ୍କ ପାଇଁ ଓଡ଼ିଆ, ଗଣିତ, ପରିବେଶ ବିଜ୍ଞାନ ଓ ଇଂଲିଶ ପାଠ ଭିଡିଓ ଦିଆଯାଉଛି। ସେହିପରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କ ଓଡ଼ିଆ, ଗଣିତ, ପରିବେଶ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଇଂଲିଶ ପାଠ ଭିଡିଓ ପଠାଯାଉଛି। ଏଥିସହ ଅଭିଭାବକମାନେ ପିଲାମାନେ ପଢୁଥିବା କିମ୍ବା ଲେଖୁଥିବା ଫଟୋ ଉଠାଇ ଗ୍ରୁପ୍‌ରେ ଶେୟାର କରୁଛନ୍ତି।




୧୬।୫।୨୦୨୫

| | |
|---|---|
| ୫,୮୨,୭୬୫ ଟଙ୍କା | |
| ସୁନା | ୧୦ ଗ୍ରାମ |
| ରୁପା | ୨୪.୮୦୦ ଗ୍ରାମ |

# ଜୁନ୍ ୨୮ରୁ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସହ ଅନ୍ୟମାନେ।

### ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

**ନାଟମଣ୍ଡପରେ ଏସି ଲଗାଇବାକୁ ଏଏସ୍ଆଇକୁ ପ୍ରସ୍ତାବ ଦିଆଯିବ**

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରା ସମୟରେ ରତ୍ନଭଣ୍ଡାର, ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ମରାମତି ଶେଷ ହେବା ନେଇ ନିଷ୍ପତ୍ତି ହୋଇଛି। ଏହାଛଡ଼ା ଶ୍ରୀମନ୍ଦିର ସମ୍ପର୍କିତ ଅନେକ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ବୈଷୟିକ କୋର୍ କମିଟିର ସଦସ୍ୟ ଡ. ଏନ୍ ସି ପାଲ, ସୁପରିଣ୍ଟେଣ୍ଡେଣ୍ଟ ଆରକିଓଲୋଜିଷ୍ଟ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଉପସ୍ଥିତ ରହି ଆଲୋଚନା କରିଥିଲେ।

ନିଷ୍ପତ୍ତି ଅନୁସାରେ, ଜୁନ୍ ୨୮ରୁ ଜୁଲାଇ ୬ ଭିତରେ ରତ୍ନଭଣ୍ଡାର ଚଟାଣ ଓ ୫ଟି ଷ୍ଟେନ୍‌ଲେସ ବିମ୍ କାର୍ଯ୍ୟ ଶେଷ ହେବ। ଭିତର ରତ୍ନଭଣ୍ଡାର କବାଟ ସୁନା ଛାଉଣି ସହିତ ବାହାର ରତ୍ନଭଣ୍ଡାର କବାଟ ରୁପା ଛାଉଣି କରାଯିବ। ଗର୍ଭଗୃହରେ ଥିବା ଜାଲି କାଠକୁ ଷ୍ଟେନ୍‌ଲେସ ଷ୍ଟିଲ୍ କରାଯିବ ବୋଲି ଆଲୋଚନା ହୋଇଛି। ସେହିପରି ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ୍ ୨୯ରୁ ଜୁନ୍ ୨୭ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି, ଚନ୍ଦନ ଯାତ୍ରା ନୀତି କାନ୍ତି ଚାଲିଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିଛି। ଗତ ଡିସେମ୍ବର ୧୭ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୪ମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ୫ ମିନିଟ୍ କାର୍ଯ୍ୟ ହୋଇଛି। କିନ୍ତୁ ପୂର୍ଣ୍ଣାଙ୍ଗ ମରାମତି ହୋଇପାରି ନାହିଁ। ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିବା ବେଳେ ଚଟାଣ କାମ ବାକି ରହିଛି। ଭିତର ରତ୍ନଭଣ୍ଡାରରେ ୯ଟି ଷ୍ଟେନଲେସ ବିମ୍ ଲାଗିସାରିଛି। ବାହାର ରତ୍ନଭଣ୍ଡାରରେ ୫ଟି ଷ୍ଟେନ୍‌ଲେସ ବିମ୍ ଲାଗିବ। ନଷ୍ଟ ହୋଇଥିବା ପଥରଗୁଡ଼ିକ ମଧ୍ୟ ପରିବର୍ତ୍ତନ କରାଯିବ। ଜୁନ୍ ୨୮ରୁ ଜୁଲାଇ ୬ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ଅଧିକ ମରାମତି କାର୍ଯ୍ୟ ଶେଷ କରାଯିବ। ଏହା ସହ ପାର୍ଶ୍ୱ ଦେବଦେବୀ ମନ୍ଦିର ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ରାମ୍ପ ବ୍ୟବସ୍ଥା ଶେଷ ପାଇଁ ଉଦ୍ୟମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ବୈଷୟିକ କମିଟି ଏବଂ ଏଏସ୍ଆଇ ଓ ସମନ୍ୱୟ କମିଟି ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ସମୟରେ ଯେଉଁ ସମୟ ମିଳୁଛି, ସେହି ସମୟ ମଧ୍ୟର ସଂରକ୍ଷଣ, ମରାମତି କାମ କରାଯିବ ତାହା ଉପରେ ଆଲୋଚନା କରାଯାଇଛି। ରଥଯାତ୍ରା ପରଦିନଠାରୁ ବାହାର ରତ୍ନଭଣ୍ଡାର କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। ରତ୍ନଭଣ୍ଡାର କେମିକାଲ କାର୍ଯ୍ୟ ଶେଷ କରାଯିବା ସହ ଲୁହା ବିମ୍ କଢ଼ାଯିବ। ଜଗମୋହନ କାର୍ଯ୍ୟ ଯାହା ରହିଛି ତାହା ଶେଷ କରାଯିବ। ନାଟମଣ୍ଡପରେ ଏସି ବ୍ୟବସ୍ଥାକୁ ନେଇ ଏଏସ୍ଆଇକୁ ପ୍ରସ୍ତାବ ଦିଆଯିବ। ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବ।

## ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ

କଟକ,୧୬।୫(କାର୍ତ୍ତିକ ସାହୁ):ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୪ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡର ୱେବ୍‌ସାଇଟ୍ www.bseodisha.ac.inରୁ ପରୀକ୍ଷାର୍ଥୀମାନେ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଏହି ପରୀକ୍ଷାର ଷ୍ଟେଜ-୧ ଓ ଷ୍ଟେଜ-୨ରେ ମୋଟ ୯୪,୩୩୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମଗ୍ର ରାଜ୍ୟର ୫୫୩ଟି କେନ୍ଦ୍ରରେ ୨୦୨୫ ଏପ୍ରିଲ ୯ରେ ପରୀକ୍ଷା ହୋଇଥିଲା।

# ପୂର୍ବତନ ଏଇଇଙ୍କ ୧.୮୩ କୋଟିର ସମ୍ପତ୍ତି ଆଟାଚ୍

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଭୁବନେଶ୍ୱର,୧୬।୫(ସତ୍ୟଜିତ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇଥିବା ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ମଣ୍ଡଳର ପୂର୍ବତନ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ରବୀନ୍ଦ୍ର ନାଥ ପ୍ରଧାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରବୀନ୍ଦ୍ର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ଥିବା ୧.୮୩ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଆଟାଚ୍ କରିଥିବା ଶୁକ୍ରବାର ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛି। ଏହି ସମ୍ପତ୍ତିରେ ଜମି ଓ କୋଠା ରହିଛି। ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୦ ଅକ୍ଟୋବର ୨୧ରେ ରବୀନ୍ଦ୍ରଙ୍କ ଘର ସମେତ ୬ଟି ସ୍ଥାନରେ ଚଢ଼ାଉ କରିଥିଲା। ଯାଞ୍ଚରେ ବାଲିପାଟଣା ଅଞ୍ଚଳରେ ୪୮ଟି ଫ୍ଲାଟ୍, ଭୁବନେଶ୍ୱରରେ ୨ଟି ଦୁଇ ମହଲା କୋଠା, ଭୁବନେଶ୍ୱର ଓ ଗଞ୍ଜାମରେ ୮ଟି ପ୍ଲଟ୍, ୨ଟି କାର୍ ଓ ୭୨.୮୨ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଠାବ କରିଥିବା ଭିଜିଲାନ୍ସ। ମୋଟ ୫.୨୧ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା। ଏନେଇ ଏକ ମାମଲା ରୁଜୁ କରି ରବୀନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଭିଜିଲାନ୍ସ ଏଫ୍ଆଇଆର୍‌କୁ ଆଧାର କରି ଇଡି ବେଆଇନ ଅର୍ଥ କାରବାର ଦିଗକୁ ନେଇ ତଦନ୍ତ କରିଥିଲା।

# ରାମହରି ଦାସଙ୍କୁ 'ଗୁରୁ ବନମାଳୀ ମହାରଣା ସ୍ମୃତି ସମ୍ମାନ'



ଅତିଥିମାନେ ଓଡିଶୀ କଣ୍ଠଶିଳ୍ପୀ ପ୍ରଫେସର ଗୁରୁ ରାମହରି ଦାସଙ୍କୁ 'ଗୁରୁ ଡ. ଶ୍ରୀ ବନମାଳୀ ମହାରଣା ସ୍ମୃତି ସମ୍ମାନ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୬।୫
(ସୌମ୍ୟରଞ୍ଜନ ରାଉତ)

ମର୍ଦ୍ଦଳ ଏକାଡେମୀ ଭୁବନେଶ୍ୱର, ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଏବଂ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଓଡିଶୀ ମର୍ଦ୍ଦଳଗୁରୁ ଡ. ବନମାଳୀ ମହାରଣାଙ୍କ ୮୪ତମ ସ୍ୱନକ୍ଷତ୍ର ମହୋତ୍ସବ ଶୁକ୍ରବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ ଉତ୍କଳ ରଙ୍ଗମଞ୍ଚଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶୀ କଣ୍ଠଶିଳ୍ପୀ ପ୍ରଫେସର ଗୁରୁ ରାମହରି ଦାସଙ୍କୁ 'ଗୁରୁ ଡ. ଶ୍ରୀ ବନମାଳୀ ମହାରଣା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି। ପରେ କଳାକାରଙ୍କ ଦ୍ୱାରା ବାଦ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଭାପତି ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ସମ୍ପାଦକ ଗୁରୁ ପ୍ରଫୁଲ୍ଲ ମହାରାଜଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପଇଡ଼ ପାଇଁ ହତ୍ୟା

**ମୁଖ୍ୟ ଅଭିଯୁକ୍ତ ନାବାଳକ ଓ ସହଯୋଗୀ ଅଟକ**





ଘଟଣାସ୍ଥଳରେ ଲୋକଙ୍କ ଭିଡ ଓ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର।

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ମଶାଣିଚଣ୍ଡୀ ସାହିରେ ପଇଡ଼ତୋଳାକୁ ନେଇ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି, ଯାହାକୁ ନେଇ ପୁରୀରେ ଆଲୋଡ଼ନ ସୃଷ୍ଟି ହୋଇଛି। ମଶାଣି ଚଣ୍ଡୀ କମିଟି ସମ୍ପାଦକ କୁନା ବେହେରା ଓରଫ ନରସିଂହଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଲଙ୍କାଗୁଣ୍ଡ ମାଡ଼କରି କେତେଜଣ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ପୋଲିସ ହତ୍ୟାକାଣ୍ଡ ଘଟଣାରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କୁନା ବେହେରା ମା'ମଶାଣି ଚଣ୍ଡୀ ପୀଠ କମିଟି ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଥିଲେ। ପୀଠ ନିକଟ ବେହେରାସାହିରେ ତାଙ୍କ ଘର ଥିବାବେଳେ ସେ ଏକାକୀ ରହୁଥିଲେ। ପତ୍ନୀ ଓ ପିଲାମାନେ ବାପାଙ୍କ ଘରେ ରହୁଛନ୍ତି। ଦୁଇ ଦିନ ତଳେ ମଶାଣିଚଣ୍ଡୀ ପୀଠରୁ ନାବାଳକଙ୍କ ବାପା ବିଷ୍ଣୁ ଭୋଇ ପଇଡ଼ ଚୋରି କରୁଥିଲେ। ସେଠାରେ କୁନା ପହଞ୍ଚି ତାଙ୍କୁ ପାଟି କରିଥିଲେ। ଆଉ ଏମିତି ନ କରିବାକୁ ଚେତାବନୀ ଦେଇଥିଲେ। ବିଷ୍ଣୁ ଘରକୁ ଫେରି ଏ ସମ୍ପର୍କରେ ପୁଅମାନଙ୍କୁ କହିଥିଲେ। ଗୁରୁବାର ପୁଅମାନେ ସମ୍ପାଦକ କୁନାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିଥିଲେ। ସେଠାରେ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ପରେ ବିଷ୍ଣୁଙ୍କ ପୁଅ ଓ ସହଯୋଗୀମାନେ ବିଳମ୍ବିତ ରାତିରେ କୁନାଙ୍କ ଘରକୁ ଯାଇ ଲଙ୍କାଗୁଣ୍ଡ ମାଡ଼ କରିବା ସହ ହତ୍ୟା କରିଥିଲେ।

ଏନେଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ମଶାଣିଚଣ୍ଡୀ ମନ୍ଦିର ପାଖରେ ଥିବା ନଡ଼ିଆଗଛରୁ ପୂର୍ବରୁ ବହୁଥର ପଇଡ଼ ଚୋରି ହେଉଥିଲା। ବିଷ୍ଣୁ ପଇଡ଼ ତୋଳୁଥିବା ବେଳେ କୁନା ତାଙ୍କୁ ବିରୋଧ କରିଥିଲେ। ଘଟଣାକୁ ନେଇ ଉକ୍ତ ବ୍ୟକ୍ତିଙ୍କ ପୁଅ ଗୁରୁବାର ସନ୍ଧ୍ୟାରେ ନରସିଂହ ଓରଫ କୁନାଙ୍କ ଘରକୁ ଯାଇ ପାଟିତୁଣ୍ଡ କରିଥିଲେ। ପରେ ରାତି ଅଧରେ ସେ ଓ ତାଙ୍କ ସହଯୋଗୀ ଆସିଥିଲେ। ଏହି ସମୟରେ କୁନା ବାହାରୁ ଗ୍ରୀଲ୍ ବନ୍ଦ କରି ଅଗଣାରେ ଶୋଇଥିଲେ। ଅଭିଯୁକ୍ତମାନେ କାନ୍ଥ ଡେଇଁ ଭିତରକୁ ଯାଇ କୁନାଙ୍କ ଉପରକୁ ଲଙ୍କାଗୁଣ୍ଡ ମାଡ଼ କରିବା ସହ ହତ୍ୟା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ ନାବାଳକ ଏବଂ ତାଙ୍କର ଜଣେ ସହଯୋଗୀଙ୍କୁ ଅଟକ ରଖି ତଦନ୍ତ କରାଯାଉଛି।

ମୃତ କୁନାଙ୍କ ବଡ଼ଭାଇ କହିଛନ୍ତି, ଗୁରୁବାର ରାତିରେ ପୋଲିସ ତାଙ୍କୁ ସୂଚନା ଦେଇଥିଲା କି ତାଙ୍କ ସାନଭାଇଙ୍କୁ ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଛି ବୋଲି ପୋଲିସ ସୂଚନା ଦେଇଛି। ଅପରପକ୍ଷରେ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସିଟି ଡିଏସ୍‌ପି ସାହୁ କହିଛନ୍ତି। ମୃତକଙ୍କ ଶବକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ମେଡିକାଲ ପଠାଇବା ସହ ୮୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଭୁବନେଶ୍ୱର ମଧ୍ୟ, ସୋର ବିଧାୟକଙ୍କ ଆବେଦନ ଖାରଜ

**ଉଭୟଙ୍କ ବିରୋଧରେ ଚାଲିବ ନିର୍ବାଚନୀ ଅନିୟମିତତା ମାମଲା**

କଟକ,୧୬।୫(କାର୍ତ୍ତିକ ସାହୁ)

ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ତାଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରାଙ୍କ ଅଦାଲତ ଅନନ୍ତଙ୍କ ଆବେଦନକୁ ଖାରଜ କରିବା ସହ ତାଙ୍କ ବିରୋଧରେ ରୁଜୁ ମାମଲାର ବିଚାର ଚାଲିବ ବୋଲି ଶୁକ୍ରବାର ଶୁଣାଣିରେ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ଗତ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ଜେନା ନିର୍ବାଚନରେ ଅନିୟମିତତା କରିଥିବା ନେଇ ପରାଜିତ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ପ୍ରସ୍ତାବକ ଗୋରାଚାନ୍ଦ ମଙ୍ଗରାଜ ହାଇକୋର୍ଟରେ ଆବେଦନ କରିଥିଲେ। ବିଜେଡି ବିଧାୟକ ଅନନ୍ତଙ୍କ ବିଜୟକୁ ଖାରଜ କରିବା ପାଇଁ ସେ ଆବେଦନରେ ଦର୍ଶାଇଛନ୍ତି।

ସେହିପରି ସୋର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ମାଧବ ଧଡ଼ା ତାଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ମାମଲା ଆବେଦନ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ରଙ୍କ ଅଦାଲତ ଆବେଦନକୁ ଖାରଜ କରିବା ସହ ତାଙ୍କ ବିରୋଧରେ ରୁଜୁ ମାମଲାର ବିଚାର ଚାଲିବ ବୋଲି ଶୁଣାଣିରେ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ଗତ ସାଧାରଣ ନିର୍ବାଚନରେ ସୋର ବିଧାନସଭା ନିର୍ବାଚନମଣ୍ଡଳୀର ପରାଜିତ ଭାଜପା ପ୍ରାର୍ଥୀ ପର୍ଶୁରାମ ଧଡ଼ା ବିଜେଡି ବିଧାୟକ ମାଧବଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ମାମଲା ରୁଜୁ କରିଛନ୍ତି। ମାଧବ ପ୍ରାର୍ଥୀପତ୍ର ଦାଖଲ ବେଳେ ଅନିୟମିତତା କରିଥିବା ଅଭିଯୋଗ ଉଠାଇ ତାଙ୍କ ବିଜୟ ଖାରଜ କରିବା ପାଇଁ ପର୍ଶୁରାମ ଆବେଦନରେ ଦର୍ଶାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରବି



@ ମାନସ



@ ଜିତେନ୍ଦ୍ର



@ ଦୀପକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାକିରି ଆଳରେ ୫୮.୭୫ ଲକ୍ଷ ଠକେଇ

**କନ୍‌ସଲଟାନ୍ସି ସଂସ୍ଥା ମୁଖ୍ୟ ଗିରଫ**

- ୫ ମାମଲା ରୁଜୁ, ବଢ଼ୁଛି ଅଭିଯୋଗ
- ଚାକିରି ପାଇଁ ଟଙ୍କା ନ ଦେବାକୁ ଡିସିପିଙ୍କ ପରାମର୍ଶ

ଭୁବନେଶ୍ୱର,୧୬।୫(ସତ୍ୟଜିତ ରାଉତ)

କନ୍‌ସଲଟାନ୍ସି ସଂସ୍ଥା ଖୋଲି ବିଛାଇଥିଲେ ଠକେଇ ଜାଲ। ଟାର୍ଗେଟରେ ଥିଲେ ଚାକିରି ଆଶାୟୀ। ଚାକିରି କରାଇଦେବା ଆଳରେ ୫ଜଣଙ୍କଠାରୁ ୫୮.୭୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ସଂଯୋଗ କନ୍‌ସଲଟାନ୍ସି ସଂସ୍ଥାର ମାଲିକ ଶୋଭନ ରଞ୍ଜନ ବେହେରା। ଅଭିଯୁକ୍ତ ଶୋଭନଙ୍କଠାରୁ ପୋଲିସ ୬ ଲକ୍ଷ ଟଙ୍କା ଜବତ କରିଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୂର୍ବରୁ ଶୋଭନ ନୟାପଲ୍ଲୀ ଥାନା ଅନ୍ତର୍ଗତ ପ୍ଲଟ୍ ନଂ. ଏନ୍୧/୧୧୫ରେ ଏକ ସଂସ୍ଥା ଖୋଲିଥିଲେ। ପରେ ଝାରପଡ଼ାରେ ସଂଯୋଗ କନ୍‌ସଲଟାନ୍ସି ନାମରେ ଅଫିସ ଚଳାଉଛନ୍ତି। ବିଶେଷକରି ଘରୋଇ ସଂସ୍ଥାରେ ଚାକିରି ଦେବାକୁ କହି ଶୋଭନ ଆଶାୟୀମାନଙ୍କୁ ଫସାଉଥିଲେ। ଠକେଇର ଶିକାର ହୋଇଥିବା ବୌଦ୍ଧ ଜିଲା ରାମଗଡ ଅଞ୍ଚଳର ଦେବବ୍ରତ କର୍ଣ୍ଣ ଗତ ଫେବୃଆରୀ ୨୩ରେ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ୨୦୨୩ରେ ଶୋଭନ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୬ ଲକ୍ଷ ଟଙ୍କା ଠକି ନେଇଥିବା ଦେବବ୍ରତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୨୩/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତ ଶୋଭନ ଗିରଫ ହେବା ପରେ ତାଙ୍କ ବିରୋଧରେ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଥିଲା। ୪ଜଣ ଯୁବକ ଆସି ଭିନ୍ନ ଭିନ୍ନ ଅଭିଯୋଗ କରିଥିଲେ। ଶୋଭନ ଚାକିରି ଦେବା ଆଳରେ ମଞ୍ଚେଶ୍ୱରର ବିଶ୍ୱରଞ୍ଜନ ଦାଶଙ୍କଠାରୁ ୧୫ ଲକ୍ଷ, ବୌଦ୍ଧ ଜିଲା ଛତ୍ରଙ୍ଗା ଅଞ୍ଚଳର ସୌମ୍ୟରଞ୍ଜନ ପଟ୍ଟନାୟକଙ୍କଠାରୁ ୧୧ ଲକ୍ଷ, ସୁଧାଂଶୁ ଶେଖର ପାତ୍ରଙ୍କଠାରୁ ୧୧ ଲକ୍ଷ ଏବଂ ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ଦୈତାରୀ ବେହେରାଙ୍କଠାରୁ ୧୫ ଲକ୍ଷ ୭୫ ହଜାର ଟଙ୍କା ନେଇ ଠକିଥିବା ଅଭିଯୋଗ ହୋଇଥିଲା। ୨୦୨୩ରେ ଏସବୁ ଠକେଇ ହୋଇଥିଲା। ଏହି ୪ଟି ଘଟଣାରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ଏଭଳି ଆଉ କେତେଜଣ ଆଶାୟୀଙ୍କୁ ଶୋଭନ ଠକିଥିବା ପୋଲିସ ସନ୍ଦେହ କରୁଛି। ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି, ଶୋଭନଙ୍କ ବିରୋଧରେ ଆଗକୁ ମାମଲା ସଂଖ୍ୟା ବଢ଼ିପାରେ। ତେବେ ଯୁବପିଢ଼ି ଏଭଳି ଠକେଇରେ ନ ପଡ଼ିବାକୁ ଡିସିପି ପରାମର୍ଶ ଦେଇଛନ୍ତି। କେହି ଚାକିରି କରାଇଦେବାକୁ କହି ପ୍ରଥମେ ଟଙ୍କା ମାଗିଲେ ସ୍ଥାନୀୟ ଥାନାରେ ଅଭିଯୋଗ ଦେବାକୁ ସେ ଅପିଲ କରିଛନ୍ତି।



ଗିରଫ ଅଭିଯୁକ୍ତ ଶୋଭନ ରଞ୍ଜନ ବେହେରା ଓ ଜବତ ଟଙ୍କା।

# ଆଜି ବସିପାରେ ବିଜେଡିର ପ୍ରଥମ ପିଏସି ବୈଠକ

**ଭୁବନେଶ୍ୱର, ୧୬ା୫ (ସୁନିତ୍ ମିଶ୍ର)** ବିଜେଡିର ପ୍ରଥମ ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଶନିବାର ହୋଇପାରେ। ଦଳ ୨୫ ବର୍ଷ ପରେ ପ୍ରଥମକରି ପିଏସି ଗଠନ କରିଛି। ଏଥିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅଧ୍ୟକ୍ଷ ଥିବାବେଳେ ୯ ଜଣ ସଦସ୍ୟ ରହିଛନ୍ତି। ଏହି ୯ ସଦସ୍ୟଙ୍କୁ ନେଇ ନବୀନ ପ୍ରଥମ ବୈଠକ କରିବାକୁ ଯାଉଥିବାବେଳେ କେଉଁ ପ୍ରସଙ୍ଗ ଉପରେ ଆଲୋଚନା ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ୨୦୨୪ ନିର୍ବାଚନରେ ବିଜେଡିର ଦୁର୍ବଳ ପ୍ରଦର୍ଶନକୁ ନେଇ ଦଳରେ ବିଶୃଙ୍ଖଳା ଦେଖାଯାଇଛି। ଭି.କେ. ପାଣ୍ଡିଆନ୍ ଏବଂ ପ୍ରଣବ ପ୍ରକାଶ ଦାସଙ୍କୁ ବିଭିନ୍ନ ଆଡ଼ୁ ବିରୋଧ କରାଯାଉଥିଲା। ତେଣୁ ଉକ୍ତ ବୈଠକରେ ନିଆଯିବାକୁ ଥିବା ରାଜନୈତିକ ନିଷ୍ପତ୍ତି ଉପରେ ନଜର ରହିଛି।

# ୨୧ରେ ରାଜଭବନ ଆଗରେ ବିଜେଡିର ଗଣଧାରଣା

## ଏସ୍‌ଇବିସି ଛାତ୍ରୀଛାତ୍ରଙ୍କୁ ସବୁ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦାବି



**ଭୁବନେଶ୍ୱର, ୧୬ା୫ (ସୁନିତ୍ ମିଶ୍ର)** ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ୧୧.୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ନେଇ ଭାଜପା ସରକାର ଘୋଷଣା କରିବା ଏବଂ ଏହାକୁ ଐତିହାସିକ ନିଷ୍ପତ୍ତି ବୋଲି କୁହାଯିବା ଏକ ଧୋକା ଓ ପ୍ରବଞ୍ଚନା ବୋଲି ବିଜେଡି ଅଭିଯୋଗ କରିଛି। ଏସ୍‌ଇବିସି ବା ଓବିସି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦାବିରେ ବିଜେଡି ଆସନ୍ତା ୨୧ରେ ଆନ୍ଦୋଳନକୁ ଓହ୍ଲାଇବା ସହ ରାଜଭବନ ଘେରାଉ କରିବ ବୋଲି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି। ଶଙ୍ଖ ଭବନରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଓବିସି ସେଲ୍ ଆବାହକ ଅରୁଣ କହିଛନ୍ତି, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ୧୧.୨୫% ସ୍ଥାନ ସଂରକ୍ଷଣ ପାଇଁ ଘୋଷଣା ପଛୁଆବର୍ଗଙ୍କ ଲାଗି ବିଶ୍ୱାସଘାତକତା। ପ୍ରକାଶିତ ବିଜ୍ଞପ୍ତିରୁ ସ୍ପଷ୍ଟ ହୋଇଛି, ଏହା କେବଳ ଅଣବୈଷୟିକ ଓ ଅଣ ବୃତ୍ତିଗତ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ। ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟ ସରକାରଙ୍କ ତରଫରୁ ପଛୁଆବର୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି ସେଠାରେ ଥିବା ଆସନଗୁଡ଼ିକ ପ୍ରାୟତଃ ଖାଲି ପଡ୍ରୁଛି। ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗଙ୍କ ନିମନ୍ତେ ୨୭% ଆସନ ସଂରକ୍ଷଣ ଦାବିକରି ୨୧ରେ ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ସେ କହିଛନ୍ତି।

# 'ଅପରେଶନ ସିନ୍ଦୂର' ନାରୀ ସମ୍ମାନର ଅଭିନବ ସମାହାର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରେ ଶୁକ୍ରବାର ଆୟୋଜିତ ସିନ୍ଦୂର ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ ଅନ୍ୟମାନେ।

## ମିଶନ ଶକ୍ତି ପକ୍ଷରୁ ସିନ୍ଦୂର ଯାତ୍ରା ଆୟୋଜିତ

**ଭୁବନେଶ୍ୱର, ୧୬ା୫ (ସୁନିତ୍ ମିଶ୍ର)** ମିଶନ ଶକ୍ତି ପକ୍ଷରୁ ଅପରେସନ ସିନ୍ଦୂରର ସଫଳତା ପାଳନ ଅବସରରେ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରେ ଶୁକ୍ରବାର ଆୟୋଜିତ ସିନ୍ଦୂର ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଅପରେଶନ ସିନ୍ଦୂର କେବଳ ଏକ ନାମ ନୁହେଁ, ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏହା ଏକ ଅଭିନବ ସମାହାର। ଆମ ବୀର ଯବାନମାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ବିଭାଗ ଦ୍ୱାରା ମୁଖ୍ୟତଃ ମହିଳାମାନଙ୍କୁ ନେଇ ଆୟୋଜିତ ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନ ରୋଡ୍‌ଠାରୁ ଆରମ୍ଭହୋଇ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ଯୋଗଦେଇଥିବା ବେଳେ ଭାରତୀୟ ନୌସେନାର ସର୍ଜେଣ୍ଟ ଲ୍ୟୁଟ୍‌ନାଣ୍ଟ କମାଣ୍ଡର, ଅନନ୍ୟା ଦଳବେହେରା ଓ ପହଲଗାମ୍‌ଠାରେ ଶହୀଦ ହୋଇଥିବା ପ୍ରଶାନ୍ତ ଶତପଥୀଙ୍କ ଧର୍ମପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଉପସ୍ଥିତ ରହି ଏହି ଅପରେଶନ ସିନ୍ଦୂର ସଫଳତାର ପଦଯାତ୍ରାରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଛନ୍ତି, ଭାରତୀୟ ନାରୀଟିଏ ମଥାରେ ସିନ୍ଦୂର ପିନ୍ଧିଲା ସମୟରେ ଏହା ସଂକଳ୍ପ ନେଇଥାଏ ଯେ ସେ ନିଜ ସ୍ୱାମୀ ଓ ପରିବାର ପାଇଁ ସମସ୍ତ ବାଧାବିଘ୍ନ ସହି ଏକ ସୁଦୃଢ଼ କବଚ ଭାବେ ସୁରକ୍ଷା ଦେବ। ସିନ୍ଦୂର ରଙ୍ଗ ନାଲି। ଏହି ନାଲି ରଙ୍ଗ ବିଜୟ ଏବଂ ବିପଦର ପ୍ରତୀକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସିନ୍ଦୂରର ନାଲି ରଙ୍ଗକୁ ଶତ୍ରୁମାନଙ୍କ ପାଇଁ ବିପଦ ଏବଂ ଭାରତବାସୀଙ୍କ ପାଇଁ ବିଜୟର ସଙ୍କେତ ଦେବ। ଏହି ମିଶନର ନାଁ ଅପରେଶନ ସିନ୍ଦୂର ରଖିଥିଲେ ବୋଲି ସେ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ନର୍ଲା ବିଧାୟିକା ମନୋରମା ମହାନ୍ତି, ହିଞ୍ଜିଳି ବିଧାୟିକା ସାମାରାଣୀ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ସଚିବ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ସାମାଜିକ କର୍ମୀ ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା

## ଶିକ୍ଷାରେ ଏସ୍‌ଇବିସିଙ୍କ ପାଇଁ ୧୧.୨୫% ସଂରକ୍ଷଣ ପ୍ରସଙ୍ଗ

**ଭୁବନେଶ୍ୱର, ୧୬ା୫ (ସୁନିତ୍ ମିଶ୍ର)** ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅନ୍ୟାନ୍ୟ ପଛୁଆବର୍ଗ ମୋର୍ଚ୍ଚାର ଅନେକ ଶହ କର୍ମକର୍ତ୍ତା ଓ ବିଭିନ୍ନ ଜାତି ସଙ୍ଗଠନର ସଦସ୍ୟମାନେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗଙ୍କ ପାଇଁ ୧୧.୨୫% ସଂରକ୍ଷଣ କରିଥିବାରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ମେ ୧୪ରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବାବେଳେ ଏହା ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗୁହେବ। ପୂର୍ବରୁ ଓଡ଼ିଶାରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ୧୧.୨୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ଶିକ୍ଷା କ୍ଷେତ୍ରରେ ଏହା ଲାଗୁ କରିବା ପାଇଁ ଦୀର୍ଘଦିନର ଦାବି ରହିଥିଲା। ଏହି ନିଷ୍ପତ୍ତି ଦ୍ୱାରା ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରମାନଙ୍କ ଶିକ୍ଷାକ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଥିବା ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରତ ବିଶ୍ୱାଳଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ଢେଙ୍କାନାଳ ଜିଲ୍ଲାର ଓବିସି ମୋର୍ଚ୍ଚା କର୍ମକର୍ତ୍ତା ଓ ସଦସ୍ୟମାନେ ସହ ଓବିସି ଛାତ୍ର ସଙ୍ଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। କଳିଙ୍ଗ ପାଇକ ସଙ୍ଗଠନ, ଉତ୍କଳ ବିକାଶ ପରିଷଦ, ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଉତ୍କଳ ଚାଷା ମହାସଭା, ନିଖିଳ ଉତ୍କଳ ଶୁଣ୍ଡି ସମାଜ, ନିଖିଳ ଉତ୍କଳ ବାରିକ ମହାସଂଘ, ଗଞ୍ଜାମ କାଳଞ୍ଜି ଖଣ୍ଡାୟତ ସମାଜ, ପଛୁଆବର୍ଗ ଜନସାମୁଖ୍ୟ, ତୈଳିକ ବୈଶ୍ୟ ମହାସଂଘର ସଦସ୍ୟମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।


## DIRECTORATE OF AVIATION, ODISHA
## BPI AIRPORT, BHUBANESWAR

**No.JJ-11:** ବିଜ୍ଞାପନ

ଚୌକିଦାର-ଲିଙ୍ଗରାଜ ଭୂୟାଁ, କ୍ୱାର୍ଟର ନମ୍ବର ଏଫ୍-୮୩/୨, ଗ୍ରାମ/ପୋଷ୍ଟ-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ।

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ତା.୨୬.୦୮.୨୦୧୯ ଠାରୁ ବେସାମୟିକ ଛୁଟିରେ ଅଛନ୍ତି । ଆପଣ ନିଜ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଅନୁପସ୍ଥିତ ରହିଅଛନ୍ତି । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ ଏପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କି କୌଣସି ପ୍ରକାର ସ୍ପଷ୍ଟୀକରଣ ଦେଉନାହାନ୍ତି । ଆପଣଙ୍କ ଏତାଦୃଶ୍ୟ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି ।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶର ପନ୍ଦର ଦିନ (୧୫ ଦିନ) ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଭୁବନେଶ୍ୱରସ୍ଥିତ ଓଡ଼ିଶା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟରେ ଯୋଗଦାନ କରିବେ, ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ
ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ,ଓଡ଼ିଶା
ବି.ପି.ଆଇ. ଏୟାର୍‌ପୋର୍ଟ, ଭୁବନେଶ୍ୱର
OIPR-38001/11/0030/2526

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No.T-22:ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୧୯.୦୫.୨୦୨୫ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା.୧୬.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0119/2526

## OFFICE OF THE DIVISIONAL FOREST OFFICER (T), BARGARH FOREST DIVISION

Near Gandhi Chowk, PO/Dist.-Bargarh, Pin-768028
email id : dfo.Bargarh@odisha.gov.in

Notice No. 02 Dt. 09.05.2025

### TENDER CALL NOTICE

**No.MM-37** : Sealed tenders are invited from registered agencies for providing manpower services of various categories of trained/experienced persons to work under Bargarh Forest Division, Bargarh for implementation of CAMPA, AJY & Other Schemes on outsourcing basis.

The tender documents (Application form with term & conditions) can be obtained in person from the Section Officer of this Division on working hours from 15 May 2025 to 29 May 2025 or can be downloaded from www.Bargarh.nic.in on payment of Rs. 500/- (Rupees Five Hundred) only non- refundable Demand Draft drawn in favour of the Divisional Forest Officer, Bargarh Forest Division, Bargarh. The application should reach in the O/o the Divisional Forest Officer, Bargarh Forest Division, Bargarh on or before 29.05.2025 upto 1.00 P.M. through Registered Post/Speed Post/Courier Service/ by Person and can also be dropped in the "Tender Box" placed in the office of the Divisional Forest Officer, Bargarh Forest Division, Bargarh. The tender will be opened on 30th May 2025 at 10.00 A.M. in the office of the Divisional Forest Officer (T), Bargarh Forest Division, in the presence of the tenderer or their authorised representative if any. The tender document received beyond the schedule date and time will not be considered at all. Details of personnel to be provided to this Division under CAMPA, AJY & Other Schemes of this Division. (Manpower for other scheme as and when required).

| Sl. No. | Name of the Position | Tentative No. of Personnel |
|---|---|---|
| 1. | Campa & State Plan<br>Forest Protection Squad/Wildlife Protection-Cum-Anti-Depredation Squad / Elephant Squad / Afforestation Monitor / GIS Expert / IPCEA Squad | 92 |
| 2 | AJY<br>AJY Co-ordinator/DEO Accountant/DEO | 06 |

The undersigned reserves the right to accept or reject any or all the tenders without assigning any reason thereof. The number of personnel's may vary as per requirement.

Sd./- Divisional Forest Officer
Bargarh Forest Division
OIPR-08057/11/0008/2526

## OFFICE OF THE NOTIFIED AREA COUNCIL : CHANDBALI

E.Mail : chandbali.nac@gmail.com, Pin : 756133 (Odisha)

### E-Procurement Notice

Tender Call Notice No. : 1143/CNB-SAN-01/2025-26/
No.C-324 Date : 15.05.2025

| | | | |
|---|---|---|---|
| 1. | Name of the Work | : | Manpower supply for Sanitation Work |
| 2. | No. of works put to Tender | : | 01 No. individual works |
| 3. | Estimated Cost | : | Rs.1,91,17,191.00 |
| 4. | Period of completion | : | 365 Days |
| 5. | Date and time of availability | : | from 10:00 hours of Dt.17.05.2025 to 17.00 hours of Dt.31.05.2025 bid document in the portal |
| 6. | Last date/Time for receipt bids | : | 17:00 hours of Dt.31.05.2025 |
| 7. | Date and time of opening of bid | : | 11:00 hours of Dt.02.06.2025 |
| 8. | Name and address of the Officer Inviting Bid | : | Executive Officer, Chandbali NAC, Chandbali |

Further details can be seen from the e-procurement portal https://tendersodisha.gov.in

Sd./- Executive Officer
Chandbali NAC
OIPR-13129/11/0005/2526

## OFFICE OF THE EXECUTIVE ENGINEER RURAL WORKS DIVISION, PADAMPUR

No.O-163
1st Corrigendum to
Tender call notice No. Online 02 of 2025-26

A. Due to some unavoidable circumstances the critical dates have been changed as given below.

| Sl. No. | Schedule of dates | As per the Tender call Notice | As per 1st corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 08.05.2025 at 10.00 A.M. | 16.05.2025 at 03.00 P.M. |
| 2. | Last date & Time for receipt of bids in the portal | 17.05.2025 upto 05.00 P.M. | 26.05.2025 upto 05.00 P.M. |
| 3. | Last date of seeking clarification | 16.05.2025 upto 0.00 P.M. | 23.05.2025 upto 5.00 P.M. |
| 4. | date & Time of bid opening | 19.05.2025 at 10.00 A.M. | 28.05.2025 at 10.00 A.M. |

B. Due to some administrative reasons the tenders for Sl. no. 5, 6, 7, 8, 9 are hereby cancelled.
All other terms and conditions remains unchanged.

Sd./- Executive Engineer,
Rural Works Division, Padampur
OIPR-25069/11/0028/2526

## CUTTACK MUNICIPAL CORPORATION

No.C-329

### "e" PROCUREMENT NOTICE

Tender Call Notice No. 6031 (PW) Date : 15.05.2025
Tender ID : 2025_ORULB_113117 (Two Bid)
Civil work - 1 No.
Date and Time schedule :

| Start | End | Opening |
|---|---|---|
| 5.00 P.M. on dt.18.05.2025 | 5.00 P.M. on dt.04.06.2025 | 12:00 P.M. on dt.06.06.2025 |

Tender Details : Can be seen from the procurement portal : www.tendersorissa.gov.in

Sd./- Executive Engineer
City Division-III, CMC
OIPR-13031/11/0181/2526

## ZILLA SWASTHYA SAMITI, BHADRAK
## DISTRICT PROGRAMME MANAGEMENT UNIT, NHM
## O/O - CDM&PHO, DIST.-BHADRAK

### NOTICE

Advt. No. 07/2025 Date : 16.05.2025

**No.E-93** : In Pursuance to the Advertisement No. 15/2024 Dated 14.11.2024 of CDM & PHO, Bhadrak, the date of document verification & detailed for the selection through In-house process has been uploaded in the district website i.e https://bhadrak.odisha.gov.in/.

**Interested Candidates may visit in the district website for details.**

Sd./- CDM & Public Health Officer-cum-DMD, Bhadrak
OIPR-10123/11/0012/2526

## OFFICE OF THE MUNICIPAL COUNCIL : KEONJHARGARH

email - keonjharm.hud@rediffmail.com

**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-03/2025-26**
**Letter No.3336/KGM/Date.14.05.2025**

**No.C-327** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in **Double cover system,** through e-Procurement.

1. Nature of work : **Civil Work**
2. No. of Work : **1 No.**
3. Value of works : **Rs.96,44,000/-**
4. Date & Time of availability of Bid document in the portal : From **16.05.2025** at 11.00 A.M. up to **04.06.2025** at 5.30 P.M.
5. Date of Opening of bid in portal : **09.06.2025** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersodisha.gov.in

Sd./- Executive Officer
Keonjhargarh Municipality
OIPR-13115/11/0027/2526

## GOVERNMENT OF ODISHA
## DEPARTMENT OF WATER RESOURCES

Office of the Additional Chief Engineer,
Drainage Circle, Balasore
No.A-177
Email id : sedebls@yahoo.com

**"e" PROCUREMENT NOTICE NO. ACEDCBLS-05/2025-26**

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of Project | : | 2 Nos. of Individual work |
| 3 | Estimated cost of individual works | : | Varies from Rs.2,93,61,803/- to Rs.3,49,66,194/- (Excluding G.S.T.) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | ACEDCBLS/DDJPR-01-05/2025-26<br>ACEDCBLS/DDJPR-02-05/2025-26 |
| 6 | Date & Time of availability of Bid document in the Portal | : | From Dt.19.05.2025 at 10.00 hours to Dt.02.06.2025 at 17.00 hours |
| 7 | Date of Opening of technical bid | : | Dt.03.06.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 8 | Date of Opening of Financial bid | : | To be uploaded in portal |
| 9 | Class of Contractor | : | Sl. No.-1 : 'B' & 'A' Class<br>Sl. No.-2 : 'A' Class |
| 10 | Bid Security/EMD | : | Sl No. : Rs.2,93,619.00<br>Sl. No.-2 : Rs.3,49,662.00 |
| 11 | Date of Lottery (if required) | : | To be notified |
| 12 | Procurement Officer/ Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer
Drainage Circle, Balasore
OIPR-32190/11/0017/2526

## DISTRICT EDUCATION OFFICE, KENDRAPARA, PM POSHAN-MDM

At-Pandiri, Po-Thakurpatna, Dist-Kendrapara, State-Odisha, Pin-754250
Email-mdmkendrapara17@gmail.com

Order No. : 3758/M Date : 15.05.2025

**SHORT TENDER CALL NOTICE FOR ENGAGEMENT OF TRANSPORTING AGENT UNDER PRADHAN MANTRI POSHAN AND MUKSHYA MANTRI POSHAN YOJANA - MDM PROGRAMME OF KENDRAPARA DISTRICT FOR THE YEAR 2025-26**

**No.n-47** : Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST clearance for undertaking transportation of rice under PM Poshan (MDM) feeding programme in Kendrapara district from 01.05.25 to 31.03.26 for the year 2025-26. The cost of tender paper is **Rs.15,000/-** which can be deposited in shape of Banker cheque or Bank Draft drawn in favour of DPMU MDM Kendrapara. The Banker Cheque or Bank Draft should be enclosed with the technical bids. Last date and time for receipt of tender paper is 04.06.25 by 1.00 P.M. positively. The quotations must be sent **through Registered Post/ Speed Post only** addressed to District Education Officer Cum District Nodal Officer (MDM) At- Duhuria, Po-Pandiri, Dist : Kendrapara, PIN-754250. Sending of quotations through couriers or by hand is not allowed. **This office will not be responsible for any postal delay**. The tender paper should be submitted in sealed cover superscribing as "TENDER FOR UNDERTAKING TRANSPORTATION WORK UNDER MDM FEEDING PROGRAMME IN KENDRAPARA DISTRICT 2025-26".

The authority reserves the right to reject any or all the tenders without assigning any reason thereof. For the details of the tender call notice and downloading the tender paper (bid documents) containing detailed specification with terms and conditions please visit Kendrapara district website https://.kendrapara.odisha.gov.in

*By Order of Collector Cum Chairman, PM Poshan-MDM, Kendrapara*
District Education Officer-Cum-District Nodal Officer, PM Poshan-MDM, Kendrapara
OIPR-27017/11/0004/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୮୪ ତା.୯.୫.୨୫

### ବିଜ୍ଞାପନ

**No.CAD-434**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତା ତିଳୋତମା ମିଶ୍ରଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ଵ ତିଳୋତମା ମିଶ୍ର<br>ସ୍ୱାମୀ-ଵ ଲୋକନାଥ ମିଶ୍ର<br>୨. ଘନଶ୍ୟାମ ମିଶ୍ର<br>ପିତା-ଵ ଲୋକନାଥ ମିଶ୍ର<br>ସା/ପୋ/ଥାନା/ଜିଲ୍ଲା-ନୟାଗଡ଼ | ଘର ନଂ.ଏଚ.ଆଇ.ଜି (ଡି) ୨୧୩, (HIG-D-213) ଧର୍ମବିହାର, ଜାଗମରା, ଭୁବନେଶ୍ୱର,ଜିଲ୍ଲା-ଖୋର୍ଦ୍ଧା | ୧.ଘନଶ୍ୟାମ ମିଶ୍ର (ପୁତ୍ର)<br>୨.ସରୋଜିନୀ ଦାସ (ବି.କନ୍ୟା)<br>୩.ସନ୍ଧ୍ୟାରାଣୀ ପଣ୍ଡା (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0616/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୮୦ ତା.୧.୫.୨୦୨୫

### ବିଜ୍ଞାପନ

**No.CAD-430**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ଵ ଦିଲ୍ଲୀପ କୁମାର ବେହେରା<br>ପିତା-ଵ ଶାନ୍ତି ନିଧି ବେହେରା<br>ସା-ମଣ୍ଡାପଡା<br>ପୋ-ଦୌଲତାବାଦ,<br>ଥାନା-ଚୌଦ୍ୱାର, ଜିଲ୍ଲା-କଟକ | ଘର ନଂ.ଭି.ଆଇ.ଏମ-୪୨୧ (VIM-421), ଚନ୍ଦ୍ରଶେଖରପୁର ଷଷ୍ଠ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ଦୀପକ କୁମାର ବେହେରା (ପୁତ୍ର)<br>୨.ବନ୍ଦିତା ବେହେରା (ସ୍ତ୍ରୀ) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0612/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୭୮ ତା.୨୮.୪.୨୫

### ବିଜ୍ଞାପନ

**No.CAD-432**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ.-ଏମ୍‌ଆଇଜି-୭୯/୧ (MIG-79/1), ଚନ୍ଦ୍ରଶେଖରପୁର ଫେଜ୍-୧, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ କବିତା ସିଂ, ସ୍ୱାମୀ-ଦୁର୍ଗାପ୍ରସାଦ ସିଂ, ସା-ଗୁଣ୍ଡି, ପୋ-ସଂସାରଫଳ, ଥାନା-ପଟ୍ଟାମୁଣ୍ଡାଇ, ଜିଲ୍ଲା-କେନ୍ଦ୍ରାପଡାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା କବିତା ସିଂ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଜିତେନ୍ଦ୍ର କୁମାର ରାଉଳ, ପିତା-ରବିନାରାୟଣ ରାଉଳ, ସା-ବଡ଼ବନ୍ଧ ସାହି, ନୂଆ ଆଳିତୁମା, ଥାନା-କାମାକ୍ଷାନଗର, ଜିଲ୍ଲା-ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0614/2526

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-425

Tender Call Notice No. H.O./P&C/EST-E-2189/01/2023/ 13803 Dated:13.05.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of Work | Estimated Cost (Approx.) | EMD | Cost of Bid document | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | "Design, Supply, Installation, Testing and Commissioning of Common Effluent Treatment Plant (CETP) alongwith 5 (Five) years of Operation and Maintenance period for Food Processing Industries in MITS FOOD Park in Rayagada in Odisha on turn key basis." | Rs.6.03 Cr. (Excluding GST) | @1% of the estimate cost put to tender | Rs.11,800/- (On-Line including GST) | 06 (Six) Calendar Months | Experienced Agencies/ Firms/ Companies or "A" Class & "Special" Class Contractors of PWD & Equivalent Class of other Departments |

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the website www.tendersodisha.gov.in from 5 PM of Dt.20.05.2025 to 5 PM of Dt.09.06.2025.
Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.

Sd./- Chief General Manager (P&C)
OIPR-14003/11/0157/2526

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, କଳାହାଣ୍ଡି
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, KALAHANDI

BHAWANIPATNA, PIN-766001, email: eemikldbpt@gmail.com

Letter No.1939 Date:16.5.2025

### 1st Corrigendum Notice Vide TCN No.01/2025-26

No.A-192:There are some changes in date and time of publication, Opening & Lottery for Tender Call Notice No. TCN No.01 of 2025-26 for 2 Nos. of works as details below due to some unavoidable circumstances.

| | Old Date & Time as per Notice | New/Modified Date & Time |
|---|---|---|
| Last date/Time of receipt bids in the portal | 25.05.2025, 5.00 PM | 26.05.2025, 5.00 PM |
| Date of Opening of Bids | 28.05.2025, 11.00 AM onwards | 28.05.2025, 11.00 AM onwards |
| Date of Transparent Lottery | 08.06.2025, 11.00 AM or Onward | 10.06.2025, 10.30 AM or Onwards |

** Other Terms & Condition remain unchanged.

Sd./-Superintending Engineer, M.I. Division, Kalahandi
OIPR-32035/11/0021/2526

# ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୯୪,୦୦୦ ଉପରେ ସୁନା ଦର

## ରୁପା ଦର ୧.୧ ଲକ୍ଷ ନିକଟବର୍ତ୍ତୀ

**ଭୁବନେଶ୍ୱର,୧୬।୫ (ଅଭୟ ଦାଶ)**



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ସୁନା ଓ ରୁପା ଦର ବଢ଼ି ଚାଲିଛି। ବର୍ତ୍ତମାନ ବିବାହ ଋତୁ ଜାରି ରହିଥିବାବେଳେ କ୍ରମାଗତ ଦର ବୃଦ୍ଧି ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କୁ ଆଶଙ୍କା ମଧ୍ୟରେ ପକାଇଦେଇଛି। ଅପରପକ୍ଷରେ ଶୁକ୍ରବାର ଜାତୀୟ ବଜାରରେ ଉଭୟ ସୁନା ଓ ରୁପା ଦର ବୃଦ୍ଧି ପାଇଛି। ନୂଆଦିଲ୍ଲୀରେ ୨୪କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୯୫,୨୮୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୮୭,୩୫୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୪୭୦ ଟଙ୍କା ଥିଲାବେଳେ ରୁପା କିଲୋ ପିଛା ୯୮,୫୯୦ ଟଙ୍କାରେ ପହଞ୍ଚିଛି। ଏପରିକି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ଭଳିବଜାରରେ ୨୪କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୯୫,୧୩୦; ୯୫,୧୩୦ ଏବଂ ୯୩,୯୩୦ ଟଙ୍କା ରହିଛି। ଏହି ବଜାରଗୁଡ଼ିକରେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୮୭,୨୦୦; ୮୭,୨୦୦ ଏବଂ ୮୬୧୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ବଜାରରେ ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୩୫୦; ୭୧,୩୫୦ ଏବଂ ୭୦,୪୫୦ ଟଙ୍କା ଥିଲାବେଳେ ରୁପା କିଲୋପିଛା ପ୍ରାୟ ୯୯,୨୦୦ଟଙ୍କାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୯୫,୦୩୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୮୭,୨୦୦ ଟଙ୍କାରେ ବିକ୍ରି ହେଉଛି। ଏପରିକି ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୩୫୦ ଟଙ୍କା ଥିଲାବେଳେ ରୁପା କିଲୋପିଛା ୧,୦୮,୦୦୦ ଟଙ୍କାରେ ପହଞ୍ଚିଛି।

# ୧ମ ତ୍ରୈମାସରେ ୩୫୮.୫୩ କୋଟି ଲାଭ

**ଭୁବନେଶ୍ୱର, ୧୬।୫ (ଅନୁରାଧା ମହାରଣା)**

PATANJALI FOODS LIMITED (Formerly known as Ruchi Soya Industries Limited)

ଯୋଗଗୁରୁ ବାବା ରାମଦେବଙ୍କ ମାଲିକାନାରେ ଥିବା କମ୍ପାନୀ ପତଞ୍ଜଳି ଫୁଡ୍ସ୍ ଲିମିଟେଡ୍ ବିପୁଳ ଲାଭ କରିଛି। କମ୍ପାନୀ ୨୦୨୫ ପ୍ରଥମ ତ୍ରୈମାସରେ ୩୫୮.୫୩ କୋଟି ଟଙ୍କାର ନେଟ୍ ଲାଭ ରିପୋର୍ଟ କରିଛି। ପୂର୍ବ ଆର୍ଥିକ ବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୭୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ କମ୍ପାନୀର ନେଟ୍ ଲାଭ ୨୦୬.୩୧ କୋଟି ଟଙ୍କା ଥିଲା। ପତଞ୍ଜଳି ଫୁଡ୍ସ୍ ଲିମିଟେଡ୍ ଗୁରୁବାର ଏକ ଷ୍ଟକ୍ ଏକ୍ସଚେଞ୍ଜ ସୂଚନାରେ କହିଛି, ଏହି ତ୍ରୈମାସିକରେ ଏହାର ମୋଟ ଆୟ ୯,୭୪୪.୭୩ କୋଟି ଟଙ୍କା ହୋଇଛି, ଯାହା ୨୦୨୩-୨୪ର ସମାନ ତ୍ରୈମାସିକରେ ୮,୩୪୮.୦୨ କୋଟି ଟଙ୍କା ଥିଲା। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ କମ୍ପାନୀର ନେଟ୍ ଲାଭ ୧,୩୦୧.୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୭୬୫.୧୫ କୋଟି ଟଙ୍କା ଥିଲା। ଏହି ଅବଧି (୨୦୨୪-୨୫) ମଧ୍ୟରେ, କମ୍ପାନୀର ମୋଟ ଆୟ ୩୪,୨୮୯.୪୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ୨୦୨୩-୨୪ ରେ ୩୧,୯୬୧.୬୨ କୋଟି ଟଙ୍କା ଥିଲା। ୨୦୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀର ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ଷେତ୍ର ୨,୨୫୭.୨ କୋଟି ଟଙ୍କାର ବିକ୍ରି ହାସଲ କରିଛି। ପତଞ୍ଜଳି ଫୁଡ୍ସ୍ ଲିମିଟେଡ୍ ଉତ୍କୃଷ୍ଟ ତ୍ରୈମାସିକ ଫଳାଫଳ ଉପସ୍ଥାପନ କରିବା ସହ ୨ ଟଙ୍କାର ଅନ୍ତିମ ଲାଭାଂଶ ଘୋଷଣା କରିଛି। ଏହା ବ୍ୟତୀତ, କମ୍ପାନୀ ପ୍ରତ୍ୟେକ ୨ ଟଙ୍କା ମୁଦ୍ରା ମୂଲ୍ୟର ଶେୟାର ଉପରେ ୮ ଟଙ୍କାର ମଧ୍ୟବର୍ତ୍ତିକାଳୀନ ଲାଭାଂଶ ମଧ୍ୟ ଜାରି କରିଛି। ଯୋଗ୍ୟ ଶେୟାରହୋଲ୍ଡରମାନଙ୍କୁ ବଣ୍ଟନ କରାଯିବାକୁ ଥିବା ମୋଟ ପରିମାଣ ପ୍ରାୟ ୭୨.୪ କୋଟି ଟଙ୍କା ହେବ। ୫.୨୮% ପର୍ଯ୍ୟନ୍ତ ଅଂଶଧନ ଧାରଣ କରିଥିବା ଖୁଚୁରା ନିବେଶକମାନଙ୍କୁ ମୋଟ ୩.୮ କୋଟି ଟଙ୍କା ପର୍ଯ୍ୟନ୍ତ ରାଶି ମିଳିବ।


**ସପ୍ତମ ଜନ୍ମ ବାର୍ଷିକୀ ଉପଲକ୍ଷେ**




**ଶ୍ରେୟାଲିନ ରାଉତ (ମାମା, ଜିନୁ)**
ଇମାମ୍ ନଗର, ଜଗତପୁର, କଟକ

ମାମା ଆଜି ତୋର ଜନ୍ମଦିନ ଉପଲକ୍ଷେ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ, ନିରାମୟ, ଯଶସ୍ୱୀ କରନ୍ତୁ ଏବଂ ତୋର ଜୀବନର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ:** ଅଜା, ଆଇ, ମାମୁ, ଜେଜେମା, ଦାଦା, ଖୁଡ଼ୀ, ଲୁସି, ଶୁଶିଆ, ଗୁଡୁଲି, ପିଙ୍କନ, ଗୁଡୁଲ ଦାଦା, ପିଇସା, ପିଇସୀ, ମଉସା, ମାଉସୀ, ଅଙ୍କିତ ଓ ମାମୁନ।
ଧ-୫୬୩


# ଇଣ୍ଡିଆନ୍ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୫**



ହାଟସାହି ଶାଖା ଉଦ୍‌ଘାଟନୀ ଅବସରରେ ଇଣ୍ଡିଆନ୍ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଇଣ୍ଡିଆନ୍ ବ୍ୟାଙ୍କର ନୂତନ ଶାଖା (ଇଣ୍ଡିଆନ୍ ବ୍ୟାଙ୍କର ହାଟସାହି ଶାଖା) ନିକଟରେ ପୁରୀ ଜିଲାର ପିପିଲି ବ୍ଲକ୍ ଅଧୀନ ହାଟସାହିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆନ୍ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ତହସିଲଦାର ହୃଷୀକେଶ ତ୍ରିପାଠୀ ଏବଂ ହାଟସାହି ସରପଞ୍ଚ ଗଣେଶ ବେହେରାଙ୍କ ସମେତ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର, ଉପ ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା ସଞ୍ଚୟ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ବଣ୍ଟନ, ଗ୍ରାମୀଣ ବିକାଶ ଏବଂ ଅଭିବୃଦ୍ଧି ପ୍ରତି ଇଣ୍ଡିଆନ୍ ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର ଏବଂ ଉପ ଆଞ୍ଚଳିକ ପ୍ରବନ୍ଧକ ଦାସ ଉତ୍ତମ ଗ୍ରାହକ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ସ୍ଥାନୀୟ ଗ୍ରାହକ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ଭବିଷ୍ୟତରେ ବ୍ୟବସାୟିକ ଅଭିବୃଦ୍ଧି ଆଣିବା ପାଇଁ ସୁନିଶ୍ଚିତ କରିଥିଲେ। ଉଦ୍‌ଘାଟନୀ ଦିବସରେ ଶାଖା ପକ୍ଷରୁ ୫୦ଟି ସଞ୍ଚୟ ଖାତା ଓ ୧୦ଟି ଆବର୍ତ୍ତୀ ଜମା ଖାତା ଖୋଲାଯାଇଥିଲା। ବର୍ତ୍ତମାନ ବ୍ୟାଙ୍କ ପକ୍ଷରୁ ଆର୍‌ଡି ସଞ୍ଚୟ ଲକ୍ଷପତି ଅଭିଯାନ ସହିତ ଅତି ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ୧୫ ମାସ ଅବଧି ପାଇଁ ଆକର୍ଷଣୀୟ ୭.୮୫ % ସୁଧହାର ପ୍ରଦାନ କରାଯାଉଛି।

# ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୬।୫**

ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ 'ଏସ୍‌ବିଆଇ ଲାଇଫସ୍ମାର୍ଟ ସିଲ୍ଡ ପ୍ରିମିୟର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ସିଲ୍ଡ ପ୍ରିମିୟର ହେଉଛି ଏକ ସ୍ୱତନ୍ତ୍ର ଟର୍ମ ଇନ୍‌ସ୍ୟୁରାନ୍ସ ସଲ୍ୟୁଶନ ଯାହାକୁ ଅଲ୍‌ଟ୍ରା-ହାଇ-ନେଟ୍-ୱର୍ଥ ଇଣ୍ଡିଭିଜୁଆଲ (ଅଲ୍‌ଟ୍ରା ଏଚ୍‌ଏନ୍‌ଆଇ) ବା ଅଧିକ ଧନୀ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏହି ନୂତନ ଉତ୍ପାଦର ପ୍ରମୁଖ ଲାଭଗୁଡ଼ିକ ହେଉଛି, ଏହି ପ୍ରିମିୟମ ଉତ୍ପାଦ ଦୃଢ଼ ନିର୍ଭରଯୋଗ୍ୟତା ସହ ଆପଣଙ୍କର ଲକ୍ଷ୍ୟକୁ ସମର୍ଥନ କରିବା ପାଇଁ ହାଇ ଭାଲ୍ୟୁ କଭରେଜ ପ୍ରଦାନ ସହ ଆପଣଙ୍କୁ ବାଧାମୁକ୍ତ ଭାବେ ଲକ୍ଷ୍ୟ ବଜାୟ ରଖିବା ସୁନିଶ୍ଚିତ କରିଥାଏ। ଏହି ପ୍ଲାନ୍ ଆପଣଙ୍କ ବୀମା ଅବଧି (ନିୟମିତ ଦେୟ) କିମ୍ବା ଏକ ସୀମିତ ଅବଧି ପାଇଁ (ସୀମିତ ଦେୟ) ପ୍ରିମିୟମ ପଇଠ କରିବାର ସୁବିଧା ପ୍ରଦାନ କରିଥାଏ। ଏହାର କଭରେଜ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଉପଲବ୍ଧ ହେଉଥିବାବେଳେ ଆପଣ ନିଜର ଆବଶ୍ୟକତା ଅନୁଯାୟୀ ନିଜର ବୀମା ଅବଧି ଚୟନ କରିପାରିବେ। ଏକ ସ୍ଥିର ଓ ପୂର୍ବାନୁମାନଯୋଗ୍ୟ ଲାଭ ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ସମ୍ପୂର୍ଣ୍ଣ ଅବଧିରେ ସ୍ଥାୟୀ ବୀମା ରାଶି ପ୍ରଦାନ କରିଥାଏ। ଏହା ବର୍ଦ୍ଧିତ ଦାୟିତ୍ୱର ଆକଳନ କରୁଥିବା କିମ୍ବା ମୁଦ୍ରାସ୍ଫୀତି ବିରୋଧରେ ସୁରକ୍ଷିତ ରହିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏକ ଉପଯୁକ୍ତ ବିକଳ୍ପ। ବୀମା ଅବଧିର ପ୍ରତି ୫ ବର୍ଷ ଶେଷରେ -ସର୍ବାଧିକ ୧୦୦% ପର୍ଯ୍ୟନ୍ତ ମୋଟ ବୀମା ରାଶି ୧୦% ଯାଏଁ ବୃଦ୍ଧି ହୋଇଥାଏ, ଯାହା ଆପଣଙ୍କର କଭରେଜ ଯେପରି ସମୟ ସହ ବୃଦ୍ଧି ହେବ ତାହା ନିଶ୍ଚିତ କରିଥାଏ।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୧୬।୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୦ (୨୦୦.୧୫) ପଏଣ୍ଟ ହ୍ରାସ ଘଟି ୮୨,୩୩୧ (୮୨,୩୩୦.୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୨ (୪୨.୩୦) ପଏଣ୍ଟ କମି ୨୫,୦୨୦ (୨୫,୦୧୯.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଜେଏଲ୍‌ଆର୍‌ର ନୂତନ ଫାସିଲିଟି ସେଣ୍ଟର

**ଭୁବନେଶ୍ୱର,୧୬।୫**

ଜେଏଲ୍‌ଆର୍ ଇଣ୍ଡିଆର ନୂତନତମ ମଡର୍ନ ଲକ୍ସରି ରିଟେଲ 'ଏମ୍ପିଓ ପ୍ରେଷ୍ଟିଜ' ଶୋ'ରୁମ୍ ଶୁଭାରମ୍ଭ ଭୁବନେଶ୍ୱର-କଟକ ନିକଟସ୍ଥ ବମ୍ପକୁଦ ନୂଆହାଟଠାରେ ଶୁଭାରମ୍ଭ କରିଛି। ଏହି ଫାସିଲିଟି କେନ୍ଦ୍ର କଟକ-ଭୁବନେଶ୍ୱର ମୁଖ୍ୟ ରୋଡ୍ ପାର୍ଶ୍ୱରେ ଅବସ୍ଥିତ ଥିଲାବେଳେ ଗୋଟିଏ ସ୍ଥାନରେ ସେଲ୍ସ, ସର୍ଭିସ୍ ଏବଂ ସ୍ପେୟାର ପାର୍ଟସ୍‌ର ଏକ ସମ୍ପୂର୍ଣ୍ଣ ସମନ୍ୱିତ କେନ୍ଦ୍ର ଭାବେ ଉଭାହୋଇଛି। ଗ୍ରାହକ ଅଭିଜ୍ଞତାର ପ୍ରତିଶ୍ରୁତି ଦେଉଥିବା ଏହି ଫ୍ୟାସିଲିଟି ସେଣ୍ଟର ସାରା ଦେଶର ଉଦୀୟମାନ ବଜାରରେ ଲକ୍ସରି ଅଭିଜ୍ଞତା ପ୍ରଦାନ କରିବା ପାଇଁ ଜେଏଲ୍‌ଆର୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଜେଏଲ୍‌ଆର୍ ଇଣ୍ଡିଆର ଏମ୍‌ଡି ରଞ୍ଜନ ଆମ୍ବା କହିଛନ୍ତି, ଏମ୍ପିଓ ପ୍ରେଷ୍ଟିଜ ସହଯୋଗରେ ଆମର ନୂତନ ଫାସିଲିଟି ସେଣ୍ଟର ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ସମଗ୍ର ଭାରତରେ ଗ୍ରାହକ ଅନୁଭୂତି ଏବଂ ସୁଗମତା ବୃଦ୍ଧି କରିବା ପାଇଁ ଜେଏଲ୍‌ଆର୍‌ର ନିରନ୍ତର ପ୍ରତିବଦ୍ଧତା ପ୍ରତି ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି। ଏହି ସମନ୍ୱିତ ଫାସିଲିଟି ପ୍ରମୁଖ ଅଭିବୃଦ୍ଧି ବଜାରରେ ବିଶ୍ୱସ୍ତରୀୟ ରିଟେଲ ଏବଂ ଆଫ୍ଟର-ସେଲ୍ସ ସର୍ଭିସ୍ ପ୍ରଦାନ କରିବା ଉପରେ ଆମର ଅବିଚଳିତ ଧ୍ୟାନକୁ ପ୍ରତିଫଳିତ କରିଥାଏ।


# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

Resort/ Cottage/ Lodge at Puri @ 19Lakhs, Offer Price Now @ 15Lakhs Contact- 9827767837. D-561

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**LEASE**

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା, Main road sideରେ ଏକ ନୂଆ Flyash ଇଟା ଫ୍ୟାକ୍ଟ୍ରି ସବୁ ସୁବିଧା ଥାଇ ଭଡା/ ବିକ୍ରି ହେବ। ଯୋଗାଯୋଗ- 8895275212 D-76454



**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

**Hostel space with 170 bed available for rent behind Trident Engineering College, Infosys, Patia. Contact- 7008181478.** D-567

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76912

Positively health benefits spa expert female therapist homely atmosphere. 9114559860. D-542

Newly open health benefits SPA by expert therapist. Contact- 8280961126. D-76913

**Relax, Refresh your body, mind at Saikrupa SPA with best therapies. 7848011468.** D-363

**AFFIDAVIT**

By virtue of an affidavit sworn before Executive Magistrate, Tihidi, dtd. 16.05.2025, I, Shashadhar Nayak (49 yrs), S/o- Late Rasananda Nayak, Vill/ P.O.- Narendrapur, P.S.- Pirahat, Dist.- Bhadrak, PIN- 756129 declare that I have changed my Daughter's name from Satadhi Nayak to Shatabdi Nayak. Henceforth, she shall be known as Shatabdi Nayak for all purposes. D-573

I, AMIT KUMAR AGRAWALA, S/o- LATE SITARAM AGRAWALA, resident of Ward No.- 12, Chitrakonda, P.O./ P.S.- Chitrakonda, Dist.- Malkangiri, PIN-764052, Odisha declare by this affidavit No.-616/2025, dtd. 16.05.2025 that now onwards I shall be known as AMIT AGRAWAL for all future purposes. D-572

I, Ajay Kumar Mohapatra, S/o- Late Biswanath Mohapatra, resident of Flat No.- 401, Plot No.- 1119, Biswanath Plaza, Tankapani Road, P.O.- Badagada Brit Colony, P.S.- Badagada, Bhubaneswar- 751018, Dist.- Khordha, Odisha, declare by this affidavit No.- 446, dated- 14.05.2025 that now onwards I shall be known as Ajaya Kumar Mohapatra for all future purposes. D-76058

By virtue of an affidavit sworn before the Notary Public, Sonepur on dated 14.05.25, I, Pujarani Muduli, W/o- Susanta Satapathy, R/o- Santinagar Pada, P.O./P.S.- Sonepur, Dist.- Subarnapur declare that after marriage my surname has been changed and I known as Pujarani Satapathy instead of Pujarani Muduli. That both the names belongs to one and same person. D-574

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit No.- 562 dated 5.5.25 sworn before the Executive Magistrate, Bargarh, I, Lingraj Meher, R/o- Village/ P.O.- Bargaon, P.S./Dist.- Bargarh, Odisha, PIN- 768038, declare that in the Aadhaar card bearing No.- xxxx xxxx 6220 of my daughter Rasmita Meher, in which her name has been wrongly mentioned as Sasmita Meher instead of Rasmita Meher. Henceforth, she shall be known as Rasmita Meher for all future purposes. D-569

By virtue of an affidavit sworn before the Executive Magistrate, Saintala, dt. 16.05.2025, I, Prafulla Kumar Nag, S/o- Late Arakhita Nag, R/o- Village- Deogaon, P.O.- Dhumabhata, P.S.- Saintala, Dist.- Balangir (Odisha), PIN.- 767026 declare that now I have changed my son's name from Pratyush Nag to Pratyush Kumar Nag. Henceforth, my son shall be known as Pratyush Kumar Nag for all purposes.
Prafulla Kumar Nag D-566

By virtue of an affidavit sworn before Notary Public, Puri, dated- 15.05.2025, I, Jayanti Dasamahapatra, Address: Matimandapasahi near Jagannath Temple, Dist.- Puri, declare that I have changed my name from Jayanti Daitapati to Jayanti Dasamahapatra. Henceforth, I shall be known as Jayanti Dasamahapatra for all purposes.
Jayanti Dasamahapatra D-571

By virtue of an affidavit sworn before the Executive Magistrate, Saintala, dated.16.05.2025, I, Kumari Bhoi, aged about 43 years, W/o- Late Tarachan Bhoi, W/o- Late Bhabasingh Bhoi, resident of village At- Khasbahal (Nuabasti, Bhadra), P.O.- Khasbahal, P.S.- Saintala, Dist.- Balangir (Odisha), PIN- 767032 declare that I have changed my name from Koushalya Bhoi to Kumari Bhoi. Henceforth I shall be known as Kumari Bhoi for all purpose.
Kumari Bhoi D-565

By virtue of an affidavit sworn before the Executive Magistrate, Nimapara on dated 08.04.2025, (Sl No. 24/2025), I, Mamata Debata, W/o- Ghanashyam Debata, resident of Village/ P.O.- Arisandha, P.S.- Nimapara, Dist.- Puri, declare that I have changed surname from "Sawn" to "Debata". Henceforth, I shall be known as "Mamata Debata" for all future purposes. D-575

By virtue of an affidavit sworn before Executive Magistrate, Danagadi, dated 07.05.2025 I, Som Jena, Address: At- Adarsh Colony, P.O.- Danagadi, P.S.- Jajpur Road, Dist.- Jajpur, PIN- 755026, Odisha declare that I have changed my name from JK SOM to Som Jena. Henceforth, I shall be known as Som Jena for all purposes. D-576

# ତୋଳାକନିଆଁ

## ଗଳ୍ପ

**ବିପ୍ଳବ**

କୋଉଠୁଁ କନିସିରି, କୋଉଠୁଁ ମଦରଙ୍ଗା ତ କୋଉଠୁଁ ସୁନୁସୁନିଆ କେରାଏ ଯାହା ପାଇଲା ଅଣ୍ଟିରେ ପୂରେଇଲା ବେଲ।

ବେଳ ଆସି ଦି' ଘଡ଼ି ହେଲାଣି। ଏ ଟାଣ ଖରାଟାରେ କିଏ ଶାଗ ଖୁଣ୍ଟେ!

ଚମ୍ପା ମା' ମନକୁ ମନ କହିଲା କାନକୁ ଦି' କାନ ନ ଶୁଭିବା ପରି।

ବୁଢ଼ା ମହାଦେବଙ୍କ କୂଅ ମୂଳରେ ଖରା ଖାଉଥିଲା ରତନୀ ବୁଢ଼ୀ। ତା' କାନ ପିଉଳରେ। ଚମ୍ପା ମା' କଥା ଶୁଣି ପଦ ମେଳିଲା, 'ମନ୍ଦିରେ ବାଜୁଛି ଗିନି, ତଡ଼ିବା ଘଇତା ନବାକୁ ଆଇଚି, କି ବୁଦ୍ଧି କରିବି ନାନୀ।'

ଦେଖେଇ ଶିଖେଇ କହିବାରେ ରତନୀ ବୁଢ଼ୀକୁ କେହି ବଳେଇ ଯିବେନି। ଆଭୁଡ଼ା ପଡ଼ି କଖାରୁ ବଢ଼ି।

ଚମ୍ପା ମା' ଧୀରେ ଧୀରେ ନିଜ ଅସନ୍ତୋଷ ପ୍ରକାଶ କଲା। ମରମ କଥାକୁ ଛାତିରେ ଚାପି ରତନୀ ବୁଢ଼ୀକୁ ପଚାରିଲା– ''କ'ଣ ହେଇଛି ଖୁଡ଼ୀ? ତମ କଥାକୁ ମିହନତକରି ବୁଝିବା ଲୋକ ଏ ବ୍ରହ୍ମାଣ୍ଡରେ ନାହାନ୍ତି। ମୁଁତଛାର। କଥାଟା ଟିକେ ଫିଟା।''

''ତୁ ତ ଆଜିକାଲିକା ଛୁଆ। ମୁଁ ତ ହେକାଳିଆ ବୁଢ଼ୀ। ତତେ କୋଉ କଥା ଅଛପା ଯେ ଚବଟାରି ହଉଚୁ? ଜାଣିନୁ... ବଗଲା ଆଇଚି। ବେଲ ଘଇତା ମ...। ବାର ନଛନା ଦେଇ ମା' ପୁଅ ତଡ଼ିଲେ। ତା' ଅଦଉତି ସହି ନ ପାରି ବରଷେ ହେବ ବୋପା ଘରେ ପଡ଼ିଛି। ଏବେ ବୁଢ଼ୀ ଦିହ ଅଠାକାଠି। ଗଙ୍ଗା ପାଣି ଦିଆହଉଚି। ମାଇପିକୁ ମାଇପି ଆତାଏ। ମରଦ କ'ଣ କରିବ। ହେଇଥିପେଇଁ ଧଉଡ଼ି ଆଇଚି। ସେଥିରେ ଇଆର ଘଇତା ସୁଆଙ୍ଗ ବଳିପଡୁଚି। ଦେଖୁନୁ ଶାଗ ତୋଳିବାକୁ ଆଣ୍ଠିଏ ଖାତରେ ପଇଚି।

ଚମ୍ପା ମା' ଲକ୍ଷ୍ୟକଲା ବେଲ ଶାଗତୋଳାରେ ବେସ୍ତ ଥିଲେ ବି କଥା ତା' କାନଯାଏଁ ପହଞ୍ଚି ଯାଉଥିବ। ସେ ଚୁପ୍‌ଚାପ୍ ବାଟ କାଟିଲା। ଯେତେହେଲେ ଗାଁ ନେଖାରେ ଝିଆରୀ। ରତନୀ ବୁଢ଼ୀର ପାଟି ଖଲଖଲ। ତା' କଥାରେ



ବାଗବାଇସ ନ ଥିଲେ ବି କେହି ଧରିବେନି। ଇଏ କାହିଁକି ଶୁକିଲାରେ ଅଉଲେଇ ହବ!

ବେଲ କାନ ପାଖରେ କଥାଗୁଡ଼ା ତାଳଫୋଟକା ପରି ଫୁଟୁଥାଏ। ରତନୀ ବୁଢ଼ୀ କଥା ଶୁଣି ପିଛିଲା ଦିନସବୁ ନଈବଢ଼ିର ଫେଣ ପରି ଆଖି ଆଗରେ ଭାସିଯାଉଛି।

ବେଲ। ନାଁଟି ଭାରି ପୁରୁଣାକାଳିଆ କହି ଗାଁ ପିଲାଏ ଚିଡ଼ାନ୍ତି। ଏମିତି କି ଝିଅ ସାଙ୍ଗ ବି। ତା' ଜେଜେମା' କହେ– ''ମୋ' ନାତୁଣୀ ଗୋରା ତକତକ ପାକେଲା ଆମ୍ବ, ଦିହରୁ ମାଛି ଖସିପଡ଼ିବ।'' ହେଲେ ଗୋଟିଏ କଳଙ୍କ ତା' ମଥାରେ ବୋଳି ହେଇ ରହିଚି। ପେଟରେ ଥିଲାବେଳେ ବାପକୁ ଖାଇଥିଲା। ମା' କିନ୍ତୁ ଦୁତୀୟ ହେଲାନି। ତାଆରି ମୁହଁକୁ ଚାହିଁ ରହିଲା। ସେଇ ଗୋଟିଏ ବୋଲି ଝୁଅ। ଆଗିଲା ପିଛିଲା କେହି ନାହିଁ। ସେଇ ପୋରୁହାଁ, ସେଇ ଦୁହାଁ।

ଦିନେ ଜାତମୁଣ୍ଡିଆ ପୋଟଳେଇଙ୍କ ଝାମୁଯାତରେ ବଗଲା ତାକୁ ଦେଖି ଲୋଭେଇ ଯାଇଥିଲା। ସେଇଠୁଁ ତା' ହାତ ଧରିବ ବୋଲି ମନ ଥୟକରି ମଧ୍ୟସ୍ଥି ହାତରେ ବେଉରା ପଠେଇଥିଲା। ବେଲ ଦେଖିବାକୁ ଭାଆରି ଘଟଣିଆ ବୋଲି ବଗଲା ରେଣ୍ଟି କଲା। ତା' ମା' ରେଣ୍ଟ ଛିଣ୍ଡେଇଲା। ଗୋଟିଏ ବୋଲି ପୁଅ, ମୂଲିଆ ଘରେ ବାହା ଦେବି, ଯାନିଯଉତୁକ କିଛି ନାଇଁ। ସେଥିରେ ପୁଣି ତୋଳାକନିଆଁ! ଏତେ ନିକୁଛିଆ କାମ? ଖାଲି ରୂପକୁ କ'ଣ ଚାଟିବ?

ବଗଲା ନଛୋଡ଼ବନ୍ଦା। ଶେଷରେ ବୁଢ଼ୀର ଟାଣପଣ ଫପସି ଯାଇଥିଲା। ଅରାଚଣ୍ଡୀ ମନ୍ଦିରରେ ହାତଗଣ୍ଠି ପଡ଼ିଥିଲା।

ଭଲ ଘର, ଭଲ ବର। ପହିଲେ ପହିଲେ ବେଲ ମନ ଗଗନରେ ଉଡ଼ିଲା। ଦିନାକେତେ ଯା'ନ୍ତେ ବେଲ ଅନୁଭବ କଲା ଯେ ଶାଶୁ ତାକୁ ଅସୁଖ ପାଉଚି। ବୁଢ଼ୀ କଥା ପଦକେ ଖୁଣ୍ଟା ଦିଏ। ଅଭେକା ଘର, ତୋଳାକନିଆଁ ଛୁଆ। ନୂଆ ନୂଆ ଅସୁଖ ଲାଗୁଥିଲା। ପୁରୁଣା ହେବା ସହ ଏ କଥା ବି ଦେହସୁଆ ହୋଇଗଲା। ଦିନେ ଭାତ ଗାଳିବା ଟାଣ ହେଇଥିଲା ବୋଲି ବୁଢ଼ୀ ତତଲା ଡାଲି ତା' ଉପରକୁ ଫୋପାଡ଼ି ଦେଇଥିଲା ଆଉ ତା' ବାଁ ହାତ ଅଧାଯାଏଁ ଫୋଟକା ହେଇଯାଇଥିଲା। ସେଇଥିରେ ଗୋଟିଏ ହାତରେ ବୁଢ଼ୀକୁ ଘଷା ଆଉଁଶା କରୁଥିଲା। ବୁଢ଼ୀର ବାତ ଦିହ। ଘଷାମୋଡ଼ା ନ ଖାଇଲେ ନିଦ ହୁଏନି। ଗୋଡ଼ ହାତ ଘୋଳାବିନ୍ଧା ହୁଏ।

ଯୋଉଦିନ ବଗଲା ମଦ ପିଇ ନଈବାଲିରେ ଶୋଦାଶୋଦି କରୁଥିଲା, ସେଦିନ କଥା ଭାବି ତା' ଛାତିରେ ଏବେ ବି ନିଆଁ ଲାଗିଯାଏ। ଶାଶୁବୁଢ଼ୀ ତ ସଞ୍ଜ ପହରୁ ଖାଇ ଶୋଇ ପଡ଼ିଥିଲେ। ବଗଲା ଖାଇବାବେଳ ଉଛୁର ହେଇଯାଇଥିଲେ ବି ସେ ଆସୁ ନଥିଲା। ରାତି ବଢୁଥିଲା। ବେଲ ପେଟ ଭିତରେ ଭୋକରେ ମୂଷା ଦୌଡୁଥାଏ। ସେ ଖାଲି ଦାଣ୍ଡବାରି ହେଉଥିଲା। ଭୁଆସୁଣୀଟା କୁଆଡ଼େ ଯିବ ରାତିରେ! ଦାଣ୍ଡ ନିଶୂନ ହେଇ ଆସୁଥିଲା। ଦାଣ୍ଡରେ ଯାଉଥିଲା ଅଧାବୟସିଆ ଲୋକଟେ ଯାକୁ ଚିହ୍ନିଲା ପରି କହିଲା, ବଗଲା ଆଜି କୋଉ ଫେରିବ, ନିଶାପାଣି କରି ନଈ ଅତଡ଼ିରେ କାହାକୁ ଶୋଧୁଚି।

ବେଲ ଛାତିରେ ଢିଙ୍କି ପାହାର ପଡ଼ିଲା। ସେ ଶୁଣୁଥିଲା ଇଏ ଲୁଚି ଲୁଚି ନିଶାପାଣି କରୁଛି। ଆଜି ସତ ଧରାପଡ଼ିଲା। ଛାତି ଦମ୍ଭକରି ଚାଲିଲା ଗାଁ ବନ୍ଧ ଆଡ଼େ, ଆକାଶରେ ମେଘଢଙ୍କା ଜହ୍ନ। ଝାପ୍ସା ଦିଶୁଥିଲା ରାସ୍ତାଘାଟ। ନଈବନ୍ଧ ପାଖରେ ଦେଖିଲା ବଗଲା ଗାଁ ମୁହାଁ। ସେଇଠୁଁ ଫେରିଲା।

ବଗଲା ତାକୁ ଚିହ୍ନିପାରିଲା ନା କ'ଣ କେଜାଣି ତା' ଆଗକୁ ଦୌଡ଼ି ଆସି ଅଟକେଇଲା ଆଉ ଧମକେଇ ପଚାରିଲା– ''ଅନ୍ଧାରରେ କୋଉ ନାଗର ପାଖକୁ ଯାଉଥିଲୁ, ମୋତେ ଦେଖି ଫେରିଆସିଲୁ?''

ବେଲ ଛାତିରୁ ଅତଡ଼ା ଖସିଲା। କାନ୍ଦ କାନ୍ଦ ହୋଇ ସେ ଘରକୁ ଦଉଡ଼ିଲା। ଘରେ ପହଞ୍ଚି ବଗଲା ପୁଣି ଗାଳି କଲା, ମାଡ଼ ଦେଲା। ବୁଢ଼ୀ ନିଦ ଭାଙ୍ଗିଲା। ସେ ଉଠି ପୁଅ କଥାରେ ଭାସିଯାଇ ବେଲକୁ ଗାଳି କଲା। ମାଡ଼ ଗାଳି ଖାଇ ମୁଣ୍ଡରେ ଅପବାଦର ବୋଝ ମୁଣ୍ଡେଇ ତହିଁ ଆରଦିନ ଶାଶୁଘରୁ ବାଟ କାଟିଲା ବେଲ।

ୟା' ଭିତରେ ଦେଢ଼ବର୍ଷ ଗତ। ମଲା କି ଗଲା ତା' ଖବର କେହି ରଖିନାହାନ୍ତି। ଅଚାନକ ଆଜି ସକାଳୁ ହାଜର ବଗଲା, ବୁଢ଼ୀର ଶେଷ ସମୟ। ବୋହୂକୁ ଖୋଜୁଚି।

ବେଲ ଆଖିରୁ ଲୁହ ପୋଛିଲା। ୟା' ଭିତରେ ଅଣ୍ଟିରେ ଅଣ୍ଟିଏ ଶାଗ ହେଇଗଲାଣି। ବଗଲା ତା' ପାଖକୁ ଲାଗି ଆସିଲା ଆଣ୍ଡିଏ ବହଳ କାଦୁଅକୁ। ଆଉ ପଚାରିଲା– ''ଆଜି କ'ଣ ଶାଗତୋଳା ସରିବନି?''

ବେଲ କିଛି ପାଟି ଫିଟେଇଲାନି।

– ''ଏଇ କ'ଣ ଭାବୁଚୁ? ରାଗିଚୁ ମୋ' ଉପରେ, ରାଗିଚୁ ମୋ' ବୋଉ ଉପରେ?''

– ''ତୋଳାକନିଆଁର କ'ଣ କାହା ଉପରେ ରାଗ କରିବାର ଅଧିକାର ଥାଏ?'' ବେଲ ଉତ୍ତର ଦେଇ ମୁହଁରେ ଲୁଗା କାନି ଜାକିଧରିଲା। ତା' ଆଖି କୋଣ ମେଘୁଆ ହୋଇ ଆସୁଥାଏ।

ବଗଲା ତଳକୁ ମୁହଁ ପୋତିଦେଲା ଆଉ ନେହୁରା ହୋଇ କହିଲା– ''ମରିବାକୁ ପଡ଼ିଥିବା ମା' ରାଣ ଖାଇ କହୁଛି ତୋ' ଉପରକୁ କେବେ ବି ହାତ ଉଠେଇବିନି କି ନିଶାପାଣି କରିବିନି।''

ବେଲ ମେଘୁଆ ଆଖିରୁ ଦୁଇଟୋପା ଲୁହ ନିଗିଡ଼ି ପଡ଼ିଲା।

ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ

### ସାହିତ୍ୟ-ବୀକ୍ଷା-ଅନ୍ୱୀକ୍ଷା




**ଲେଖକ:** ଡ. ବାବାଜିଚରଣ ପଟ୍ଟନାୟକ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ସାହିତ୍ୟ ସମାଲୋଚନା ଓ ପ୍ରବନ୍ଧାବଳୀ ସଂକଳନଟିରେ ମୋଟ ୨୮ଟି ବିଷୟ ରହିଛି, ଯହିଁରୁ କେତେକ ସମାଲୋଚନାତ୍ମକ ଓ ଆଉ କେତେକ ମୌଳିକ ପ୍ରବନ୍ଧ। 'ସାହିତ୍ୟ କାହିଁକି?', 'ସାହିତ୍ୟର ଭାଷା', 'ସାହିତ୍ୟରେ ଆଧୁନିକତା', 'ବାସ୍ତବବାଦ ଓ ଓଡ଼ିଆ ସାହିତ୍ୟ', 'ମିଥ୍ ଓ ଓଡ଼ିଆ କବିତା' ଓ 'ଘୁମୁରା' ଆଦି ପ୍ରବନ୍ଧ ଶ୍ରେଣୀରେ ଯିବ ଓ ଅନ୍ୟ ଲେଖାଗୁଡ଼ିକ ସାହିତ୍ୟ-ସମାଲୋଚନାରେ ଗଣାହେବ। ପ୍ରବନ୍ଧଗୁଡ଼ିକ ମଧ୍ୟରେ ଶେଷ ପ୍ରବନ୍ଧ 'ଘୁମୁରା' ସାହିତ୍ୟ ବିଷୟକ ନୁହେଁ, ନୃତ୍ୟ ସମ୍ପର୍କିତ (ଘୁମୁରା କଳାହାଣ୍ଡି, ସମ୍ବଲପୁର ଓ ବଲାଙ୍ଗୀର ଅଞ୍ଚଳର ଏକ ବାଦ୍ୟଭିତ୍ତିକ ନୃତ୍ୟ)। ବିଷୟ ବିବେଚନା ଦୃଷ୍ଟିରୁ ଦେଖିଲେ ଏଥିରେ କୌଣସି ସଂରଚନାଗତ ପାରସ୍ପରିକତା ଲକ୍ଷ୍ୟ କରିହୁଏ ନାହିଁ। ଏସବୁ ନାନା ସମୟରେ ନାନା ଭାବେ ଲିଖିତ ଲେଖାଗୁଡ଼ିକର ଦୁଇ-ମଲାଟ ଭିତରେ ଥଇଥାନ। ତେବେ ପ୍ରାବନ୍ଧିକ ବାବାଜିଚରଣଙ୍କ ବିଷୟ ବିଶ୍ଳେଷଣରେ ଯେଉଁ ମୌଳିକତା ଥାଏ, ତାହା ଗ୍ରନ୍ଥରେ ସର୍ବତ୍ର ସୁରକ୍ଷିତ। ସାହିତ୍ୟ-ସମାଲୋଚନାରେ ସେ ତାଙ୍କର ଅଧିତ ଜ୍ଞାନ ଓ ସ୍ୱତନ୍ତ୍ର ବିଚାରଣାକୁ ହିଁ ସର୍ବଦା ପ୍ରାଥମିକତା ଦେଇଥା'ନ୍ତି, ଯାହା ଏ ଗ୍ରନ୍ଥରେ ଉପଲବ୍ଧ। 'ସାହିତ୍ୟ କାହିଁକି?' ପ୍ରବନ୍ଧରେ ସେ କହନ୍ତି: ୧. ''ଭାଷାର ଶବ୍ଦ ନେଇ ଯା' ନାହିଁ ତାହା ଲେଖିଦେବା ସାହିତ୍ୟ ନୁହେଁ।'' ୨. ''ସାହିତ୍ୟ ଐଶୀଦତ୍ତ ପ୍ରତିଭାର ଶବ୍ଦ-ସାଧନା।'' ୩. ''ନିଜର ମାନସିକ ଶାନ୍ତି ଓ ସୁଖ ପ୍ରାପ୍ତିରେ ସ୍ରଷ୍ଟା ନିଜକୁ ନିୟୋଜନ କରାଇଥିବା ଅକ୍ଷରକର୍ମ ହିଁ ସାହିତ୍ୟ।'' ଏସବୁ ପ୍ରାବନ୍ଧିକଙ୍କର ସ୍ୱ-ଉଦ୍ଭାବିତ ମତ ନୁହେଁ, ପର ମତ; ମାତ୍ର ପ୍ରକଟନରେ କି ମୌଳିକତା! ବହିର ନାମକରଣ ତାଙ୍କ ଗୁରୁ ପ୍ରଫେସର ଦାଶରଥି ଦାସ କରିଛନ୍ତି। ସାରସ୍ୱତ ବାକ୍ୟଗଠନରେ ଗୁରୁଙ୍କ ଢାଞ୍ଚାକୁ ବି ସେ ଛଡ଼ାଇ ଆଣିଛନ୍ତି। ବହିଟି ଓଡ଼ିଆ ଭାଷାର ଏକ ପ୍ରମୁଖ ବୌଦ୍ଧିକ ସମ୍ପଦ ବିବେଚିତ ହେବ ବୋଲି ଆଶା।

### କାବ୍ୟକାର ଓ କାବ୍ୟକଳା




**ଲେଖକ:** ଡ. ନାରାୟଣ ପଣ୍ଡା
**ପ୍ରକାଶକ:** ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୮୫/-

ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥଟିରେ ୧୫ଟି ବିଷୟ ସ୍ଥାନିତ, ଯାହା ମୂଳତଃ କବିତା ଆଧାରିତ। ପ୍ରାବନ୍ଧିକ ଆମ ସମୟର ଜଣେ ବାରିହୋଇ ପଡ଼ିବା ଭଳି କବି ଓ ଅଧ୍ୟୟନନିଷ୍ଠ ତର୍ଜମା ପ୍ରତି ସମର୍ପିତ। ଏହି କାରଣରୁ ସଂକଳନଭୁକ୍ତ ପ୍ରବନ୍ଧଗୁଡ଼ିକରେ ତାଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀ ବେଶ୍ ସ୍ପଷ୍ଟ। 'ଭୂମିକା'ରେ ସେ କହନ୍ତି: ''ସର୍ଜନାତ୍ମକ ସାହିତ୍ୟର ଅତଳ ଗହ୍ୱରରୁ ମୁକ୍ତା ଉତ୍ତୋଳନ କରି ତାହାକୁ ଚକ୍‌ଚକ୍ କରି ଦେଖାଇଦିଏ ସମାଲୋଚନା।'' ପୁଣି କହନ୍ତି: ''କଳାକୁ ବ୍ୟାଖ୍ୟା କରିବାର କଳା ହିଁ ସମାଲୋଚନା।'' 'ସମାଲୋଚନା'ର ବଡ଼ ବିଶେଷତ୍ୱ ହେଉଛି ଅବବୋଧରେ ସ୍ୱଚ୍ଛତା ଓ ପ୍ରକାଶ ତରିକାରେ ସରଳ ସୌକୁମାର୍ଯ୍ୟ – ମୋର ମନେହୁଏ ନାରାୟଣଙ୍କ ପ୍ରବନ୍ଧ/ସମାଲୋଚନାଗୁଡ଼ିକରେ ଏହି ଧର୍ମ ପାଳିତ। 'ସାରସ୍ୱତ ସାଗ୍ନିକ ସାଧକ ଜୟଦେବ ବାସ୍ତବରେ ଗଣର ଗୌଣିକ'- ଏ ବାକ୍ୟ ଧାରକରା ନୁହେଁ, ଲେଖକର ମନନ ପ୍ରସୂତ। ଫକୀରମୋହନଙ୍କୁ ପ୍ରାବନ୍ଧିକ 'ଓଡ଼ିଆ ଭାଷା ଓ ସାହିତ୍ୟର କାରିଗର' କହିଛନ୍ତି- ଏଥିରୁ ମନେହୁଏ, ତାଙ୍କ କାରିଗରିକୁ ଚିହ୍ନିବାର ଅବକାଶ ସେ ପାଇଛନ୍ତି। 'ଗୋପବନ୍ଧୁ: ବ୍ୟକ୍ତି ଓ ବ୍ୟକ୍ତିତ୍ୱ' ପ୍ରବନ୍ଧରେ ପ୍ରାବନ୍ଧିକ ଗୋପବନ୍ଧୁଙ୍କ କବିତା ଭିତରୁ 'ମଣିଷ-ଚିହ୍ନା' କବିତ୍ୱକୁ ଆବିଷ୍କାର କରିଛନ୍ତି। 'କଷଟି'ରେ କଷିକଷି ସୁନା ଚିହ୍ନିବା ପରି ନାରାୟଣ ତାଙ୍କର ପ୍ରାୟ ପ୍ରବନ୍ଧରେ ଅଧ୍ୟୟନ ନିର୍ଭରତା ବାହାରେ ସ୍ୱପ୍ରଜ୍ଞାର ଯେଉଁ ନିୟୋଜନ କରିଛନ୍ତି, ତାହା ସମକାଳର ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ତାଙ୍କ ନିଆରାପଣ। ପ୍ରବନ୍ଧର ଶୁଷ୍କ ଆଧାରଭୂମିରେ କ୍ଷୀଣ ଝରଣା ପରି ଠାଏ ଠାଏ ପ୍ରବାହିତ କବିତ୍ୱ। ଆଶା, ବହିଟି ସୁଧୀ ପାଠକଙ୍କ ଦ୍ୱାରା ଅଭିନନ୍ଦିତ ହେବ।

## କବିତା

### ଶବ୍ଦବ୍ରହ୍ମ

**ପିନାକୀ ମିଶ୍ର**

ତୁମକୁ ଜଣା–
କୋଉଠି କେମିତି ବସିବ,
କିଏ କରିବ ତୁମର ଆଳତି
ତାହା ତୁମ ନିଷ୍ପତ୍ତି।

ଛନ୍ଦରେ ପଡ଼ିବା ଦିନରୁ ତୁମକୁ ଲୋଡୁଛି
ସେ ଚପଳ ବାଳୁତ ଧାଇଁ
ସେ ଯଶୋମତୀ ଗାଇଛନ୍ଦ,
ଯାଚିଦେଉଛି ସବୁଥର ଫେନାୟିତ ରସାମୃତ।

ଓଠ ଥରିବାଦିନୁ ଚିହ୍ନିଲି ଗୋପନମଗ୍ନରେ
ଭେଟିଲି ମୋ' ଭାବନାର ଖୁସି ଅଗଣାରେ
ତ ଅଳିଅଝଟ ବିମଳଆଖିର ବାଳୁତକାନ୍ଦରେ।

ଯହୁଁ ବଡ଼ହେଲି କେତେକୁଆଡ଼େ ଧାଇଁଛି
ନବନବ ପ୍ରଜ୍ଜ୍ୱଳ ମଣି ମୁକ୍ତା
ରତ୍ନ ପ୍ରାପ୍ତିର ସନ୍ଧାନ,
ପାହାଡ଼ଚଢ଼ା, ନଈପହଁରା, ଗଛମୂଳ ନୀରବତା
କେତେ କଳାକୌଶଳ ଦେଇ
ଆସିଛି ତୁମ ପାଖକୁ,
ସେ ମୋହ – ତୁମହାତ ଧରି –
ପରମଙ୍କ ଆଡ଼କୁ ମୋର ହେବ ସହଜଯାତ୍ରା।

ତୁମେ ମୋର ନିତ୍ୟାନ୍ତ ଜରୁରୀ
ମୁଁ ତୁମ ଅଗଣାର ଉର୍ବରପଟାଳି।

ଦଣ୍ଡେ ନ ପାଇଲେ ହତବାକ୍ ମୁଁ
ଆଲୁଅ ଥାଏ ଯେ, ହେଲେ
ପବନ ପତଙ୍ଗ ପଲ୍ଲବ ନଥାଏ,
ଶବ୍ଦମାୟା କୋରକିତ କରେ
ମୋ' ଚମ୍ପକକଳିକା,
ଶବ୍ଦସୁନ୍ଦରୀ ମୋତେ ହାତଠାରି ଡାକିନିଏ–
ପଥରଗୁମ୍ଫା ଅଭ୍ୟନ୍ତରକୁ
ଦିଆକରାଏ ତୁଷାରଶୁଭ୍ରା
ଦେବୀର ବାତ୍ସଲ୍ୟପରଶ
ସେଇଠି ରଣଦେବୀ ବି ଶାନ୍ତା କାନ୍ତା।

ଗମ୍ଭୀରାରୁ ବାହାରି ମୁଁ ଚାହେଁ ଆକାଶକୁ
ତାକୁ ବି କୃତଜ୍ଞତା,
ଦମ୍ଭ ମୋର କଇଁଛଖୋଳ ଭିତରେ ସଞ୍ଚିତ,

ସାକ୍ଷୀରହ ହେ ନୀଳଶୂନ୍ୟ, ଅରୁଣ, ପବନ,
ମୁଁ ରାତି ଉଜାଗର ପରେ
ସକାଳକୁ ଫୁଟାଏ କବିତାକମଳ
କେମିତି ମୁଁ ଶୁଣିପାରେ
କବିତା କଳାବତୀର ରାଗମହ୍ଲାର
ଆଉ ରସୋଚ୍ଛଳ ଶବ୍ଦ ନୂପୁର।

ପଥର ଦେବତା
କାଷ୍ଠ ଦେବତା
ଅରଣ୍ୟ ଦେବତା
ଅନ୍ତର ଦେବତା
ତୁମେ ମୋର ପ୍ରାଣର ଦେବତା
ନିଅ ନିଅ ତୁମେ ଦେଇଥିବା
ଏ ଅଧମର ହାତଗଢ଼ା
ସଘନ କବିତା।

ମୋ: ୯୪୩୮୧୧୮୩୯୭

### ନଈପାଣିରେ ଛାଇ

**ସ୍ୱୟମ୍ବରା ପଟ୍ଟନାୟକ**

ଅନେକ ଦିନ ପରେ
ମୁଁ, ଆମ ଗାଁ ନଈକୂଳରେ
ଛିଡ଼ା ହୋଇଥିଲି
ନଈପାଣିରେ ମୋ' ଛାଇକୁ ଖୋଜୁଥିଲି
ଯାହାକୁ ମୁଁ ବହୁତ ଦିନ ତଳେ
ଏଇ ନଈପାଣିରେ ହଜେଇ ଦେଇଥିଲି।

ନଈକୁ ଦେଖି ମନେପଡୁଥିଲା
ଜେଜେମା' କହୁଥିଲା
ଏ ନଈରେ ଗୋଟେ କୁମ୍ଭୀର ଥିଲା
କୁମ୍ଭୀରଟି ଲୁଚିଛପି ରହୁଥିଲା
ଥରେ ଲୁଚିଛପି ଅନ୍ଧାର ରାତିରେ
ତା' ଅଭିଆଡ଼ୀ ନଣନ୍ଦକୁ
ନଈ ଭିତରକୁ ଭିଡ଼ିନେଇଥିଲା।

ସେଥିପାଇଁ ଜେଜେମା'
ବୋଉକୁ ମନା କରିଥିଲା
ନଈକୁ ଯିବା ପାଇଁ,
ବୋଉ କହେ ତା'ର ଏ ଗାଁରେ
ଆଉ କିଛି ନୁହେଁ
କେବଳ ଏ ନଈଟି
ଦେଖିବା ପାଇଁ ଇଚ୍ଛା ଥିଲା।

କୁମ୍ଭୀର ଡରରେ ବୋଉ କେବେ
ଏ ନଈ ପାଖକୁ ଆସି ନ ଥିଲା
ମତେ ମଧ୍ୟ ମନା କରିଥିଲା।

ମୋର କୁମ୍ଭୀରକୁ ଭୟ ଥିଲା
ମୁଁ କିନ୍ତୁ କେବେକେବେ
ସାଙ୍ଗ ସାଥୀ ମେଳରେ ଲୁଚିଛପି
ନଈକୂଳକୁ ଚାଲି ଆସୁଥିଲି
ମତେ କିନ୍ତୁ କେବେ କେଉଁ କୁମ୍ଭୀର ନେଇ ନ ଥିଲା।
ଏବେ ମୋର ସ୍କୁବା ଡାଇଭିଂ ଶିଖିଥିବା ଝିଅର
କୁମ୍ଭୀରକୁ ଏତେ ଟିକେ ମଧ୍ୟ ଭୟ ନାହିଁ
ସେଇ ନଈରେ ସେ ନିର୍ଭୟରେ ପହଁରି ବୁଲୁଛି
ଏବଂ କୁମ୍ଭୀରକୁ ଟକ୍କର ଦେଉଛି, ତଥାପି
ତାକୁ କେଉଁ କୁମ୍ଭୀର ଲୁଚିଛପି ନେଇପାରୁନି।

ଏଇ ତ ହେଉଛି ନଈପାଣିରେ ଛାଇ
ଯାହା ପ୍ରବାହିତ ହେଉଥାଏ
ପିଢ଼ି ପରେ ପିଢ଼ି ପରିବର୍ତ୍ତିତ ହୋଇ।

ମୋ: ୯୯୩୭୫୬୭୧୫୯୨

ଗୀତି-କବିତା

### ଆଜି ବି ଝୁରୁଛି

**ଜଗଦୀଶ ସାହୁ**

ବାପଘର ଯେବେ ଯାଏ ମୋ ଘରଣୀ
ପିଲାଛୁଆ ସାଥେ ନେଇକି
ଇଚ୍ଛାହୁଏ ମୋର ତୁମକୁ ଭେଟନ୍ତି
ତୁମ ଶାଶୁଘରେ ଯାଇକି।

ସେଇ କଥା ଭାବି ନିଦ ଆସେନାହିଁ
ଛଟପଟ ହୁଏ ରାତିରେ
ତୁମର ପୁରୁଣା ଚିଠି ଓ ଫଟୋକୁ
ଜାବୁଡ଼ି ଧରି ମୋ' ଛାତିରେ
ମନକୁ ବୁଝେଇ ଶୋଇପଡ଼େ ତୁମ
ପସନ୍ଦର ଗୀତ ଗାଇକି ବାପଘର ଯେବେ...।

ମୋ: ୯୦୭୮୧୮୫୬୧୬

## କାଳକାଳକୁ

''ମଣିଷ ଜନ୍ମତଃ ଅଜ୍ଞାନ, ମୂର୍ଖ ନୁହେଁ;
ଶିକ୍ଷା ତାକୁ ମୂର୍ଖ ବନାଏ।''
–ବର୍ଟ୍ରାଣ୍ଡ ରସେଲ୍



**ବର୍ଟ୍ରାଣ୍ଡ ରସେଲ୍**ଙ୍କ ଜନ୍ମ ୧୮ ମେ ୧୮୭୨ରେ ଓ ପରଲୋକ ୨ ଫେବୃଆରୀ ୧୯୭୦ରେ। ଆଦ୍ୟ ବିଂଶ ଶତକର ପ୍ରଭାବଶାଳୀ ଏହି ତାର୍କିକ ଶିକ୍ଷାପ୍ରାପ୍ତ କେମ୍ବ୍ରିଜ୍, ଚିକାଗୋ ଓ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ। ଆଣବିକ ନିରସ୍ତ୍ରୀକରଣର ସେ ଥିଲେ ଦୃଢ଼ ସମର୍ଥକ। ତାଙ୍କର ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ 'ଜର୍ମାନ୍ ସୋସିଆଲ୍ ଡେମୋକ୍ରାସି' (୧୮୯୬), 'ଦ ପ୍ରୋବ୍ଲେମ୍‌ସ ଅଫ୍ ଫିଲୋଶଫି' (୧୯୧୨), 'ଜଷ୍ଟିସ୍ ଇନ୍ ୱାର୍ ଟାଇମ୍‌ସ' (୧୯୧୬), 'ହ୍ୱାଇ ମ୍ୟାନ୍ ଫାଇଟ୍' (୧୯୧୬), 'ମିଷ୍ଟିସିଜିମ୍ ଆଣ୍ଡ ଲଜିକ୍ ଆଣ୍ଡ ଅଦର ଏସେଜ୍' (୧୯୧୮) ଅନ୍ତର୍ଭୁକ୍ତ। 'ମୁକ୍ତ ଚିନ୍ତନ'ର ପ୍ରମୁଖ ଉଦ୍‌ଗାତା ଭାବେ ସେ ନୋବେଲ ପୁରସ୍କାରରେ ସମ୍ମାନିତ ୧୯୫୦ରେ। 'କଳିଙ୍ଗ ପୁରସ୍କାର' (୧୯୫୭) ଓ 'ଜେରୁଜେଲମ୍ ପୁରସ୍କାର' (୧୯୬୩)ରେ ବି ସେ ସମ୍ମାନିତ। ''ଯାହା ଆମେ ଜାଣନ୍ତି, ତାହା ବିଜ୍ଞାନ, ଯାହା ଜାଣନ୍ତି ନାହିଁ, ତାହା ଦର୍ଶନ''– ଏହା ତାଙ୍କର ମତ।

# ॥ ଜରି ॥

## ଆଭାସ ଗଳ୍ପ

**ଡ. ଲଲାଟେନ୍ଦୁ ସାହୁ**

ପୁଅ- ମା' ନୂଆବର୍ଷରେ ଆମେ ଜରି ଗୋଟାଇବା ନାହିଁ, ନହେଲେ ବର୍ଷସାରା ଜରି ଗୋଟେଇ ପେଟ ପୋଷିବାକୁ ହେବ।

ମା'- ବର୍ଷକଯାକର ଜରି, ବୋତଲ, ଶିଶି ଗୋଟେଇ ଯେତିକି ଆମେ ପାଆନ୍ତି ନାହିଁ, ଜିରୋ ନାଇଟ୍‌ରେ ହେଉଥିବା ପାର୍ଟି ଯୋଗୁଁ ଗୋଟିଏ ଦିନରେ ତା'ଠୁ ଅଧିକ ପାଇପାରିବା। ତା'ପରେ ଆମେ ନୂଆବର୍ଷ ପାଳିବା। ଧନୀମାନେ ନୂଆବର୍ଷ ଆସିବା ଆଗରୁ ପାଳନ୍ତି, ଆମେ ଆସିବା ପରେ ପାଳିବା। ନୂଆବର୍ଷକୁ କ'ଣ ଜଣା, ତାକୁ କିଏ, କେତେବେଳେ ଓ କେମିତି ପାଳୁଛନ୍ତି?

■

ମ୍ୟୁନିସିପାଲିଟି ବିଜ୍ଞାପନ ମାଧ୍ୟମରେ ଜଣେଇଦେଲା- ସହରରେ ଜରି ବ୍ୟବହାର ନିଷିଦ୍ଧ ହେଲା। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଘନ ଘନ ଚଢ଼ଉ କଲେ। ମାତ୍ରାଧିକ ଜରି ଜବତ କରାଗଲା। ଯେଉଁଦିନ ସହର ଉପକଣ୍ଠରେ ଥିବା ଜରି ଗୋଦାମ ଉପରେ ଚଢ଼ଉ ହେଲା, ଖୋଦ୍ ହାକିମ ସେଠୁ ଗୋଟେ ବି ଜରି ପାଇଲେ ନାହିଁ। ହେଲେ ଜଣେ ଷ୍ଟାଫ୍ ଗୋଟେ ଜରିଭର୍ତ୍ତି ମୁଣା ହାକିମଙ୍କ ହାତକୁ ବଢ଼େଇଦେଲା। ଜରିଭର୍ତ୍ତି ମୁଣାରେ ଜରି ଥିଲା ନା ଆଉ କିଛି- ତାହା କେହି ଜାଣିପାରିଲେ ନାହିଁ।

■

ମାଧପୁର ଗାଁରେ ଗତକାଲି ଭୟାବହ ଅଗ୍ନିକାଣ୍ଡ ଘଟି ଜଣଙ୍କ ଘର ପୂରା ପାଉଁଶ ହୋଇଯାଇଛି। ସମ୍ପୃକ୍ତ ଦରିଦ୍ର ବ୍ୟକ୍ତି ତହସିଲ କାର୍ଯ୍ୟାଳୟକୁ ଯାଇ କିଛି ପଇସା, ଜରିପାଲ ଖଣ୍ଡେ ପାଇଲେ। ଛେଳି, ମେଣ୍ଢାଙ୍କ ପାଇଁ ଗୁହାରି କରି ଆଉ ଖଣ୍ଡେ ଜରି ହାତେଇବାକୁ ଚାହିଁଲେ। ଜଣେ କର୍ମଚାରୀ ତାଙ୍କୁ ପାଲଖଣ୍ଡକର ଦର ଦେବାକୁ କହି ହଜାରେ ମାଗିଲେ। ଅଗ୍ନିକାଣ୍ଡରେ ବିଧ୍ୱସ୍ତ ବ୍ୟକ୍ତି କହିଲେ ତିନିଶହ ଟଙ୍କାରେ ତ ଏଭଳି ଜରି ମିଳୁଛି, ସେ କାହିଁକି ହଜାରେ ଦେବ। ମୂଳଚାଲରେ ଦୁଇଶହ ଟଙ୍କାରେ ସେ ପଲିଥିନ୍ ଜରି



କିଣି ଖୁସିରେ ଘରକୁ ଫେରିଲା। ଏପଟେ ସମ୍ପୃକ୍ତ କର୍ମଚାରୀ ସେ ବ୍ୟକ୍ତିଙ୍କୁ ତାଙ୍କ ପୁଅଠାରୁ ଅଲଗା ଦର୍ଶେଇ ଦୁଇଟା ଟିପଚିହ୍ନ ନେଇ କାଗଜପତ୍ରକୁ ଏପରି ଲାମିନେସନ୍ (ଜରି ପ୍ରଲେପନ) କରିଦେଲେ ଯେ ଯେତେ ପାଣି ପଡ଼ିଲେ ବି ସେ ଟିପଚିହ୍ନ ଲିଭିବ ନାହିଁ।

■

ବର୍ଷାରୁ ରକ୍ଷା ପାଇବା ପାଇଁ ମୁନା ଗୋଟେ ଜରି ତିଆରି ବର୍ଷାତି କିଣିଲା। ଦିନେ ସାଙ୍ଗମାନଙ୍କ ସହ ଝିପିଝିପି ବର୍ଷା ବେଳାରେ ଛାତରେ ଦାରୁପାର୍ଟି ଚାଲିଥାଏ। ସମସ୍ତେ ଜରି ପୋଷାକରେ ଆବୃତ। ମୁନାଘର ପଡ଼ୋଶୀ ଛାତ ଉପରୁ କ'ଣ ଗୋଟେ ଖସିପଡ଼ିବାର ଉଚ୍ଚା ଶବ୍ଦରେ ଯାଇ ଝରକା ପଟେ ମୁନାକୁ ପଚାରିବାରୁ ଉତ୍ତର ପାଇଲେ – ଛାତ ଉପରୁ ଜରି ବର୍ଷାତିଟା ତଳକୁ ପଡ଼ିଗଲା। ହେଲେ ଏତେବଡ଼ ଶବ୍ଦ କେମିତି ହେଲା। ମୁନା ବୋଧେ ଜରି ବର୍ଷାତି ଭିତରେ ଥିଲା!

■

କୋଭିଡ୍‌ରେ ମରିଯାଇଥିବା ସନ୍ଦେହରେ ଜଣକୁ ଜରିରେ ୱାର୍ପ କରାଗଲା। ବୋଧେ ତାକୁ ଗରମ ହେଲା କି କ'ଣ, ତା' ଦିହରୁ ଝାଳ ବାହାରିବା ଦେଖି ଜଣେ ତରୁଣ ଡାକ୍ତରଙ୍କ ପାଖକୁ ନିଆଗଲା। ଡାକ୍ତର ତା' ନାଁ ପଚାରି ବୁଝିଲେ ତା' କାନ ପାଖରେ ତା' ନାମ ଧରି ଜୋରରେ ଡାକିଲେ। ତା'ପରେ ତା' କାନ ଖରାପ କହି ଔଷଧ ଲେଖିଦେଲେ। ସେ ଥିଲେ ଜଣେ ଇଏନ୍‌ଟି ଡାକ୍ତର। ହାତରେ ସେ ଜରିର ଗ୍ଲୋବ୍‌ସ ପିନ୍ଧିଥିଲେ, ଏବେ ତାଙ୍କ ପାପୁଲିରୁ ଝାଳ ବାହାରି ଜରି ଦେଇ ତଳକୁ ଠପ୍ ଠପ୍ ପଡୁଥାଏ।

ମୋ: ୮୩୨୮୯୭୧୭୧୦

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୭/୨୦୨୫ Bhubaneswar, Saturday, May 17/ 2025

# ଆଜିଠୁ ପୁଣି ଆରମ୍ଭ

**ବେଙ୍ଗାଲୁରୁ, ୧୬।୫ (ପି.ଟି.)**

ନିକଟରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ବନ୍ଦ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟ ଭାଗ ଶନିବାରଠାରୁ ପୁଣି ଆରମ୍ଭ ହେବାକୁ ଯାଉଛି। ଆଇପିଏଲ୍‌କୁ ନେଇ ଦର୍ଶକଙ୍କ ଉତ୍କଣ୍ଠା ବଢ଼ି ଚାଲିଥିବାବେଳେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ କୋଲକାତା ନାଇଟ ରାଇଡର୍ସ (କେକେଆର)। ବିଶେଷ କରି ଟେଷ୍ଟରୁ ଅବସର ଘୋଷଣା କରିଥିବା ବିରାଟ କୋହଲିଙ୍କ ଉପରେ ପ୍ରଶଂସକଙ୍କ ନଜର ରହିବ। ଅପ୍ରତ୍ୟାଶିତଭାବେ ୧୦ ଦିନର ବ୍ରେକ୍ ପରେ ଆରସିବି ଓ କେକେଆର ନିଜ ନିଜର ରଣନୀତିକୁ ନେଇ ପଡ଼ିଆକୁ ଓହ୍ଲାଇବେ। ତେବେ ଉଭୟ ଦଳର ଗୋଟିଏ ଲକ୍ଷ୍ୟ ରହିବ। ତାହା ହେଲା ପ୍ଲେ-ଅଫ୍ ଯୋଗ୍ୟତା। ଆରସିବି ଏବେ ୧୧ ମ୍ୟାଚରୁ ୧୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଆଉ ଗୋଟିଏ ବିଜୟ ଦଳର ପ୍ଲେଅଫ୍ ଯୋଗତା ପାଇଁ ପର୍ଯ୍ୟାପ୍ତ ହେବ। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ କେକେଆର ୧୨ ମ୍ୟାଚରୁ ୧୧ ପଏଣ୍ଟ ପାଇ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ପ୍ଲେ-ଅଫ୍‌ରେ ପ୍ରବେଶ କରିବାକୁ ହେଲେ ଏହି ଦଳକୁ ଅବଶିଷ୍ଟ ଖେଳିବାକୁ ଥିବା ସବୁ ମ୍ୟାଚ ଜିତିବାକୁ ହେବ।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ବେଙ୍ଗାଲୁରୁ ବନାମ କୋଲକାତା**

**ସ୍ଥାନ: ବେଙ୍ଗାଲୁରୁ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଆଇପିଏଲ୍ ବ୍ରେକ୍ ହେବା ବେଳକୁ ଆରସିବି କ୍ରମାଗତ ୪ ମ୍ୟାଚରେ ବିଜୟ ହାସଲ କରିଥିଲା। ଅନ୍ୟପକ୍ଷରେ କେକେଆର ଏହାର ଶେଷ ୩ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିଲା। ମେ ୩ରେ ଅନୁଷ୍ଠିତ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଆରସିବି ଅଧିନାୟକ ରଜତ ପଟିଦାର ଅଙ୍ଗୁଳିରେ ଆଘାତ ପାଇଥିଲେ। ମାତ୍ର ଶୁକ୍ରବାର ନେଟ୍ସରେ ଦୀର୍ଘ ସମୟ ବିତାଇ ଥିବାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ସୂଚନା ମିଳିଛି। ଭାରତ-ପାକ୍ ଲଢ଼େଇଜନିତ ବ୍ରେକ୍ ପରେ ଆରସିବିର ଅଧିକାଂଶ ବିଦେଶୀ ଖେଳାଳି ଦଳକୁ ଫେରିଛନ୍ତି। ଫିଲ୍ ସଲ୍ଟ, ଲୁନ୍‌ଗି ଏନ୍‌ଗିଡି, ଟିମ୍ ଡାଭିଡ, ଲିଆମ ଲିଭିଂଷ୍ଟୋନ ଓ ରୋମାରିଓ ଶେଫର୍ଡ ଆଗାମୀ ମ୍ୟାଚ ପାଇଁ ଉପଲବ୍ଧ ହେବେ। ତେବେ ଆହତ ଯୋଗୁ ବାଦ୍ ପଡ଼ିଥିବା ଦେବଦତ୍ତ ପଡିକାଲ ଓ ଦ୍ରୁତ ବୋଲର ଜୋଶ ହାଜେଲଉଡ୍‌ଙ୍କ ଅନୁପସ୍ଥିତି ଦଳ ଅନୁଭବ କରିବ। ପଡିକାଲଙ୍କ ସ୍ଥାନରେ ସାମିଲ ହୋଇଥିବା ମୟଙ୍କ ଅଗ୍ରୱାଲ ଭଲ ଖେଳିବେ ବୋଲି ଆରସିବି ନିଶ୍ଚିତ ଆଶା କରିବ। କାନ୍ଧରେ ଆଘାତ ପାଇଥିବା ହାଜେଲଉଡ୍‌ଙ୍କ ସମ୍ପର୍କରେ ଫ୍ରାଞ୍ଚାଇଜ୍ ପକ୍ଷରୁ କିଛି ଅପ୍‌ଡେଟ୍ କରାଯାଇନାହିଁ।

ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଯୁବ ଖେଳାଳି ଅଙ୍ଗକ୍ରିଶ୍ ରଘୁବଂଶୀଙ୍କୁ ଛାଡ଼ିଦେଲେ କେକେଆରର ଅନ୍ୟ କୌଣସି ବ୍ୟାଟର ସ୍ଥିର ପ୍ରଦର୍ଶନ ଦେଇପାରି ନାହାନ୍ତି। ଏହା ଦଳପାଇଁ ଚିନ୍ତାର କାରଣ ହୋଇଛି। ଏପରି କ୍ଷେତ୍ରରେ ଦଳ ଭେଙ୍କଟେଶ ଆୟର, ଆନ୍ଦ୍ରେ ରସେଲ ଓ ରିଙ୍କୁ ସିଂଙ୍କଠାରୁ ଅଧିକ କିଛି ଆଶା କରିବ। ତେବେ ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ, ବୈଭବ ଆରୋରା ଓ ହର୍ଷିତ ରାଣାଙ୍କୁ ନେଇ ଦଳର ବୋଲିଂ ଲାଇନ୍‌ଅପ୍ ବେଶ୍ ଭଲ। ଜ୍ୱର ଯୋଗୁ ଆଇପିଏଲ୍‌ରୁ ଓହରି ଯାଇଥିବା ମୋଇନ୍ ଅଲୀଙ୍କ ଅନୁପସ୍ଥିତି କିନ୍ତୁ ଦଳ ଅନୁଭବ କରିବ।

ଚିନ୍ନାସ୍ୱାମୀ ପିଚ୍ ଏପର୍ଯ୍ୟନ୍ତ ଦ୍ରୁତ ବୋଲରଙ୍କୁ ସୁହାଇ ଆସିଛି। ଅନେକ କ୍ଷେତ୍ରରେ ବାଉନ୍ସରୁ ସ୍ପିନରମାନେ ମଧ୍ୟ ସହାୟତା ପାଇଛନ୍ତି। ମାତ୍ର ଏକ ସପ୍ତାହରୁ ଊର୍ଦ୍ଧ୍ୱ ବ୍ରେକ୍ ଏବଂ ମୌସୁମିବାୟୁ ଆସୁଥିବାରୁ ପିଚ୍‌ର ପ୍ରକୃତିରେ ପରିବର୍ତ୍ତନ ହୋଇପାରେ। ଏପରିସ୍ଥଳେ ଦଳ ଗୁଡ଼ିକ ନିଜ ରଣନୀତିରେ ପରିବର୍ତ୍ତନ କରିବାକୁ ହେବ।



ବେଙ୍ଗାଲୁରୁରେ ଶୁକ୍ରବାର ନେଟ୍ ସେସନ ଅବସରରେ ବିରାଟ କୋହଲି।



ଫୁଟବଲ ଖେଳି କୋଲକାତା ନାଇଟ ରାଇଡର୍ସ ଖେଳାଳିଙ୍କ ଅଭ୍ୟାସ।

## ୯୦.୨୩ ମିଟର ଥ୍ରୋ କରି ଇତିହାସ ରଚିଲେ ନୀରଜ

**ଦୋହା, ୧୬।୫**

ଭାରତର ତାରକା ଆଥଲେଟ୍ ନୀରଜ ଚୋପ୍ରା ଏଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ମିଟିଂରେ ପ୍ରଥମ ଥର ୯୦ମିଟରରୁ ଊର୍ଦ୍ଧ୍ୱ ଜାଭେଲିନ୍ ଥ୍ରୋ କରି ଇତିହାସ ରଚିଛନ୍ତି। ଏହି ସଫଳତା ହାସଲ କରିବାରେ ସେ ଭାରତର ପ୍ରଥମ, ଏସିଆର ୩ୟ ଏବଂ ବିଶ୍ୱର ୨୫ତମ ଆଥଲେଟ ହେବାର ଗୌରବ ଅର୍ଜନ କରିଛନ୍ତି। ଚେକ୍ ରିପବ୍ଲିକର ଜାନ୍ ଜେଲେନ୍‌ଜୀଙ୍କଠାରୁ କୋଚିଂ ନେଉଥିବା ଏହି ୨୭ବର୍ଷୀୟ ଡବଲ ଅଲିମ୍ପିକ ପଦକ ବିଜେତା ତାଙ୍କ ତୃତୀୟ ପ୍ରଚେଷ୍ଟାରେ ୯୦.୨୩ ମିଟର ଜାଭେଲିନ୍ ଫିଙ୍ଗି ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ୫ମ ରାଉଣ୍ଡ ସୁଦ୍ଧା ନୀରଜ ଅଗ୍ରଣୀ ରହିଥିଲେ। ତେବେ ଜର୍ମାନୀର ଜୁଲିଆନ ୱେବର ୬ଷ୍ଠ ତଥା ଅନ୍ତିମ ପ୍ରଚେଷ୍ଟାରେ ୯୧.୦୬ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରି ନେଇଥିଲେ। ନୀରଜ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୫.୬୪ମିଟର) ତୃତୀୟ ହୋଇଥିଲେ। କାତାର ସ୍ପୋର୍ଟ୍ସ କ୍ଲବଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର କିଶୋର ଜେନାଙ୍କ ସମେତ ସମଗ୍ର ବିଶ୍ୱରୁ ୧୧ଜଣ ଟପ୍ ଜାଭେଲିନ୍ ଥ୍ରୋୟର ଭାଗ ନେଇଥିଲେ। କିଶୋର ୭୮.୬୦ ମିଟର ସହ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ପୂର୍ବରୁ ୯୦ ମିଟର ଅତିକ୍ରମ କରିଥିବା ଦୁଇ ଏସୀୟ ଆଥ୍‌ଲେଟ ହେଲେ ପାକିସ୍ତାନର ଅର୍ଶାଦ ନଦିମ (୯୨.୯୭ ମିଟର) ଓ ଚାଇନିଜ ତାଇପେର ଚାଓ ସୁନ୍ ଚେଙ୍ଗ୍ (୯୧.୩୬ ମିଟର)।

## ଥୋଇବାଙ୍କ ସହ ଓଏଫ୍‌ସି ଚୁକ୍ତି ମିଆଦ ବୃଦ୍ଧି

**ଭୁବନେଶ୍ୱର, ୧୬।୫ (ତପନ ସ୍ୱାଇଁ)**

ଓଡ଼ିଶା ଏଫ୍‌ସି ଏହାର ନିର୍ଭରଯୋଗ୍ୟ ଡିଫେଣ୍ଡର ଥୋଇବା ସିଂ ମୋଇରାଙ୍ଗଥେମ୍‌ଙ୍କ ସହ ଚୁକ୍ତି ମିଆଦକୁ ୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଥୋଇବା ୨୦୧୯-୨୦ ସିଜନରେ ମାତ୍ର ୧୭ ବର୍ଷରେ କ୍ଲବ ସହ ଯୋଗ ଦେଇଥିଲେ। ବୟସ ବଢ଼ିବା ସହ ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ଡିଫେଣ୍ଡରରେ ପରିଣତ ହୋଇଛନ୍ତି। ଚଳିତ ସିଜନରେ ସେ ଅଭିଜ୍ଞ କାର୍ଲୋସ ଡେଲଗାଡୋ ଓ ମୋର୍ତାଦା ଫଲ୍‌ଙ୍କ ସହ ମିଶି ଓଏଫ୍‌ସିର ରକ୍ଷଣଭାଗକୁ ଦୃଢ଼ କରିଥିଲେ। ୨୦୨୩-୨୪ ଆଇଏସ୍ଏଲ୍ ସିଜନରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ବିପକ୍ଷ ମ୍ୟାଚରେ ରୟ କ୍ରିଷ୍ଣାଙ୍କୁ ତାଙ୍କର ଚତୁର ପାସ୍ ମ୍ୟାଚକୁ ଗୁରୁତ୍ୱପୂର୍ଣ୍ଣ ବରାବର ସ୍ଥିତିକୁ ଆଣିବାରେ ସହାୟକ ହୋଇଥିଲା। ଡିଏଗୋ ମୌରିସିଓ ଫିନିଶ୍ କରିଥିଲେ। ୨୦୨୪-୨୫ ସିଜନରେ ତାଙ୍କ ଓପନିଂ ଗୋଲ ଯୋଗୁ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ୨-୨ରେ ମ୍ୟାଚ ଡ୍ର ରଖିଥିଲା। ଜାତୀୟ ଦଳକୁ ଡାକରା ତାଙ୍କ ବ୍ୟକ୍ତିଗତ କ୍ୟାରିୟର ଏବଂ କ୍ଲବ ପାଇଁ ଗର୍ବର ମୁହୂର୍ତ୍ତ ଥିଲା। ଓଡ଼ିଶା ଏଫ୍‌ସି ଥୋଇବାଙ୍କୁ ସ୍ୱାଗତ କରିବା ସହ ଚୁକ୍ତି ମିଆଦ ବୃଦ୍ଧି ପାଇଁ ଅଭିନନ୍ଦନ ଜଣାଇଛି।



## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୬ | ୧ | ୧୧ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଶୁକ୍ରବାର ରୋହିତ ଶର୍ମା ଷ୍ଟାଣ୍ଡ ଉଦ୍‌ଘାଟନ ଅବସରରେ ଉପସ୍ଥିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ, କ୍ରିକେଟର ରୋହିତ ଶର୍ମା, ତାଙ୍କ ସ୍ତ୍ରୀ ରିତିକା ଓ ପରିବାରବର୍ଗ।

## କିଟ୍ ଅନ୍ତର୍ଜାତୀୟ ଚେସ୍: ସାଭଚେଙ୍କୋ ଚାମ୍ପିୟନ

**ଭୁବନେଶ୍ୱର, ୧୬।୫ (ତପନ ସ୍ୱାଇଁ)**

**ଭାରତର ସର୍ବାଧିକ (୧.୨୦ କୋଟି) ପୁରସ୍କାର ରାଶି ବିଶିଷ୍ଟ ଚେସ୍ ଟୁର୍ନାମେଣ୍ଟ ହେବ**

କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର ୧୬ଶ ସଂସ୍କରଣ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାର 'ଏ' ବର୍ଗରେ ରୁଷିଆ ଗ୍ରାଣ୍ଡମାଷ୍ଟର (ଜିଏମ୍) ବୋରିସ ସାଭଚେଙ୍କୋ ଚାମ୍ପିୟନ ହୋଇଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସାଭଚେଙ୍କୋ ୮ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରୁଷୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଡାଭିଡ ଗୋଚେଲାଶଭିଲି, ଭିଏତ୍‌ନାମ ଜିଏମ୍ ଏନ୍‌ଗୁଏନ ଭାନ୍ ହୁଇ, ପଶ୍ଚିମବଙ୍ଗ ଆଇଏମ୍ କୌସ୍ତୁଭ କୁଣ୍ଡୁ ଓ ମହାରାଷ୍ଟ୍ରର ଶ୍ରାୟନ ମଜୁମଦାର ୭.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ଆଇସିଏଫ୍ ଜିଏମ୍ ଆର.ଆର. ଲକ୍ଷ୍ମଣ, ବେଲାରୁଷ ଜିଏମ୍ ଏଭଗେନି ପୋଡୋଲଚେଙ୍କୋ, ଆନ୍ଧ୍ର ପ୍ରଦେଶର ଜ୍ଞାନ ସାଇ ସନ୍ତୋଷ ଏମ୍, ସ୍ଲୋଭାକିଆ ଜିଏମ୍ ମାନିକ ମିକୁଲାସ ଓ କାଜାଖସ୍ତାନ ଆଇଏମ୍ ଟୋଲୋଗୋନ ଟେନଗିନ ସେମେତେଇ ୭ ପଏଣ୍ଟ ଲେଖାଏ ପାଇ ଟପ୍-୧୦ ଫିନିଶ୍ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୬.୫ ପଏଣ୍ଟ ସହିତ ସର୍ବାଧିକ ୨୬ତମ ସ୍ଥାନରେ ରହିଛନ୍ତି। ୩ ବର୍ଗରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୪୩ ଦେଶର ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଯଥାକ୍ରମେ ୩ ଲକ୍ଷ, ୨ ଲକ୍ଷ ଓ ୧,୪୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୩ ବର୍ଗରେ ମୋଟ ୪୩୬ଟି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଅଚ୍ୟୁତ ସାମନ୍ତ ୨୦୨୬ରେ ହେବାକୁଥିବା ପ୍ରତିଯୋଗିତା ପାଇଁ ପୁରସ୍କାର ରାଶିକୁ ୧.୨୦ କୋଟିଙ୍କୁ ବୃଦ୍ଧି କରାଯିବ ବୋଲି ପ୍ରକାଶ କରିଛନ୍ତି। ଫଳରେ ଏହା ହେବ ଭାରତର ସର୍ବାଧିକ ପୁରସ୍କାର ରାଶି ବିଶିଷ୍ଟ ଚେସ୍ ଟୁର୍ନାମେଣ୍ଟ। ଚଳିତ ବର୍ଷ ପର୍ଯ୍ୟନ୍ତ ପୁରସ୍କାର ରାଶି ୬୦ ଲକ୍ଷ ଥିବାବେଳେ ଏହାକୁ ଦ୍ୱିଗୁଣିତ କରାଯାଇଛି। ଏହି ପୁରସ୍କାର ରାଶି ଆଗାମୀ ବର୍ଷଠାରୁ ବିଶ୍ୱର ଆହୁରି ଅଧିକ ଗ୍ରାଣ୍ଡମାଷ୍ଟର ଓ ଅନ୍ତର୍ଜାତୀୟ ମାଷ୍ଟରଙ୍କୁ ଆକର୍ଷିତ କରିବ।

### 'ସି' ବର୍ଗରେ ସାହିଲ ଚାମ୍ପିୟନ, ତନ୍ମୟ ରନରଅପ୍

କିଟ୍ ଚେସ୍ ଫେଷ୍ଟିଭାଲର 'ସି' ବର୍ଗ (୧୬୦୦ ରେଟିଂରୁ କମ୍) ଟୁର୍ନାମେଣ୍ଟରେ ମହାରାଷ୍ଟ୍ରର ସାହିଲ ଘୋର୍ଘାଟେ ଚାମ୍ପିୟନ ହୋଇଥିବାବେଳେ ଓଡ଼ିଶାର ତନ୍ମୟ ତ୍ରିପାଠୀ ରନରଅପ୍ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସାହିଲ ୮ ଓ ତନ୍ମୟ ୭.୫ ପଏଣ୍ଟ ପାଇଥିଲେ। ଓଡ଼ିଶାର କାମିଲା ସିଦ୍ଧେଶ ଓ ନରୟ ନାୟକଙ୍କ ସମେତ ଆଉ ୭ ଖେଳାଳି ମଧ୍ୟ ୭.୫ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ଗତ ୧୨ ତାରିଖରେ ଶେଷ ହୋଇଥିବା 'ବି' ବର୍ଗ (୧୯୦୦ ରେଟିଂରୁ କମ୍) ପ୍ରତିଯୋଗିତାରେ ପଶ୍ଚିମବଙ୍ଗର ମୈତ୍ରେୟୀ ମଣ୍ଡଳ ଚାମ୍ପିୟନ ହୋଇଥିଲେ। ୧୦ ରାଉଣ୍ଡରୁ ସେ ୯ ପଏଣ୍ଟ ପାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଏଆଇସିଏଫ୍ ସଦସ୍ୟ ରଞ୍ଜନ ମହାନ୍ତି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଶେଖର ଚନ୍ଦ୍ର ସାହୁ, ମୁଖ୍ୟ ଆର୍ବିଟର ବସନ୍ତ ବି.ଏଚ. ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ଆୟୋଜକ କିସ୍ ପ୍ରତିଯୋଗୀମାନେ ୧୮ଟି ପୁରସ୍କାର ଲାଭ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, କିଟ୍ ବିଶ୍ୱବିଦ୍ୟାଳୟରେ ୭୦ରୁ ଊର୍ଦ୍ଧ୍ୱ ଦେଶର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।




କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ୱାଙ୍ଖେଡେରେ ରୋହିତଙ୍କ ନାମରେ ଷ୍ଟାଣ୍ଡ

**ମୁମ୍ବାଇ, ୧୬।୫ (ପି.ଟି.)**

ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଶୁକ୍ରବାର ସୁପ୍ରସିଦ୍ଧ ୱାଙ୍ଖେଡେ ଷ୍ଟାଡିୟମର ଏକ ଷ୍ଟାଣ୍ଡକୁ ଭାରତର ସିନିୟର ବ୍ୟାଟର ରୋହିତ ଶର୍ମାଙ୍କ ନାମରେ ନାମିତ କରିଛି। ଏମସିଏ ଏହା ପୂର୍ବରୁ ଭାରତର ପୂର୍ବତନ ଅଧିନାୟକ ଅଜିତ ୱାଦେକର ଏବଂ ପୂର୍ବତନ ବିସିସିଆଇ ସଭାପତି ଶରଦ ଯାଦବଙ୍କ ଷ୍ଟାଣ୍ଡ ମାନ ରହିଛି। ରୋହିତ ତୃତୀୟ ବ୍ୟକ୍ତି ଭାବେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ଗତ ୭ ତାରିଖରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଏହି ବିସ୍ଫୋରକ ବ୍ୟାଟର କହିଛନ୍ତି ଏହା ଦିନେ ଘଟିବ ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ। ବାସ୍ତବିକ ତାଙ୍କ ପାଇଁ ଏହା ସ୍ୱତନ୍ତ୍ର। ଗତବର୍ଷ ବିଶ୍ୱକପ୍ ଟ୍ରଫି ପରେ ଭାରତର ନେତୃତ୍ୱ ନେବା ପରେ ରୋହିତ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିସାରିଛନ୍ତି। ବର୍ତ୍ତମାନ ସେ କେବଳ ଅନ୍ତର୍ଜାତୀୟ ଦିନିକିଆ ଓ ଆଇପିଏଲ୍ ଖେଳିବା ଜାରି ରଖିଛନ୍ତି। ରୋହିତଙ୍କ ନାମରେ ଷ୍ଟାଣ୍ଡ ନାମିତ କରାଯିବା ବେଳେ ଅଭ୍ୟାସ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଖେଳାଳି ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜନେତା ଶରଦ ପାୱାର ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସଙ୍କ ଉପସ୍ଥିତି ବାସ୍ତବିକ ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ରୋହିତ ତାଙ୍କ ଭାଷଣରେ କହିଥିଲେ।

## ଇଂଲଣ୍ଡ ଟୁର୍ ପାଇଁ ଭାରତ 'ଏ' ଦଳ

**ନୂଆଦିଲ୍ଲୀ, ୧୬।୫ (ପି.ଟି.)**

ଇଂଲଣ୍ଡ ଟୁର୍ ପାଇଁ ଶୁକ୍ରବାର ଭାରତ 'ଏ' କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳ କାଣ୍ଟରବୁରୀଠାରେ ମେ ୩୦ରୁ ଇଂଲଣ୍ଡ ଲୟନ୍ସ ଦଳ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ଆଇପିଏଲ୍ ଫାଇନାଲ ଯଦିଓ ମେ ୨୫ରୁ ଜୁନ୍ ୩କୁ ଘୁଞ୍ଚାଇ ଦିଆଯାଇଥିଲେ ସୁଦ୍ଧା ମୂଳ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହେବ ନାହିଁ। ଭାରତୀୟ ସିନିୟର ଦଳର ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଭାରତ 'ଏ' ଦଳ ଜୁନ୍ ୧୩ରୁ ୧୬ ପର୍ଯ୍ୟନ୍ତ ଏକ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ ଖେଳିବ।

**ଭାରତ 'ଏ' ଦଳ:** ଅଭିମନ୍ୟୁ ଇଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁଣ ନାୟାର, ଧ୍ରୁବ ଜୁରେଲ (ଉପଅଧିନାୟକ), ନୀତିଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶନ (ଉଇକେଟକିପର), ମାନବ ସୁଥର, ତନୁଷ କୋଟିଆନ୍, ମୁକେଶ କୁମାର, ଆକାଶ ଦୀପ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଖଲିଲ ଅହମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ୍, ତୁଷାର ଦେଶପାଣ୍ଡେ ଓ ହର୍ଶ ଦୁବେ।

**ବିଶେଷ ସୂଚନା:** ଦ୍ୱିତୀୟ ମ୍ୟାଚ ପୂର୍ବରୁ ଦଳରେ ଯୋଗ ଦେବେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ